କୋଲନ୍ତି ଯେ "ଏଠା ଲୋକେ ସମ୍ବାଦପତ୍ରଦ୍ୱାରା
ଯେ ସମସ୍ତ ଉପକାର ହୁଅଇ ତାହା ଜାଣି ପାରି
ନାହାନ୍ତି ଏବଂ ସ୍ୱଭାବରେ ସେମାନେ ଇଂରାଜୀ
ସମ୍ବାଦପତ୍ରକୁ ଭୟ କରନ୍ତି କାରଣ ଯେଉଁମାନେ
ଆପଣା ଦୁଃଖର ପ୍ରତିକାର ଲୋଡୁଅଛନ୍ତି
ତାହାଙ୍କ ପକ୍ଷରେ ସମ୍ବାଦପତ୍ର ଅତି ସୁନ୍ଦର
ଉପାୟ ଅଟଇ । ସମ୍ବାଦପତ୍ର ଗଣିକି ଶ୍ରୀଯୁକ୍ତ
ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କ ମେଜ ଉପରେ
ପ୍ରବେଶ ହୁଅଇ ଏ କଥା କଟକବାସିମାନେ
ମନେ କଲେ ଜୟାଗୁର ହୁଅନ୍ତି ଉହିଁରେ ପୁଣି
ବର୍ତ୍ତମାନ ଶ୍ରୀଯୁକ୍ତ କାମ୍ବଲ ସାହେବଙ୍କ କେଲ
ପଡ଼ିଅଛି ।" ଏଥିରୁ ଜଣାଯାଏ ଯେ ସମ୍ପା-
ଦକ କେବଳ ସରକାରୀ ପ୍ରଧାନ କର୍ମଚାରୀଙ୍କୁ
ଲକ୍ଷ କରିଅଛନ୍ତି ମାତ୍ର ଏରୂପ କର୍ମଚାରୀ କେ-
ତେଜଣ ଅଛନ୍ତି ଯେ ଏହାଙ୍କ ଅନୁଗ୍ରହ କି
ନିଗ୍ରହରେ ସମ୍ବାଦପତ୍ରର ହାନି ଲାଭ ହେବ ।
ଯେବେ ସମ୍ବାଦପତ୍ର ସର୍ବସାଧାରଣଙ୍କ ମନୋରଞ୍ଜନ
କରିପାରେ ତେବେ ତାହା ଅବଶ୍ୟ ଆଦରପୂର୍ବକ
ଗୃହୀତ ହେବ ଓ ଯେଉଁ ସମୟରେ ଯେଉଁ କଥା
ଗବର୍ଣ୍ଣମେଣ୍ଟଙ୍କ ବିବେଚନାରେ ଥାଏ ପ୍ରକୃତ
ହେତୁ ଦର୍ଶାଇ ବିଚକ୍ଷଣତା ସହିତ ଯେବେ
ଉହିଁର ତର୍କ ବିତର୍କ ସମ୍ବାଦପତ୍ରରେ ପ୍ରକାଶ
ଅଛଇ ତେବେ ସରକାରୀ କର୍ମଚାରୀମାନେ ବଳେ
ଗ୍ରାହକ ହେବେ । ଅତଏବ ସମ୍ବାଦପତ୍ର ବିଫଳ
ହେବାର କାରଣ ଯାହା ନିର୍ଦ୍ଦିଷ୍ଟ ହୋଇଅଛି
ତାହା ନୁହଇ । ଆମ୍ଭେମାନେ ଅନୁମାନ କରୁ-
ଅଛୁଁ ଯେ ସମ୍ବାଦପତ୍ର ପ୍ରଚଳ ହେବାର ଦୁଇ
ଉପାୟ ଅଛି । କେହି ବିଦ୍ୱାନ୍ ଓ ଉପଯୁକ୍ତ
ଇଂରାଜ ସମ୍ପାଦକ ହୋଇ ଶ୍ରମ ସ୍ୱୀକାର କରି
କାର୍ଯ୍ୟ କରନ୍ତୁ ନୋହିଲେ ଦେଶୀୟଲୋକମାନେ
ଦୃଢ଼ପ୍ରତିଜ୍ଞ ହୋଇ ଏକାର୍ଯ୍ୟରେ ପ୍ରବୃତ୍ତ ହେବେ
ସଂବାଦପତ୍ରକୁ ଜୀବିତ କରାଇବାର ଉପାୟ ନଲେ
କେହି ସଫଳ ହେବ ନାହିଁ ।

### ସପ୍ତାହିକ ସଂବାଦ

ଶୁଣାଯାଏ ଯେ ଆମ୍ଭମାନଙ୍କର ଜଜ ଶ୍ରୀଯୁକ୍ତ
ଅର୍ଦ୍ଦ୍ଲକଜଣ୍ଡର ସାହେବ ଆଗାମୀ ନବମ୍ବରମାସ
ତା ୧୪ ରଖଠାରୁ ଛୁଟି ନେଇ ବିଲାତକୁ ଯିବାର
ମନସ୍ଥ କରିଅଛନ୍ତି ।

ଯେଉଁ ଗତଜଣ ବଙ୍ଗାଳୀ ସିଭିଲସର୍ଭିସ କର୍ମ-
ଚାରୀ ବିଲାତରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ
ଭାରତବର୍ଷକୁ ଆସିଥିଲେ ସେମାନେ ଏହି ସପ୍ତା-
ହରେ କଲିକତାରେ ପହଞ୍ଚିବେ ବୋଲି ହିନ୍ଦୁ-
ପେଟ୍ରିଅଟରୁ ଅବଗତ ହେଲୁଁ ।

ବାଲେଶ୍ୱର ସଂବାଦ ବାହକରୁ ଉଦ୍ଧୃତ ।

୧ । ଏବର୍ଷ ଅତିଶୟ ବୃଷ୍ଟି ହେବାରୁ
ଅନେକ ସ୍ଥଳରେ ଶସ୍ୟକ୍ଷେତ୍ରରେ ବିଶେଷ ହାନି
ହୋଇଅଛି । ଏମନ୍ତ କି ସୁବର୍ଣ୍ଣରେଖା ତଟରେ
ଫଳଫସଲ ନାହିଁ ବୋଲିବାକୁ ହେବ । ମଧ୍ୟ
ବାଲେଶ୍ୱରର ନିକଟବର୍ତ୍ତୀ ସ୍ଥାନମାନଙ୍କରେ
ଅତିବୃଷ୍ଟି ହେତୁରୁ କ୍ଷେତରେ ଏକପ୍ରକାର ପୋକ
ଲାଗି ଧାନଖାଇ ସାରି ଦେଲେଣି । ବଙ୍ଗଦେଶ-
ରେ ମଧ୍ୟ ବିଶେଷ ହାନି ହୋଇଅଛି ।

୨ । ବାଲେଶ୍ୱରରେ ସ୍ତ୍ରୀଶିକ୍ଷା ଦିନକୁଦିନ
ଅଧିକ ହେଉଅଛି । ମଧ୍ୟ ବାଲେଶ୍ୱର ହିନ୍ଦୁ-
ବାଳିକା ବିଦ୍ୟାଳୟର ଶିକ୍ଷାକାର୍ଯ୍ୟ ଉତ୍ତମରୂପେ
ଚଳୁଅଛି ଛାତ୍ରୀ ସଂଖ୍ୟା ଦିନଦିନ ବେଶୀ ହେଉ
ଅଛି ।

୩ । ସରକାର ବାହାଦୁରଙ୍କ ଜମିଦାରୀ ନୟ-
ନପୁର ତାଲୁକର ତହସିଲଦାର ବାବୁ ଦିଗମ୍ବର
ଦତ୍ତ ସୁଖ୍ୟାତିସହିତ କର୍ମ କରିଥିବାରୁ ବଙ୍ଗଳା-
ଗବର୍ଣ୍ଣମେଣ୍ଟ ହାରସହିତ ଗୋଟିଏ ସୁନାରଘଣ୍ଟା
ତାହାଙ୍କୁ ପୁରସ୍କାର ଦେଇଅଛନ୍ତି ।

୪ । ବାଲେଶ୍ୱରର ଆସିଷ୍ଟାଣ୍ଟ ସାର୍ଜନ ମିଷ୍ଟର
ଲାଏନ ସ୍ଥାନାନ୍ତରିତ ହେଉଅଛନ୍ତି । ତାହାଙ୍କ
ସ୍ଥାନରେ ବାଙ୍କୁଡ଼ା ଜେଲର ଡାକ୍ତର ସାହେବ
ନିଯୁକ୍ତ ହେଲେ । ଲାୟନସାହେବ କାହିଁ ଯିବେ
ତାହା ଆମ୍ଭମାନଙ୍କୁ ଜଣା ନାହିଁ । ବାଲେଶ୍ୱର
ଲାୟନ ସାହେବଙ୍କ ପ୍ରତି ଅସନ୍ତୁଷ୍ଟଥିଲା ।

ମାନ୍ଦ୍ରାଜର ବ୍ରାହ୍ମସମାଜର ସେକ୍ରେଟରୀ ଜଣେ
ବ୍ରାହ୍ମଣଠାରୁ ଗଣ୍ଡିଏ ନିବେଦନ ପତ୍ର ପାଇଅଛନ୍ତି
କି ସେ ବ୍ରାହ୍ମମତେ ବିବାହ କରିବାକୁ ପ୍ରସ୍ତୁତ
ଅଛନ୍ତି ଓ ଉହିଁର ବିଧାନ ଚାହୁଁଅଛନ୍ତି ।
ମାନ୍ଦ୍ରାଜରେ ଏପ୍ରକାର ବିବାହ ଏହିଠାରୁ ଆରମ୍ଭ
ହେବ ।

ମାନ୍ଦ୍ରାଜର ବୋର୍ଡରେଭିନ୍ୟୁ ଘୋଷଣା ଦେଇ
ଅଛନ୍ତି କି କରନୁଲ ଜିଲ୍ଲା ନାଲମଲ ପର୍ବତର
କେହି ବାଘ ମାରିପାରିଲେ ପ୍ରତ୍ୟେକ ବାଘପାଇଁ
୫୦୦ ଟଙ୍କା ପାରିତୋଷିକ ଦିଆଯିବ । ଏଠାରେ
କି ବାଘ ଏତେ ମାତିଅଛନ୍ତି ଯେ ଏତେ ଅଧିକ
ପାରିତୋଷିକ ଦେବାର ପ୍ରୟୋଜନ ହେଲା ।

ମୋଫସଲାଇଟ ଲେଖିଅଛନ୍ତି ଯେ ପଞ୍ଜାବରେ
ନିଯୁକ୍ତ ଥିବା ହାକିମମାନଙ୍କର ବିଚାରକାର୍ଯ୍ୟ ଓ
ଶାସନକାର୍ଯ୍ୟ ପୃଥକ୍ କରିବାର ସମସ୍ତ ବନ୍ଦୋ-
ବସ୍ତ ଶେଷ ହୋଇଅଛି ନବମ୍ବରମାସ ତା ୧ ରଖ
ଠାରୁ ଆରମ୍ଭ ହେବ ।

ପାରସ୍ୟ ଦେଶରୁ ପ୍ଲେଗ ଓ ଦୁର୍ଭିକ୍ଷ ବିଷୟରେ
ଭୟଙ୍କର ସମ୍ବାଦମାନ ଆସୁଅଛି । ବୁସାଏର
ନଗରଠାରୁ ଆସିଥିବା ସରକାରୀ ସମ୍ବାଦରୁ
ପ୍ରକାଶ ଯେ ଉକ୍ତ ନଗରରେ ଓଲାଉଠା ରୋଗ-
ରେ ବହୁତ ଲୋକ ମରି ପଡୁଲେଣି ଓ ଦୁଃଖି-
ଲୋକମାନେ ଦୁର୍ଭିକ୍ଷ ହେତୁଁ ବଡ଼ କଷ୍ଟ ପାଉ
ଅଛନ୍ତି ଏବଂ ଅନାହାରରେ ପ୍ରତିଦିନ ଚାରି
ପାଞ୍ଚଜଣ ଲୋକ ମରିଯାଉଅଛନ୍ତି । ଓ ମାନ-
ବନ୍ଦରରେ ଏକଦିନରେ ୭୦ ଲୋକ ଓଲାଉଠା-
ରୋଗଗ୍ରସ୍ତ ହୋଇ ମରିଥିଲେ ।

ଲାହୋରର ଏକଷ୍ଟ୍ରାଅସିଷ୍ଟାଣ୍ଟ କମିଶ୍ନର ଓ
ଛୋଟଅଦାଲତର ଜଜ ମୁନସି କଯୁମିଲାଲ
କୌଣସି ଲୋକ ବିରୁଦ୍ଧରେ ମୋକଦ୍ଦମା ନିଷ୍ପତ୍ତି
କରିଥିବାରୁ ସେ ରାଗାନ୍ୱିତ ହୋଇ ତାହାଙ୍କୁ
ବାଟରେ ଜଗି ଏମନ୍ତ ପ୍ରହାର କଲା ଯେ ତାହା
ଙ୍କର ମୃତ୍ୟୁ ଘଟନା ହେଲା । ଶ୍ରୀଯୁକ୍ତ ଗବର୍ଣ୍ଣର
ଜେନରଲ ସାହେବ ଏ ଦୁଃଖାବହ ସଂବାଦକୁ
ପଞ୍ଜାବର ଗବର୍ଣ୍ଣମେଣ୍ଟ ଗେଜେଟରେ ପ୍ରକାଶ କରି
ଅଛନ୍ତି ଓ ଉହିଁରେ ମୃତ କର୍ମଚାରୀର
ଅନେକ ସୁଖ୍ୟାତି ଲେଖି ଏ ଦୁର୍ଘଟନା ଯୋଗୁଁ
ଦୁଃଖ ପ୍ରକାଶ କରି ଅଛନ୍ତି ।

ନଦୀୟା ଜିଲ୍ଲାରେ ଗତ ଜଳପ୍ଲାବନଦ୍ୱାରା
ବହୁତ କ୍ଷତି ହୋଇଥିବାରୁ ପ୍ରଜାମାନେ ବଡ଼
କଷ୍ଟରେ ଅଛନ୍ତି ଓ ଜମିଦାରମାନେ ଲାଟବନ୍ଦୀ
ପାଇଁ ଖଜଣା ଉସୁଲ କଲେ ବଡ଼ କ୍ଲେଶ ହେବ
ଏଥେନି ସେଠା କଲେକ୍ଟର ସାହେବ ଆଗାମୀ
ଜାନୁଏରୀ ମାସ ଲାଟବନ୍ଦୀ ସ୍ଥଗିତ ରଖିବାପାଇଁ
ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଅଛନ୍ତି ଏଟି
ଉତ୍ତମ ବିଚାର ଅଟଇ ।

କଲିକତାର ବଣିକସଭାର ଅନୁରୋଧମତେ
ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଏବର୍ଷ ଦୁର୍ଗାପୂଜା ନିମିତ୍ତ
ଦୁଇଦିନ ଅଧିକ ଛୁଟୀ ଦେଇ ଅଛନ୍ତି । ଅକ୍ଟୋ-
ବର ମାସ ତା ୧୮ ତାରିଖରୁ ଛୁଟୀ ଆରମ୍ଭ
ହୁଅନ୍ତା । ମାତ୍ର ତାହା ନ ହୋଇ ତା୧୬ ରଖରୁ
ଆରମ୍ଭ ହେବ ତା ୧୫ ରଖ ରବିବାର ଅଛି
ସୁତରାଂ ଖଜଣାଖାନା ଓ ରେବିନ୍ୟୁ ଅଫିସମାନ
ଦି ୧୫ ନ ବନ୍ଦରହି ଅକ୍ଟୋବରମାସ ତା ୩୦
ରଖରେ ଫିଟିବ । ତିନିଦିନ ଅଧିକ ଛୁଟୀ ଦିଆ
ଅନାଦର ବିଷୟ ଅଟଇ ମାତ୍ର ପୂଜା ପୂର୍ବେ
ଦିଆ ନ ଯାଇ ଶେଷରେ ଦିଆଯାଇଥିଲେ ଅତି
ସୁଖ ହୁଅନ୍ତା ।

ବୋର୍ଡରେଭିନ୍ୟୁ ବିଧାନ କରିଅଛନ୍ତି ଯେ
ଗବର୍ଣ୍ଣମେଣ୍ଟ ମହଲଖାର ଖୁସ୍ତଗୀରମାନେ କି
ଯେଉଁମାନେ ପେନସନ୍ ପାଇବାର ଉପଯୁକ୍ତ-

Split by PDF Splitter
Digitized by srujanika@gmail.com

ରେ ଅଣି ନାହାନ୍ତି ସେମାନଙ୍କର କର୍ମ ଛୁଟିଗଲେ ଯେବେ ସେମାନେ ତିରିଶବର୍ଷ କର୍ମ କରିଥିବେ ତେବେ ସ୍ବ୯ଟଙ୍କାର ଅନଧିକ ମାସିକ ବେତନ ପାଇବେ ମାତ୍ର ବୃଦ୍ଧାବସ୍ଥା ହେତୁଁ ଅକ୍ଷମ ହେଲେ ଯେବେ ତାହାଙ୍କ ଚାକିରି ୩୫ ବର୍ଷ ହୋଇଥିବ ତେବେ ମଧ୍ୟ ସେହି ପରିମାଣରେ ପେନ୍‌ସନ୍ ପାଇବେ ।

ଏଥର ଭାରତବର୍ଷରେ ଏ ବର୍ଷ ପ୍ରବଳ ଜଳ ପ୍ଲାବନ ହୋଇ ନାହିଁ । ରଙ୍ଗୁନରୁ ଆସି ଥିବା ସମ୍ବାଦପତ୍ରମାନଙ୍କରୁ ପ୍ରକାଶ ପାଉଅଛି ଯେ ସୀତାଙ୍ଗ ନଦୀ ବୃଦ୍ଧି ହେବାରୁ ସେ ପ୍ରଦେଶରେ ଅନେକ ଅନିଷ୍ଟ ହୋଇଅଛି ଓ ଧାନଫସଲ ପ୍ରତି ମଧ୍ୟ କ୍ଷତିକର ହୋଇଅଛି ବୋଲି ଲୋକେ ବିଶ୍ବାସ କରୁଅଛନ୍ତି ।

ଗ୍ରହଣ ।

(ମାନ୍ଦ୍ରାଜ) ମାନ୍ଦ୍ରାଜଷ୍ଟାଣ୍ଡାର୍ଡ ପତ୍ର ଲେଖିଅଛନ୍ତି, ଗତ ଡିସେମ୍ବରମାସ ତା ୬ ରିଖ ଦିନ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ହେବ । ତାହା ଦାକ୍ଷିଣାତ୍ୟ ଭାରତବର୍ଷଠାରୁ ଦୃଷ୍ଟିଗୋଚର ହେବ । ଏହି ଗ୍ରହଣର ସୌରଚିତ୍ର ( ଫଟୋଗ୍ରାଫ ) ଉଦ୍ଧୃତ କରିବା ନିମିତ୍ତ ଗବର୍ଣ୍ଣମେଣ୍ଟଙ୍କର ଜ୍ୟୋତିର୍ବିଦ୍-କର୍ମଚାରିଙ୍କୁ ଏତଦ୍ବିଷୟରେ ଆବଶ୍ୟକ ଉପଦେଶ ଗ୍ରହଣାର୍ଥ ଇଂଲଣ୍ଡକୁ ପଠାଇବାକୁ ହେବ । ଏହି ବ୍ୟାପାରରେ ଯେଉଁ ବ୍ୟୟ ହେବ, ତହିଁ ପାଇଁ ବର୍ତ୍ତମାନ ଦୁଇହଜାର ଟଙ୍କା ପ୍ରଦାନ କରାଯାଇଅଛି ।

---

## ବିଜ୍ଞାପନ ।

---

### କଟକ ହିନ୍ଦୁବାଳିକା ବିଦ୍ୟାଳୟ ।

ଇତିହାସାଦି ପାଠ କଲେ ଜଣାଯାଏ ଯେ ଯେଉଁ ଦେଶରେ ମହିଳାମାନେ ବିଦ୍ୟାର ଅମୃତ-ରସାସ୍ବାଦନରେ ବଞ୍ଚିତ, ସେଠାରେ ପ୍ରକୃତ ସଭ୍ୟତାର ସମ୍ପୂର୍ଣ୍ଣ ପ୍ରଚାର ହୋଇ ନାହିଁ । ସ୍ତ୍ରୀଲୋକମାନଙ୍କ ବିଦ୍ୟାଶିକ୍ଷା ଉପରେ ଦେଶର ଉନ୍ନତି ଏବଂ ସଭ୍ୟତା ବହୁପ୍ରକାରେ ନିର୍ଭର କରଇ ତାହା ବୁଦ୍ଧିମନ୍ତ ବିଜ୍ଞଲୋକ ମାତ୍ରହିଁ ଅବଗତ ଅଛନ୍ତି । ମନୁଷ୍ୟ ଶାରୀରିକ ଓ ମାନସିକ ନିୟମାଧୀନ । ତତ୍ତ୍ବଜ୍ଞ ଶାସ୍ତ୍ରବିତ୍ ପଣ୍ଡିତମାନଙ୍କ ଏହି ସ୍ଥିର ସିଦ୍ଧାନ୍ତ ଅଛି ଯେ ପିତା ମାତାଙ୍କ ପ୍ରାୟ ସମସ୍ତ ଦୋଷ ଗୁଣ ତାଙ୍କ ସନ୍ତାନଠାରେ ଜାତ ହୁଏ । ଯେଉଁ ୨ ମନୋବୃତ୍ତି ଧର୍ମ ପ୍ରବୃତ୍ତି ଏବଂ ଉତ୍କୃଷ୍ଟ ପ୍ରବୃତ୍ତି ସନ୍ତାନୋତ୍ପାଦନ ସମୟରେ ସେମାନଙ୍କର ପ୍ରବଳ ଥାଏ, ସନ୍ତାନ ସନ୍ତତିମାନେ ମଧ୍ୟ ସେହି ୨ ବୃତ୍ତିର ଉତ୍ତରାଧିକାରୀ ହୁଅନ୍ତି । ଏହା ସମସ୍ତଙ୍କର ବିଦିତ ଅଛି ଯେ ଜନକ ଜନନୀ ଯକ୍ଷ୍ମା, କାଶ, ମହାବ୍ୟାଧି ପ୍ରଭୃତି ବ୍ୟାଧିଗ୍ରସ୍ତ ଥିଲେ ତାଙ୍କର ପୁତ୍ର କନ୍ୟାମାନେ ମଧ୍ୟ ସେହି ୨ ରୋଗାକ୍ରାନ୍ତ ହୁଅନ୍ତି । ପୁଣି ପିତା ମାତା ମାର୍ଜିତ ବୁଦ୍ଧି ସମ୍ପନ୍ନ ହେଲେ ତାଙ୍କର ସନ୍ତାନାଦି ମଧ୍ୟ ତଦ୍ରୂପ ହୁଅନ୍ତି । ଅତଏବ ଏତଦ୍ବାରା ଏହା ବିଲକ୍ଷଣ ପ୍ରତୀୟମାନ ହେଉଅଛି ଯେ କି ପୁରୁଷ କି ସ୍ତ୍ରୀ ଉଭୟଙ୍କର ବିଦ୍ୟାଶିକ୍ଷା କରିବାରେ ସମାନ ସତ୍ତ୍ବାଧିକାର ଅଛି । ତେବେ ଭାରତବର୍ଷରେ ସ୍ତ୍ରୀ ଶିକ୍ଷା ଯେ କାହିଁକି ଉପେକ୍ଷିତ ହୋଇ ରହିଅଛି ତାହାର କାରଣାନୁସନ୍ଧାନରେ ପ୍ରବୃତ୍ତ ହେଲେ ଅନାୟାସରେ ଜଣାଯାଏ ଯେ ପ୍ରାଚୀନ ହିନ୍ଦୁ ମହିଳାମାନଙ୍କପ୍ରତି ଯବନମାନଙ୍କର ଅତ୍ୟାଚାରହିଁ ଏହି ଶୁଭଫଳ ପ୍ରସବିନୀ ମହାଲତା ମୂଳରେ କୁଠାରାଘାତ କରିଅଛି । ନଚେତ୍ ସ୍ତ୍ରୀଶିକ୍ଷା କିଛି ଶାସ୍ତ୍ରବିରୁଦ୍ଧ କାର୍ଯ୍ୟ ନୁହେ । ଯେବେ ତାହା ହୋଇଆନ୍ତା ତେବେ ପ୍ରାଚୀନ ମହିଳାମାନେ କାହିଁକି ବିଦ୍ୟାଶିକ୍ଷା କରନ୍ତେ ? ଦେଖ ପୂର୍ବକାଳରେ ମୈତ୍ରେୟୀ, ଶକୁନ୍ତଳା, ଅନସୂୟା, ଦ୍ରୌପଦୀ, ଭଗବତୀ, ରୁକ୍ମିଣୀ, ଚିତ୍ରଲେଖା, ଲୀଳାବତୀ, ମାଳତୀ, ଖନା ପ୍ରଭୃତି ବହୁ ୨, ଯୋଷାମାନେ ନାନାଶାସ୍ତ୍ରରେ ପାରଦର୍ଶିନୀ ହୋଇ ଜଗଦ୍ବିଖ୍ୟାତ ହୋଇଅଛନ୍ତି ।

ଯେ ଯାହା ହେଉ, ଅନ୍ୟାନ୍ୟ ଦେଶରେ ସ୍ତ୍ରୀଶିକ୍ଷା ବିଷୟରେ ଯେ ଯାହା ବୋଲନ୍ତୁ, ସୌଭାଗ୍ୟକ୍ରମେ ଆମ୍ଭମାନଙ୍କ ଉତ୍କଳଦେଶରେ ତାହାର ଉନ୍ନତି ବିଷୟରେ କୌଣସି ଆପତ୍ତି ଥିବାର ଦେଖାଯାଏ ନାହିଁ । ହେତୁ, କି ଖଣ୍ଡାୟତ, କରଣ, ପ୍ରଭୃତି ଉଚ୍ଚପଦସ୍ଥ ଶ୍ରେଣୀ ମଧ୍ୟରେ ତାହାର ଏକପ୍ରକାର ଚଳନ ଅଛି । ପ୍ରତି ପରିବାର ମଧ୍ୟେ ଅନ୍ତତଃ ଦୁଇ ଏକଜଣ ସ୍ତ୍ରୀଲୋକ ଯେ ଲେଖିବାର ଓ ପଢ଼ିବାର ଶିକ୍ଷା କରନ୍ତି ତନ୍ନିଷୟରେ ସନ୍ଦେହାଭାବ । ଫଳତଃ ଏଦେଶରେ ବହୁକାଳାବଧି ସ୍ତ୍ରୀଶିକ୍ଷାର ବୀଜ ରୋପିତ ହୋଇଅଛି, ବର୍ତ୍ତମାନ ତଦ୍ବିଷୟରେ ନୂତନ ଉଦ୍ୟମ କରିବାକୁ ହେବ ନାହିଁ । ତେବେ ଉଲ୍ଲିଖିତ ଶୁଭଫଳ ଅଦ୍ୟାବଧି ନ ଫଳିବାର କାରଣ ଏହି ଯେ ପ୍ରକୃତ ପଦ୍ଧତି ଏମନ୍ତେ ଶିକ୍ଷା ଦିଆଯାଏ ନାହିଁ । ପାଠକମାନେ ଶୁଣି ଆନନ୍ଦିତ ହେବେ ଯେ ବର୍ତ୍ତମାନ କଟକ ନଗରରେ କତିପୟ କୃତବିଦ୍ୟ ଭଦ୍ରଲୋକମାନଙ୍କ ଯତ୍ନରେ ହିନ୍ଦୁବାଳିକାମାନଙ୍କ ବିଦ୍ୟାଶିକ୍ଷା କରିବା ପାଇଁ ଗୋଟିଏ ବିଦ୍ୟାଳୟ ସ୍ଥାପିତ ହୋଇଅଛି । ଏହା ଆପାତତଃ ନୂତନ ଗୃହ ନିର୍ମିତ ନ ହେବା ପର୍ଯ୍ୟନ୍ତ ବାଲୁବଜାରସ୍ଥ ଶ୍ରୀଯୁକ୍ତ ବାବୁ ଅଭନାଥ ଚଟ୍ଟୋପାଧ୍ୟାୟଙ୍କ ବସାରେ ହେଉଅଛି । ଶୁଣ୍ଡ ହେଲୁଁ ଯେ ୧୩।୧୪ ଜଣ ଛାତ୍ରୀ ସେଠାରେ ପଢ଼ୁଅଛନ୍ତି । ବିଦ୍ୟାଳୟଟି ଅଳ୍ପଦିନ ସଂସ୍ଥାପିତ ହେବା ପ୍ରଯୁକ୍ତ ଏ ବିଷୟଟି ସର୍ବସାଧାରଣଙ୍କୁ ଜଣା ନାହିଁ । ଯାହା ହେଉ ଆମ୍ଭମାନଙ୍କ ଇଚ୍ଛା ଯେ ବିଦ୍ୟାଳୟଟି ଚିରସ୍ଥାୟୀ ହେଉ ଏବଂ ନଗରସ୍ଥ ଭଦ୍ରଲୋକମାନେ ସ୍ବ କନ୍ୟା ସନ୍ତାନ ବିଦ୍ୟାଶିକ୍ଷାର୍ଥ ସେଠାକୁ ପଠାଇ ବିଦ୍ୟାଳୟର ଉନ୍ନତି ସାଧନ ଏବଂ ଦେଶର ମହଭାବ ଦୂର କରନ୍ତୁ ।

---

ମତ୍ପ୍ରଣୀତ ଉକ୍ତ ପୁସ୍ତକାଦି କଟକ ନର୍ମାଲ-ବିଦ୍ୟାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

| | | |
|---|---|---|
| କ୍ଷେତ୍ରପରିମାଣ | ... ... | ୫ ୦ ୩/ |
| ଜଡ଼ବିଜ୍ଞାନ | ... ... | ୫ ୦ ୫/ |
| ଶିକ୍ଷାକଥାନ | ... ... | ୧ ୦ ୨ |
| ସରଳଭୂଗୋଳ | ... ... | ୫ ୦ /୧୦ |

ପ୍ରଥମୋକ୍ତ ପୁସ୍ତକ ଖଣ୍ଡ ( କ୍ଷେତ୍ର ପରିମାଣ ) ଅଦାଲତ ଆମୀନ, ବାଉଣ୍ଡମାପୁଷି ଏଣ୍ଗକାର ସବ୍‌ଓଭରସିୟର ଓ କାଣ୍ଟ୍ରାକ୍ଟର ଆଦି ବାଣିଜ୍ୟ-ଜୀବିମାନଙ୍କ ବିଶେଷ ଉପକାରୀ । ଏବଂ ଏହା ଉତ୍କଳଶିକ୍ଷାବୃତ୍ତି ପରୀକ୍ଷାର ଷଷ୍ଠ ଶ୍ରେଣୀର ନିର୍ଦ୍ଦିଷ୍ଟ ପୁସ୍ତକ ।

୨୧।୯।୭୬ } ଶ୍ରୀ ଦ୍ବାରକାନାଥ ଚକ୍ରବର୍ତ୍ତୀ ।

---

## ମୂଲ୍ୟପ୍ରାପ୍ତି

---

| | | | |
|---|---|---|---|
| ବାବୁ ଶିବପ୍ରସାଦ ସିଂହ | କଟକ | ବର୍ଷିଆ | ୫୯ |
| ,, ଜଗନ୍ନାଥବଲ୍ଲଭ ସ୍ବାଇଁ | ଜାଜପୁର | ,, | ୫୯ |
| ,, କାଳିକିଶୋର ଦାସ | କାନ୍ତୁଗୋଡ଼ | ,, | ୫୭ |
| ,, ବେଙ୍କଟଚଲମ ପନ୍ତୁଲୁ | କଟକ | ,, | ୫୩ |
| ମହନ୍ତ ମୋହନ ଦାସ | ପୁରୀ | ,, | ୫। |

---

ଏହି ଉତ୍କଳଦୀପିକା ସହର କଟକ ବର୍ଦ୍ଧିବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା


କଟକ } ଭାଗ ମାହେ ଅକ୍ଟୋବର ସନ ୧୮୭୯ ... ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ... ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ... ମଫସଲ ଡାକମାସୁଲ ...


ଓଡ଼ିଆ ଡେପୁଟୀକଲେକ୍ଟର ।

ଓଡ଼ିଶା ଲୋକଙ୍କର କପାଳ ଏତେଦିନରେ ଫିଟିଲା ପରି ଜଣାଯାଉଅଛି । ପୂର୍ବକାଳରେ କେତେ ଶ୍ରୀଯୁକ୍ତ ଓଡ଼ିଆ ଡେପୁଟୀ କଲେକ୍ଟର ଥାଇ ବିଶେଷ ସରକାରୀ କର୍ମ ଚଳାଉ ... ନିଜ ହୋଇ ଥିଲେ ମାତ୍ର ଏଣିକି ... ଅଧିକ ହେବ ଓଡ଼ିଆଙ୍କ ... ପାଉ ନ ଥିଲେ । ଅମ୍ଭମାନଙ୍କର ପରମ ... ଶ୍ରୀଯୁକ୍ତ ଫୋର୍ସସାହେବ କଲେକ୍ଟର ଓ ଶ୍ରୀଯୁକ୍ତ ରେଭେନ୍‌ସାହେବ କମିସନର ଥିଲା ... ତେଣେ ତିନିଜଣ ନିଯୁକ୍ତ ହୋଇଥିଲେ ... ଜଣେ ମାତ୍ର ବର୍ତ୍ତମାନ କର୍ମରେ ଅଛନ୍ତି । ... ଶ୍ରୀଯୁକ୍ତ ରେଭେନସାହେବ କମିସନରଙ୍କ ... ଯୋଗରୁ ଓଡ଼ିଆମାନେ ପୁନ- ... ଉଚ୍ଚପଦ ପାଇବାର ଆରମ୍ଭ ହୋଇଅଛି । ଅମ୍ଭେମାନେ ଏଥିରୁଁ ବାବୁ ବନମାଳି ... ଯୋଗ୍ୟ ଓ ତାହାଙ୍କୁ ... ଏବଂ ବାବୁ ... ଏପରି ... ହୋଇଅଛନ୍ତି ... ଲେଖିଅଛୁଁ । ଭରସା କରୁ ... ଗବର୍ଣ୍ମେଣ୍ଟ ଏହାଙ୍କୁ ... କରିବେ । ... ଶ୍ରୀଯୁକ୍ତ କମିସନରସାହେବଙ୍କ ଅଧିକାଂଶ ଲୋକେ ... ଅଛନ୍ତି ତାହା ଅମ୍ଭେମାନେ ... କରି ନ ପାରୁଁ । କେବଳ ଓଡ଼ିଆଙ୍କୁ କର୍ମ ଦେବାରେ ଅମ୍ଭେମାନେ ଯେତେ ସନ୍ତୁଷ୍ଟ ଅଛୁଁ ଓଡ଼ିଆଙ୍କ ମଧ୍ୟରୁ ଉପଯୁକ୍ତ ବ୍ୟକ୍ତିଙ୍କୁ ଚାକିରି କର୍ମ ଦେବାରେ ତଦପେକ୍ଷା ଅଧିକ ଆନନ୍ଦିତ ଅଛୁଁ । ଶୁଣାଯାଏ ଯେ ସୁଯୋଗ ପାଇଲେ ସାହେବ ପ୍ରଶଂସିତ ଅନେକ ଓଡ଼ିଆଙ୍କୁ ଉଚ୍ଚପଦ ଦେବେ । ଓଡ଼ିଆମାନଙ୍କ ... ଉଚିତ ଯେ ଗବର୍ଣ୍ମେଣ୍ଟଙ୍କର ନିଜର କର୍ତ୍ତବ୍ୟକର୍ମ ... ରେ ... ସନ୍ଦେହ ନାହିଁ ଓ ଶ୍ରୀଯୁକ୍ତ ରେଭେନସାହେବଙ୍କ ପରି ପରାମର୍ଶଦାତାଙ୍କ ଉପରେ ନିର୍ଭର କରି କର୍ମକଲେ ଭରସା ... ଗବର୍ଣ୍ମେଣ୍ଟ ଉପଯୁକ୍ତ ଓଡ଼ିଆ ... ପାଇବାରେ କ୍ଲେଶ ବୋଧ କରିବେ ନାହିଁ । କେହି କହନ୍ତି ଯେ ରେଭେନ୍‌ସାହେବ କେବଳ ଓଡ଼ିଆଙ୍କ ... କେବଳ ଓଡ଼ିଆ ... ଲୋକଙ୍କୁ କର୍ମ ଦେବାର ମାନସ କରନ୍ତି ଓଡ଼ି- ଶାରେ ... ବାସ କରିଥିବା ବଙ୍ଗାଳୀ ... ମାନଙ୍କ ... ଅମ୍ଭ- ମାନଙ୍କ ... କମିସନରସାହେବଙ୍କର ଏ ଦୋଷ ... ନୁହେ କାରଣ ଏଥିରେ ଓଡ଼ିଶାପ୍ରତି ତାହାଙ୍କର ସ୍ନେହ ଜଣାଯାଉଅଛି ଓଡ଼ିଆଙ୍କୁ ... ଅନ୍ୟଲୋକଙ୍କୁ କର୍ମ ଦେଲେ ପ୍ରଶଂସନୀୟ କାର୍ଯ୍ୟ ହୁଅନ୍ତା ନାହିଁ ।

---

### ଡେପୁଟୀ କଲେକ୍ଟରୀ ପଦରେ ନିଯୁକ୍ତ ହେବାପାଇଁ ପରୀକ୍ଷାର ନିୟମ ।

ଅମ୍ଭେମାନେ ଓଡ଼ିଶାର ଲୋକଙ୍କୁ ଡେପୁଟୀ କଲେକ୍ଟରୀ ପଦରେ ନିଯୁକ୍ତ ହେବାର ଦେଖି ଯେତେ ଆନନ୍ଦିତ ହେଉଅଛୁଁ ଓ ଶ୍ରୀଯୁକ୍ତ ... କମିସନରଙ୍କୁ ଯେତେ ଧନ୍ୟବାଦ ଦେଉଅଛୁଁ ଗବର୍ଣ୍ମେଣ୍ଟଙ୍କର ଏ ବିଷୟରେ ... ନିୟମମାନ ... ଉଦ୍ବୋଧକ ... ହେଉଅଛୁଁ । ନିୟମମାନ ... କଠିନ ... ଓଡ଼ିଶା ଲୋକେ ତାହା ପାରିବେ ନାହିଁ ବୋଲି ଅମ୍ଭମାନଙ୍କର ... ହେଉଅଛି ଏମନ୍ତ ନୁହେ । ଡେପୁଟୀ କଲେକ୍ଟରୀ ପଦପାଇଁ ଏତେପ୍ରକାର ପରୀକ୍ଷା ଦେବାକୁ ହେବ ଏହା ପୂର୍ବରୁ କାହାରିକୁ ଜଣା ନ ଥିଲା ଓ ଠିକ ଯେ ସମୟରେ ଓଡ଼ିଶା ବାସିଙ୍କର କର୍ମ ପାଇବାର କଥା ହେଲା ସେହି ସମୟରେ ଏସବୁ ନିୟମମାନ ପ୍ରଚରିତ ହେଲା ପୁଣି ପରୀକ୍ଷା ଦେବାପାଇଁ ପ୍ରସ୍ତୁତ ହେବାଲାଗି ଅଧିକ ସମୟ ମଧ୍ୟ ... ନାହିଁ କାରଣ ... ପରୀକ୍ଷା ଆଗାମୀ ... ମାସ ମଧ୍ୟରେ ହେବ । ଏ ... ମାସ ମଧ୍ୟରେ ଯେଉଁଲୋକେ ଏପରୀକ୍ଷା ଦେବାପାଇଁ ପ୍ରସ୍ତୁତ ହେବେ ଏମନ୍ତ ସମ୍ଭବକୁ ଅଟେ ନାହିଁ । ... ବାହିକ ... ରେ ଏ ସବୁ କଠିନ ହୋଇ ନ ପାରେ କାରଣ ସେଠାରେ ସବୁପ୍ରକାର ... ଶିକ୍ଷିବାର ସୁଯୋଗ ଅଛି ଓ ଅନେକ ଲୋକ ... ସୁଯୋଗ ହେତୁରୁ ଉପଯୁକ୍ତ ଶିକ୍ଷା ଲାଭକରି ପରୀକ୍ଷା ଦେଇ ... ସେମାନଙ୍କ ସକାଶେ ପରୀକ୍ଷା ସହଜ ହୋଇପାରେ ଓ ସେମାନେ ... କର୍ମ ପାଇବେ । ପୂର୍ବ ନିୟମାନୁସାରେ ... ପରୀକ୍ଷା

Split by PDF Splitter
Digitized by srujanika@gmail.com

Split by PDF Splitter

164



ହେବାର କେବଳ ଅବଶ୍ୟକ ଥିବାରୁ ଉକ୍ଲୀଲ୍‌ମାନେ କୃତକାର୍ଯ୍ୟ ନ ହେବାରୁ କମିଶନରସାହେବ ଭିନ୍ନ ନିୟମାନୁସାରେ ଏମାନଙ୍କୁ କର୍ମ ଦେବାପାଇଁ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଥିଲେ ମାତ୍ର ଗବର୍ଣ୍ଣମେଣ୍ଟ ଏମନ୍ତ ନିୟମ କଲେ ଯେ ପୂର୍ବାପେକ୍ଷା ଓଡ଼ିଅଙ୍କୁ ସୁଯୋଗ ହେବ ବା ଦୂରେଥାଉ କଲିକତା ନ ଗଲେ କେହି କର୍ମ ପାଇବେ ନାହିଁ ବୋଲି କାର୍ଯ୍ୟତଃ ପ୍ରକାଶ ହେଲେ ।

ଆମ୍ଭେମାନେ ନିୟମାବଳୀ ପାଠ କରିଅଛୁଁ ଓ ତହିଁରୁ ବିବେଚନା କରୁଅଛୁଁ ଯେ ଉକ୍ତ ନିୟମରେ କଲିକତା ନଗର ବା ନିକଟରେ ଥିବା ଲୋକଙ୍କୁ ସମ୍ପୂର୍ଣ୍ଣ ସୁଯୋଗ ଦିଆଯାଇଅଛି ଓ ଓଡ଼ିଶୀୟଙ୍କୁ ସର୍ବାପେକ୍ଷା ଅସୁବିଧା ଅବସ୍ଥାରେ ରଖାଯାଇ ଅଛି ତହିଁର ଉଦାହରଣ ସ୍ୱରୂପ ଦୁଇ ଏକ ନିୟମର ଉଲ୍ଲେଖ କରୁଅଛୁଁ ଯଥା ଗୋଟିଏ ନିୟମ ଏହି ଯେ କର୍ମପ୍ରାର୍ଥୀମାନେ ଡାକ୍ତରସାହେବଙ୍କଠାରୁ ଗୋଟିଏ ସାର୍ଟିଫିକେଟ ଆଣି ଦେଖାଇବେ ତହିଁରେ ଲେଖା ଥିବ ଯେ ଉକ୍ତ ଲୋକ ଶାରୀରିକ ସବଳ ଅଛି ଓ କୌଣସି ଜିଲ୍ଲାରେ ରହି ନିର୍ବେଗରେ କର୍ମକରି ପାରେ । ଏ ସାର୍ଟିଫିକେଟ କଲିକତାରେ ଥିବା ଜଣେ ଡାକ୍ତର ବା ଯାହାଙ୍କୁ ଗବର୍ଣ୍ଣମେଣ୍ଟ ନିଯୁକ୍ତ କରିବେ ତାହାଙ୍କଠାରୁ ପ୍ରାପ୍ତ କରିବାକୁ ହେବ । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ କଲିକତା ଗମନ ବ୍ୟତିରେକେ ତାହାର କର୍ମ ପାଇବା ଆଶା ନାହିଁ ଓ କଲିକତା ଯାଇ ସାର୍ଟିଫିକେଟ ଆଣିଲେ ଯେ କାର୍ଯ୍ୟ ହେବ ଏମନ୍ତ ନିଶ୍ଚୟ ନୁହଇ କାରଣ ସେ ସବୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଜଣା କେହି କର୍ମ ପାଇବାକୁ ଦାବୀ କରି ନ ପାରେ ତାହା ସମ୍ପୂର୍ଣ୍ଣରୂପେ ଗବର୍ଣ୍ଣମେଣ୍ଟଙ୍କ ଇଚ୍ଛାଧୀନ । ଅତଏବ ଏମନ୍ତସ୍ଥଳରେ କଲିକତା ଯାଇ ସାର୍ଟିଫିକେଟ ଆଣିବାକୁ କାହାର ଚିତ୍ତ ବଳିବ ଓ ଇଚ୍ଛା ହେଲେ ମଧ୍ୟ ଏରୂପ କେତେ ବଳଦୃପ୍ତ ଲୋକ ଓଡ଼ିଶାରେ ଅଛନ୍ତି ଯେ ହାକିମଙ୍କ ଦଣ୍ଡରୁ କଲିକତା ଯିବା ଆସିବା କରିବେ । ଫଳତଃ ଏ ନିୟମଦ୍ୱାରା ମୋଫସଲ ବାସୀଙ୍କୁ ବିଶେଷରେ ଉତ୍କଳୀୟଙ୍କୁ କର୍ମଦେବାର ନିଷେଧ କରାଗଲା ।

ଆଉ ଗୋଟିଏ ନିୟମ ଏହି ଯେ ବଙ୍ଗଳା ଅଥବା ହିନ୍ଦୋସ୍ଥାନୀରେ ଭାଷା ପରୀକ୍ଷା ଦେବାକୁ ହେବ । ମାତ୍ର ଯେଉଁମାନେ ହିନ୍ଦୋସ୍ଥାନୀରେ କେବଳ ପରୀକ୍ଷା ଦେବେ ସେ ବିହାର ବିଭାଗରେ କର୍ମ ପାଇବେ । ଏ ଦୁରଭିସନ୍ଧି ଏଥିରେ ଭାଷା ସମ୍ବନ୍ଧ ଓଡ଼ିଆ ଭାଷାରେ ପରୀକ୍ଷା ସ୍ଥାପିତ ହୋଇ ପାରନ୍ତା ଓ ଓଡ଼ିଆ ଜାଣିବା ଲୋକ କେବଳ ଓଡ଼ିଶାରେ କର୍ମ ପାଇବ । ଏଥିରୁ ଜଣାଯାଏ ଓଡ଼ିଆମାନେ ଅପଣା ମାତୃଭାଷା ଛାଡ଼ି ହିନ୍ଦୋସ୍ଥାନୀ କିମ୍ବା ବଙ୍ଗଳା ଭାଷାରେ ପରୀକ୍ଷା ଦେବେ । ଏ ନିୟମଟି ମଧ୍ୟ ଓଡ଼ିଆ ପକ୍ଷରେ ବଡ଼ କଠିନ ହୋଇଅଛି କାରଣ ଅନେକର ଲୋକମାନେ ବଙ୍ଗଳା ବା ହିନ୍ଦୋସ୍ଥାନୀ ଗୋଟିଏ ବିଦ୍ୟା ଶିଖିବେ ମାତ୍ର ଓଡ଼ିଆମାନେ ଗୋଟିଏ ଅଧିକା ନ ଶିଖିଲେ କର୍ମ ପାଇବେ ନାହିଁ । ଅତଏବ ଆମ୍ଭେମାନେ ଦେଖୁଅଛୁଁ ଯେ ନିୟମମାନ ଓଡ଼ିଆ ମାନଙ୍କ ସମ୍ପୂର୍ଣ୍ଣ ବିପକ୍ଷ ଅଟଇ ଓ ଗବର୍ଣ୍ଣମେଣ୍ଟ ଯେମନ୍ତ କେବଳ କଲିକତା ନଗର ବାସୀଙ୍କୁ କର୍ମ ଦେବାକୁ ମନସ୍ଥ କରି ଏରୂପ ନିୟମମାନ ପ୍ରଚାର କରିଅଛନ୍ତି ।

ଭୂମ କରିବା ଓ ସୃଷ୍ଟିବାଦ ନିର୍ମାଣ କାର୍ଯ୍ୟର ପରୀକ୍ଷା ଦେବାର ଯେଉଁ ନିୟମ ହୋଇଅଛି ତାହା ସବୁ ମନ୍ଦ ନୁହଇ । ନ୍ୟୂନାଧିକରେ ଏ ସବୁ କାର୍ଯ୍ୟ ଦେଶୀୟ କଲେକ୍ଟରମାନଙ୍କୁ କରିବାକୁ ହୁଅଇ ମାତ୍ର ଏ ସବୁ ଶିକ୍ଷା ଦେବା ପାଇଁ ବନ୍ଦୋବସ୍ତ ନ ହେବା ପର୍ଯ୍ୟନ୍ତ ଏହି ନିୟମ ପ୍ରଯୋଜନୀୟ ବୋଲି ବୁଝାଯାଇ ନ ଥିଲେ ଭଲ ହୁଅନ୍ତା । ଯେ ସ୍ଥଳେ ଜଣାଅଛି ଯେ ଓଡ଼ିଶାରେ କୌଣସି ସ୍ଥାନରେ ଏ ସବୁ ଶିକ୍ଷା ଲାଭ କରିବାର ଉପାୟ ନାହିଁ ସେସ୍ଥଳେ ନିୟମ କରି କେବଳ ଓଡ଼ିଶା ଲୋକଙ୍କ ଉଚ୍ଚପଦର କର୍ମରୁ ବଞ୍ଚିତ କରାଯାଇଅଛି ମାତ୍ର ଅନ୍ୟ କିଛି ଦେଖା ଯାଉ ନାହିଁ । ଯାହା ଅବା ଓଡ଼ିଆମାନେ କାରକୋନ୍ତ୍ରି ଇତ୍ୟାଦି କର୍ମଗୁଡ଼ିକ ପରିଶ୍ରମ କରି ଚେଷ୍ଟା କରିବେ ତହିଁର ସମ୍ଭବ ଦିଆଯାଇ ନାହିଁ ସୁଯୋଗ ମଧ୍ୟରେ କେବଳ ଏ ସବୁ ସ୍ଥାନ ପାଇଁ କେହି ପରୀକ୍ଷା ଦେବ ଅତଏବ ଆମ୍ଭେମାନେ ସବିନୟରେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଉଅଛୁଁ କି ଯେବେ ଓଡ଼ିଆମାନଙ୍କ ନିମନ୍ତେ ଉଚ୍ଚପଦସ୍ଥିତ କର୍ମଚାରୀମାନଙ୍କ ଥାଏ ତେବେ ନୂତନ କଲ୍ପରେ ଏକଂଶ ପାଇ ଏ ସବୁ ନିୟମ ରହିତ କରି କେବଳ ଆଇନର ପରୀକ୍ଷା ସ୍ଥାପିତ ହେଉ ଏବଂ ଶାରୀରିକ ଯୋଗ୍ୟତାର ସାର୍ଟିଫିକେଟ ନିକଟ ଜିଲ୍ଲାର ସର୍ଜନଙ୍କ ଦେବାର ଆଜ୍ଞା ହେଉ ତାହା ହେଲେ ଏ ବର୍ଷ ପରୀକ୍ଷାରେ କେହି ଉତ୍ତୀର୍ଣ୍ଣ ହୋଇ କର୍ମ ପାଇ ପାରନ୍ତି ନୋହିଲେ ଓଡ଼ିଆମାନଙ୍କ କପାଳ ଯେମନ୍ତ ଥିଲା ରହିଅଛି ସେହିପରି ରହିବ ଓ ଉତ୍କଳର ଗରିବ ଅଥବା ଗବର୍ଣ୍ଣମେଣ୍ଟ କୃପାରେ ଏମାନଙ୍କର ଅବସ୍ଥା ଉନ୍ନତ କରିବାକୁ ସକ୍ଷମ ହେବେ ନାହିଁ ଶୀଘ୍ର କମିଶନର ସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ଏ ବିଷୟରେ ଓଡ଼ିଆଙ୍କ ସପକ୍ଷ ହୋଇ ଲେଖନୀ ଧାରଣ କରନ୍ତୁ ।

---

## ଗଡ଼ଜାତର ଅବସ୍ଥା ।

ଅମ୍ଭେମାନେ ଏହାପୂର୍ବେ ଏହି ପତ୍ରିକାମାନରେ ଏକ ପ୍ରସ୍ତାବ ଲେଖି ତହିଁରେ ଜଣାଇଥିଲୁଁ ଯେ ଗଡ଼ଜାତରେ ଦୂର କାରଣରୁ କ୍ଷୀଣ ଓ ଶଙ୍କା ବୃଦ୍ଧି ହେଉ ନାହିଁ ଓ ସେହି ପ୍ରସ୍ତାବରେ ଲେଖିଥିଲୁଁ କି ଢେଙ୍କାନାଳ ଗଡ଼ର ଅବସ୍ଥା ଉନ୍ନତ ଅଟଇ । ସେ ଅବସ୍ଥା କି ଏ ପ୍ରସ୍ତାବରେ ତହିଁର କିଛି ବର୍ଣ୍ଣନ କରିବାକୁ ଇଚ୍ଛା ହୋଇଅଛି ଢେଙ୍କାନାଳର ରାଜାଙ୍କୁ ଅନେକ ଲୋକେ ଦେଖିଅଛନ୍ତି ଓ ତାହାଙ୍କର ବିଦ୍ୟା, ବୁଦ୍ଧି, ବଦାନ୍ୟତା ଓ ମହତ୍ତ୍ୱର ପରିଚୟ ମଧ୍ୟ ପାଇଅଛନ୍ତି ଅତଏବ ଏ ସବୁର ବର୍ଣ୍ଣନା କରିବା ଅନାବଶ୍ୟକ ଅଟଇ ସେ ଆପଣାଶକ୍ତି ଅନୁସାରେ ଯାହା କରୁଅଛନ୍ତି ଓ ପ୍ରଜାଙ୍କର ଦୁଃଖ ମୋଚନର ସାଧନ କାରଣ ଯେ ଉପାୟମାନ କରୁଅଛନ୍ତି ତହିଁର କିଛି ଉଲ୍ଲେଖ କରିବା । ଅମ୍ଭେମାନେ ଏକ ସମୟରେ ଏ ଗଡ଼କୁ ଯାଇ ଦେଖିଲୁଁ ଯେ ଏଠାର ଶାସନପ୍ରଣାଳୀ ଅନେକାଂଶରେ ଉତ୍କୃଷ୍ଟ ଅଟଇ ଓ ଅନୁସନ୍ଧାନ କରି ଅବଗତ ହୋଇଅଛୁଁ ଯେ ଅନ୍ୟ କୌଣସି ଗଡ଼ଜାତରେ ଏ ପ୍ରକାର ନାହିଁ । ସମୟାନ୍ତରରେ ଅମ୍ଭେମାନେ ମହାରାଜଙ୍କ କାର୍ଯ୍ୟଦର୍ଶକ କିଛି ପରିଚୟ ଅଧିକାରୀ ସ୍ୱୀକାର ପ୍ରଦାନ କରିବାର ପ୍ରଣାଳୀ ଦେଖିବାକୁ ଅସମର୍ଥ ହେଲୁଁ ମାତ୍ର ପ୍ରଜାଙ୍କର ଭାବ ଗତିରୁ ଜଣାଗଲା ଯେ ସେମାନେ ବଡ଼ ସୁଖରେ ନାହାନ୍ତି । ତହିଁର କାରଣ ଏହି ଯେ ମହାରାଜ ବ୍ୟକ୍ତିଗତ ନ୍ୟାୟବାନ୍ ଓ ଦୟାବାନ୍ ଅଟନ୍ତି ଓ ଇଂରେଜଙ୍କ ଶାସନପ୍ରଣାଳୀ ଅବଲମ୍ବନ ପୂର୍ବକ କାର୍ଯ୍ୟ ନିର୍ବାହ କରନ୍ତି ଏଥିରେ ଲୋକଙ୍କର ବିଶେଷ କ୍ଳେଶ ହୁଅଇ ନାହିଁ । ଗଡ଼ଜାତ ରାଜାଙ୍କ ଅମିତ ପ୍ରଜାଙ୍କୁ କେତେ କଷ୍ଟ ଭୋଗ କରିବାକୁ ହୁଅଇ ତାହା କାହାରିକୁ ଅବିଦିତ ନାହିଁ । ଉତ୍ତରାଧିକାର ନିୟମ ପ୍ରଭୃତିରେ ଜମିଦାରମାନଙ୍କୁ ମୁସଲମାନୀରେ ଯେବା କେତେକ ଲୋକ କରିବାକୁ କେହି ଆସନ୍ତି ଓ ତହିଁ ଦୂରୀ ଯେଉଁପରି ହେବ ନ ଥିବ । ଢେଙ୍କାନାଳର ରାଜା ସବୁ କର୍ତ୍ତୃମାନେ ଅପଣା କ୍ଷମତାରେ ଲୋକଙ୍କ ନିୟମ ପ୍ରବୃତ୍ତ କରିଅଛନ୍ତି । ସୁତରାଂ ତହିଁ

Digitized by srujanika@gmail.com

Split by PDF Splitter



ଗଣନା ଯାହାର ବାକି ରହିବ ତାହାର ଜମିଦାରୀ ରହିବ ନାହିଁ କୋହଲେ ଗଣନା ଉଚିତ ପାଇ ଅତି ବହୁ ଅଭ୍ୟାସର କହାର ଉପରେ ହୁଅଇ ନାହିଁ । କିନ୍ତୁ ଜମିଦାରଙ୍କୁ ପ୍ରଜା ଗଣନା ନ ଦେଲେ ମହାରାଜ ଏ ପକାରରେ ଜମିଦାରର ସାହାଯ୍ୟ ଲଇଲେ ଯଦ୍ୟପି ଏ ଅମ୍ଭେମାନେ ତାହା ଜାଣି ନାହୁଁ ମାତ୍ର ଏକଥା ବିଶ୍ୱାସ ହେଉଅଛି ଯେ ସେମାନେ ପ୍ରଜାଙ୍କ ଉପରେ ବହୁତ ଅତ୍ୟାଚାର କରି ପାରି ନ ଥିବେ । ଏପ୍ରକାର ବିଶ୍ୱାସ କରିବାର ହେତୁ ଏହି ଯେ ଅମ୍ଭେମାନେ କେତେଥର ଥାଇ ଲୋକ ପ୍ରମୁଖାତ୍ ଶୁଣିଅଛୁଁ ଯେ ଚଉକିଦାର ଯେବେ କୌଣସି ପ୍ରଜାଙ୍କୁ ବେଠିକରିବାକୁ ଆଣି ତାହା ଉପରେ ଅତ୍ୟାଚାର କରେ ତେବେ ସେ ସରକାରରେ ଅପରାଧୀ ହୁଅଇ ଯେଣୁକି ବେଠି ଉଠିଗଲା ଏପ୍ରକାର ହୁକୁମ ହୋଇଅଛି ଯେ ସ୍ଥଳେ ଗଣନାପାଇଁ ଅତ୍ୟାଚାର ହେଉଥିବ କେମନ୍ତ କରି ଅନୁଭବ କରିବା । ଅତଏବ ଦେଖାଯାଏ ଯେ ଗଣନା ସ୍କୁଲ ଓ ବେଠି ଏହିଉ ସ୍ଥାନ ଭଳି ଅଳୀକକୁ ପ୍ରଜାମାନେ ଅତନ୍ତ କରିଅଛନ୍ତି । ଏପରି ଅମ୍ଭେମାନେ ଦେଖିଲୁଁ ଯେ ଅପରାଧୀମାନଙ୍କୁ ଦଣ୍ଡ ଦେବାପାଇଁ ଜେଲଖାନା ନିର୍ମିତ ହୋଇଅଛି ଓ ଯହିଁରେ ପାୟ ତ ୬୦ ଣ କଏଦୀ ଥିଲେ । ଏମାନେ ଦେଖିବାକୁ ପ୍ରାୟ ସମସ୍ତେ ଏମନ୍ତ ସବଳ ବାସ୍ତ ଯେ କେତେ ପଦ୍ଧି କୋଉ ଘନ ସତ୍ତ୍ୱ ମଜମଗ୍ରୀ କାର୍ଯ୍ୟକରିବା ତାହାଙ୍କପକ୍ଷରେ ବହୁ ପରିଶ୍ରମ ନୁହଇ । ସେମାନଙ୍କ ମୁଖ ଦେଖିଲେ ଜଣାଯାଏ ଯେ ଜେଲଖାନାରେ ଏହାଙ୍କର ଖାଇବା ପିନ୍ଧିବାର କ୍ଲେଶ ନାହିଁ ଓ ଅନେକ ଆନନ୍ଦରେ ଅଛନ୍ତି । ଅଧିକାଂଶ କଏଦୀ ଚୋରି ଅପରାଧରେ ବନ୍ଦୀ ହୋଇଅଛନ୍ତି ଓ ଅଶ୍ଚର୍ଯ୍ୟର ବିଷୟ ଯେ ଏମାନଙ୍କ ଦୁଇ ତିନିଥର କଏଦରୁ ମୁକ୍ତପାଇ ପୁନର୍ବାର ଜେଲକୁ ଆସି ଅଛନ୍ତି । ମନେ ଏ ଅବସ୍ଥା କଦାପି ଭଲ ବୋଲି ଯାଇ ନ ପାରେ କାରଣ ସ୍ୱଦେଶୀୟ ଲୋକ ଉଚିତ ଉପାୟରେ ଖାଇବା ପିନ୍ଧିବା ନ ପାଇ ଚୋରିକରିବା ଓ ପୁନଃପୁନଃ ଜେଲଖାନାକୁ ଫେରିଆସିବାରୁ ଜଣାଯାଏ ସମସ୍ତ ଶ୍ରେଣୀର ପ୍ରଜାଙ୍କ ଜୀବିକା ନିର୍ବାହର ଉପାୟ ପକ୍ଷରେ ଏବଂ ଅପରାଧ ନିବାରଣ କାରଣ ପୁଲିସ ପକ୍ଷରେ ଭଲ ମନୋଯୋଗ ହେଉ ନାହିଁ ଏବଂ ଜେଲଖାନାର ପ୍ରଣାଳୀ ମଧ୍ୟ ଉତ୍ତମ ନୁହଇ ଜେଲରେ ଏମନ୍ତ ନିର୍ଦ୍ଦେଶକାର ଉଚିତ ଯ ଯାହା ଅପରାଧୀମାନେ ଜେଲକୁ ପୁନର୍ବାର ଆସିବାକୁ ଭୟ କରିବେ । ମହାଲନ୍ଦୀର ଦକ୍ଷିଣରେ ଲୋକଙ୍କ ନିମନ୍ତ ଏପକାର ଦଣ୍ଡ ଉତ୍ତମ ଅଟଇ ମାତ୍ର ଗଡ଼ଜାତର ନୀଚଶ୍ରେଣୀର ଲୋକଙ୍କୁ ଏ ଦଣ୍ଡ ଦଣ୍ଡ ନୁହଇ । ସେଠା ଉଚ୍ଚଶ୍ରେଣୀ ଲୋକଙ୍କ ମାନାପମାନର ଜ୍ଞାନ ଅଛି ସେମାନଙ୍କ ପାଇଁ ଜେଲଖାନା ଭଲ ଅଟେ ମାତ୍ର ଇତରଜାତି କାରଣ ଅନ୍ୟ କିଛି ଉପାୟ କରିବା ଆବଶ୍ୟକ । ଅମ୍ଭେମାନେ ବୋଧକରୁଁ ଏପ୍ରକାର ଲୋକଙ୍କୁ ବେତ୍ରାଘାତ ଦଣ୍ଡ ଓ କିଛିକାଳ ପୁଲିସର ନଜର ତଳେ ରଖିବାର କର୍ତ୍ତବ୍ୟ । ପୁଲିସ ଅବା ସେଠାରେ କାହିଁ ? ମାତ୍ର ଅମ୍ଭେମାନେ କହୁଅଛୁଁ ଯେ ଯେଉଁମାନେ ପାଇକ ଓ ଚୌକିଆ ଥାଇ ଜାଗିର ଭୋଗ କରୁଅଛନ୍ତି ସେହିମାନେ ନିୟମାଧୀନ ହେଲେ ପୁଲିସର କାର୍ଯ୍ୟ ନିର୍ବାହ କରିବେ ।

ଶାସନପ୍ରଣାଳୀର ଅବସ୍ଥା ଏହିପ୍ରକାର । ପ୍ରଜାଙ୍କ ମନୁଷ୍ୟତ୍ୱ ଉନ୍ନତି କାରଣ ମହାରାଜ କୌଣସି ଅଂଶରେ ତ୍ରୁଟି କରି ନାହାନ୍ତି ବାଳକଙ୍କ ବିଦ୍ୟାଦାନ କାରଣ ଗଡଠାରେ କୋଟିଏ ବିଦ୍ୟାଳୟ ସ୍ଥାପନ କରି ଅଛନ୍ତି ଯହିଁରେ ଇଂରାଜୀ ବଙ୍ଗଳା ଓଡ଼ିଆ ଓ ସଂସ୍କୃତ ଭାଷାରେ ବିଦ୍ୟାଦାନ ହୁଅଇ ଓ ଏଥିପାଇଁ ଉପଯୁକ୍ତ ଶିକ୍ଷକମାନେ ନିଯୁକ୍ତ ଅଛନ୍ତି ଅଧିକ ମୋଫସଲରେ ପାଠଶାଳାମାନ ସ୍ଥାପନ ହେଲଣି ବା ହେଉଅଛି । ରୋଗୀଙ୍କ ଚିକିତ୍ସା କାରଣ ମହାରାଜ ଗଡ଼ଠାରେ କୋଟିଏ ଚିକିତ୍ସାଳୟ ସ୍ଥାପନ କରି ଜଣେ ନେଟିଭ ଡାକ୍ତର ନିଯୁକ୍ତ କରି ଅଛନ୍ତି ତାହାଙ୍କ ଦ୍ୱାରା ଇଂରାଜୀ ମତରେ ଚିକିତ୍ସା ହୁଅଇ ପରନ୍ତୁ ଅନେକ ଲୋକ ଆସି ଔଷଧ ନେଉଯାନ୍ତି ଓ ଡାକ୍ତରଙ୍କର ଚିକିତ୍ସାରେ ସମସ୍ତଙ୍କର ସନ୍ତୋଷ ଜାତ ହୋଇଅଛି । ଗ୍ରାମ୍ୟର ସବୁଲୋକ ଏଠାରେ ଚିକିତ୍ସା ପାଇ ପାରନ୍ତି ନାହିଁ ବୋଲି ଗଡର ଅନ୍ତରରେ ଆଉ ଦୁଇଟା ଚିକିତ୍ସାଳୟ ସ୍ଥାପନ ହେବାର ଆବଶ୍ୟକ ହେଲଣି ଏଥିରେ ବହୁତ ଲୋକଙ୍କର ଉପକାର ହେବ । ଅତଏବ ବର୍ତ୍ତମାନରେ ପ୍ରଜାଙ୍କର ଯାହା କର୍ତ୍ତବ୍ୟ ବୋଲି ସଭ୍ୟ ଦେଶର ଲୋକମାନେ ବୋଲନ୍ତି ନୂଆଥିକରେ ସେସବୁର ଅନୁଷ୍ଠାନ ଢେଙ୍କାନାଳରେ ଦେଖାଯାଏ । ଏଣୁକରି ଅମ୍ଭେମାନେ ଢେଙ୍କାନାଳକୁ ଗଡ଼ଜାତର ଆଦର୍ଶ ଭୂମି ସ୍ୱରୂପ ଜ୍ଞାନ କରୁଅଛୁଁ ଓ ଅନ୍ୟାନ୍ୟ ଗଡ଼ର ରାଜାମାନେ ଯେବେ ଏହିସବୁ ସଦନୁଷ୍ଠାନରେ ମନୋଯୋଗୀ ହେବେ ତେବେ ଅଚିରେ ଗଡ଼ଜାତର ଅବସ୍ଥା ଉନ୍ନତ ହେବାରେ କିଛି ମାତ୍ର ସନ୍ଦେହ ନାହିଁ । ଅମ୍ଭେମାନେ ଦେଖିଅଛୁଁ ଯେ ଢେଙ୍କାନାଳର ମହାରାଜ ଆପଣା ରାଜ୍ୟକୁ ଉତ୍କୃଷ୍ଟ କରିବା ଲାଗି ଯତ୍ନ ଓ ବ୍ୟୟରେ କୁଣ୍ଠିତ ହେଉ ନାହାନ୍ତି ଅଳ୍ପକାଳ ହେଲା ଜଣେ ଇଂରାଜ କର୍ମଚାରୀ ରଖି କୋଟିଏ ସଡ଼କ ନିର୍ମାଣର ଉଦ୍ୟମ କରୁଅଛନ୍ତି ଏହି ବର୍ଷ ସେ ସଡ଼କ ନିର୍ମାଣ ହେଲେ ସମ୍ବଲପୁର ସଡ଼କ ସଙ୍ଗେ ମିଶିବ ତେବେକଲେ ଗମନାଗମନର କ୍ଲେଶ ରହିବ ନାହିଁ ଓ ଏହାସଙ୍ଗେ ଗାଡ଼ି ଡାକ ବସାଇବାର ଉଦ୍ୟମ ହେଲଣି । କେବଳ ଜଣେ ଉପଯୁକ୍ତ ମନ୍ତ୍ରୀର ଅଭାବ ଥିଲା ସମ୍ପ୍ରତି ବାବୁ ବନମାଳୀ ସିଂହ ସେଠାରେ ରହିବାରୁ ତାହା ମଧ୍ୟ ମୋଚନ ହୋଇଅଛି ଅତଏବ ଆଶା ହୁଅଇ ଯେ ଆଗାମୀ ବର୍ଷ ଢେଙ୍କାନାଳର ଅବସ୍ଥା ଅମ୍ଭେମାନେ ଅଧିକ ଉତ୍ତମରୂପେ ବର୍ଣ୍ଣନ କରିବାକୁ ସମର୍ଥ ହେବୁଁ ।

## ସାପ୍ତାହିକ ସଂବାଦ

ଗତଗୁରୁବାର ଦିନ ଘ ୧୨ ଟା ସମୟରେ କୋଟିଏ ସ୍ତ୍ରୀ ତାହାର ବାଳିକାସହିତ ଲାଲବାଗ ନଗରମଧ୍ୟସ୍ଥ ପୁଷ୍କରିଣୀକୁ ସ୍ନାନ କରିବାନିମିତ୍ତ ଯାଇଥିଲା ସେ ପ୍ରଥମେ ବାଳିକାକୁ ସ୍ନାନ କରାଇ କୂଳରେ ଛିଡ଼ା କରାଇ ଦେଲା ଏଥିମଧ୍ୟରେ କେତେବେଳେ ସେ ବାଳିକା ଜଳରେ ମଗ୍ନ ହୋଇ ପଞ୍ଚତ୍ୱ ପ୍ରାପ୍ତ ହେଲା ତାହା ଉକ୍ତ ସ୍ତ୍ରୀକୁ ଜଣା ନାହିଁ ସେ ସ୍ନାନ ସାରି ଘରକୁ ଯାଇ ବାଳିକାକୁ ଅନ୍ୱେଷଣ କରି ପୁନର୍ବାର ସେହି ପୁଷ୍କରିଣୀ ତଟରେ ପ୍ରବେଶ ହୋଇ ଦେଖିଲା ଯେ କଳିକା ଜଳରେ ମଗ୍ନ ହୋଇ ପ୍ରାଣତ୍ୟାଗ କରି ବସିଅଛି । ତହୁଁ ଶୋକାକୁଳା ହୋଇ ଶବକୁ ଜଳରେ ପଡ଼ି ଭୁଲ ନେଉଥିଲା ଚିଠ ଏନସି ସାହେବଙ୍କ ଉପସ୍ଥିତି ତାହାକୁ ଯୋଗାଡ଼ ଅଣାଇଲା । ପୋଖରୀରେ ପଥର ପହାଚ ଥିଲା ତାହାକୁ ଶାସନ କମିଟି କାଢ଼ି ନେଇ ବନ୍ଧାଇ ଗତକୁ କରି ଦେଇ ଥିବାରୁ ଏ ଦୁର୍ଘଟନା ହେଲା । ଗତକୁରେ ଠିକ ଛିଡ଼ା ହେଲାକୁ ସେନା ଗତପଡ ଥିବ ପାହାଚ ଥିଲେ ଜଳ ପଡ଼ିବାର ସମ୍ଭାବନା ଥାନ୍ତା ନାହିଁ । ଟାଉନ କମିଟିଙ୍କ ସହାର୍ଯ୍ୟ ଏମନ୍ତ ଶୋଚନୀୟ ରୂପେ ଘଟିଅଛି ହେଲା ବଡ଼ ଦୁଃଖର ବିଷୟ ଅଟଇ ॥

Digitized by srujanika@gmail.com

Split by PDF Splitter



ଗତ ସପ୍ତାହରେ କେଉଁ ମାସ କଷ୍ଟ ହୋଇ ନାହିଁ ଓ ଗର୍ଜି ଅଥ ପର୍ଯ୍ୟନ୍ତ ଏମନ୍ତ ଶୀଘ୍ର ହୋଇ ଅଛି ଯେ ଶୀଘ୍ରବୃଷ୍ଟି ପ୍ରାପ୍ତ ହୋଇଯାଏ ବର୍ତ୍ତମାନ ରବି ବୁଣା ବୁଣିବା ସମୟ ଏଥିକୁ ଭଲ ହୋଇଅଛି ମାତ୍ର ଲୋକେ କହୁଅଛନ୍ତି ଯେ ଶୀଘ୍ର ବୃଷ୍ଟି ନ ହେଲେ ଧାନ ଫସଲ ପ୍ରତି ଅନିଷ୍ଟ ହୋଇପାରେ । ଏ ବର୍ଷ ଧାନ ଯେତେକ ହୋଇ-ଅଛି ଉତ୍ତିକି ଯେବେ ଏ ସମୟରେ ବୃଷ୍ଟି ହୁଏ ତାହା ହୋଇ କଣ ବୃଷ୍ଟିର କାରଣ ହେବ ।

କଟକର ଛୋଟ ଅଦାଲତର ଜଜ ଶ୍ରୀଯୁକ୍ତ ଶ୍ମିଥ ସାହେବ ନବେମ୍ବର ମାସ ତା ୨୫ ଦିନଠାରୁ ତିନି ମାସର ଛୁଟୀ ପାଇଅଛନ୍ତି ଏହାଙ୍କ ପଦରେ କଲେକ୍ଟର ଅବଶ୍ୟ ନିଯୁକ୍ତ ହୋଇ ନାହାନ୍ତି ।

ଜଣେ ଫାର୍ସିବାସୀର ଦ୍ୱିତୀୟ ବଗ୍ନୀ ମାଜି-ଷ୍ଟ୍ରେଟଙ୍କର ଉପରେ ସରକାରୀ ଟଙ୍କା ଅଣ୍ଡସାଲି କରିବାର ଅଭିଯୋଗ ହେବାରୁ ସେ ହାଜତରେ ଅଛନ୍ତି । ସେ ତାହାର ସ୍କୁଲରେ ଏକାଉଣ୍ଟ ହେଡକ୍ଲାର୍କ ଥିବା ବେଳେ ସମୟରେ ଏ ଅପରାଧ କରିବାର କଥିତ ହୁଏଇ । ମୋକଦ୍ଦମା ଶ୍ରୀଯୁକ୍ତ ଟଏନ୍‌ସି ସାହେବଙ୍କ ବନ୍ଧୁଗାର୍ଥିରେ ଅଛି । ଏରୂପ ମୋକଦ୍ଦମାମାନ ବଗ୍ନୀଙ୍କ ପକ୍ଷରେ ସ୍ୱଚ୍ଛ ହୋଇଛି ଅଟଇ ।

ସ୍କୁଲର ଡେପୁଟି ଇନସ୍ପେକ୍ଟର ଠାକୁରଦାସ ସାହେବ ଛୁଟୀ ନେବାପାଇଁ ପ୍ରାର୍ଥନା କରିଅଛନ୍ତି ଶ୍ରୀଯୁକ୍ତ ଲେବ୍ସ ସାହେବ ଏହାଙ୍କ କର୍ମରେ ଏକଟିଂ ରହିବାର ପ୍ରସ୍ତାବ ହୋଇଅଛି ।

ଗତ ମଙ୍ଗଳବାର ଭଦ୍ରକର ଜଣେ ପ୍ରଧାନ ମହାଜନ ଦେବୀପ୍ରସାଦ ସାହୁ ଦଗାବାଜ ମୋକ-ଦ୍ଦମାରେ ତିନମାସ କଠିନ ପରିଶ୍ରମ ସହିତ କାର୍-ଗାରର ଦଣ୍ଡ ପାଇଅଛି । ଦେବୀପ୍ରସାଦ ସାହୁଙ୍କୁ ସମସ୍ତେ ଉତ୍ତମ ବୋଲି ଜ୍ଞାନ କରୁଥିଲେ ତାହାର ଏପରି ଅବସ୍ଥା ଘଟିବା ଆଶ୍ଚର୍ଯ୍ୟ ଅଟଇ ଅଥବା ଜଗତ ମାୟା ନାରାୟଣଙ୍କ ଅଗୋଚର ।

ବିଡ଼ାଇଦ୍ୟସବୁଙ୍କୁ ଲୋକ ହାକିମଙ୍କ ଅଧିନରେ ରଖିବା ଉଦ୍ଦେଶରେ ଶ୍ରୀଯୁକ୍ତ ମାନ୍ୟବର କାମ୍ବେଲ ସାହେବ ଲେପ୍ଟେନାଣ୍ଟ ଗବର୍ଣ୍ଣର ଏବଂ ଗୋବିନ୍ଦ ଶ୍ରୀ ଲେଖି ଲେବଳ ହାକିମ ଏବଂ ଶିକ୍ଷା ବିଭାଗର ଡାଇରେକ୍ଟରଙ୍କ ମତ ପ୍ରାର୍ଥନା କରିଅଛନ୍ତି ଅସ୍ମେମାନେ ଏଥିର ବିସ୍ତାରିତ ଅବସ୍ଥା ଆଗାମୀ ସପ୍ତାହରେ ପ୍ରକାଶ କରିବୁଁ ଶ୍ରୀମୁଖ ଏତଦ ନିମନ୍ତେ ଯେ ଗବର୍ଣ୍ଣମେଣ୍ଟ ଯାହା ପ୍ରସ୍ତାବ କରିଅଛନ୍ତି ଲବଣ୍ଡାର ମୂର୍ଖ ବନ୍ଦରେ ହେବାର ଅନୁମାନ ହୁଏଇ ।

ପଟାନ ଚିଫ ଜଷ୍ଟିସ ନର୍ମାନ ସାହେବଙ୍କ ମୃତ୍ୟୁ ଘଟିତ ଯୋଚନାସ୍ଥ ବ୍ୟାପାରର ତଦନ୍ତ କରୁ । କାରଣ ଯେଉଁ ଲୁଣ୍ଠା ଦେଇଥିଲେ ସେମାନେ ମତ ଦେଇଅଛନ୍ତି ଯେ ହାଇକୋର୍ଟ ଅଦାଲତକୁ ରକ୍ଷା କରିବା ଏବଂ ଜଜମାନେ କଚିତ୍ ତୈଲାଇ ଲଟେଶାଲୁ ଆସିବା ଭଳି ବେଳରେ ବନ୍ଦଥିବା କାଳରେ ସେମାନଙ୍କ ରକ୍ଷା କାରଣ କୌଣସି ପ୍ରକାର ସତର୍କ ନ ଥିବାର ଏମନ୍ତ ଦୁର୍ଯ୍ୟୋଗ ହେଲା ଏଣୁକରି ଉପଯୁକ୍ତ ପହରା ରଖିବାର ପ୍ରସ୍ତାବ ହେଉଅଛି । ଏପରି ପାହରା ରହିଲେ ଜଜମାନଙ୍କର ମର୍ଯ୍ୟାଦା ମଧ୍ୟ ଅଧିକ ହେବ । ଗବର୍ଣ୍ଣମେଣ୍ଟ ବା କାହାକୁ ଦୋଷ ଦିଆଯାଇ ନ ପାରେ ଯେଣୁ ଏପର୍ଯ୍ୟନ୍ତ ଏରୂପ ପହରା ନ ଥିଲା ବୋଲି କାହାର ଦୋଷ ଦେବାର ହେଉ ନାହିଁ ।

ପ୍ରଧାନ ଜଜ ନର୍ମାନ ସାହେବଙ୍କ ପରଲୋକ ହେବାରୁ ହାଇକୋର୍ଟର ଅନ୍ୟ ଜଜ ମାନଙ୍କର ପ୍ରଧାନ ଜଜ ଶ୍ରୀଯୁକ୍ତ ସାହେବ ଉକ୍ତ ପଦରେ ଏକଟିଂ ପ୍ରଧାନ ନିଯୁକ୍ତ ହୋଇଅଛନ୍ତି ।

୧ । ଏଡ଼ିବେଗନ ଗେଜେଟ ବୋଲନ୍ତି ବଲ-ଖଣ୍ଡ ଆକାର ଅଧୀନ ଭେଲୁଲଅଠାରୁ ଏକବାକ୍ତି ଲେଖିଅଛନ୍ତି, “ ପ୍ରାୟ ପାଞ୍ଚବର୍ଷ ଅତୀତ ହେଲା ଏଠାରେ ବେଶ ଲୋକ ରହିବାନଙ୍କ ଜଣେ ମୃଗଲାଞ୍ଜନ ବାଲଗ୍ରେଥ ହୋଇଥିଲା । ଯେଉଁ କାରଣରେ ତାହାର ଜଣ୍ଡେବ ହେ ଉଥିଲା କହି ନ ପାରେ । ଯଣେ ଯେ ଜନୈକାଲ ସ୍କୁଲରେ କନଷ୍ଟବଲ କର୍ମ କରୁଥିଲା । ପରେ ବୃଦ୍ଧରେ ଯେନ ଦେଇ ଅନେକଦୂର ଦୁଲିବାର ଥାନାରେ ଦୋଇଅଲ ସନ୍ଧ୍ୟାରେ ଉଠି ହଠାତ୍ ଆଉ କଥା କହି ପାରେ ନାହିଁ, ଅନେକ ଚେଷ୍ଟାକଲା, କିନ୍ତୁ କୌଣସି ପ୍ରକାରେ କଥା ବାହାରିଲା ନାହିଁ, କେବଳ ଉତ୍ତର କରୁ ଘର ଅଶ୍ରୁ ଗଳ କଣ୍ଠରେ ଦେବାକୁ ଲାଗିଲା । ସେ ତୃଷ୍ଣାରେ ପୁଲିସର କର୍ମଚ୍ୟୁତ ହୋଇ ଏଠାରେ ଚାକରି କର୍ମ କରୁଥିଲା । ସମ୍ପ୍ରତି କଟକ ରଙ୍ଗିରେ ଉତ୍ତାପଜ୍ୱରରେ ଗୋଟିଏ ମତ ସ୍ୱପ୍ନ ଦେଖି ତାହାର ଜିଭର ନାନା ଧରି ତାହାର ଜିଭ ଖୋଲିଲା । ସେହିଦିନଠାରୁ ସେ ନିରୁଦ୍ବେଗ ହୋଇଅଛି । ଗଭର୍ଣ୍ଣରଙ୍କର କି ଅଦ୍ଭୁତ-ବାଣୀ ସତ୍ୟ ଥାଏ ।

୨ । ଏକବାକ୍ତି ଲେଖିଅଛନ୍ତି, ସପ୍ତାହର କୌଣସି ଏକ ସ୍ୱତନ୍ତ୍ର ଭବନରେ ଏକବାକ୍ତି ଉପ-ଅଳ ଥିଲା ଉତ୍ତରରେ ଉଦ୍ଧ କହ ସେ ବାହ୍ନି ସ୍ତ୍ରୀ ଜଣାଇ ପ୍ରଜାପତି ସାଗର ତାହାକୁ ସୁନ୍ଦର ଦେଖ-ରେ ଥିବାର ଭାରତ ସଂସାରରେ ସେ ଏହିରୂପ ଦର୍ଶନ କରେ ଯେ, “ ଛୋଟ ଥିବା ସମୟରେ ମୋହର ପଞ୍ଚାମାତାର ଅଗ୍ନି ହେବାରେ ଅନନ୍ୟୋପାୟ ହୋଇ ମନେ କଲି ସ୍ତ୍ରୀ ବୋଲି ଅନେକ ଲୋକ ଯେ । ଏଣୁବେ ପୁଣି ପୁରୁଷ ବୋଲି ଅର୍ଥ ଉପାର୍ଜନ କରିବା ନିମିତ୍ତ ଯେ ଆପଣା ଭାଇର ପରିପୋଷଣ କରିପାରିବ ଏଥି ନିମନ୍ତେ ଏ ସେଶ ଧାରଣ କରିଥିଲି ”

୩ । ଗତ ସେପ୍ଟେମ୍ବର ମାସ ତା ୧୦ ରାତରେ ଧନଶ୍ରେଣୀରେ ଗୋଟିଏ ବ୍ରାହ୍ମଣର ଶୋଚନୀୟ ଘଟନା ହୋଇ ଯାଇଅଛି । ଜଣେ କନଷ୍ଟବଲ ଗୋଟିଏ ଲୋକ ଚେତନ କରିଥିଲା । ଏମନ୍ତ ସମୟରେ ହଠାତ୍ ତାହାର ଚକ୍ଷୁଗୋଳର ଭସ୍ମ-ମାନ ହୋଇ ଉଠିଲା; କନଷ୍ଟବ ଚେଉଡାଣ ଉତ୍ତରେ ଏହାର ଏ ପ୍ରକାର ଅବସ୍ଥା ଦେଖି ଚଳିବାକୁ ସହିତ ଜଣେ ତାହାକୁ ଅଣାଇଲେ ଡାକ୍ତରଖାନା ନ ଅଣୁ ସେହି-ଲୋକ ମୂର୍ଚ୍ଛା ଯାଇ ପଡ଼ିଲା । ଡାକ୍ତରବାବୁ ଅନେକ ଚେଷ୍ଟା ଓ ଔଷଧ ପ୍ରୟୋଗ କଲେ ମଧ୍ୟ କାହିଁରେ କିଛି ହେଲା ନାହିଁ, ଦୁଇଘଣ୍ଟା ମଧ୍ୟରେ ତାହାର ମୃତ୍ୟୁ ହୋଇ ଅଛି ।

୪ । ସିଂହାପୁର ଓ ମଲକ୍କାଦ୍ୱୀପର ଲୋକ ସଂଖ୍ୟା ବୃଦ୍ଧି ହୋଇଅଛି ସିଂହାପୁରରେ ୯୭ ହଜାର ଓ ମଲକ୍କାରେ ୭୫ ହଜାର ଲୋକ ବାସ କରନ୍ତି ।

## ମୂଲ୍ୟପ୍ରାପ୍ତି

| | | |
|---|---|---|
| ରାଜା ଭଞ୍ଜ ଦେଓ ସ୍ୱରୂପ | ବର୍ଷାନ୍ତି | ୫ ୫ |
| ମହାନ୍ତ ହରିଦାସ କୃପାନନ୍ଦ ଦାସ | | |
| | ସୁଦ୍ଧି | ,, ଟଙ୍କା |
| ବାବୁ ନନ୍ଦକିଶୋର ଦାସ | କଟକ | ,, ୫ ୭ |
| ,, ଭଗବତୀ ଚରଣ ଘୋଷ | ,, | ,, ୫ ୩ |
| ,, ଜଗନ୍ନାଥ ଦାସ | ,, | ,, ୫ ୨ |
| ,, ଶାମନାଥ ଦେ | ,, | ,, ୫ ୨ |
| ,, ଗୋପାଳପ୍ରସାଦ ମିଶ୍ର | ,, | ,, ୫ ୭ |
| ,, ହରିମୋହନ ମିଶ୍ର | ,, | ,, ୫ ୩ |
| ,, ଗୋବିନ୍ଦ ଚନ୍ଦ୍ର ଦାସ | ,, | ,, ୫ ୩ |
| ,, ହରେକୃଷ୍ଣ ଦାସ | | ,, ଅଗ୍ରିମ ୫ ୭ |

ଏହି ଉତ୍କଳଦୀପିକା ସହରେ କଟକ ବର୍ତ୍ତମାନ ଜଙ୍ଗଲ ଝଡ଼ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

୨୨ ଭାଗ | ସଂ ୪୦ ଖ୍ୟା

ତାଂ ୧୫ରଖ ମାହେ ଅକ୍ଟୋବର ସନ ୧୮୮୭ ମସିହା । ମୁ । ଆଶ୍ୱିନ ୧୫ଅଂକ ସନ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୨
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୨।
ମଫସଲ ପାଇଁ ଡାକମାସୁଲ ୨।୵୦


## ମୃତ ଚିଫ୍ ଯଷ୍ଟିସ ନର୍ମାନସାହେବ

ଗତ ଶୁକ୍ରବାର ଶେଷ ଅପରାହ୍ନ ସମୟରେ କଟକ ପ୍ରିଣ୍ଟିଙ୍ଗ କମ୍ପାନିଙ୍କ ଟାଉନହଲ ଘରଠାରେ ଏ ନଗରବାସି ସମ୍ଭ୍ରାନ୍ତଲୋକଙ୍କର ସଭା ହୋଇଥିଲା ତହିଁରେ ଏହି କଥାମାନ ଧାର୍ଯ୍ୟ ହେଲା ଯେ ଚିଫ୍ଯଷ୍ଟିସ ନର୍ମାନସାହେବଙ୍କ ମୃତ୍ୟୁରେ ଅଦ୍ୟୋଲୋକେ ଯଥୋଚିତ ଖେଦାନ୍ୱିତ ଅଛନ୍ତି ଏବଂ ଯେଉଁ ଘାତକ ଏମନ୍ତ ନିଷ୍ଠୁର ଓ ନୃଶଂସରୂପେ ଏ ମହାତ୍ମାଙ୍କୁ ବଧକରିବାଦ୍ୱାରା ବଙ୍ଗଦେଶରୁ ଏକ ନ୍ୟାୟବତ୍ସଳ ଏବଂ ନ୍ୟାୟାନ୍ୱିତ ବ୍ୟକ୍ତିଙ୍କୁ ହରଣ କରଅଛି ତାହା ଉପରେ ଏ ସଭା ଅସୀମ ଶୋକ ଓ ଘୃଣା ପ୍ରକାଶ କରୁଅଛନ୍ତି ଏବଂ ଏପ୍ରକାର ମହାନ ବ୍ୟକ୍ତିର ସ୍ମରଣାର୍ଥ କୌଣସି କୀର୍ତ୍ତି ରଖିବାର ଆବଶ୍ୟକ ସେଥିପାଇଁ ଯେଉଁ ଉପାୟ ଅବଲମ୍ବିତ ହେବ ତହିଁ କମିଟି କରିବାଦ୍ୱାରା ଟଙ୍କା ଲିଖିବ ଓ ସେ ଟଙ୍କା ସଂଗ୍ରହ କରିବାର ଭାର କେତେକ ଭଦ୍ରଲୋକଙ୍କ ଅର୍ପିତ ହୋଇଅଛି । ସଭାରେ ମୃତ ଚିଫ୍ ଯଷ୍ଟିସଙ୍କ ସଚ୍ଚରିତ୍ର ଓ ବିଦ୍ୟା ଓ ନିରପେକ୍ଷ ବିଚାର-ବିଷୟରେ କେତୋଟି ବକ୍ତୃତା ହୋଇଥିଲା ତହିଁରେ ବାବୁ ଅନ୍ନଦାପ୍ରସାଦ ଘୋଷଙ୍କ ବକ୍ତୃତାଟି ଅତ୍ୟୁତ୍ତମ ଏବଂ ବିଷୟୋପଯୁକ୍ତ ହୋଇଥିଲା । ମୃତ ନର୍ମାନସାହେବଙ୍କ ବିଷୟରେ ସଭା ଯେସମସ୍ତ ଭାବ ପ୍ରକାଶ କଲେ ତାହା ଅବିକଳ ସର୍ବସାଧାରଣଙ୍କ ମନୋଗତ ଅଟଇ ବାସ୍ତବରେ ସମସ୍ତେ ଏହାଙ୍କ ମୃତ୍ୟୁରେ ଦୁଃଖିତ ଏବଂ ଦୁଷ୍ଟାତ୍ମାର କାର୍ଯ୍ୟରେ ଘୃଣାନ୍ୱିତ ହୋଇଅଛନ୍ତି ଅତଏବ ଅସ୍ମେମାନେ ଭରସା କରୁଁ ଯେ ଏହାଙ୍କ ସ୍ମରଣାର୍ଥ କୀର୍ତ୍ତି ନିମିତ୍ତ ଯଥାସାଧ୍ୟ ସମସ୍ତେ ଅର୍ଥପ୍ରଦାନ କରିବେ ।

———

## ଗଣେଶ ପୂଜା ।

ଓଡ଼ିଶାରେ ଗଣେଶପୂଜା ଏକମାତ୍ର ଓଡ଼ିଆମାନଙ୍କର ପ୍ରତିମା ନିର୍ମାଣକରି ପୂଜାକରିବାର ଅଟଇ । ବଙ୍ଗଳାରେ ଅନେକ ପ୍ରତିମାପୂଜା ହୁଅଇ ମାତ୍ର ଗଣେଶପୂଜା ହୁଅଇ ନାହିଁ ବାସ୍ତବରେ ଦୁଇ ଏକଦିନ ପାଇଁ ପ୍ରତିମା ନିର୍ମାଣ କରି ପୂଜାକରି ତଦନ୍ତର ଜଳରେ ବିସର୍ଜନ କରିବା ବଙ୍ଗଳାରେ ବହୁତ ପ୍ରଚଳ । ଓଡ଼ିଶାରେ କେବଳ ଗୋଟିଏ ଦେବତାର ପୂଜା କି ଯାହା ବଙ୍ଗଳାରେ ପରିତ୍ୟକ୍ତ ହୋଇଅଛି ତାହିଁକି ହୁଅଇ ଓ କେଉଁ ସମୟଠାରୁ କିରୂପେ ଏହା ପ୍ରଚଳ ହେଲା ଯେବେ ପଣ୍ଡିତମାନେ କେହି ଅନୁସନ୍ଧାନକରି ପ୍ରକାଶ କରନ୍ତି ତେବେ ଅନେକ ଜ୍ଞାନ ହୁଅନ୍ତା ଅସ୍ମେମାନେ ଆଶାକରୁଁ ଯେ ଓଡ଼ିଶାର କେହି ପଣ୍ଡିତ ଏହାର ବିବରଣ ପ୍ରକାଶ କରନ୍ତୁ ତାହା ହେଲେ ଇତିହାସ ଓ ଧର୍ମସମ୍ବନ୍ଧରେ ଅନେକ ଉପକାର ହେବ । ସମ୍ପ୍ରତି ଆମ୍ଭର କହିବାର ଏହି ଯେ କଟକ ମଧ୍ୟରେ ଗଣେଶଙ୍କ ପୂଜାର ବହୁତ ଆଡମ୍ବର ଦେଖାଯାଏ । ଏବର୍ଷ ନ୍ୟୁନକଳ୍ପରେ ଏହି ନଗରରେ ପ୍ରାୟ ୧୦୦ ପ୍ରତିମା ହୋଇଥିବ ଓ ଗଣେଶ ଚତୁର୍ଥୀ ଦିନଠାରୁ ୧୦।୧୨ ଦିନ ସହରରେ ଏହି ପୂଜା ଉପଲକ୍ଷରେ ଅନେକ ଧୂମଧାମ ହୋଇଗଲା । ଅନେକସ୍ଥାନରେ ନୃତ୍ୟ ଗୀତ ଓ ନାନା କୌତୁକମାନ ହୋଇଗଲା ସେ ସବୁ ଲେଖିବାର ପ୍ରୟୋଜନ ନାହିଁ କେବଳ ପ୍ରତିମା ନିର୍ମାଣରେ ଯେ ଶିଳ୍ପ କୌଶଳ ପ୍ରଦର୍ଶିତ ହୋଇଥିଲା ତହିଁ ବିଷୟରେ କିଞ୍ଚିତ ବୋଲିବାକୁ ମନସ୍ଥ କରୁଅଛୁଁ କଟକରେ ସବୁ ଯାତ୍ରା ପର୍ବରେ ଯେ କିଛି ଶିଳ୍ପକାର୍ଯ୍ୟର ପ୍ରୟୋଜନ ହୁଅଇ ତହିଁରେ ବାଲୁବଜାରର କେତେଜଣ କାରିଗର ଉତ୍କୃଷ୍ଟତା ପ୍ରଦର୍ଶନ କରନ୍ତି ଗଣେଶଯାତ୍ରାରେ ଏଥରକାରରେ ତେମନ୍ତ ପ୍ରତିମା ନିର୍ମାଣ ହୋଇ ନ ଥିଲା ମାତ୍ର ବକ୍ସିବଜାରରେ କେତେଗୁଡିଏ ଉତ୍ତମ ପ୍ରତିମା ହୋଇଥିବାରୁ ବଡ ସମାରୋହପୂର୍ବକ ସେ ସବୁ ଏକତ୍ରରେ ଦାଣ୍ଡକୁ ବାହାରିଥିଲେ । ତହିଁର ପ୍ରତିମାରେ ଶିଳ୍ପ ନୈପୁଣ୍ୟତା ଅତ୍ୟନ୍ତ ଦେଖାଯାଇ ଥିଲା ଓ ଜଣେ କାରିଗର ତାଳପତ୍ରରେ ଟୋପା ଖୋଳି ଗୋଟିଏ ମେଢ ସଜ୍ଜିତ କରିଥିଲା ଯେ ତାହାପରି ସାମାନ୍ୟ ବସ୍ତୁରେ ବହୁତ ଉତ୍କୃଷ୍ଟ କର୍ମ କାହାରି ଦେଖାଗଲା ନାହିଁ ସାଲଗ୍ରାମର ଗଣେଶଙ୍କଠାରେ ବଡ ସୁନ୍ଦର ହୋଇଥିଲେହେଁ ତାହାକୁ ଦ୍ୱିତୀୟ ବୋଲିଦେବ ବଡ ଦୁଃଖର ବିଷୟ ଯେ ଏମେଢ ସବୁର ଫଟୋଗ୍ରାଫି ନକ୍ସା ଉଠାଯାଇ ନ ପାରିଲା ତାହା ହୋଇଥିଲେ ଓଡ଼ିଶା-

Digitized by srujanika@gmail.com

Split by PDF Splitter



ଲୋକେ ଏପ୍ରକାର ଶିଳ୍ପକାର୍ଯ୍ୟ ଜାଣନ୍ତି ବିଦେଶୀୟ ଲୋକମାନେ ତାହାଁର ପରିଚୟ ପାଇ ଥାନ୍ତି ।

---

## ତମାଖୁ ଟାକ୍ସ ।

ଟାକ୍ସ ବସାଇ ଟଙ୍କା ସଂଗ୍ରହ କରିବାରେ ଗବର୍ଣ୍ଣମେଣ୍ଟଙ୍କର ମନ ଏତେନ୍ତ ଲାଗିଅଛି ଯେ କଦାଚ ତାହା ସ୍ଥିର ହୋଇ ରହୁ ନାହିଁ । ଚିରକାଳ ନୂତନ ଟାକ୍ସ ବସାଇବାର କଳ୍ପନା ହେଉଅଛି ଓ ଯେବେ ନୂଆ ଦ୍ରବ୍ୟ ଦେଖି ଟାକ୍ସ ଦେଲଭଳି ଦଶୁ ନାହିଁ ତେବେ ଯେ ସବୁ ଦ୍ରବ୍ୟ ଉପରେ ଥରେ ଟାକ୍ସ ବସିବାର କଥା ହୋଇ ଛିନ୍ନ ହୋଇଥିଲା ସେ ସବୁ ଦ୍ରବ୍ୟଉପରେ ଟାକ୍ସ ବସି ପାରେ କି ନା ପୁନଃପୁନ ତାହାଁର ବିଚାର ହେଉଅଛି । ତମାଖୁ ଏପ୍ରକାର ଦ୍ରବ୍ୟ ମଧ୍ୟରେ ଗୋଟିଏ ଅଟଇ । ପାଠକମାନଙ୍କୁ ଜଣାଥିବ ଯେ ଦୁଇବର୍ଷ ପୂର୍ବେ ଏହି ଦ୍ରବ୍ୟ ଉପରେ ଟାକ୍ସ ବସାଇବାର ଉପାୟ ଲାଗିଥିଲା ମାତ୍ର ଅନେକ ପ୍ରକାରରେ ଚିନ୍ତା କରି ଦେଖାଗଲା ଯେ ଏହା ଉପରେ ଟାକ୍ସ ବସି ନ ପାରେ କାରଣ କି ଏ ଦ୍ରବ୍ୟ ସମସ୍ତଲୋକ ବ୍ୟବହାର କରନ୍ତି ଓ କୃଷକମାନଙ୍କର ନିତ୍ୟାନ୍ତ ଖର୍ଚ୍ଚାରେ ଅଟଇ ବୋଲି ସେମାନଙ୍କ ମଧ୍ୟରୁ ବହୁତ ଲୋକ ଆପଣା ପ୍ରୟୋଜନ ଅନୁସାରେ କିଛି କିଛି ତମାଖୁ ରୁଏ କରନ୍ତି । ଏଥିଉପରେ କର ବସାଇବାକୁ ଗଲେ ସମସ୍ତ ପ୍ରଜାଙ୍କ କ୍ଷେତରେ ହସ୍ତକ୍ଷେପଣ କରିବାକୁ ହେବ ଓ ତାହା କରି ମଧ୍ୟ ଚୋରି ବେପାର ବନ୍ଦ ହେବାର କଠିନ ହେବ ଓ ଏତେ କଲ ଉତ୍ତାରୁ ଯାହା ଲାଭ ହେବ ତାହା ଜଣା ଅଛି ଅର୍ଥାତ୍ ଅଧିକ ଲାଭ ହେବ ନାହିଁ ବୋଲି ବୃଥା ଲୋକଙ୍କୁ କ୍ଲେଶ ଦେବାର ଉଚିତ ଜ୍ଞାନ ହୋଇଥିଲା । ସମ୍ପ୍ରତି ଶ୍ରୀଯୁକ୍ତ କାମ୍ବଲ ସାହେବ ଏହି ତମାଖୁ ଟାକ୍ସର ବିଚାର କରୁଅଛନ୍ତି । ତାହାଙ୍କର ମତ ଏହି ଯେ ଗୃହିସ୍ତଙ୍କ କୌଣସି ସମ୍ପର୍କ ନ ରଖି କେବଳ ତମାଖୁ ବିକ୍ରେତାଠାରୁ କିଛି କର ଗ୍ରହଣ କରନ୍ତେ । ସେ କହନ୍ତି ଯେ ତମାଖୁକୁ ଅନ୍ୟାନ୍ୟ ମାଦକ ଦ୍ରବ୍ୟପରି ଜ୍ଞାନ କରି ଅବକାରୀ ଆଇନର ଶାସନରେ ଆଣିବାକୁ ହେବ ଓ ସେହି ଆଇନ ଅନୁଯାୟୀ ଯେମନ୍ତ ମଦର ଭାଙ୍ଗ ଇତ୍ୟାଦିର ଦୋକାନ ବିକ୍ରେତାମାନଙ୍କୁ ପଟ୍ଟା ଦିଆଯାଏ ସେହିପରି ତମାଖୁ ବିକ୍ରେତାମାନଙ୍କୁ ପଟ୍ଟା ଦିଆଯିବ ଓ ଏଥିରୁ ଚୋରି କାରବାର ପ୍ରତି ପୁଲିସ ଯେମନ୍ତ ଦୃଷ୍ଟି ରଖନ୍ତି ତମାଖୁପ୍ରତି ମଧ୍ୟ ସେହିପରି ଦୃଷ୍ଟି ରଖିବେ ଓ କର ଉସୁଲ କରିବେ କାରଣ ଅଲଗା ମଦ୍ଦିଆ କି ଅଧିକା କିଛି ଯତନ ନାହିଁ । ଆପଣା ଖାଇବାନିମିତ୍ତ ଯେମନ୍ତ ମଦ ପ୍ରସ୍ତୁତ କରିବା ନିଷେଧ ନାହିଁ ସେହିରୂପ ତମାଖୁ ରୁଏ କରିବାର ମଧ୍ୟ ନିଷେଧ ରହିବ ନାହିଁ କେବଳ ବିନା ପଟ୍ଟାରେ ଯେ କେହି ଅନ୍ୟକୁ ବିକ୍ରୟ କରିବ ସେ ଦଣ୍ଡର ଭାଗୀ ହେବ ।

ସ୍ଥୂଳରୂପେ ବିଚାର କଲେ ଏରୂପ ବନ୍ଦୋବସ୍ତରେ ଅନାୟାସରେ ଓ ବିନା କ୍ଲେଶରେ କାର୍ଯ୍ୟ ଚଳିପାରେ ମାତ୍ର ସୂକ୍ଷ୍ମଦର୍ଶିମାନେ ଅବଶ୍ୟ ଜାଣିବେ ଯେ ତମାଖୁ ମାଦକଦ୍ରବ୍ୟ ହେଲେହେଁ ଅନ୍ୟାନ୍ୟ ମାଦକଦ୍ରବ୍ୟ ପରି ବ୍ୟବହାର ହେଉ ନାହିଁ । ପ୍ରାୟ ଏମନ୍ତଲୋକ ନାହିଁ କି ଯେ ତମାଖୁ କୌଣସିରୂପେ ବ୍ୟବହାର ନ କରଇ ଏହା ଏକପ୍ରକାର ନିତ୍ୟ ପ୍ରୟୋଜନୀୟ ଦ୍ରବ୍ୟ ମଧ୍ୟରେ ପରିଗଣିତ ହୋଇଅଛି । ସୁତରାଂ ଏହାର ରୁଏ ବହୁତ ଲୋକ କରନ୍ତି ଓ ବହୁତ ଲୋକ କ୍ରୟ ବିକ୍ରୟ କରନ୍ତି । ଏହାର ମୂଲ୍ୟ ଅଳ୍ପ ମାତ୍ର ଅତଏବ ଲାଭ । ଅନ୍ୟାନ୍ୟ ମାଦକଦ୍ରବ୍ୟ ସେବନ ବୃଦ୍ଧି ନ କରି ଉଣା କରିବା ଉଦ୍ଦେଶରେ ଅବକାରୀ ଆଇନ ଓ ନିୟମ ହୋଇଅଛି ଓ ଅଳ୍ପଲୋକ ବ୍ୟବହାର କରନ୍ତି ବୋଲି ସହଜରେ ଆଇନାନୁସାରେ କାର୍ଯ୍ୟ ଚଳଇ । ତମାଖୁର ଅବସ୍ଥା ସ୍ୱତନ୍ତ୍ର ସୁତରାଂ ଆପଣା ପାଇଁ ରୁଏ କରିବାର ନିଷେଧ ନ ରହିବ । ଏମାନେ ଯେ ବେପାରକ୍ରୟ ନ କରିବେ ଏହାର ପ୍ରମାଣ କି ଏବଂ ଯଦି ଯେବେ କେଉଁ ଗୃହସ୍ଥ ବିକ୍ରୟ କରନ୍ତି ବହୁତ ଲୋକଙ୍କର କାର୍ଯ୍ୟ ଚଳିଯିବ ଅଳ୍ପ ଲୋକ ପଟ୍ଟା ନେବେ ସରକାରର ଲାଭ ସାମାନ୍ୟ ହେବ ଅଥଚ ଆଇନର ଅଧୀନରେ ଗୋଟିଏ ନୂଆଦ୍ରବ୍ୟ ଆସିବାରୁ ପୁଲିସର ଅତ୍ୟାଚାର ଓ ଲୋକଙ୍କ ଭୟ ଓ ସନ୍ତାପ ବୃଦ୍ଧି ହେବ ସୁତରାଂ ଏରୂପ ଟାକ୍ସ ନେବାରେ ବାସ୍ତବ ଫଳ ଦେଖାଯାଉ ନାହିଁ ।

---

## ବିଦ୍ୟାଳୟର ଛାତ୍ରାବଧାରଣ ।

ଆମ୍ଭେମାନେ ଗତସପ୍ତାହରେ ଲେଖିଥିଲୁଁ ଯେ ବିଦ୍ୟାଳୟମାନଙ୍କର ଛାତ୍ରାବଧାରଣ ଚିନ୍ତା ହାକିମଙ୍କ ହାତକୁ ଆସିବାର ପ୍ରସ୍ତାବ ହୋଇଅଛି । ଅବକାଶାଭାବରୁ ତାହାଁର ସବିଶେଷ ବୃତ୍ତାନ୍ତ ଦେଇ ପାରି ନ ଥିଲୁଁ । ଏବେ ତାହାଁର ବୃତ୍ତାନ୍ତ ସଂକ୍ଷେପରେ ପ୍ରକାଶ କରୁଅଛୁଁ । ଗତମାସ ତା ୨୮ ରିଖରେ ଶ୍ରୀଯୁକ୍ତ କାମ୍ବଲସାହେବ ଲେପ୍ଟେନାଣ୍ଟ ଗବର୍ଣ୍ଣର ଏକ ସେକ୍ରେଟାରୀ ଏ ବିଷୟରେ କେତେ କିଛି ହାକିମଙ୍କ ଠାରୁ ମତ ପ୍ରାର୍ଥନା କରି ଅଛନ୍ତି । ହାକିମମାନେ କି ମତ ଦେବେ ଜଣାଯାଇ ନାହିଁ ଅପାତତଃ ଏହି ଜଣାଯାଏ ଯେ ଶ୍ରୀଯୁକ୍ତ କାମ୍ବଲସାହେବ ନିତାନ୍ତ ଅସ୍ଥିର ହୋଇ ଅଛନ୍ତି ତାହାଙ୍କୁ ବଙ୍ଗଦେଶର ଶାସନ ପ୍ରଣାଳୀ କିଛିମାତ୍ର ଭଲ ଲାଗୁ ନାହିଁ । ପୂର୍ବେ ଯେତେ ଗବର୍ଣ୍ଣରମାନେ ନିୟମ ସବୁ କରିଯାଇ ଅଛନ୍ତି ତହିଁରେ ବାସ୍ତବରେ ଭଲ କି ମନ୍ଦ ଫଳ ହେଉଅଛି ତାହା ଦେଖିବାର ଅବକାଶ ନ ଦେଇ ନୂତନ ନୂତନ ନିୟମ କରିବାକୁ ଏ ମହାଶୟ ବ୍ୟସ୍ତ ହୋଇ ଅଛନ୍ତି । ସର୍ବଦା ଯେ ନୂତନ ନିୟମ କରୁଥାଏ ତାହାର ନିୟମ ମଧ୍ୟରେ କେତେ ଭଲ ଓ କେତେ ମନ୍ଦ ହେବାର ସମ୍ଭାବନା । ଏହି ହେତୁରୁ ଶ୍ରୀଯୁକ୍ତ କାମ୍ବଲସାହେବଙ୍କ ନିୟମ ବିଷୟରେ ସମ୍ପାଦକମାନଙ୍କରେ ନାନା ପ୍ରକାର ମତ ପ୍ରକାଶ ହେଉଅଛି । ଆମ୍ଭେମାନେ ଶ୍ରୀଯୁକ୍ତ କାମ୍ବଲସାହେବଙ୍କର ଏତିକି ପ୍ରଶଂସା କରିପାରୁଁ ଯେ ତାହାଙ୍କର ଗୁରୁଅତି ଦୃଷ୍ଟି ରହିଅଛି ଓ ସମସ୍ତ ମଫସଲର କାର୍ଯ୍ୟାବଳୀ ମନୋଯୋଗ ପୂର୍ବକ ଆଲୋଚନା କରୁଅଛନ୍ତି । ଯେବେ ଏହା ସଙ୍ଗେ ସଙ୍ଗେ ଯେଉଁ ମଫସଲର କାର୍ଯ୍ୟ ଯେଉଁ ନିୟମରେ ଚଳୁଅଛି ତାହାକୁ ରକ୍ଷା କରିବାର ଚେଷ୍ଟା କରି ତହିଁରେ ଯେ ଅଶୁଦ୍ଧ ଅଛି ସେ ସବୁ ସଂଶୋଧନ କରିବାକୁ ଚିତ୍ତ ବଳାନ୍ତେ ଓ ନୂତନ ନିୟମ କରିବାର ଇଚ୍ଛାରେ କିଛି ବିଳମ୍ବ କରନ୍ତେ ତାହା ହେଲେ ଏହାଙ୍କପରି ଶାସନକର୍ତ୍ତା ପ୍ରାୟ ଆଉ ମିଳନ୍ତା ନାହିଁ କେବଳ ଉତ୍ତରତର ହେବାରୁ ଅନେକ ମନ୍ଦ ହେଉଅଛି ।

ବର୍ତ୍ତମାନସ୍ଥଳରେ ଲେପ୍ଟେନାଣ୍ଟ ଗବର୍ଣ୍ଣରସାହେବ କହନ୍ତି ଯେ ସ୍ଥାନୀୟ କର୍ମଚାରୀଙ୍କର ଶିକ୍ଷାବିଭାଗରେ କୌଣସି କର୍ତ୍ତୃତ୍ୱ ନାହିଁ ଅଥଚ ଗବର୍ଣ୍ଣମେଣ୍ଟ ଏହିକର୍ମଚାରୀଙ୍କଠାରୁ ପ୍ରତ୍ୟେକ ଜିଲ୍ଲାରେ ଶିକ୍ଷାକାର୍ଯ୍ୟ କିରୂପ ଚଳୁଅଛି ତାହା ଜାଣିବାକୁ ଅପେକ୍ଷା କରନ୍ତି ତେବେ ଇନସ୍ପେକ୍ଟର ଓ ଡେପୁଟୀ ଇନସ୍ପେକ୍ଟରର କର୍ତ୍ତା ହାକିମଙ୍କ ସଙ୍ଗେ ସାକ୍ଷାତ କରନ୍ତି ଓ କେତେ କର୍ମଚାରୀ କରନ୍ତି ନାହିଁ । ଏକସ୍ଥାନର କମିଶନରଙ୍କଠାରୁ ସେ ଶୁଣିଅଛନ୍ତି ଯେ ଶିକ୍ଷାବିଭାଗର କର୍ମଚାରୀମାନେ ତାହାଙ୍କ ଉପଦେଶକୁ ନ ଅପେକ୍ଷା କରି ସେ ଶିକ୍ଷାସଂକ୍ରାନ୍ତ କୌଣସି ବିଷୟ ଜାଣିବାକୁ

Digitized by srujanika@gmail.com

ସମର୍ଥ ହୋଇ ନାହାନ୍ତି । ଇନ୍‌ସ୍ପେକ୍ଟରଙ୍କ ଓ ଡେପୁଟୀ ଇନସ୍ପେକ୍ଟରଙ୍କ ଇଲକାର ସରହଦ୍ଦ ଜଜୀ ଜିଲ୍ଲା ସରହଦ୍ଦବନ୍ଦୀ ସହିତ ନ ମିଶିବାରୁ ତାହାଙ୍କ ରିପୋର୍ଟ ଜିଲ୍ଲା ହାକିମଙ୍କ ରିପୋର୍ଟ ସହିତ ମିଳାଇବାର ସୁଯୋଗ ହେଉ ନାହିଁ ଜିଲ୍ଲା ହାକିମଙ୍କଠାରେ ଲୋକେ ସର୍ବଦା ଶିକ୍ଷା ବିଷୟରେ ନାନାପ୍ରକାର ସାହାଯ୍ୟ ଚାହାନ୍ତି ଏବଂ ଏମାନଙ୍କର ଲୋକଙ୍କସଙ୍ଗେ ଅଧିକ ଆଳାପ ହେବାର କଥା ଥିବାରୁ ଶିକ୍ଷା ବିଷୟର ଭଣା ଅଧିକ କଥା ଜାଣି ପାରନ୍ତି ଅତଏବ ଶିକ୍ଷାକର୍ମଚାରୀଙ୍କ ଏଲାକା ସିବିଲ କର୍ମଚାରୀଙ୍କ ଏଲାକା ସହିତ ମେଳକରି ଏକ ଜଣ ଇନ୍‌ସ୍ପେକ୍ଟର ଅଧୀନରେ ଏକ କମିସନରଙ୍କ ଇଲାକା ସହିତ ଏବଂ ଡେପୁଟୀ ଇନସ୍ପେକ୍ଟରଙ୍କ ଇଲାକା ଜିଲ୍ଲା କମ୍ବା ସବ୍‌ଡିଭିଜନ ଏଲାକା ସହିତ ଐକ୍ୟ ହେବ ଓ ଯେରୂପେ ଏମାନେ ସ୍ଥାନୀୟ କର୍ମଚାରୀଙ୍କ ଅଧୀନରେ ରହି ତାହାଙ୍କ ପରାମର୍ଶ ଓ ତତ୍ତ୍ୱାବଧାରଣର ଅଧୀନ ହେବେ ତହିଁ ସଙ୍ଗରେ ଶିକ୍ଷାବିଭାଗର ଡାଇରେକ୍ଟର ଓ କମିସନରମାନେ ବନ୍ଦୋବସ୍ତ କରିବେ ।

ଗବର୍ଣ୍ଣମେଣ୍ଟ ବଙ୍ଗାଳର ପ୍ରସ୍ତାବମାନ ସଂକ୍ଷେପରେ ଏହି ଅଟଇ ଏଥିରୁ ଆମ୍ଭେମାନେ ଦେଖୁଁ ଯେ ଇନ୍‌ସ୍ପେକ୍ଟରଙ୍କ ସୃଷ୍ଟି ହେବା ପୂର୍ବରେ ସ୍ଥାନୀୟ ଶିକ୍ଷାସଂକ୍ରାନ୍ତ କାର୍ଯ୍ୟମାନ ଜିଲ୍ଲାହାକିମଙ୍କ ଅଧୀନରେ ଥିଲା ଏବଂ ଅବଶ୍ୟ ସ୍ଥାନୀୟ କମିଟୀ ଗୋଟିଏ ଲେଖାଏଁ ଜିଲ୍ଲାରେ ସ୍ଥାପନ ହୋଇ ତାହାଙ୍କଦ୍ୱାରା ଅନେକକାର୍ଯ୍ୟ ହେଉ ଥିଲା କ୍ରମେ ଶିକ୍ଷାଦାନ ଅଧିକ ପରିମାଣରେ ପ୍ରଚାର ହେବାର ପ୍ରସ୍ତାବ ହେବାରୁ ଓ ବହୁତ ବିଦ୍ୟାଳୟମାନ ସ୍ଥାପନ ହେବାରୁ ସ୍ଥାନୀୟ କର୍ମଚାରୀମାନେ ତାହା ନିର୍ବାହ କରିପାରିବେ ନାହିଁ ବୋଲି ବିଶେଷ କର୍ମଚାରୀ ଅର୍ଥାତ ଇନ୍‌ସ୍ପେକ୍ଟର ଡେପୁଟୀ ଇନ୍‌ସ୍ପେକ୍ଟର ଇତ୍ୟାଦି ନିଯୁକ୍ତ ହେଲେ ଓ ବିଦ୍ୟାଳୟମାନ ତାହାଙ୍କ ଅଧୀନରେ ଅର୍ପିଲା । ପୂର୍ବେ ଜିଲ୍ଲାହାକିମଙ୍କ ହସ୍ତରେ କର୍ତ୍ତୃମାନପର କାର୍ଯ୍ୟ ନ ଥିଲା ଯେବେ ଅନ୍ୟକାର୍ଯ୍ୟ ସମୟରେ ଶିକ୍ଷାକାର୍ଯ୍ୟର ଭାର ତାହାଙ୍କୁ ଦେବା ଅଯୌକ୍ତିକ ହୋଇଥିଲା ତେବେ ବର୍ତ୍ତମାନ ନାନାଦକର୍ମ ଜିଲ୍ଲା ହାକିମମାନେ କରୁଥିବା ପ୍ରତ୍ୟକ୍ଷ ଯେ ଶିକ୍ଷା ବିଷୟରେ ଅପାନୁରୂପ ମନୋଯୋଗୀ ହେବେ ଏମନ୍ତ କଦାଚ ଅନୁମାନ ହୋଇ ନାହିଁ । ବିଶେଷରେ ଆମ୍ଭେମାନେ ଦେଖୁଁଅଛୁ ଯେ ଶିକ୍ଷା ସଂକ୍ରାନ୍ତ କର୍ମଚାରୀ ଓ ଜିଲ୍ଲା ହାକିମଙ୍କର ଶିକ୍ଷା ବିଷୟରେ ଭିନ୍ନ ପ୍ରକାର କାର୍ଯ୍ୟ କରିବା ଉଦ୍ଦେଶରେ ପ୍ରଚଳିତ ନିୟମମାନ ହୋଇଅଛି ଓ ତାହା ଭଲ ଅଟଇ । ଜିଲ୍ଲା ହାକିମମାନେ କେବଳ ଏତିକି ଦେଖିବେ ଯେ ଶିକ୍ଷାର କିରୂପ ଫଳ ହେଉଅଛି ଓ ଯେବେ ତାହାଙ୍କ ମନୋନୀତ ଫଳ ନ ହୁଅଇ ତେବେ ଯେରୂପ ଶିକ୍ଷା ଦାନ ହେଲେ ତାହାଙ୍କର ଉଦ୍ଦେଶ୍ୟ ସଫଳ ହେବ ସେରୂପ ଉପଦେଶ ଦେବେ ଓ ଶିକ୍ଷା ସଂକ୍ରାନ୍ତ କର୍ମଚାରୀମାନେ ଉକ୍ତ ବିଭାଗର ସମସ୍ତ କାର୍ଯ୍ୟ ବୁଝିବେ ଓ ଗବର୍ଣ୍ଣମେଣ୍ଟର ଯେତେବେଳେ ଯେ ଆଜ୍ଞାମାନ ହେଉଥିବ ତାହା ପ୍ରତିପାଳନ କରିବେ । ଜିଲ୍ଲା ହାକିମଙ୍କଠାରୁ ଶିକ୍ଷା କର୍ମଚାରୀମାନେ ସ୍ୱାଧୀନ ରହିଲେ ଯେମନ୍ତ କାର୍ଯ୍ୟ ଚଳିବାର ସମ୍ଭାବନା ଅଧୀନାବସ୍ଥାରେ ସେରୂପ ହେବ ନାହିଁ । ଜିଲ୍ଲା ହାକିମଙ୍କୁ ଏତେ ଅବସର ନାହିଁ ଯେ ସେମାନେ ଶିକ୍ଷାବିଭାଗର ଆନ୍ତରିକ କାର୍ଯ୍ୟ ନିର୍ବାହର କଥା ବୁଝିବେ ଓ ସେମାନେ ଶିକ୍ଷା ସଂକ୍ରାନ୍ତ ସବୁ ଭାର ପାଇଲେ ଡେପୁଟୀ ଇନ୍‌ସ୍ପେକ୍ଟରମାନେ ଅତ୍ୟନ୍ତ କାର୍ଯ୍ୟରେ ହେଳା କରିବେ କାରଣ ସେ ଗୁଡ଼ିକ ବୁଝିବାକୁ ସମୟ ପାଇବେ ନାହିଁ ସୁତରାଂ ଅଧୀନସ୍ଥ କର୍ମଚାରୀଙ୍କୁ କ୍ଷମା କରିବେ । ବିଶେଷରେ ପ୍ରବାଦ ଅଛି ଯେ ଏକ ବ୍ୟକ୍ତି ହସ୍ତରେ ଅନେକ କାର୍ଯ୍ୟ ପଡ଼ିଲେ କୌଣସିକାର୍ଯ୍ୟ ଭଲ ହୁଅଇ ନାହିଁ । ଏକ ଇଲାକାର କାର୍ଯ୍ୟ ଏକ ପ୍ରକାର କର୍ମଚାରୀଙ୍କ ଅଧୀନରେ ଥିବାରୁ ସେମାନେ ଯେମନ୍ତ ମନୋଯୋଗ ପୂର୍ବକ କାର୍ଯ୍ୟ କରୁଅଛନ୍ତି ସେରୂପ କଦାଚ ପ୍ରସ୍ତାବିତ ଉପାୟଦ୍ୱାରା ହେବ ନାହିଁ । ଆମ୍ଭେମାନେ କୌଣସି ପରିବର୍ତ୍ତନ ଇଚ୍ଛୁ ନାହିଁ କେବଳ ଲେପ୍‌ଟନଣ୍ଟ ଗବର୍ଣ୍ଣର ଜିଲ୍ଲା ହାକିମଙ୍କୁ ଏତିକି ଅନୁରୋଧ କରନ୍ତୁ କି ସେମାନେ ବର୍ଷକୁ ବର୍ଷ ଶିକ୍ଷାର ଯେପର୍ଯ୍ୟନ୍ତ ଉନ୍ନତି ଓ ଉଦ୍ଧାର ଲୋକଙ୍କର କି ପରିମାଣରେ ଅଜ୍ଞାନତା ନାଶ ଓ ସୁନୀତିର ଉନ୍ନତି ହେଉଅଛି ତାହା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବେ ଓ ବହୁତ ଲୋକଙ୍କୁ ଉପଯୁକ୍ତ ସମ୍ମାନ ଦେଇ ଶିକ୍ଷା ପ୍ରତି ଉତ୍ସାହ ଦେବେ ତାହା ହେଲେ ଯଥେଷ୍ଟ ହେବ । ଲେପ୍‌ଟନଣ୍ଟ ଗବର୍ଣ୍ଣର ଯେବେ ଇନ୍‌ସ୍ପେକ୍ଟରମାନଙ୍କୁ ଉଠାଇ ଦେଇ ଶିକ୍ଷାବିଭାଗର ଭାର ସ୍ଥାନୀୟ କର୍ମଚାରୀଙ୍କ ହସ୍ତରେ ଦିଅନ୍ତି ତାହା ହେଲେ ବାଧ୍ୟ ହୋଇ ହେଉଛି ଆମ୍ଭେମାନେ ତାହାଙ୍କ ମତକୁ ଅନୁମୋଦନ କରୁ ମାତ୍ର ବର୍ତ୍ତମାନ ପ୍ରସ୍ତାବରେ କେବଳ ସ୍ଥାନୀୟ କର୍ମଚାରୀଙ୍କ କାର୍ଯ୍ୟ ବଢ଼ିବ ଅଉ ବଡ଼ ଫଳ ନାହିଁ ।

# ସାପ୍ତାହିକ ସଂବାଦ

କେନ୍ଦ୍ରାପଡ଼ାରେ ଯେଉଁ ବ୍ୟକ୍ତି ନରହତ୍ୟାଅପରାଧରେ ଦଣ୍ଡିତ ହୋଇ ଅଟିଥିଲା ଗତ ଶନିବାର ପ୍ରାତଃକାଳରେ କଟକ ଜେଲଖାନା ସମ୍ମୁଖରେ ତାହାର ଫାଶି ହେଲା । ଫାଶିକାଠରେ ଚଢ଼ାଇ ବେକରେ ଦୌଡ଼ି ଲଗାଇ ପଟା ଫିଟାଇ ଦେଲା ମାତ୍ରକେ କିରୂପେ ଦୌଡ଼ି ଛିଡ଼ିଯିବାରୁ ମନୁଷ୍ୟ ତଳେ କଚାଡ଼ି ପଡ଼ିଲା । ତତ୍‌କ୍ଷଣାତ୍ କର୍ମଚାରୀମାନେ ଏହାକୁ ଉଠାଇ ନେଇ ଅଉ ଗୋଟାଏ ଦୌଡ଼ିରେ ଝୁଲାଇ ଦେବାରେ ଶୀଘ୍ର ପ୍ରାଣତ୍ୟାଗ ହେଲା । ପ୍ରଥମଥର ଦୌଡ଼ି ଛିଡ଼ିଯିବାରୁ ଲୋକେ ଅନୁମାନ କଲେ ଯେ ଏବ୍ୟକ୍ତି ନିର୍ଦ୍ଦୋଷୀ ଥିଲା ଓ କେହି କେହି ଏମନ୍ତ କହିଲେ ଯେ ଏହାକୁ ଛଡ଼ାଦେବାର ଉଚିତ ଥିଲା । ମାତ୍ର ସେକାଳ ଏଣିକି ନାହିଁ ଓ ଏପ୍ରକାର ଦୁର୍ଘଟନା କେବେ ହୁଅଇବୋଲି ଗୋଟାଏ ଫାଶି ଦେଲେ ଦୁଇଟା ଲେଖାଏ ଦଉଡ଼ି ପ୍ରସ୍ତୁତ ଥାଏ ।

ଗତ ସପ୍ତାହର ଗଜେଟରେ ବାବୁ ନନ୍ଦକିଶୋର ଦାସ ପୁରୀରେ ଡେପୁଟୀ କଲେକ୍ଟର ଓ ଡେପୁଟୀ ମାଜିଷ୍ଟ୍ରେଟ ନିଯୁକ୍ତ ହେବାର ସଂବାଦ ପ୍ରକାଶ ହୋଇଅଛି । ଏହାଙ୍କୁ ନୂତନ ନିୟମାନୁସାରେ ପ୍ରବେଶିକା ପରୀକ୍ଷା ଦେବାକୁ ହେବ । ବାବୁ ନନ୍ଦକିଶୋର ଦାସ ଗତ ବୁଧବାର ପୁରୀକୁ ଯାତ୍ରା କଲେ । କମିଶନରୀରେ ତାହାଙ୍କ କର୍ମରେ ଅଦ୍ୟାପି କେହି ନିଯୁକ୍ତ ହୋଇ ନାହିଁ ।

ବାରକମାସ୍ତର ଶ୍ରୀଯୁକ୍ତ ହ୍ୱାଇଟଫୋର୍ଡ ସାହେବଙ୍କ ନାମରେ ଜଣେ ମାରପିଟର ନାଲିଶ କରିବାରୁ ତାହାଙ୍କ ଉପରେ ୫ ୫ ଟଙ୍କା ଅର୍ଥଦଣ୍ଡ ହେଲା । ମୋକଦ୍ଦମା ଅବସ୍ଥାରୁ ଜଣାଯାଏ ଫରିୟାଦୀ ଏହାଙ୍କର ଗୃହ ଜନ୍ତାଇବାରୁ ସେ ଏରୂପ କଲେ ମାତ୍ର ବଡ଼ ଲୋକଙ୍କଠାରେ କ୍ଷମାଗୁଣ ଅଧିକ ହେବାର ପ୍ରୟୋଜନ ।

ଲାଲବାଗ ଘୋଡ଼ାଶାଳରେ ଗତ ଶୁକ୍ରବାର ଅଉ ଗୋଟିଏ ଘୋଡ଼ା ବୁଡ଼ି ମରିଗଲା । ଶୁଣିଲୁଁ ଯେ ଏଘୋଡ଼ାର ମୂର୍ଚ୍ଛାରୋଗ ଥିଲା ଇତ୍ୟାଦି ଶଙ୍କାରୁ ହେଉ ଯେ ଦଶ୍ୟୁଦଳମାନଙ୍କ ମୃତ୍ୟୁଘଟନା ହୋଇଅଛି ତହିଁରେ ସନ୍ଦେହ ନାହିଁ । ଟାଉନ କମିଟୀ ଜଲଗଡ଼ରେ ଘୋଡ଼ାଶାଳ ପାହାଚ ଭୁପାଇ ନେଲେ ଯେ ପ୍ରତିସପ୍ତାହରେ ଗୋଟିଏ ଲେଖାଏ ମୃତ୍ୟୁଘଟନା ହେଉ । ଏଣିକି ଗାଡ଼ାର

Digitized by srujanika@gmail.com

Split by PDF Splitter



ବନାଇ ଦେଉନ୍ତୁ ନୋହିଲେ ଏପୋଖରୀରେ ଗାଧୋଇବା ନିଷେଧ କରନ୍ତୁ ।

ଚିଫ୍ ଯଷ୍ଟିସ ନର୍ମାଣସାହେବଙ୍କୁ କାହିଁକି ଗୁପ୍ତଭାବରେ ଏପ୍ରକାର ହତ୍ୟା କଲା ତହିଁର କାରଣ ଯେବ୍ୟକ୍ତି ପୁଲିସ କମିସ୍ନରଙ୍କ ଠାରେ ହୃଦବୋଧ ପ୍ରମାଣ ସହିତ ଜଣାଇପାରିବ ସେବ୍ୟକ୍ତି ୫୦୦୦ଙ୍କା ପାରିତୋଷିକ ପାଇବବୋଲି ଘୋଷଣା ଦିଆଯାଇଅଛି ଆମ୍ଭେମାନେ ଭରସାକରୁଁ ଯେ ଏ ଉପାୟଦ୍ୱାରା ଉକ୍ତ ଦୁର୍ଘଟନାର କାରଣ ଜଣାପିବ ହତ୍ୟାକାରୀର ବିଚାର ହୋଇ ପ୍ରାଣଦଣ୍ଡର ଆଜ୍ଞା ହୋଇଅଛି ମାତ୍ର ହତ୍ୟାକରିବାର କାରଣ ପ୍ରକାଶ ପାଇନାହିଁ ।

ହିନ୍ଦୁପେଟ୍ରିଅଟ ବୋଲନ୍ତି ଯେ ଆମ୍ଭମାନଙ୍କର ଲେଫ୍‌ଟେନଣ୍ଟ ଗବର୍ଣ୍ଣରସାହେବ ସିଭିଲୟାନ କର୍ମଚାରୀଙ୍କ ସଂଖ୍ୟା ବଢ଼ାଇବାକୁ ଗବର୍ଣ୍ଣମେଣ୍ଟ ଇଣ୍ଡିଆକୁ ପ୍ରାର୍ଥନା କରିଅଛନ୍ତି ଏରୂପ ହେଲେ ବ୍ୟୟ ଅଧିକ ହେବ ମାତ୍ର ଦେଶୀୟ କର୍ମଚାରୀଙ୍କର ସଂଖ୍ୟା ଊଣାକରି ଶ୍ରୀଯୁକ୍ତ କାମ୍ବଲସାହେବ କେଉଁ ସ୍ୱାର୍ଥ ଲଭିବେ ଜଣାଯାଇନାହିଁ ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବିଧାନ କରିଅଛନ୍ତି କି ଯେଉଁ ସରକାରୀ ଚାକର ଗସ୍ତକରିବା ପାଇଁ ମାଇଲଖର୍ଚ୍ଚା କିମ୍ବା ଗସ୍ତଖର୍ଚ୍ଚା ପାଏ ସେ ନଦୀ ପାର ହେବା ଖର୍ଚ୍ଚା ପୃଥକ୍‌ରୂପେ ଗବର୍ଣ୍ଣମେଣ୍ଟଠାରୁ ପାଇ ପାରିବ ନାହିଁ ।

ପଟିୟାଲର ମହାରାଜ ସିମଲ ପର୍ବତରେ ଗବର୍ଣ୍ଣରଜେନେରଲ ସାହେବଙ୍କୁ ଭେଟିଅଛନ୍ତି । ସିମଲା ଋତୁ ଶେଷ ଯାଏ ସେଠାରେ ରହିବେ ।

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଦୀପିକାସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ ! କୃଷ୍ଣପୁର ଶାସନର ଅନ୍ୟତମ ସମ୍ପାଦକ ଶ୍ରୀଯୁକ୍ତ ବାବୁ କୃଷ୍ଣଚନ୍ଦ୍ରସାମଲ ମହାଶୟ ବିଦ୍ୟାଳୟ ପରିଦର୍ଶନ କରିବାକୁ ଆଗମନ କରିଥିଲେ । ସେ ବାଳକମାନଙ୍କର ବିଦ୍ୟାବିଷୟରେ ଅନୁରାଗ ଦେଖି ସେମାନଙ୍କୁ ପ୍ରୋତ୍ସାହିତ କରିବା ମାନସରେ କୃପାର୍ଦ୍ରଚିତ୍ତ ହୋଇ ଏକଖଣ୍ଡି ଭାରତବର୍ଷର ମାନଚିତ୍ର କ୍ରୟ କରିବାନିମିତ୍ତ ନଗଦ ୫୧ଙ୍କା ଦାନ କରିଅଛନ୍ତି, କୃଷ୍ଣଚନ୍ଦ୍ରବାବୁ ଯେପରି ସାଧାରଣଙ୍କ ହିତକର କାର୍ଯ୍ୟରେ ଅର୍ଥ ପ୍ରଦାନ କରିଅଛନ୍ତି ଅନ୍ୟାନ୍ୟ ସମ୍ପାଦକମାନେ ଯେବେ ଏହିପରି ହିତକର କାର୍ଯ୍ୟରେ କିଞ୍ଚିତ ମନୋଯୋଗ କରନ୍ତି ତାହା ହେଲେ କୃଷ୍ଣପୁର ବିଦ୍ୟାଳୟଟୀ ଉତ୍ତରୋତ୍ତର ବୃଦ୍ଧି ପ୍ରାପ୍ତହୁଅନ୍ତା ଯେତେବେଳେ ବିଦ୍ୟାଳୟର ଗୃହନିର୍ମାଣ ହୁଏ ସେତେବେଳେ ବାବୁ କୃଷ୍ଣଚନ୍ଦ୍ର ସାମଲ ଓ ବାବୁ ଅନନ୍ତପାଶ ଏହି ଦୁଇଜଣ ଯଥେଷ୍ଟ ଯତ୍ନ କରିଅଛନ୍ତି ପରମେଶ୍ୱର ଏପରି ଲୋକମାନଙ୍କର ଉତ୍ତରୋତ୍ତର ଉନ୍ନତି କଲେ ଅମ୍ଭ ପ୍ରଦେଶର ଅଧିକ ଉନ୍ନତି ହେବାର ସମ୍ଭାବନା ଅଛି ।

କସ୍ୟଚିତ୍
ବିଦ୍ୟାଳୟ ଶୁଭକାଂକ୍ଷିଣଃ ।

ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ଅଦ୍ୟ ଗୋଟିଏ ବିଷୟ ଆପଣଙ୍କୁ ଜଣାଇବାକୁ ଇଚ୍ଛା କରି ମୋହର କ୍ଷୀଣ ଲେଖନୀ ଧାରଣ କଲି ଯଦି ଏହା ଆପଣଙ୍କ ସୁବିଖ୍ୟାତ ପତ୍ରିକା କ୍ରୋଡ଼ରେ ସ୍ଥାନ ଦାନ କରିବାର ସୁଯୋଗ୍ୟ ହୁଏ ତେବେ ଏହାକୁ ଉକ୍ତ ପତ୍ରିକାର ଏକପାର୍ଶ୍ୱରେ ସ୍ଥାନ କରି ବାଧିତ କରିବା ହେବେ ।

କେନ୍ଦ୍ରାପଡ଼ା କେନାଲ ସମ୍ପୂର୍ଣ୍ଣ ହୋଇଥିବାର ସକଳ ଲୋକ ଉତ୍ତମ ରୂପେ ଅବଗତ ଅଛନ୍ତି କିନ୍ତୁ ଆଜ ପର୍ଯ୍ୟନ୍ତ ତହିଁର କେତେକ କେନାଲ ଖନନ ଶେଷ ଓ କାର୍ଯ୍ୟାରମ୍ଭ ହୋଇ ନ ଥିବାରୁ ଏ ଅଞ୍ଚଳ ପ୍ରତି ବହୁ କ୍ଷତିର ସମ୍ଭବ ଜନ୍ମିଅଛି ।

ଉକ୍ତ କାଲର ଆରମ୍ଭଠାରୁ ନ ୧୦ ମ୍ବର କେନାଲ ପୂର୍ବସୀମା ପର୍ଯ୍ୟନ୍ତ ଅର୍ଥାତ୍ ଯେତେ ଦୂର କେନାଲ ଜଳ ସଞ୍ଚାରଣ କରି ପାରୁଅଛି ସେ ପର୍ଯ୍ୟନ୍ତ ଯେ ବର୍ତ୍ତମାନ କି ପରି ଅବସ୍ଥାରେ ଧାନ ରହିଅଛି ତାହା ମୁଁ ସବିଶେଷ ଅବଗତ ନୁହେଁ କିନ୍ତୁ ନ ୧୩ ମ୍ବର କେନାଲ ପୂର୍ବସୀମାଠାରୁ ମରସା ଘାଇ ପର୍ଯ୍ୟନ୍ତ କି ଯହିଁରେ ଆଜପର୍ଯ୍ୟନ୍ତ କୌଣସି କେନାଲ ନିର୍ମାଣ ହୋଇ ନାହିଁ ସେ ସବୁ ସ୍ଥାନର ଧାନମାନ ବିଶେଷତଃ (ଲଘୁ) ଧାନ କେତେକ ଦିନ ହେଲା ବୃଷ୍ଟି ହୋଇ ନ ଥିବାରୁ ପ୍ରାୟ ନଷ୍ଟ ହେବାର ସମ୍ଭବ ଜଣା ଯାଉଅଛି । ଆଜ ଜଭାଷ୍ଟମୀ ବର୍ଷା ହେବ ବୋଲି ଲୋକେ ଆକାଶକୁ ଏକଧ୍ୟାନରେ ଦେଖୁଅଛନ୍ତି ଯଦି ବର୍ଷା ଏ ପର୍ଯ୍ୟନ୍ତ ନଷ୍ଟ ନ କରିବେ ତେବେ ଈଶ୍ୱର କହୁଅଛି କି ନଅଙ୍କ ସାନଭାଇ ଏ ଅଙ୍କ ଉପସ୍ଥିତ ହେବ । ଯଦି ଦଅଳିଧାନ ଅମଳ ହୋଇଥିବ ବୋଲି କେହି କହନ୍ତି ତାକୁ ମୁଁ ବିଶେଷ କହିବାକୁ ବାସନା ନ ରଖି ଏହି ମାତ୍ର କହୁଅଛି ଯେ ବୃଷ୍ଟି ହେଉଥିବା ସମୟରେ ଯି ସ୍ଥଳରେ ଯେତେ ଧାନ ଲାଭ କୃଷକମାନେ କରିଥିଲେ ତହିଁର ଅର୍ଦ୍ଧ କିମ୍ବା ତିନିପା ଏ ସନରେ ଅମଳ ହୋଇଅଛି ଓ ଏବେ ବହୁ ଆଶା ଭଲ ଦେଖାଯାଉ ତେବେ ଉକ୍ତ ଅନୁମାନ କି ବ୍ୟର୍ଥ ହୋଇପାରେ ? ବର୍ତ୍ତମାନ ମୋର ଲଗାର ଅଭିପ୍ରାୟ ଏହି କି କେନ୍ଦ୍ରାପଡ଼ା କେନାଲ କଳ ଗୁର୍ଲବ ସ୍ମାଇଥଫୋର୍ଡ ସାହେବ ଏକଜକ୍ୟୁଟିଭ ଇଞ୍ଜିନିୟର ଯଦି କୃପା କରି ଉକ୍ତ କେନାଲର ଅବଶିଷ୍ଟାଂଶ ତାହାର କେନାଲଦ୍ୱାରା କୃଷିକର୍ମର ସାହାଯ୍ୟ କରେ ଓ ବୃଷ୍ଟି ସମୟରେ ପୂର୍ବପରି ବୃଷ୍ଟି ଜଳ ନିକଟସ୍ଥ ନଦୀରୁ ଅଥବା କ୍ଷେତମାନଙ୍କରେ ପୂର୍ଣ୍ଣ ହୋଇ ଲୁଣା ନାଶ ଓ ଫଳ ଯେତେ ତହିଁ ପ୍ରତି ଇଞ୍ଜିନିୟର ବ୍ୟୟ କଲେ ଏ ଅଞ୍ଚଳରେ ସେ ଚିରସ୍ମରଣୀୟ ହୋଇ ରହିବେ ନିଃସନ୍ଦେହ । ଇତି । ୭ ମ ଅକ୍ଟୋବର ସନ ୧୮୭୧ ସାଲ ।

ସବିନୟ ନିବେଦନଂ
ଶ୍ରୀ କୃପାସିନ୍ଧୁ ଦାସ ।

## ବିଜ୍ଞାପନ

ଅଲତି କୃଷ୍ଣପୁର ଶାସନ ବର୍ଣ୍ଣାକୁଲର ବିଦ୍ୟାଳୟର ଦ୍ୱିତୀୟ ଶିକ୍ଷକର ପଦ ଅବଲମ୍ବରେ ଶୂନ୍ୟ ହେବ ମାସିକ ବେତନ ୫ ଟଙ୍କା ମାତ୍ର ଏବଂ ବସା ଖରଚ କିମ୍ବା ପରଭତ୍ତା ମିଳିବ ନାହିଁ କର୍ମାକାଂକ୍ଷିଗଣ ଆମ୍ଭ ନିକଟରେ ଅବିଲମ୍ବରେ ଆବେଦନ କରିବେ । ଆବେଦନକାରୀଙ୍କ ମଧ୍ୟରୁ ଯାହାଙ୍କର ଷଟ୍‌କାବ୍ୟରେ ବିଶେଷ ଜ୍ଞାନ ଥିବ ତାଙ୍କର ଆବେଦନ ଅପେକ୍ଷାକୃତ ଗ୍ରାହ୍ୟ ହେବ । ଇତି ।

୮।୧୦।୭୧ } କୃଷ୍ଣପୁର ଶାସନ ବିଦ୍ୟାଳୟର ସମ୍ପାଦକ
ଶ୍ରୀ ପ୍ରଭାକର ଚୂଡ଼ାମଣି ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ୟାମପ୍ରସାଦସିଂହ | କଟକ ବକ୍ସୀ | ୫୩୯ |
| " ଭଗବତୀଚରଣସେନ | " " | ୫୩୯ |
| " ବଳରାମବୋଷ | " " | ୫୩୯ |
| " କୈଳାସଚନ୍ଦ୍ର ପାଲିତ | " " | ୫୩୯ |
| ଗୁଡ଼ା କଲେକ୍ଟ ଦଶପଲ୍ଲା | " " | ୫୭୯ |

ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକ ପ୍ରିଣ୍ଟିଂକୋମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

୧୭ଭାଗ | ତା ୨୮ ରଖ ଅକ୍ଟୋବର ସନ ୧୮୮୨ ମସିହା। ମୂ। କାର୍ତ୍ତିକ ୧୨ ଦିନ ସନ ୧୨୯୦ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୪୧
ସଂ ୪୧ ସଂଖ୍ୟା | | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୦
| | ମଫସଲ ପାଇଁ ଡାକମାସୁଲ ୫୧୦


ଗତ ସପ୍ତାହରେ କାର୍ତ୍ତିକ ଦୁର୍ଗୋତ୍ସବ ପର୍ବ ସମାପ୍ତ ହେଲା। ଏପର୍ବ ଉପଲକ୍ଷରେ ପାଠକମାନେ ଅପଣାଙ୍କ ବାନ୍ଧବ ସହିତ ଆଲାପ ଏବଂ ନାନାପ୍ରକାର ଆମୋଦପ୍ରମୋଦରେ ସମସ୍ତ ଅତିବାହିତ କରିଥିବାର ଜାଣି ଅମ୍ଭେମାନେ ତାହାଙ୍କୁ ସଂସାରର ଅନ୍ୟାନ୍ୟ ବ୍ୟାପାରରେ ଚିନ୍ତିତକରାଇବାକୁ ଅନୁରୋଧ କଲୁଁ ନାହିଁ ଓ ଆପଣାକର୍ମଚାରୀଙ୍କୁ ଅବସର ଦେଇ ଆପେ ମଧ୍ୟ ଅବସର ଗ୍ରହଣ କରିଥିଲୁଁ ସେହି କାରଣରୁ ଏ ସପ୍ତାହର ପତ୍ରିକା ବାହାରିବାରେ କିଞ୍ଚିତ ବିଳମ୍ବ ହେଲା। ଭରସାକରୁଁ ପାଠକମାନେ ଏଥିନିମନ୍ତେ କ୍ଷମା ଦାତା ହେବେ।

---

## ବୃଷ୍ଟିର ଅବସ୍ଥା

ଦୁର୍ଗୋତ୍ସବ ପର୍ବ ଯେ ପରିମାଣରେ ସୁଖକର ଅଟଇ ତାହା ଏବର୍ଷ ଅନୁଭବ କରିବାକୁ ସର୍ବସାଧାରଣ ସମ୍ପୂର୍ଣ୍ଣରୂପେ ସକ୍ଷମ ହୋଇ ପାରିଲେ ନାହିଁ ସୁଖସମୟରେ ଅନ୍ତଃକରଣରୂପେ ଦୁଃଖ ଜାତ ହୁଅଇ ମାତ୍ର ତାହା ଅମଙ୍ଗଳ ବୃଷ୍ଟି ଉପରେ ରହିଥିଲେ ତାହାର ଭୟ ପାସୋରି ପାରେ। ଏହି ହେତୁରୁ ଦୁର୍ଗୋତ୍ସବ ଶେଷ ସଙ୍ଗେ ବୃଷ୍ଟିର ଅଭାବରୁ ଶସ୍ୟ ହାନିର କଥା ବାଧ୍ୟତ ମନରେ ଜାତ ହୋଇ ପ୍ରଜାବର୍ଗଙ୍କୁ ଅକୁଳିତ କରୁଥିଲା। ବାସ୍ତବରେ ଏବର୍ଷ ଯେମନ୍ତ କୃଷି ହୋଇଅଛି ତାହା କେତେବର୍ଷରୁ ଦେଖା ନ ଥିଲା କହିଲୁ ହେଲେ ବି ହେବ ଠିକମୁହୂର୍ତ୍ତରେ ଇନ୍ଦ୍ରଦେବତା କୃପଣତା ପ୍ରକାଶ କରି ବହୁ ଆଶାଯୁକ୍ତ ଧାନ୍ୟ ଫସଲର ସର୍ବନାଶ ସାଧନ କଲେ। ଅମ୍ଭେମାନେ ସର୍ବନାଶ ଶବ୍ଦ ପ୍ରୟୋଗ କଲୁଁ ବୋଲି ପାଠକମାନେ ଭୟପ୍ରାପ୍ତ ହେବେ ନାହିଁ ମୂଳରୁ ଶସ୍ୟ ନଷ୍ଟ ହୋଇ ନାହିଁ କିନ୍ତୁ ଯେପ୍ରକାର ଫଳ ପ୍ରାପ୍ତିର ଆଶା ଥିଲା ତାହା ଦେଖାଗଲା ନାହିଁ। ଏକଅସ୍ତ୍ରା ବର୍ଷା ଯେବେ ଦୁର୍ଗାପୂଜା ସମୟରେ ଚତୁର୍ଦ୍ଦିଗରେ ହୋଇଥାନ୍ତା ତାହା ହେଲେ ତାହାର କିଛି ଆପତ୍ତି ରହନ୍ତା ନାହିଁ ଏବଂ କୌଣସିଠାରେ ଯାହା ଫସଲର ଅନିଷ୍ଟ ହେଲା ତାହା ହୁଅନ୍ତା ନାହିଁ ବର୍ତ୍ତମାନ ଖାଲ ଜମିରେ ଯଥେଷ୍ଟ ଜଳଅଛି କେବଳ ଠେଙ୍ଗା ମାଗ୍ ପଡ଼ିଅଛି ଓ ଦଶହରା ବାହିଦନ କେତେସ୍ଥାନରେ ଜଳ ହେବାରୁ କହୁଛି ଭଲ ହେଲା କିନ୍ତୁ ଦୁଃଖର ବିଷୟ ଯେ ଗୁରୁ ଅତେ ଜଳ ହେଲା ନାହିଁ ଏବଂ କଟକବହର ଚଉପାଶ ଗୁଡ଼ ବା ପାଞ୍ଚକୋଶ ମଧ୍ୟରେ କିଛି ବର୍ଷା ନାହିଁ। ଏଣୁ ଆଉ କେତେଅତେ ମଧ୍ୟ ପଡ଼ିଥିବ। ଯାହା ହେଉ ବର୍ଷାର ଶେଷରେ ଛିନ୍ନଭିନ୍ନ ହେଲା ଓ ସେଥିପାଇଁ ଅନେକ ପରିମାଣରେ ଚାଷିଅଙ୍କ କ୍ଲେଶ ବଢ଼ିଲା ଲୋକେ କହୁଅଛନ୍ତି କି ଧାନ ଊଣା ହେବ ନାହିଁ କେବଳ ତାହାମାନେ ମୂଲ୍ୟ ଉଠାଇ ଯାଉବେ ଓ ଉପଯୁକ୍ତ ପରିମାଣରେ ଯେତେ ଶସ୍ତା ହୁଅନ୍ତା ତାହା ହେବ ନାହିଁ। ଯେଉଁ ସ୍ଥାନରେ ଦଶହରା ବାହିଦନ ବୃଷ୍ଟି ହେଲା ସେ ସ୍ଥାନର ଲୋକମାନେ ଅବଶ୍ୟ ଆନନ୍ଦିତ ଅଛନ୍ତି ଓ ଦେବୀଙ୍କର ଗଜବାହନରେ ଗମନ କରିବାର ପ୍ରତ୍ୟକ୍ଷ ଫଳ ଭୋଗ କରୁଅଛନ୍ତି। ଦୁଃଖର ବିଷୟ ଯେ ସବୁସ୍ଥାନର ଲୋକମାନେ ସେହିପରି ଆନନ୍ଦ ଅନୁଭବ କରି ପାରିଲେ ନାହିଁ।

---

## ରଥ୍ୟକର।

ଅମ୍ଭେମାନେ ମନେକରିଥିଲୁଁ ଯେ ପରୁଶେଷରେ ଗବର୍ଣ୍ଣମେଣ୍ଟ ଏଠାରେ ଟାକ୍ସର ଆଇନ ଜାରିକରିବାକୁ ଆବଶ୍ୟକ ବିବେଚନା କରିବେ ନାହିଁ। ଓଡ଼ିଶାର ଅବସ୍ଥା ଜଳକର ହେତୁରୁ ଅତି କାଲ ବଡ଼ମନ୍ଦଅଛି ଓ ଯେତେକାଳ ଏବିଷୟରେ ସୁବିଧାନ ହୋଇ ନାହିଁ ତେତେକାଳ ପ୍ରଜାଙ୍କର ମନ ଥିର ହେବ ନାହିଁ କିମ୍ବା ସେମାନେ ଟାକ୍ସର କଥା ଭାବିବାକୁ ସମୟ ପାଇବେ ନାହିଁ। ଏପରିଅବସ୍ଥାରେ ପ୍ରଜାଙ୍କ ଉପରେ ଟାକ୍ସର ନବକା ଘା ଉପରେ ଚୂନକାଠି ପ୍ରାପ୍ତ ହେବ। ଟାକ୍ସର ଦର ଊଣା ହେଉ ବା ଅଧିକ ହେଉ ସେ ପକ୍ଷରେ ବଡ଼ ବିଶେଷ ନାହିଁ ଏକାବେଳକେ ଦୁଇ ତିନପ୍ରକାର ଟାକ୍ସ ଦେବା କ୍ଲେଶକର। ବୋର୍ଡରେବନ୍ୟୁ ଜଳକର ଆଇନ ସ୍ଥଗିତ ରଖିଥିବାରୁ ଅମ୍ଭେମାନେ ଅନୁମାନ କରିଥିଲୁଁ ଯେ ଉପରଲିଖିତ କାରଣମାନ ବିବେଚନା କରି ଗବର୍ଣ୍ଣମେଣ୍ଟ ସୁବିବେଚନା ପୂର୍ବକ ଏ ଆଇନକୁ ଓଡ଼ିଶାରେ ସ୍ଥଗିତ ରଖିଲେ କିନ୍ତୁ ଗଲିତମାସ ତା ୨ ରଖରେ ଯେଉଁ କଲିକତା

Split by PDF Splitter

Digitized by srujanika@gmail.com

Split by PDF Splitter



ଗବର୍ଣ୍ଣମେଣ୍ଟ ବଙ୍ଗାଲାର ଛାରଖାଇଗ ଭଟ୍ଟଁର ସେ ଆଶା ବିଫଳ ହେଲା ଓ ଉଚ୍ଚ ସଙ୍ଗେ କୋର୍ଟରେକନ୍ ସାହେବମାନେ ଜଲକର ଆଇନାନୁସାରେ କାର୍ଯ୍ୟକରିବାର ବିଧି ଏବଂ ମହଲ୍ଲମା ଇସ୍ତକ୍ତର ଅଞ୍ଚାମାନ ପଠାଇ ଅଛନ୍ତି । ଗବର୍ଣ୍ଣମେଣ୍ଟ ବିଜ୍ଞାପନରେ ଏତାଦୃ ପ୍ରବୋଧ ଦିଆଯାଇ ଅଛି ଯେ ଆଗାମୀ ସନ୧୮୮୭ ମସିହା କୁଲାଇମାସ ପୂର୍ବରୁ କାଟକର ଅଦାୟ ହେବ ନାହିଁ ସେ ସମୟରୁ ବର୍ଷ ଆରମ୍ଭ ହେବ ଏବଂ ତହିଁପୂର୍ବରୁ କେବଳ ଅଦାୟ କରିବାର ସହଲମାନ ହେଉଅଛି । ଏଥିରୁ ଅମ୍ଭେମାନେ ଦେଖୁଅଛୁଁ ଯେ ବର୍ତ୍ତମାନ ଜଲପ୍ଲାବନ ହେତୁଁ ବଙ୍ଗଦେଶର ଅନେକସ୍ଥାନରେ ଓ ଯେତେ ସବୁରେ ପ୍ରଥମେ କାଟକର ବସିବାର ଘୋଷଣା କରାଯାଇ ଅଛି ଏମନ୍ତ କଳ୍ପିତ ଅଛି ଯେ କାଟକର ଅଦାୟ କରିବାର ଚେଷ୍ଟା ଥାଉ ସଙ୍ଗମ୍ଭ ଉଚ୍ଚ ହେବା ଦୃଷ୍ଟ ସୂଚିତ ହୋଇଅଛି ଓ ଦୁଃଖୀଙ୍କ ସହାୟ୍ୟ କାରଣ ସାହାଯ୍ୟକମିଟୀ ବସିବାର ପ୍ରସ୍ତାବ ହେଉ ଅଛି । ଏପରି ଯେ ଗୃହଂଗଣ୍ଡ ଜଲରେ ଭେଦନ ବୃତ୍ତ ରହିବାର ନିବାସୀମାନଙ୍କ ଘର ଦ୍ୱାର, କ୍ଷେତ ଓ ଗୋରୁ ପ୍ରାୟ ସବୁ ଯାଇଅଛି ଓ ଯେତେ ଲୋକେ ଘର ପିଣ୍ଡାର ହମ୍ମା ମଞ୍ଚାରେ ଓ ଗଛରେ ଚଢି ପ୍ରାଣ ବଞ୍ଚାଇ ଅଛନ୍ତି ବନ୍ୟା ଜଳ ଉତ୍ପାଦ ହୋଗାଯାଇ ହେଲେ ପ୍ରାଣ ଉପରେ ଦୁଃଖ ଦଣ୍ଡ ପଡିବାର ଆଶଙ୍କା ଅଛି ଅତଏବ ଗବର୍ଣ୍ଣମେଣ୍ଟ ଏସମୟରେ ଏକପ୍ରକାର ଉଲମ୍ଭରେ କାଟକର ଅଦାୟ କରିବାର ମନସ୍ଥ ପ୍ରକାଶ କରିବାରେ ସାମାନ୍ୟ ନ୍ୟାୟର କାର୍ଯ୍ୟ କରୁଅଛନ୍ତି ଦୟା ପ୍ରକାଶ କରୁ ନାହାନ୍ତି । ଓଡିଶା ପକ୍ଷରେ ଏମନ୍ତ ଅନୁମାନ ହୋଇପାରେ ଯେ ଏହିକାଳ ମଧ୍ୟରେ ଜଲକର ଅଦାଲତ ମୂର୍ଖାମୀ ହୋଇ ପାରେ ତାହା ହେଲେ ବର୍ତ୍ତମାନ ଚଷାମାନେ ଯେପରି ସ୍ଥିତିରେ ଅଛନ୍ତି ସେପରି ନ ଥିବେ ଓ ଭେଟଭେଟେ କାଟକର ଦେବାକୁ ତାହାଙ୍କୁ କାତର ନାହିଁ ମାତ୍ର ଏ ଯୁକ୍ତି କୌଣସି କାର୍ଯ୍ୟର ନୁହଇ । କାଲ ସଙ୍ଗମ ଶେଷ ହୋଇ ନାହିଁ । ବର୍ଷକୁବର୍ଷ ଏହାର ବିସ୍ତାର ହେବାର କଥା ଓ ଉତ୍ପତ୍ତିରେ ୨ ଛଇାର ଅଦାଦୂରଅଭାବରେ ବୃଦ୍ଧି ହେବ ଓ ବର୍ତ୍ତମାନ ଯାହା ଏକ ଅଂଶର ଲୋକେ ଭୋଗ କରୁଅଛନ୍ତି ଅଳ୍ପକାଳରେ ତାହା ଅନ୍ୟ ଅଂଶମାନଙ୍କରେ ପ୍ରକାଶ ପାଇବ ଅତଏବ ନୂ୍ୟନକଳ୍ପରେ ବୋଧହୁଅଇ ଆଗାମୀ ଦ * ର୍ଷ ମଧ୍ୟରେ କାଟକର ଅଧିକ ଏଠାରେ ଛାଡି ହୋଇ ନ ପାରେ ।

———

## ଭୂବିଦ୍ୟାଳୟସମ୍ବନ୍ଧୀୟ ଦେଶୀୟଭାଷା ପରୀକ୍ଷା ।

ଯେପରି ଇଙ୍ଗରେଜୀ ଭାଷାରେ ବିଶ୍ୱବିଦ୍ୟାଳୟ ଅଧୀନରେ ପରୀକ୍ଷା ହୁଏ ସେହିପରି ଦେଶୀୟ ଭାଷାମାନଙ୍କରେ ପରୀକ୍ଷା ହେବା ଗବର୍ଣ୍ଣମେଣ୍ଟଙ୍କ ଇଚ୍ଛା ଥିବାର ଏଥିପୂର୍ବେ ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଥିଲା । ଚଳିତ ଅକ୍ଟୋବର ମାସ ତା ୧୨ ରଖ ଶୁକ୍ରବାରଦିନ ଉକ୍ତ ବିଷୟସମ୍ବନ୍ଧରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ନିର୍ବାହକ କମିଟୀର ଅଧିବେଶନରେ ନିମ୍ନଲିଖିତ ନିୟମମାନ ସ୍ଥିର ହୋଇଅଛି ।

୧। ପରୀକ୍ଷାର୍ଥୀମାନେ ଉକ୍ତଲିଖିତ ଭାଷାମାନଙ୍କ ମଧ୍ୟରୁ କୌଣସି ଏକ ଭାଷାରେ ଆପଣା ଇଚ୍ଛାନୁସାରେ ପରୀକ୍ଷା ଦେଇପାରିବେ ।

| | |
|---|---|
| ବଙ୍ଗଲା | ହିନ୍ଦୀ |
| ଆସାମୀ | ଓଡିଆ |
| ଉର୍ଦ୍ଦୁ | |

ଭାଷାବିଷୟକ ବ୍ୟୁତ୍ପତ୍ତି ପରୀକ୍ଷା ନିମନ୍ତେ ତିନୋଟି ପତ୍ରକାଗଜ ଦିଆଯିବ । ସେଥିମଧ୍ୟରୁ ଗୋଟିକରେ ପୁସ୍ତକାଦିରୁ ଗଦ୍ୟ ଓ ପଦ୍ୟ ପ୍ରବନ୍ଧ ଉଦ୍ଧୃତହୋଇ ସେମାନଙ୍କର ଅନୁବାଦ ଓ ଅର୍ଥ ବ୍ୟାଖ୍ୟା କରିବାକୁ ଓ ଅନ୍ୟଟିରେ ବ୍ୟାକରଣଘଟିତ ଓ ପରୀକ୍ଷାର୍ଥୀର ରଚନା କ୍ଷମତା ପରୀକ୍ଷକ ପ୍ରଶ୍ନ ଥିବ । ଶୁଦ୍ଧ ଲେଖନଶକ୍ତି ପରୀକ୍ଷା ନିମନ୍ତେ ଏ ପତ୍ରକାଗଜ ସଙ୍ଗେ ତଦ୍ୟର ଗୋଟିଏ ପ୍ରବନ୍ଧ ଥିବ (ପ୍ରତ୍ୟେକର ପୂର୍ଣ୍ଣସଂଖ୍ୟା ୭୦)

୨ । ଇତିହାସ ଓ ଭୂଗୋଳ

ଭାରତବର୍ଷୀୟ ଇତିହାସର ହିନ୍ଦୁ ଏବଂ ମୁସଲମାନ ରାଜତ୍ୱ ଘଟିତ ମୂଳ ବିଷୟ ଓ ଇଙ୍ଗରେଜ ରାଜତ୍ୱର ବିଶେଷ ବିବରଣ (ଏହିବିଷୟରେ ଗୋଟିଏ ପ୍ରଶ୍ନକାଗଜ ହେବ ସେଥିର ପୂର୍ଣ୍ଣ ସଂଖ୍ୟା ୫୦)

ଭୂଗୋଳର ସ୍ଥୂଳ ବିବରଣ ଏବଂ ଭାରତବର୍ଷର ବିଶେଷ ବୃତ୍ତାନ୍ତ (ଗୋଟିଏ କାଗଜ ପୂର୍ଣ୍ଣ ସଂଖ୍ୟା ୫୦)

ଗଣିତ

ପାଟୀଗଣିତ—ସମସ୍ତ [ଏକପତ୍ର ପ୍ରଶ୍ନକାଗଜ ପୂର୍ଣ୍ଣସଂଖ୍ୟା ୫୦]

ବୀଜଗଣିତ—ମିଶ୍ରଲଘିଷ୍ଠାବଧାନ (ଏକପତ୍ର କାଗଜ ପୂର୍ଣ୍ଣସଂଖ୍ୟା ୫୦)

କ୍ଷେତ୍ରତତ୍ତ୍ୱ—ଇଉକ୍ଲିଡର ୧ମ ଓ ୨ୟ ଅଧ୍ୟାୟ ସହିତ ଅଭ୍ୟାସର ପ୍ରଶ୍ନ ସହିତ [ଏକପତ୍ର କାଗଜ ପୂର୍ଣ୍ଣସଂଖ୍ୟା ୫୦]

ଉପରଲିଖିତ ପ୍ରତ୍ୟେକ ବିଷୟରେ ଶତକରା ୨୫ସଂଖ୍ୟାର କମ ପାଇଲେ ପରୀକ୍ଷାର୍ଥୀମାନେ ଉତ୍ତୀର୍ଣ୍ଣ ହେବେ ନାହିଁ ।

ପରୀକ୍ଷାର୍ଥୀମାନେ ତଳଲିଖିତ ବିଷୟମାନଙ୍କ ମଧ୍ୟରୁ କୌଣସିଗୋଟିଏ ବିଷୟର ଅଧିକ ବିଷୟରେ ପରୀକ୍ଷା ଦେଇପାରିବେ ।

୧ ସଂସ୍କୃତ
୨ ଆରବୀ
୩ ପାରସୀ
} ପ୍ରବେଶିକା ପରୀକ୍ଷା ନିମିତ୍ତ ନିର୍ଦ୍ଧାରିତ ପୁସ୍ତକମାନ ପ୍ରତ୍ୟେକ ଭାଷାରେ ପୂର୍ଣ୍ଣସଂଖ୍ୟା ୫୦ ।

୪ ସାମାନ୍ୟ କ୍ଷେତ୍ରପରିମାଣ ଓ ସହଜ ଘନପରିମାଣ ଏବଂ ଜରିପ ।
୫ ସ୍ଥିତିବିଜ୍ଞାନ, ଜଲସ୍ଥିତିବିଜ୍ଞାନ ଓ ବାୟୁବିଜ୍ଞାନ
୬ ପ୍ରାକୃତିକ ଭୂଗୋଳ
୭ ଜ୍ୟୋତିଷଶାସ୍ତ୍ର

ଉପର୍ଯ୍ୟୁକ୍ତ ପଶ୍ଚାଲ୍ଲିଖିତ ବିଷୟମାନଙ୍କର ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେ ଛାତ୍ରମାନଙ୍କର ଉତ୍ତୀର୍ଣ୍ଣ ହେବା ପକ୍ଷରେ କୌଣସି ବ୍ୟାଘାତ ହେବ ନାହିଁ ଓ ଶତକରା ୨୫ ସଂଖ୍ୟାର କମ ପାଇଲେ ଏହି ବିଷୟମାନଙ୍କରେ ଉତ୍ତୀର୍ଣ୍ଣ ହୋଇଥିବାର ଜ୍ଞାନ କରାଯିବ ନାହିଁ ।

ଏଥିରେ ବୟସର କୌଣସି ନିୟମ ନାହିଁ । ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନେ ସର୍ଟିଫିକେଟ ପ୍ରଶଂସାପତ୍ର ପାଇବେ ।

ଉପରଲିଖିତ ନିୟମାବଳୀ ପଢି ଆମ୍ଭ ମନରେ ଏହା ପ୍ରଥମେ ଉଦ୍ଭବ ହେଉ ଅଛି ଯେ ଏତେଦିନେ ଓଡିଶାଦେଶ ସ୍କୁଲମାନଙ୍କରେ ବଙ୍ଗଭାଷା ଚଲାଇବାର ବିବାଦ ମେଣ୍ଟିଯିବ ପାଇଲା ବୋଧହୁଏ ଏହି ନୂତନ ପରୀକ୍ଷାର ଫଳ ଅନୁସାରେ ଦେଶୀୟ ଭାଷାରେ ଛାତ୍ରବୃତ୍ତି ଦିଆଯିବ ତାହା ହେଲେ ବଙ୍ଗଳା କିମ୍ବା ଓଡିଆ ଯେକୌଣସି ଏକଭାଷା ପଢିଲେ ଚଳିବ । କିନ୍ତୁ ଏଥିରେ କୋଣ୍ଟି ଲାଭ ହେଲେ ତ ହେବ ଅନ୍ୟଅଡେ ଦୁଃଖ ବଢିଲା । ବର୍ତ୍ତମାନ ଓଡିଆ ସ୍କୁଲମାନଙ୍କରେ ବୀଜଗଣିତ ପଢା ହେଉ ନାହିଁ ମାତ୍ର ଉପରୋକ୍ତ ନିୟମାନୁସାରେ ଏହି ପରୀକ୍ଷାରେ ବୀଜଗଣିତ ସମୀକରଣ ପର୍ଯ୍ୟନ୍ତ ପରୀକ୍ଷା ଦେବାକୁ ହେବ । ମଫସଲ ଓଡିଆସ୍କୁଲମାନଙ୍କରେ କେବଳ ଦୁଇଜଣ ଶିକ୍ଷିତ ଶିକ୍ଷାକାର୍ଯ୍ୟ ନିର୍ବାହ କରନ୍ତି । ସେମାନଙ୍କ ମଧ୍ୟରେ ଜଣେ ଅବଶ୍ୟ ନର୍ମାଲ ପାଠ୍ୟଲବ୍ଧ ବୃତ୍ତିଭୋଗୀ । ଏହାଙ୍କ ହସ୍ତରେ

Digitized by srujanika@gmail.com

Split by PDF Splitter



ନାହିଁ। ଯେପରୁ ଚଳୁଥିବ ଶିକ୍ଷାପ୍ରଣାଳୀ ଦୂର ହୋଇଗଲେ। ବାସ୍ତବରେ ମଫସଲ ଓଡ଼ିଆ ସ୍କୁଲମାନଙ୍କରେ ଉତ୍ତମ ଶିକ୍ଷାଦେବାର ଉପଯୁକ୍ତ ଶିକ୍ଷକ ଏକଟିଏ ଲେଖାଏଁ ନିଯୁକ୍ତ ଅଛନ୍ତି। ଏଣୁ ବଳେ ଯେ ପରୀକ୍ଷାର ଫଳ ନୂତନ ନିୟମାନୁସାରେ ଭଲ ହେବ ଏହା ଆମ୍ଭର ବଡ଼ ଭରସା ନାହିଁ। ବର୍ତ୍ତମାନ ଚଳୁଥିବା ନେବାଗାର୍ଡ଼ ଛାତ୍ରବୃତ୍ତି ପରୀକ୍ଷାର ନିୟମାନୁସାରେ ବାଳକମାନେ ଭିନ୍ନ ଭିନ୍ନ ବିଷୟରେ ଯେତେ ନମ୍ବର ପାଆନ୍ତି ସେଥିରୁ ମୋଟହିସାବ ଯେଉଁମାନଙ୍କ ସବୁଠାରୁ ଅଧିକ ମୋଟ ନମ୍ବର ଏକ ଚତୁର୍ଥାଂଶ ପାଇବାର ଦେଖାଯାଏ ସେମାନଙ୍କୁ ଉତ୍ତୀର୍ଣ୍ଣ ବୋଲି ଗଣନା ଯାଏ ମାତ୍ର ନୂତନ ନିୟମାନୁସାରେ ପ୍ରତ୍ୟେକ ବିଷୟରେ ଏକ ଚତୁର୍ଥାଂଶ ନମ୍ବର ପାଇବାକୁ ହେବ। ଏହି ନିୟମ ମଧ୍ୟ ମଫସଲର ଅନେକ ପରୀକ୍ଷାର୍ଥୀଙ୍କ ପକ୍ଷରେ କାଳସ୍ୱରୂପ ହେବ। ମଫସଲ ସ୍କୁଲର ଅବସ୍ଥା ଉପର ଉକ୍ତ ନିୟମମାନ କରିବେତନାରେ ଅମୂଳ ବୋଧ ହେଉ ନାହିଁ ଯେ ଅଧିକାଂଶ ସ୍କୁଲମାନଙ୍କରେ ବାଳକମାନେ ଉକ୍ତାଧୀନ ବିଷୟମାନଙ୍କ ମଧ୍ୟରୁ କେତେକ ବିଷୟରେ ପରୀକ୍ଷା ଦେବାକୁ ଅକ୍ଷମ ହେବେ।

# ସାପ୍ତାହିକ ସଂବାଦ

ଏକମାସର ଅବକାଶ ଗ୍ରହଣକରି ଅମ୍ଭମାନଙ୍କର କଲେକ୍ଟର ଶ୍ରୀଯୁକ୍ତ ମେକଫର୍ସନ ସାହେବ ଅଗଷ୍ଟ ମାସରେ ଚାର୍ଜ ଛାଡ଼ି ଯାଇଥିଲେ କଲିକତା ପରିଭ୍ରମଣ କରିବେ। ତାଙ୍କର କର୍ମରେ ମେଦନପୁର ନିକଟର ଜଏଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ହପକିନ୍ସ ସାହେବ ନିଯୁକ୍ତ ହୋଇଅଛନ୍ତି।

ଶ୍ରୀଯୁକ୍ତ ବର୍କ୍ସିସାହେବ ପୁନର୍ବାର ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟି କର୍ମକୁ ଫେରିଅଛି, ବର୍ତ୍ତମାନ ଜଏଣ୍ଟ ମାଜିଷ୍ଟ୍ରେଟି କର୍ମରେ ଏକ୍ଟିଂ ନିଯୁକ୍ତ ହୋଇଅଛନ୍ତି। ବର୍ତ୍ତମାନ ଅମ୍ଭମାନଙ୍କର ଜଏଣ୍ଟମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଏଜକିନସାହେବ ତାଙ୍କ (ମାଲିକ ସୁପରିଣ୍ଟେଣ୍ଡେଣ୍ଟ) କର୍ମରେ ଏକ୍ଟିଂ ନିଯୁକ୍ତ ହୋଇଅଛନ୍ତି। ଆମ୍ଭେମାନେ ଭରସାକରୁଁ ଶ୍ରୀଯୁକ୍ତ ଏଜକିନସାହେବ ସର୍ବସାଧାରଣ ଓ ଗବର୍ଣ୍ଣମେଣ୍ଟ ଉଭୟପକ୍ଷର ଆଶା ପୂର୍ଣ୍ଣ କରିବେ ଓ ବର୍ତ୍ତମାନ ମାଲବିଷୟକ ପ୍ରଜାମାନଙ୍କର ଅସନ୍ତୁଷ୍ଟ ଅବସ୍ଥା ନିବାରଣ କରିବେ।

ଆମ୍ଭେମାନେ ଦୁଃଖରି ସହିତ ଅବଗତହେଲୁଁ ଯେ ଓଡ଼ିଶାର ସାବକ ଡେପୁଟୀକଲେକ୍ଟର ବାବୁ ଦୁର୍ଯ୍ୟୋଧନ ଦାସ ଗତ ସପ୍ତାହରେ ପରଲୋକ ଗମନ କରିଅଛନ୍ତି। ଯେତେବେଳେ ଡେପୁଟୀ କଲେକ୍ଟର ଦାସ ଦୁର୍ଯ୍ୟୋଧନ ଏଠାରେ କରଣ ପ୍ରଧାନ ଲୋକ ଓ ସରକାରୀ କାର୍ଯ୍ୟରେ ସୁଖ୍ୟାତ ଓ ସମ୍ମାନଲାଭ କରିଥିଲେ।

ଡେଲିନିଉସରୁ ଅବଗତ ହେଲୁଁ ଯେ ଅବଚ୍ଛନ୍ନାର ପୂର୍ବ ବିବରଣରୁ କେତେକ ଅନୁସନ୍ଧାନ ମୀରକାସୁରି କଲେଜରେ ପ୍ରାପ୍ତ ହୋଇଅଛି। ସେଠାରେ ଏ ବ୍ୟକ୍ତି ଅଧ୍ୟୟନ କରିଥିଲ ତାହାର ଫଟୋମୂର୍ତ୍ତି ଦେଖି ସେଠା ଛାତ୍ରମାନେ ଚିହ୍ନି ପାରିଲେ ଓ ସେମାନେ ବୋଲନ୍ତି ଯେ ଏ ଲୋକର ନିବାସ କାବୁଲ ଦେଶ। ଚାରିଜଣ ଛାତ୍ର ଏକଥାର ସାକ୍ଷ ଦେବାପାଇଁ କଲିକତାକୁ ଆସି ଅଛନ୍ତି।

ମାନ୍ଦ୍ରାଜ୍ ଦରବାରରେ ନିୟମ ଅଛି ଯେ ନରହତ୍ୟାକାରୀ ଅପରାଧୀଙ୍କର ଯାବଜ୍ଜୀବନ କାରାବାସ ହୁଏ। ପ୍ରତ୍ୟେକ ରାଜ୍ୟରେ ମନୁଷ୍ୟ ବଧ ଅପରାଧ ବଢ଼ି ଅଧିକ ହେବାର ସମ୍ଭାବନା ସ୍ଥିର କରିଅଛନ୍ତି ଓ ଏଣିକି ଏପରି ଅପରାଧୀଙ୍କର ପ୍ରାଣଦଣ୍ଡ ହେବ ଓ ତାହାଙ୍କର ସମ୍ପତ୍ତି ସବୁ ସରକାରରେ ଜବତ ହେବ କୌଣସି ପ୍ରାଣଦଣ୍ଡ ଉଠିଯିବାର ଓ କୌଣସି ପ୍ରାଣଦଣ୍ଡ ହେବାର ସ୍ଥିର ହେଉଅଛି।

କୃଷ୍ଣନଗରଠାରୁ ଜଣେ ସମ୍ବାଦଦାତା ଡେଲିନିଉସକୁ ଲେଖିଅଛନ୍ତି ଯେ ସେଠାରେ ପୁନର୍ବାର ନଦୀବୃଦ୍ଧି ହୋଇଅଛି ଗିଅଡ଼ଙ୍ଗା ଠାରୁ ଆରଙ୍ଗଦତା ପର୍ଯ୍ୟନ୍ତ ଦୂର ସବୁବିଭାଗ ଜଳରେ ବୁଡ଼ି ରହିଅଛି। ରେଲ ସଡ଼କରେ ସ୍ଥାନ୨ ରେ ନୌକାରେ ଲୋକ ପାର ହେଉଅଛନ୍ତି ଏଣୁ ଏବର୍ଷ ବଡ଼ ବିପତ୍ତି ପଡ଼ିଲା। ଲୋକମାନେ କେମନ୍ତେ ଉଦ୍ଧାର ପାଇବେ କିଛି ଜଣାଯାଉ ନାହିଁ।

ଗବର୍ଣ୍ଣମେଣ୍ଟ ଅନୁସନ୍ଧାନ କରି ଅବଗତ ହୋଇଅଛନ୍ତି ଯେ ଗୁଜରାଟରେ ଯଦବା ବଡ଼ କଷ୍ଟ ପଡ଼ିଅଛି ତଥାପି ଅନାହାରରୁ କୌଣସି ଲୋକ ମୃତ୍ୟୁ ଘଟି ନାହିଁ କିମ୍ବା ଏରୂପ ଘଟିବାର ସମ୍ଭାବନା ନାହିଁ। ବଡ଼ ଦୁର୍ଭିକ୍ଷ ପଡ଼ିଅଛି ସତ୍ୟ ମାତ୍ର ଖାଦ୍ୟଦ୍ରବ୍ୟ ମିଳୁଅଛି। ଏଠାରେ ଥୋଇ ହେବାରୁ ଏତେ ବିପଦ ପଡ଼ିଅଛି।

କାମସ୍କୁଲ ଖଜଣାଖାନାରେ ୫ । ୪୫୬୯ ଙ୍କା ପ୍ରାପ୍ତ ହେଉ ନାହିଁ। ତଦାରକ କରବାରେ ଜଣାଗଲା କି ଗୁଡ଼ିଏ ହଜାରକିଆ ଟଙ୍କା ଥଲିରୁ ଟଙ୍କା ବାହାର ଯାଇ ତହିଁ ପଇସା ଭରି ହୋଇଅଛି। ଗଙ୍ଗାମୁଦ୍ରା ଏଠାକୁ ଦେଶ ପଡ଼ିଲା। କିନ୍ତୁ ପମାଣ ଅଭାବରୁ ଫଉଜଦାରୀ ନାଲିଶ ହେଲା ନାହିଁ। ବୋଲି ଜଣାଯାଏ। ସରକାର କୌଣସିପ୍ରକାର ନିୟମ କଲା ଉତ୍ତାରୁ ମୁଦ୍ରା ସରକାରୀ ଟଙ୍କାର ଚୋରୀ ବନ୍ଦ ହେଉ ନାହିଁ। ଆଶ୍ଚର୍ଯ୍ୟ କଥା ଏହି।

ଗ୍ରେନଗ୍ରିଜରେ ଜଣେ ଲୋକ ଡାଇବର ନଦୀକୁ ଶୁଖାଇ ତହିଁର ବାଲିରୁ ଖୋଳିବା ଲାଗି ପ୍ରସ୍ତାବ କରିଅଛି ଓ ଇଉରୋପର ଅନ୍ୟାନ୍ୟ ଦେଶର ଲୋକମାନେ ଏପ୍ରସ୍ତାବକୁ ବଡ଼ କରି ଦେଖିଅଛନ୍ତି। ଉକ୍ତ ନଦୀରେ ରୋମ ଦେଶସ୍ଥ ଲୋକମାନେ ବିପଦ ସମୟରେ ଆପଣା ଘରର ବହୁମୂଲ୍ୟ ଦ୍ରବ୍ୟମାନ ସମସ୍ତ ସମୟରେ ପକାଇ ଦେଇଅଛନ୍ତି। ଅନ୍ୟ ଶତ୍ରୁର ଲୁଟି ମାଲମାନ ତହିଁରେ ପଡ଼ିଅଛି ଓ କେତେ ନୌକା ବିଦେଶରୁ ବହୁମୂଲ୍ୟ ଦ୍ରବ୍ୟମାନ ଆଣୁ ଜଳମଗ୍ନ ହୋଇଅଛି। ଜଲ ଶୁଖାଇ ବାଲି ଖୋଳିଲେ ବହୁତ ଧନ ପାଇବାର ସମ୍ଭାବନା ହେଉଅଛି ଧନ ଅର୍ଜନପାଇଁ ଲୋକେ କେମନ୍ତ ସାହସ କରନ୍ତି ଏଥିରୁ ବିଲକ୍ଷଣ ବଳ ଅନ୍ତ କେଉଁ ବ୍ୟାପାର ଅଛି।

ସଦ୍ଭ୍ରଷ୍ଟ ସମ୍ରାଟ ନେପୋଲିୟନଙ୍କର ଘୋଡ଼ାମାନ ବିକ୍ରୟ ହେଉଅଛି। ସବାପେକ୍ଷା ଅଧିକ ମୂଲ୍ୟର ଘୋଡ଼ା ୫ । ୨୦୦୦୯ ଙ୍କାରେ ବିକ୍ରୟ ହେଲା। ଏହିବଗଲୁ ବିକ୍ରୟ ହେବାପାଇଁ ଆସିଥିଲେ ଅମ୍ଭମାନଙ୍କ ଲେଫ୍ଟେନଣ୍ଟ ଗବର୍ଣ୍ଣର ଡେପୁଟୀଙ୍କ ପରୀକ୍ଷା କାରଣ ଦୂର ଗୁଡ଼ିଏ କିଣି ଥାନ୍ତେ। ବାଦଶାହୀ ଘୋଡ଼ାରେ ପରୀକ୍ଷା ଦେବା ବଡ଼ ଦୂରର କଥା।

ଇଂଲଣ୍ଡରେ ଜଣେ ଚାଉଳର ଲୁହାଭାରରେ ଏପ୍ରକାର ଫୁଲମାନ ପ୍ରସ୍ତୁତ କରୁଅଛି ଯେ ତାହାର ନାମ ଚିରସ୍ଥାୟୀ ଫୁଲ ଦେଇଅଛି। କାରଣ ଯେତେପ୍ରକାର ଫୁଲ ଫରମାଏସ କରିବ ତାହା ସେ ଏମନ୍ତ ସୁନ୍ଦର ଗଢ଼ି ରଙ୍ଗ କରି ଦେବ ଯେ ଚିରକାଳ ସକାଶେ ରହିବ କଦାଚ ନଷ୍ଟ ହେବ ନାହିଁ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ କାଶୀର ମାଜିଷ୍ଟ୍ରେଟ ଉକ୍ତ ନଗରରେ ଶବ ଘେନିଯିବା ସମୟରେ ହିନ୍ଦୁମାନେ ବାଟରେ "ରାମ ନାମ ସତ୍ୟ ହେ" ପଦ ଉଚ୍ଚାରଣ କରିବାର ନିଷେଧ କରିଅଛନ୍ତି ଏନିଷେଧ ଆଜ୍ଞାର ଉଦ୍ଦେଶ୍ୟ କି ଜଣାଯାଉ ନାହିଁ ହିନ୍ଦୁ ଧର୍ମପ୍ରତି ଏତେ ଆକ୍ରୋଶ କାହିଁକି।

Digitized by srujanika@gmail.com

ମାନ୍ଦ୍ରାଜରେ କପା ଓ ନୀଳର ଚାଷ ବୃଦ୍ଧି ହେବାର ଦେଖାଯାଏ କପାଚାଷ ମା୧୬୫୦୦୦ ଏକ୍ରୁ ୬୪୫୦୦୦ ଙ୍କା ବନ୍ଦୋବସ୍ତ ହୋଇଅଛି ଏବଂ ନୀଳ ମା୯୮୦୦୦ ଏକ୍ରୁ ୬୨,୧୬,୦୦୦ ଙ୍କା ହୋଇଅଛି ।

ଗଲିତମାସ ଶେଷହରକ ଶ୍ରୀଯୁକ୍ତ ଗବର୍ଣ୍ଣର ଜେନେରଲ୍ ସାହେବ ହିମଳପର୍ବତରୁ କଲିକତା ଅଭିମୁଖେ ଯାତ୍ରା କରିବେ । ସେହାଙ୍କର ବର୍ଷିକ ପରିଭ୍ରମଣ ଶେଷ ହେବାର ନିକଟ ହେଲା ।

ଲାହୋର ମିଉନିସିପାଲ କମିଟୀର ଅଶିଷ୍ଟାଣ୍ଟ ସେକ୍ରେଟରୀ ବୁଲକାହେବଙ୍କୁ ଜଣେ ଫକୀର ପ୍ରହାର କରିବାରୁ ୧୦ ବର୍ଷ କାରାବାସ କରିବାର ଦଣ୍ଡ ପାଇଅଛି ଏଥିମଧ୍ୟରେ ଛଅମାସ ଏକାକୀ କାରାବାସ କରିବାକୁ ହେବ ମାରପିଟ ସକାଶେ ଦଣ୍ଡଟି ସାମାନ୍ୟ ନୁହେ କିନ୍ତୁ ବର୍ତ୍ତମାନ କାଳର ଏ ଲକ୍ଷଣ ଘଟିଅଛି ଯେ ଦୁଷ୍ଟଲୋକମାନେ ଇଂରାଜ କର୍ମଚାରୀଙ୍କ ଉପରେ ଅତ୍ୟାଚାର କରୁଅଛନ୍ତି ।

ଓଡ଼ିଶା ଓ ଛୋଟନାଗପୁରର ଗଡ଼ଜାତ ମାହାଲ ଏବଂ ଚଟ୍ଟଗ୍ରାମ ଅନ୍ତର୍ଗତ ଭୁଟାନ ପର୍ବତ ଓ ଗାରୋପର୍ବତ ଅଧିବାସୀମାନଙ୍କୁ ଶ୍ରୀଯୁକ୍ତ ଗବର୍ଣ୍ଣରଜେନେରଲ ସାହେବ ଇନ୍‌କମଟାକ୍ସରୁ ମୁକ୍ତ ଦେଇଅଛନ୍ତି ।

## ପ୍ରେରିତ ପତ୍ର ।

ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ
ମହାଶୟେଷୁ ।

ଗତମାସ ତା ୧୮ ରଖ ପୂର୍ଣ୍ଣଚନ୍ଦ୍ରୋଦୟ ନାମକ ବଙ୍ଗଳା କାଗଜରେ ଗୋଟିଏ ପତ୍ର ପାଠ କଲୁଁ । ତହିଁ ଶେଷରେ " ଶ୍ରୀ ବଲଗ୍ରାମ କଟୁ । ମୁ । ପୁରୀ " ସ୍ୱାକ୍ଷର ହୋଇଅଛି । ବୋଧ ହୁଏ ଏ ମହାତ୍ମା ବନ୍ଧୁଙ୍କର ଜଣେ ପ୍ରସିଦ୍ଧ ଜମିଦାର ପୁଣ୍ୟଶ୍ଳୋକ ଶ୍ରୀ ବାବୁ ରାଧାମୋହନ ବାବୁଙ୍କ ପୁତ୍ର ହେବେ । ଉକ୍ତ ପତ୍ରରେ ଲେଖାଅଛି ଯେ କଲିକତାରେ ବି ଏଲ, ଉପାଧି ପ୍ରାପ୍ତ ଲୋକେ ଥାଉଣୁ କମିଶନର ସାହେବ ଯେ ସାମାନ୍ୟ ଇଂରାଜୀ ଶିକ୍ଷିତ ଉତ୍କଳୀୟମାନଙ୍କୁ ଡେପୁଟୀ କଲେକ୍ଟରୀ ଓ ମେଜିଷ୍ଟ୍ରେଟି କର୍ମ ଦେଉଅଛନ୍ତି । ଏ ଅତ୍ୟନ୍ତ ଅନ୍ୟାୟ ଓ ଏନିମିତ୍ତ ବାବୁମହାଶୟ ବହୁ ଆକ୍ଷେପ କରି ସମ୍ପାଦକଙ୍କୁ ପ୍ରତିବାଦ କରିବା ନିମିତ୍ତ ଅନୁରୋଧ କରିଅଛନ୍ତି ଏବଂ ଆଶ୍ଚର୍ଯ୍ୟର ବିଷୟ ଯେ ଯେଉଁମାନେ ଉତ୍କଳୀୟମାନଙ୍କର ସପକ୍ଷ ବୋଲି ସାଧାରଣରେ ବିଦିତ ଅଛନ୍ତି ସେମାନେ ପୁଣି ବିପକ୍ଷ ହେଲେ । ଯାହା ହେଉ ବାବୁ ମହାଶୟଙ୍କର ଉଚିତ ଥିଲା ଯେ ଗବର୍ଣ୍ଣମେଣ୍ଟର ଡେପୁଟୀ କଲେକ୍ଟରୀ କର୍ମ ପାଇବାର ଉପଯୁକ୍ତବ୍ୟକ୍ତି ନିରୂପଣର ନିୟମ ନିର୍ଦ୍ଦିଷ୍ଟ କାଳରେ ପ୍ରତିବାଦ କରିଥାନ୍ତେ । ବି ଏଲ, ପରୀକ୍ଷା ଦେଇ ନ ଥିବା କତିପୟସଂଖ୍ୟକ ବ୍ୟକ୍ତିଙ୍କୁ ଉକ୍ତ ପଦ ଦେଇ ଓ ସେମାନଙ୍କର କର୍ମଦକ୍ଷତାର ଭୂରି ପରିଚୟ ପ୍ରାପ୍ତ ହୋଇ ଗବର୍ଣ୍ଣମେଣ୍ଟ ଅନୁମାନ କରୁଅଛନ୍ତି । ବାବୁଙ୍କ ପ୍ରତିବେଦନାରେ ଜଣାଯାଏ ଯେ ଆମ୍ଭର ଭାରତବର୍ଷ, ଇଂଲଣ୍ଡର ସମାନ ଉନ୍ନତ ନ ହେବା ପର୍ଯ୍ୟନ୍ତ କେବଳ ଇଂଲଣ୍ଡୀୟମାନଙ୍କୁ ଭାରତବର୍ଷୀୟ ଉଚ୍ଚ ପଦରେ ନିଯୁକ୍ତ କରିବା ଉଚିତ ଅଟଇ । ଯଦ୍ୟପି ପ୍ରଥମରୁ ସାମାନ୍ୟଶିକ୍ଷିତ ବଙ୍ଗମାନଙ୍କୁ ଉଚ୍ଚପଦ ନ ଦେଇ ସେମାନଙ୍କର ବିଏଲ, ଉପାଧି ପ୍ରାପ୍ତି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହୋଇଥାନ୍ତା ତେବେ ବଙ୍ଗୀୟମାନଙ୍କର ପ୍ରାକୃତ ଅବସ୍ଥା ଏତେଶୀଘ୍ର ପରିବର୍ତ୍ତିତ ହୋଇ ଏପରି ଉନ୍ନତ ଲକ୍ଷିତ ହୁଅନ୍ତା । ଅତଏବ ବାବୁଙ୍କୁ ଅମ୍ଭେ ଅନୁରୋଧ କରୁଅଛୁଁ ଯେ ଉତ୍କଳୀୟମାନଙ୍କର ଉନ୍ନତିରେ ଈର୍ଷାନ୍ୱିତ ନୋହି ସନ୍ତୁଷ୍ଟ ହେଉନ୍ତୁ ।

କସ୍ୟଚିତ୍ ଉତ୍କଳ ବାସିନଃ
ଦର୍ପଣୋ ନବେଦକ ମିତ୍ରଂ
ପୁରୁଷୋତ୍ତମ ୧୧।୧୦।୭୧

— ——

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟେଷୁ ।

ମାନ୍ୟବର ମହାଶୟ ! ନିମ୍ନଲିଖିତ ପଂକ୍ତିସମୂହକୁ ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନଦାନ କଲେ ଚିରବାଧିତ ହେବି ।

ଓଡ଼ିଶାର କେନାଲ ଯେତେଦୂର ଯାଏ କଟିଅଛି ତାହା ପ୍ରାଏ ସମସ୍ତେ ଅବଗତ ଅଛନ୍ତି କିନ୍ତୁ ଉକ୍ତକାର୍ଯ୍ୟ ବିଷୟରେ ଅନେକ ଏପରି ଭ୍ରମାତ୍ମକ ନିୟମ ଏପର୍ଯ୍ୟନ୍ତ ଚଳୁଅଛି ଯେ ତଦ୍ଦ୍ୱାରା କୃଷିକାର୍ଯ୍ୟ ଓ ବାଣିଜ୍ୟକାର୍ଯ୍ୟରେ ବ୍ୟାପୃତ ଲୋକଙ୍କର ଅନିଷ୍ଟ ଓ ଅସୁବିଧା ସମ୍ଭବ ଅଛି ସେ ତାହା ବର୍ଣ୍ଣନାଧୀନ ।

ପ୍ରଥମ ଏହି କି—ଲକ୍ଟାପରମାନେ ଇଂରାଜୀ ଭାଷାରେ ବାଣିଜ୍ୟବ୍ୟବସାୟୀଙ୍କୁ ଟିକଟ ଦେଇଥାନ୍ତି କେତେରେ ସେମାନେ କ ଲେଖନ୍ତି ତାହା ପଢ଼ିବା ନାୟକମାନେ ଜାଣି ନ ପାରିବାର ସମ୍ବନ୍ଧେ ୨ ବହୁସ୍ଥାନରେ ପଥରେ ପଡ଼ିଥାନ୍ତି । ଯଦି ତାହା ଦେଶୀୟ ଭାଷାରେ ରେଲଓଏ ଟିକଟ ପରି ଲେଖା ଯାଉଥାନ୍ତା ତାହା ହେଲେ ଯେ କେତେ ସୁବିଧା ହୁଅନ୍ତା ଆପଣ ଅନୁମାନ କରନ୍ତୁ ।

ଦ୍ୱିତୀୟତଃ—ଜଳକର ଅଦାୟ ଲାଗି ସରକାର କେବେହେଁ ଯେ ପୃଥକ୍ ଅଫିସ ସ୍ଥାପନ କରିଅଛନ୍ତି ତାହା କେହି ବୁଝି ପାରୁ ନାହାନ୍ତି କାରଣ ସେକାର୍ଯ୍ୟ କି ଉତ୍ପାଦନର ଏକଜିକ୍ୟୁଟିଭ ଇଞ୍ଜିନିୟର ନିର୍ବାହ କରିପାରନ୍ତି । ଏଥିରେ ଅନର୍ଥକ ସରକାରର ବ୍ୟୟ ହେଉଅଛି କେବଳ ବ୍ୟୟ ନୁହେ ପ୍ରଜାଙ୍କର କଷ୍ଟ ଓ ନଷ୍ଟ ହୋଇଥାଏ । ଯେହେତୁ ଜଳକର ଅଦାୟ କରିବାର କର୍ମଚାରୀମାନେ ଠିକ୍ ସମୟରେ ଜାଣନ୍ତି ନାହିଁ ସେହେତୁ ଅପ୍ରୟୋଜନରେ ଜଳ ଛାଡ଼ି ଦେଇ ପ୍ରଜାର ଫସଲ ନଷ୍ଟ କରି ଦଅନ୍ତି । ଏସବୁ କାହିଁକି ଘଟିଥିବ ମାତ୍ର ବୁଝିବାର ଶକ୍ତି କାହାରି ନ ଥିବାରୁ ସେମାନେ ଜାଣନ୍ତି ନାହିଁ ବର୍ତ୍ତମାନ ଲେଖିବାର ଅଭିପ୍ରାୟ ଏହି କି ଯଦି ସରକାର ଉପରୋକ୍ତ ବିଷୟ ପ୍ରତି ଦୃଷ୍ଟିପାତ କରନ୍ତୁ ତାହା ହେଲେ ଅଂଶ ହେତୁବାଦମାନ ଏ ଦେଶରୁ ଅନ୍ତର ହୋଇ ପାରେ ଏମନ୍ତ ସମ୍ଭବ ଅଛି ।

ତୃତୀୟତଃ—କେନ୍ଦ୍ରାପଡ଼ା କେନାଲ ଖନନ ଶେଷ ହେଲେ ମଧ୍ୟ ନହୁଁ ଅଙ୍ଗ ପୂର୍ଣ୍ଣ ହେବାରୁ ଅନେକ ସମସ୍ତ ଓ ବ୍ୟବସାୟ ବୋଲି ଥିବାର ଜଣାଯାଏ ନାହିଁ ଯେହେତୁ ଉକ୍ତ କାଳର ସଂପୂର୍ଣ୍ଣ ଲାଭାଫଳ ଅମ୍ଭେମାନେ ଜାଣିପାରୁ ନାହୁଁ ଯଦି କୃପା କରି ଏକଜିକ୍ୟୁଟିଭ ଇଞ୍ଜିନିୟର ଶ୍ରୀଯୁକ୍ତ କର୍ଣ୍ଣେଲ ହ୍ୱାଇଟଫୋର୍ଡ ସାହେବ କୃପା କରି ସକଳ କାମ ଶୁଦ୍ଧ କାଟି ଥିବା କରନାଲମାନ ଶେଷ କରିଦିଅନ୍ତି ତାହା ହେଲେ କାଳର ଉପକାର ପୂର୍ଣ୍ଣମତେ ଜଣାଯାଇପାରନ୍ତା । ତା । ତା ୧୭ ରଖ ଅକ୍ଟୋବର ସନ ୧୮୭୧ ସାଲ ।

K. S. Dass.

---

ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ) ତା ୪ ରାଖ ନବମ୍ବର ସନ ୧୮୭୯ ମସିହା । ମୁ । କାର୍ତ୍ତିକ ଦ ୨୦ ନ ସନ ୧୨୮୭ ସାଲ ଶନିବାର ( ଅଗ୍ରିମ ବାର୍ଷିକ ମୂଲ୍ୟ ୪
ସଂଖ୍ୟା ୪୫ ) ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ଡାକମାସୁଲ ୧୧୦


ଫୌଜଦାରୀ ମୋକଦ୍ଦମାରେ ଫରିୟାଦୀ ଓ ସ୍ତ୍ରୀମାନଙ୍କୁ ଖୋରାକୀ ଖର୍ଚ୍ଚ ଦେବାର ନୂତନ ବନ୍ଦବସ୍ତ ।

ପୂର୍ବେ ଏ ବିଷୟରେ ଯେଉଁ ନିୟମମାନ ଥିଲା ତାହା ସଂଶୋଧିତ ହୋଇ ଯେଉଁ ନୂତନ ନିୟମ ହୋଇଅଛି ଗବର୍ଣ୍ଣମେଣ୍ଟ ବଙ୍ଗାଲ ଗତ ସେପ୍ଟେମ୍ବର ମାସ ତା ୨୯ ଗଜେଟରେ ତାହା ଘୋଷଣାଦ୍ୱାରା ପ୍ରକାଶିତ କରିଅଛନ୍ତି ତହିଁର ସଂକ୍ଷେପ ସର୍ବସାଧାରଣଙ୍କ ଗୋଚରାର୍ଥେ ଆମ୍ଭେମାନେ ପ୍ରକାଶ କଲୁଁ । ଯଥା ।

ନିମ୍ନଲିଖିତ ବ୍ୟକ୍ତିମାନେ ସରକାର ଠାରୁ ଫୌଜଦାରୀ ମୋକଦ୍ଦମାରେ ଖୋରାକୀ ପାଇ ପାରିବେ । ଅର୍ଥାତ୍ ।

୧ । ଯେଉଁମାନଙ୍କ ମୋକଦ୍ଦମା କୌଣସି ଜଜ ମାଜିଷ୍ଟ୍ରେଟ କିମ୍ବା ଅନ୍ୟ ସରକାରୀ ଅଫିସରଦ୍ୱାରା କିମ୍ବା ତାହାଙ୍କ ଆଜ୍ଞାକ୍ରମେ ଉପସ୍ଥିତ ହୋଇଥିବ ଓ ଯହିଁରେ ଫରିୟାଦୀ ଅନୁମାନ ହେବେ ଯେ ସରକାରୀ କର୍ମ ଚଳାଇବା କାରଣ ସେ ମୋକଦ୍ଦମାମାନ ଚଳାଇବା ଉଚିତ ଏମନ୍ତ ମୋକଦ୍ଦମା ସବୁର ଫରିୟାଦୀ ଓ ସ୍ତ୍ରୀ ।

୨ । ଯେସମସ୍ତ ମୋକଦ୍ଦମାରେ ଫୌଜଦାରୀ କାର୍ଯ୍ୟବିଧିର ଅଧ୍ୟାୟର ଧାରା ୫ ରବେ ଯାମିନ ନେବାର ଅନୁମତି ନାହିଁ ଏମନ୍ତ ମୋକଦ୍ଦମାର ଫରିୟାଦୀ ଓ ସ୍ତ୍ରୀ ।

୩ । ଯେସମସ୍ତ ସ୍ତ୍ରୀ କାର୍ଯ୍ୟବିଧିର ୨୧୮ ଧାରା ଅନୁସାରେ ମାଜିଷ୍ଟ୍ରେଟଙ୍କ ଆଜ୍ଞାଦ୍ୱାରା ଉପସ୍ଥିତ ହେବାକୁ ବାଧ୍ୟ ହୁଅନ୍ତି ।

ଯେଉଁ ସ୍ତ୍ରୀମାନଙ୍କ ଉପରେ ଧା ୨୭୨ ସମର୍ପିତ ସମନ ଜାରି ହୁଏ ସେମାନଙ୍କୁ ଖୋରାକୀ ମିଳିବ ନାହିଁ କାରଣ ଗବର୍ଣ୍ଣମେଣ୍ଟଙ୍କର ଏମନ୍ତ ମାନସ ହୋଇଅଛି ଯେ ଏପରି ମୋକଦ୍ଦମାର ସ୍ତ୍ରୀଙ୍କ ଖର୍ଚ୍ଚା ଫରିୟାଦଙ୍କ ଉପରେ ପଡ଼ିବ । କେବଳ ସାଧାରଣ ବସ୍ତୁବିଷୟର ରକ୍ଷିତ କାରଣ ମାଜିଷ୍ଟ୍ରେଟ ସାହେବ କିଛି ଆଜ୍ଞା ଦେଲେ ଏପ୍ରକାର ସ୍ତ୍ରୀଙ୍କୁ ଖୋରାକୀ ଦେବେ ।

ନିମ୍ନଲିଖିତ ହାରରେ ଖର୍ଚ୍ଚା ଦିଆଯିବ ଯଥା ।

ଏଦେଶୀୟ ସାମାନ୍ୟ ମଜୁରୀ ଶ୍ରେଣୀର ଲୋକ ହେଲେ ଦିନକୁ ୫ ପଇସା ଏବଂ ରେଲଓଏର ଥର୍ଡକ୍ଲାସର ଗାଡ଼ିର ଭଡ଼ା ।

ମୂଲିଆ ଅପେକ୍ଷା ଉଚ୍ଚଶ୍ରେଣୀର ଏଦେଶୀୟ ଲୋକ ସକାଶେ ରେଲଓଏର ଦ୍ୱିତୀୟ ଶ୍ରେଣୀର ଗାଡ଼ିଭଡ଼ା ଏବଂ ଦିନକୁ ଚାରିଅଣା ଲେଖାଏ ଖୋରାକୀ ଇଉରୋପୀୟ ଏବଂ ଅନ୍ୟଦେଶୀୟ ଲୋକ ସକାଶେ ଦ୍ୱିତୀୟ ଶ୍ରେଣୀର ରେଲଗାଡ଼ି ଭଡ଼ା ଏବଂ ଦିନକୁ ଏକଟଙ୍କାରୁ ଅନଧିକ ଖୋରାକୀ ।

ଡାକ୍ତର ଏବଂ ବ୍ୟବହାରିକବିଜ୍ଞାନର ବିଦ୍ୟା ବ୍ୟବସାୟୀ ସାକ୍ଷୀ ହେଲେ ତାହାଙ୍କର ଅବସ୍ଥାନୁସାରେ ଉପଯୁକ୍ତ ଖର୍ଚ୍ଚା ଦିଆଯିବ ।

ସରକାରୀ ଚାକରମାନେ ଯଥାର୍ଥ ପଥଖର୍ଚ୍ଚା ପାଇବେ ।

ଜଡ଼ିତଥିବା ସ୍ଥାନକୁ ଯିବାଆସିବା କରିବାପାଇଁ ଯେତେଦିନ ଆବଶ୍ୟକ ତାହା ପ୍ରତ୍ୟେକ ସ୍ଥଳରେ ଖର୍ଚ୍ଚା ଦେବା ହାକିମ ସ୍ଥିର କରିଦେବେ ଓ ଏଥି ପାଇଁ ସଦର ମହକୁମାଠାରୁ ପ୍ରତ୍ୟେକ ଥାନା ଓ ମଧ୍ୟବର୍ତ୍ତୀ ସ୍ଥାନସବୁ କେତେ ଅନ୍ତରରେ ଅଛି ତହିଁର ଏକ ଫର୍ଦ୍ଦ ପ୍ରସ୍ତୁତ କରାଯିବ ।

---

### ମାଉନ ଥାନାର ଅସ୍ଥ ବ୍ୟୟ

ମାନ୍ୟବର ଅମ୍ଭେମାନେ ଏଥିର ମାଉନ କମିଟିଙ୍କ ସମ୍ପାଦକର ବିଜ୍ଞାପନ ପ୍ରକାଶ କରୁଅଛୁଁ ତହିଁର ପାଠକମାନେ ଜାଣିବେ ଯେ ସନ ୧୮୭୮ ।୭୯ ମସିହା ଜାନୁୟାରୀ ଠାରୁ ଡିସେମ୍ବର ପର୍ଯ୍ୟନ୍ତ ତହିଁର ଆନୁମାନିକ ଫର୍ଦ୍ଦ ପ୍ରସ୍ତୁତ ହୋଇଅଛି ଅତଏବ ସର୍ବସାଧାରଣଙ୍କ ଗୋଚରାର୍ଥେ ଉକ୍ତ ଫର୍ଦ୍ଦର ପ୍ରତିଲିପି ଏଠାରେ ପ୍ରକାଶ କଲୁଁ ଯଥା ।

ମାଉନଫଣ୍ଡର ଇଷ୍ଟିମେଟ

ବାବତ ସନ ୧୮୭୮।୭୯ ।

| | |
|---|---|
| ପୁଲିସଖର୍ଚ୍ଚା | ଟ ୬୩୮୬ |
| ତହସିଲ ଖର୍ଚ୍ଚା | ଟ ୧୫୦୦ |
| କାଟେଖର୍ଚ୍ଚ | ଟ ୪୦୦ |
| କର୍ମ ମୁକାଫା ଖାରଜ | ଟ ୧୦୦୦ |
| ଡିଂଗରଜେନସି ଅର୍ଥାତ୍ ମଏଲା ସଫାଇ ଗାଡ଼ିଖର୍ଚ୍ଚା | ଟ ୨୦୦୦ |
| ପବ୍ଲିକ ୱର୍କସ ଅର୍ଥାତ୍ ରାସ୍ତା ଓ ପୁଲ ମରାମତି | ଟ ୨୭୨୦ |
| ଏକୁନ | ଟ ୧୫୦୦୬ |

Split by PDF Splitter

176



ପ୍ରକାଶ ଥାଉକ କଂସର ଜେଳଟି ସବ୍‌ଜେଲ ଓର୍ଡ଼ର ମଧ୍ୟରେ ଖ୍ରୀଷ୍ଟୀନ ସାହେବ ଓ ବଙ୍ଗାଳି କରମାନ୍ତ ଟ ୧୨୭୦୲ ଙ୍କା ମାସିକ ଅଛି ।

ଏଥିରୁ ଦେଖାଯାଏ ଗତବର୍ଷାପେକ୍ଷା ଏବର୍ଷ ଟ ୧୦୦୦ଙ୍କା ଅଧିକ ପ୍ରୟୋଜନ ଅର୍ଥାତ ଗତବର୍ଷ ସବୁଦ୍ଧା ଟ ୧୮୦୩୪୲ ଙ୍କା ପ୍ରୟୋଜନ ହୋଇ ଥିଲା ଏବର୍ଷ ଟ ୧୯୦୩୭୲ ଙ୍କା ହୋଇଅଛି । ଅତଏବ କେବଳ ଟ ୧୦୦୦୲ ଙ୍କା ଅଧିକ ହୋଇଅଛି ଓ ଫର୍ଦ୍ଦରେ "କଣ୍ଟ୍ରିବ୍ୟୁସନ ଗାରଣ୍ଟ" ବୋଲି ଯେଉଁ ଏକହଜାର ଟଙ୍କା ଲେଖାଯାଇ ଅଛି ତହିଁର ଅର୍ଥ କିଛି ବୁଝିହେଉ ନାହିଁ ଓ ସେହି ଏକହଜାର ପ୍ର... ଭିତର କରିଆ ଅଟଇ । ନୋହିଲେ ପୁଲିସ ଓ ଜହଲଖର୍ଚ୍ଚା ଠିକ ଗତବର୍ଷପରି ଅଛି ଓ ଯେମନ୍ତ ସହର ସଫାରେ ଟ ୧୩୦୦ ଙ୍କା ଊଣା ପଡ଼ୁଅଛି ସେହିରୂପ ସବ୍‌ଜେଲ ଓର୍ଡ଼ରରେ ଟ ୨୧୦୦୲ ଙ୍କା ବଢ଼ିଅଛି ଅବଶିଷ୍ଟ ଟ ୫୦୦୲ ଙ୍କା କାଟେଜଗର୍ଚ୍ଚ ଭିତରେ ପଶିଯାଇ ଅଛି । ମୋଟରେ ଦେଖାଯାଏ ଯେ ସହର ସଫାଇଠାରୁ ଟଙ୍କା କାଟିନେଇ ସବ୍‌ଜେଲ ଓର୍ଡ଼ରରେ ଭରତି କରିବା ଉଚିତ ହୋଇଅଛି କାରଣ ସଫାଇ ବାବତରେ ଅନେକ ଟଙ୍କା ଖର୍ଚ୍ଚ ହୁଅଇ ନୂଆ ବର୍ତ୍ତମାନ ହେଲେ ମେଁ... ହର ନୂଆ ... ଯୋଗମାନ ... ଚଳିତ ବର୍ଷରେ ... ଖତ... ନିଆଯାଇ ଅଠରହଜାର ଟଙ୍କା ଉଶୁଲ ହେବାର ସମ୍ଭାବନା ଅଛି ତେବେ ଫର୍ଦ୍ଦରୀ ... ହୋଇ ନାହିଁ । କିନ୍ତୁ ଆମ୍ଭମାନଙ୍କ ବିବେଚନାରେ ସ୍କୁଲର କାର୍ଯ୍ୟ ବୃଦ୍ଧିରେ ତାହାଙ୍କ ପକ୍ଷରେ ବୃତ୍ତି ବ୍ୟୟ ପଡ଼ୁଅଛି ଓ ଭର୍ମିଣ କାର୍ଯ୍ୟରେ ଟ ୭୭୦୦୲ ଙ୍କା ଯାଇ ଟ ୧୨୭୦୲ ଙ୍କା ବ୍ୟୟ ହେବା ଅଧିକ ହୋଇଅଛି ଓ ସନ୍ଦିଗ୍ଧ ଏଥିର ଅଧେ ସହର ସଫାଇ ତଳେ ଧରାଯାଇଅଛି ମାତ୍ର ତାହା ଅନର୍ଥକ ଅଟଇ କାରଣ ସେ କର୍ମ ସକାଶେ ଜଣେ ବଡ଼ ଦରମାହିଁର କର୍ମଚାରୀ ରଖିବା ଅନର୍ଥକ ... ତାହାଙ୍କ ବେତନର ସମ୍ପୂର୍ଣ୍ଣ ଅଂଶ ସବ୍‌ଜେଲ ଓର୍ଡ଼ରରେ ପଡ଼ିଅଛି । ଆମ୍ଭେମାନେ ଅନୁମାନ କରୁଁ ଯେ ପୁଲିସ ଖର୍ଚ୍ଚ କିମ୍ବା ଜହଲ ଖର୍ଚ୍ଚ ଊଣା କରି ସବ୍‌ଜେଲ ଓର୍ଡ଼ରରେ ଅଧିକ ଟଙ୍କା ଦେଲେ ଭଲ ହେବ ଓ ଯେଉଁଠାରେ ସମସ୍ତ ପୁଲିସ କନଷ୍ଟବଲମାନେ ଟାକ୍ସ ଉଠାଇ ଦେଉଅଛନ୍ତି ସେ ସ୍ଥଳେ ଜହଲ କମିଟି ପୃଥକ ଚପରାଶୀ ନ ରଖି କେବଳ ଜଣେ ଦାରୋଗା ଦ୍ୱାରରେ କର୍ମ ଚଳି ପାରେ ଓ ଏଥିରେ ବର୍ଷକୁ ଟ ୫୦୦ ଙ୍କାରୁ ଅଧିକ ବ୍ୟୟ ପଡ଼ିବ ନାହିଁ । ଥାଣା ଜମାଦାରମାନେ ଦାରୋଗାର ମୋହରଇରୂପ ଥାଇଁ ଆପଣା ଏଲାକାର ଟାକ୍ସ ଉଠାଇ ତହିଁର ସମ୍ପୂର୍ଣ୍ଣ କାଗଜପତ୍ର ଲେଖିପାରନ୍ତି । ଏରୂପ ହେଲେ ପୁଲିସଖର୍ଚ୍ଚା ଯାହା ଅଧିକ ଲେଖାଯାଇ ଅଛି ତାହା ଉଚିତମତେ ବ୍ୟୟ ହେବ ଓ କେହି ତହିଁରେ ଆପତ୍ତି କରି ପାରିବେ ନାହିଁ । ଅତଏବ ଆମ୍ଭମାନଙ୍କ ବିବେଚନାରେ ପୁଲିସଖର୍ଚ୍ଚା ଅଥବା ଜହଲ ଖର୍ଚ୍ଚା ... ଅଧିକ ଊଣା ହୋଇପାରେ ଓ ସେ ଟଙ୍କା ସବ୍‌ଜେଲ ଓର୍ଡ଼ରରେ ଦେଲେ ଯଥାର୍ଥ ଉପକାର ହେବ । ଲୋକଙ୍କ କଷ୍ଟ ଦଳେ ଟାକ୍ସ ଉଶୁଲ କରି ତାହା କର୍ମଚାରୀମାନଙ୍କ ଖୁଆଇବାରେ କେଉଁ ସ୍ୱାର୍ଥ ଅର୍ଜନ ହେବ ଆମ୍ଭେମାନେ ସ୍ଥିର କରି ପାରୁନାହୁଁ । ପ୍ରକୃତରେ ଲୋକସ୍ୱତ୍ୱକୁ ପେଷୁଡ଼ି ଖାଇଯାଉଅଛୁ ।

---

ହାକିମବଦଳୀ ।

ଗତବର୍ଷମାନରେ ଏନଗରର ହାକିମଙ୍କର ବହୁତ ଫେରବଦଲ ହୋଇଗଲା । ଏକାବେଳକେ ଏତେ ହାକିମ ବଦଳୀ ପ୍ରାୟ ଘଟଣା ହୁଅଇ ନାହିଁ ଏଥିପାଇଁ ଏହାକୁ କୌଣସି ଯୋଗ ବୋଲିବାକୁ ହେବ ମାତ୍ର ସୁଯୋଗ କି ଦୁର୍ଯୋଗ ତାହା ପାଠକମାନେ ବିବେଚନା କରନ୍ତୁ ଆମ୍ଭେମାନେ କିଛି ନିଶ୍ଚୟ କରି ନ ପାରୁଁ କାରଣ ଉଭୟ ଫଳ ଏକକାଳରେ ସଂଘଟନ ହୋଇଅଛି ତେବେ ଫଳଭଗର ଅଧିକ୍ୟାନୁସାରେ ବିଚାର କରିବାର ସର୍ବତ୍ର ପ୍ରଥା ଅଛି ।

ଗତ ସୋମବାର ଶ୍ରୀଯୁକ୍ତ ଅଲେକଜାଣ୍ଡର ସାହେବ ଜଜ ଏବଂ ମାର୍ଗଦର୍ଶନସାହେବ କଲେକ୍ଟର କମିସନରଙ୍କୁ ପଦ୍ମାର୍ପଣ କଲେ ଓ କପକ୍ଷ୍ଣସାହେବ ଏକ୍‌ଟିଂ କଲେକ୍ଟର ନିଯୁକ୍ତହୋଇ ପ୍ରବେଶ ହେଲେ ଶ୍ରୀଯୁକ୍ତ ମାର୍ଗଦର୍ଶନସାହେବ କେବଳ ଏକମାସ ନିମନ୍ତେ ଯାଇଅଛନ୍ତି ବେଶି ସମୟରେ କିଛି କଥା ନାହିଁ କେବଳ ଶ୍ରୀଯୁକ୍ତ ଅଲେକଜାଣ୍ଡରସାହେବ ଜଜ ଯଦ୍ୟପି ଦୁଇବର୍ଷକାଳରୁ ଛୁଟୀ ନେଇ ଅଛନ୍ତି ମାତ୍ର ସର୍ବସାଧାରଣ ଜାଣନ୍ତି ଯେ ସେ ଆଉ ଫେରିଆସିବେ ନାହିଁ ସେ ଏଠାରେ ପ୍ରାୟ ୮ବର୍ଷକାଳ ଜଜ କର୍ମରେ ଥିଲେ ଏମନ୍ତ ସୁନ୍ଦର ରୂପେ କାର୍ଯ୍ୟ କଲେ ଯେ ସମସ୍ତଙ୍କ ମନ ହରଣ କରିଥିଲେ । ଏମନ୍ତ ଲୋକ ନାହିଁ କି ଯେ ତାହାଙ୍କର ସଦ୍‌ଗୁଣର ପରିଚୟ ପାଇ ନାହିଁ । ପ୍ରିୟଲୋକର ବିଚ୍ଛେଦରେ ଯେମନ୍ତ ମନସ୍ତାପ ହୁଅଇ ତାହା ଅନ୍ୟସ୍ଥାନରେ ଯେକେହି ଅନୁଭବ କରି ନ ଥିଲେ ସେମାନେ ଏହାଙ୍କ ପ୍ରସ୍ଥାନ କାଳରେ ଉତ୍ତମରୂପେ ଜାଣିପାରିଲେ । ଅଲେକଜାଣ୍ଡରସାହେବ ଏଠାରେ ଥିବା ବିଲାତୀମାନଙ୍କ ମଧ୍ୟରେ ପ୍ରାଚୀନ ଥିଲେ ଓ ତାହାଙ୍କ ପସ୍ଥାନକାଳରେ ସମସ୍ତେ ଏମନ୍ତ ସମାରୋହରେ ତାହାଙ୍କ ସମ୍ମାନ କରିଥିଲେ ଯେ ଅନ୍ୟ କୌଣସି ଲୋକ ସକାଶେ ପ୍ରାୟ ସେରୂପ ହୋଇ ନ ଥିଲା । ବିହିଲମିଲ ... କର୍ମଚାରୀମାନେ ସୁସଜ୍ଜିତ ହୋଇ ବାଜା ବଜାଇ ତାହାଙ୍କୁ ମହାନଦୀ ଘାଟରେ ଧୁଆଁ ଜଳ ଜାହାଜରେ ଚଢ଼ାଇ ଅଣିଲେ ଓ କେତେ ଜଣ ସାହେବ ବନ୍ଦରର ପର୍ଯ୍ୟନ୍ତ ମଧ୍ୟ ଏହାଙ୍କୁ ଛାଡ଼ି କରି ଦେଇ ଗଲେ ।

ଅଲେକଜାଣ୍ଡର ସାହେବଙ୍କ ଗମନ ଯେମନ୍ତ ଦୁଃଖର କାରଣ ହୋଇଅଛି ଶ୍ରୀଯୁତ ଟାଏନବି ସାହେବଙ୍କ କଲେକ୍ଟର ମଜିଷ୍ଟ୍ରେଟୀର ପଦଅର୍ପଣ ସେହିରୂପ ସୁଖର କାରଣ ହୋଇଅଛି । କଲେକ୍ଟର କାର୍ଯ୍ୟ ଯେରୂପେ ଚଳୁ ଅଛି ତାହା କାହାରିକୁ ଅବିଦିତ ନାହିଁ ଗବର୍ଣ୍ଣମେଣ୍ଟ ଦନସ୍ତ ସମୟରେ ଅନେକ ନିୟମ ପ୍ରଚଳିତ କଲେହେଁ କବ୍ଲୁତ ସାହେବଙ୍କ ... ପ୍ରଜାଙ୍କ ମନରେ କଲକ୍ଷଣରୂପେ ଜାଗରିତ ଅଛି ଏମନ୍ତ କି ଏଣିକି ଯେବେ ତାହାଙ୍କ କାର୍ଯ୍ୟ ପୂର୍ବାପେକ୍ଷା ଭଲ ହୋଇଥାଏ ତଥାପି ଲୋକେ ତହିଁରେ ତୃପ୍ତି ହେବେ ନାହିଁ । ଏମନ୍ତ ଅବସ୍ଥାରେ ଶ୍ରୀଯୁକ୍ତ କବ୍ଲୁତ ସାହେବଙ୍କର ... ବଦଳେ ଦୂଷା କଲକ୍ଟର ମଜିଷ୍ଟ୍ରେଟ କର ... କରିବା ଉଚିତ ହୁଅନ୍ତା ନାହିଁ । ଗୁଣଗ୍ରାହିତାର ... ଗୁଣକଭିଃ ... ଓ ... ତାହା ପଦରେ ଦୁଇଭଉଣୀ ... ପାଇଲେ ... ପ୍ରାପ୍ତ ବୃଦ୍ଧି ରହଇ ନାହିଁ । ଅତଏବ ଗବର୍ଣ୍ଣମେଣ୍ଟ ଏହାଙ୍କଠାରୁ ଏ ମଜିଷ୍ଟ୍ରେଟୀର ଭାର କାଢ଼ି ନେବାରେ ଯଥାର୍ଥ କର୍ମ କରିଅଛନ୍ତି ଏବଂ ଶ୍ରୀଯୁକ୍ତ ଟାଏନବି ସାହେବଙ୍କୁ ସେ କାର୍ଯ୍ୟରେ ନିଯୁକ୍ତ କରିବା ମଧ୍ୟ ଉତ୍ତମ ହୋଇଅଛି । ଟାଏନବି ସାହେବଙ୍କର ପ୍ରଧାନ ଗୁଣ ଏହି ଯେ ସେ ପ୍ରଜାଙ୍କ ଦୁଃଖ ସହି ପାରନ୍ତି ନାହିଁ ଓ ଅଧୀନ କର୍ମଚାରୀମାନେ ଯେମନ୍ତେ କୌଣସି ଅତ୍ୟାଚାର କରି ନ ପାରନ୍ତି ଏଥିରେ ସର୍ବଦା ମନୋଯୋଗୀ ଥାନ୍ତି । କଚେରୀର କାଗଜ ସବୁ ଉତ୍ତମ ବନ୍ଦୋବସ୍ତରେ ରଖିପାରନ୍ତି ସେ ସବୁ ପରିଷ୍କାର ଥାଏ ଓ କୌଣସି କାଗଜ ଖୋଜ

Digitized by srujanika@gmail.com

ନାଇ ହୁଅଇ ନାହିଁ । ଅତଏବ ତଳଙ୍କର ମହକୁମାର ଦୂଇ ପ୍ରଧାନ ଦୋଷ ଅଧୀନକର୍ମଚାରୀମାନଙ୍କ ଅଜ୍ଞାନତା ଏବଂ କାଗଜପତ୍ର ସବୁର ଗୋଳମାଳ—ଏହାଙ୍କ ଦ୍ୱାରା ନିବାରଣ ହେବ ଓ ଯେବେ ଏପରି ହେଲା ତେବେ ପ୍ରଜାଙ୍କର ବହୁତ କଷ୍ଟ ମୋଚନ ହୋଇଯିବ । ଅମ୍ଭେମାନେ ମୋଫସଲରେ ଶୁଣିଅଛୁଁ ଯେ କେତେ ପ୍ରଜା ସଦର ଅଫିସରେ ଟଙ୍କା ଦେଇ ଗଲେ ତାହା ସେରସ୍ତାରେ ଜମା ହୋଇ ନ ଥିବାରୁ ନାଲିସ ଉପସ୍ଥିତ ହୋଇଅଛନ୍ତି । ଅଧୀନ କର୍ମଚାରୀମାନେ ବହୁତ ପାଇବା ଆଶାରେ ଏରୂପ କରନ୍ତି ଓ ତାହାଙ୍କ ଉପରେ ହାକିମଙ୍କର ଦୃଷ୍ଟି ନ ଥିବାରୁ ଅନାୟାସରେ ରକ୍ଷା ପାଇଯାନ୍ତି । ବରଂ ଉତ୍ସାହିତ ହୋଇ ଅଧିକ ଅନ୍ୟାୟ କରନ୍ତି । ହାକିମ ତାହା ଉପରେ ଚାହିଁଲେ କର୍ମଚାରୀଙ୍କ ଧନଧାନ୍ୟ ଅଧିକ ତହିଁର କାରଣ ଏହି ହାକିମଙ୍କର ତାହା ସଂସ୍କାର ଅଧିକ ଦିନ ଏ ଉଣା ଅଧିକ ହେଲେ ତାହାରେ ଅଟକ ହୁଅନ୍ତି ଓ ପୁନର୍ବାର ତାହା ହେବାପାଇଁ ମିଛାନ୍ତି ହୁଅନ୍ତି ଅତଏବ ତହସିଲଦାରଙ୍କ ଯିବାଦ୍ୱାରା ଏ ଅନେକ କର୍ମଚାରୀ ଦୃଷ୍ଟ ପଡିଥାଏ ଯେ ହାକିମ ଲୋକଙ୍କୁ ଧରିଲେ ନଜର ପାନ୍ତି ହେବ ଏହି ଆଶାରେ ହାକିମ ଜଗି ବସିଥାନ୍ତି । ଅମ୍ଭେମାନେ କୌଣସି କର୍ମ ଯେ ହାକିମ ଯିବାଅଛିବା ନେଲେ ତାହାଙ୍କୁ ଓପରସ୍ଥରେ ଧରିବାର ହେଲେ ଭଲ ହୁଅନ୍ତା । ହାକିମ ମୋକଦ୍ଦମା ହେଲେ ଭଲ ହୁଅନ୍ତା । ହାକିମ ମୋଫସଲବାସିଙ୍କର ଜୀବନଜାତି ହେଉଅଛି ସେଠାକୁ ଯାଇ କଣ କହି ନ କଲେ ଅନାୟାସରେ ପ୍ରାଣ ଯିବାର କଥା ଓ ସେ ହାକିମ ବହୁତ ଦିନ ହୁଅଇ ନାହିଁ ଯେ ସେହି ସ୍ଥଳରେ କୌଣସି ଲୋକ ଅନ୍ୟାନ୍ୟ କାର୍ଯ୍ୟମାନ ନିର୍ବାହ ହେବ ଅତଏବ ହାକିମଙ୍କୁ ହାକିମରେ ସେଠାରେ ନ ରହିବା କଥା ହେଲେ ବଡ ଭଲ ହେବ । ହାକିମ ପକ୍ଷରେ ଅମ୍ଭେମାନେ ସେହି ଲୋକଙ୍କୁ ଘୃଣା କରୁଅଛୁଁ ଯେଉଁମାନେ ହାକିମଙ୍କୁ ତୃଣବତ୍ ମଣନ୍ତି ଅଥବା କହିବାର ସବୁବେଳେ ତତ୍ପର ହଅନ୍ତି ।

# ସାପ୍ତାହିକ ସଂବାଦ

୧ । ଏଡ଼ୁକେସନ ଗେଜେଟ ଲେଖନ୍ତି ଯେ ଅମ୍ଭେମାନେ ଦୁଃଖିତାନ୍ତଃକରଣରେ ପ୍ରକାଶ କରୁଅଛୁଁ ଯେ ପୂର୍ବ ପ୍ରବାସରେ ବିଖ୍ୟାତ ମୁନ୍‌ସି ସାହେବଙ୍କର ମୃତ୍ୟୁ ହୋଇଅଛି । ମୁନ୍‌ସିସାହେବ ନୂତନ ଅନୁରାଗ ଥିଲେ ବୋଲି ଶୁଣାଯାଉଥିଲା ।

୨ । ମେଦିନୀପୁରର ସମ୍ବାଦଦାତା ଲେଖିଅଛନ୍ତି ମେଦିନୀପୁରରେ ୨ ଜଣ ଫିରିଙ୍ଗି ପଦବ୍ରଜରେ କଲିକତାକୁ ଗମନ କରୁଥିଲେ । ଏମାନଙ୍କ ସଙ୍ଗରେ ଦୁଇଟି ଇତର ଶ୍ରେଣୀର ସ୍ତ୍ରୀ ଲୋକ ନେଇ ଯାଉଥିଲେ ପଥମଧ୍ୟରେ ରଜନୀଯୋଗେ ମହାପୁରୁଷମାନେ କୌଣସି ସ୍ତ୍ରୀକୁ ଆକ୍ରମଣ କରିଥିଲେବୋଲି ଫଉଜଦାରିରେ ନାଲିସ ଉପସ୍ଥିତ ହୋଇଅଛି । ଫିରିଙ୍ଗି ସାହେବମାନେ ନ କରିପାରନ୍ତି ଏମନ୍ତ କର୍ମ ନାହିଁ ।

୩ । କୃଷ୍ଣମନୋହର (ସୁବର୍ଣ୍ଣମୁଦ୍ରା) ପ୍ରସ୍ତୁତକାରୀ ଜନୈକ ବ୍ୟକ୍ତି ମେଦିନୀପୁରସ୍ଥ ସେସନ ଅଦାଲତରେ ଅର୍ପିତ ହୋଇ ଥିଲା ଜଜସାହେବଙ୍କ ବିଚାରରେ ତାହାକୁ ପାଞ୍ଚବର୍ଷ ନିମନ୍ତେ କାରାବାସର ଆଜ୍ଞା ହୋଇଅଛି ।

୪ । ଗାନ୍ତ କର ଗୋଟିଏ ଋଗ୍‌ଣ ଘୋଡା ନେଇ କଲିକତାକୁ ଯାଉଥିବା ସମୟରେ ଏକବ୍ୟକ୍ତି ତପ୍ତ ଦୃପ୍ତ ଆସି ଘୋଡା ଲାଙ୍ଗୁଳର ମୂଳ ପର୍ଯ୍ୟନ୍ତ କାଟି ନେଲା । ତାହାକୁ ପୁଲିସ ଧରି ବାର୍ଗ ଲପ୍‌ଜରେ ଉପସ୍ଥିତ କଲେ ତାହା ପ୍ରତି ୫ ୨୦ ଟଙ୍କା ଜରିମାନା ହୋଇଅଛି ।

୫ । ସମ୍ବାଦଦାତା ଲେଖିଅଛନ୍ତି ଖେତଲଲ ଥାନାର ପୂର୍ବ ୩ କ୍ରୋଶ ବ୍ୟବଧାନ ନିକଟ ନିବାସୀ ଶ୍ରୀ ଭଜନଭଜନସ୍ୱ ଭଜନୀରେ ଅପଣା ସହଧର୍ମିଣୀ ଓ ଅଳ୍ପବୟସ୍କା କନ୍ୟା ସହିତ ଶୟନ କରିଥିଲେ ନିଦ୍ରାବସ୍ଥାରେ ଗୋଟିଏ ବିଷଧର ପ୍ରଥମେ ନିମ୍ବଙ୍କର ଦକ୍ଷିଣହସ୍ତୋପର ଦଂଶନ କଲା, ତହିଁରେ ଉନ୍ମତ୍ତ କନ୍ୟାଙ୍କ ଚିତ୍କାର ଶୁଣି ଉଠିଲେ ସ୍ତ୍ରୀ ଏରୂପ ଚିତ୍କାର ଧ୍ୱନିରେ ଜାଗ୍ରତ ହୋଇ ଯେମନ୍ତ ସ୍ୱାମିର ଗାତ୍ରୋପରି କର ଦେଇ ଗାତ୍ରୋତ୍ଥାନ କରିଥିଲେ ତେମନ୍ତ ଭୁଜଙ୍ଗ ତାହାଙ୍କର ବାମପାର୍ଶ୍ୱରେ ଦଂଶନ କଲା । କ୍ଷୟିହାଲ ଉତ୍ତାପ ଉଭୟ ଅଳ୍ପକାଳ ମଧ୍ୟରେ ମୃତ ହେଲେ ।

୬ । ଶୁଲର ସମାଚାର ବୋଲନ୍ତି ଗତଦିନ ଗ୍ରାମସ୍ଥ ଜେନ ପରିବାରଙ୍କର ୭୫ବର୍ଷ ବର୍ତ୍ତମାନ ଅଛନ୍ତି । ୫ ବର୍ଷ ଗୋଟିଏ ପିଲର ପିତା, ପିତାମହ, ପ୍ରପିତାମହ, ବୃଦ୍ଧ ପ୍ରପିତାମହ ଓ ଅତି ବୃଦ୍ଧ ପ୍ରପିତାମହ ଏକ ପରିବାରସ୍ଥ ହୋଇ ବର୍ତ୍ତମାନ ଅଛନ୍ତି ଏମାନଙ୍କର କହାହାଦ ହିସାବରେ ଅଙ୍କ ଜାଣିଯିବ କହିବାକୁ ହେବ ନାହିଁ ।

ମୃତ ଚିଫ ଯଷ୍ଟିସ ନର୍ମାଣସାହେବଙ୍କ ଗୋଟମାସ୍ ନଉଗାକାରଣ ଶେଷ ପ୍ରକାଶ ହେଲା ନିମିତ୍ତ କଲିକତାର ମୁସଲମାନ ଲୋକରେ ସଭାର ଏବ ଅଧିବେଶନ ହୋଇଥିଲା ଯେ ତହିଁରେ ସଭ୍ୟମାନେ ମୃତମହାତ୍ମାଙ୍କ ସ୍ମରଣାର୍ଥ କୌଣସି କୀର୍ତ୍ତି ରଖିବାପାଇଁ ସ୍ଥିରକରି ଚେନ୍ଦା ସଂଗ୍ରହ କରୁଅଛନ୍ତି । ସଭାଦିନ ୫୦୦୦ ଟଙ୍କା ଚେନ୍ଦା ସ୍ୱାକ୍ଷରିତ ହୋଇଥିଲା । ମୁନ୍‌ସି ଅମୀରଅଲିଙ୍କ ଉଦ୍ୟମରେ ଆଉ ଗୋଟିଏ ସଭା ମଧ୍ୟ ହୋଇ ଏହିରୂପ ପ୍ରସ୍ତାବ ସ୍ଥିର ହୋଇଅଛି ଏଥିରୁ ପ୍ରକାଶ ଯେ ସମସ୍ତ ମୁସଲମାନମାନେ ସନ୍ତାପ ଲୋକଙ୍କ ପ୍ରାୟ ନର୍ମାଣସାହେବଙ୍କ ମୃତ୍ୟୁରେ ଶୋକିତ ଓ ଦୁର୍ମ୍ମାର ଇଷ୍ଟର କାର୍ଯ୍ୟପ୍ରତି ଘୃଣାଯୁକ୍ତ ଅଛନ୍ତି ।

ଅଷ୍ଟ୍ରେଲିୟା ଦ୍ୱୀପରେ ଚାହାକ୍ଷେତ କରିବାର ଉଦ୍ୟମ ହୋଇଅଛି ଏ ଯୁଗ ବୋଧ ହୁଅଇ ଭାରତବର୍ଷ ପରି ସେଠାରେ ଫଳପ୍ରଦ ହେବ ।

ଦିଲ୍ଲୀ ଗଜେଟରେ ଲେଖାଯାଏ ଯେ ଅଫ୍ରିକାଶଣ୍ଡରେ ମୁସଲମାନ ଧର୍ମ ଅତିଶୀଘ୍ର ବୃଦ୍ଧି ହେଉଅଛି । ଜଦରପ୍ତା ଦେଶର ପୂର୍ବଉପକୂଳରୁ ପଶ୍ଚିମ ଉପକୂଳ ପର୍ଯ୍ୟନ୍ତ ଏ ଧର୍ମ ବିସ୍ତାରିତ ହେଲାଣି ଓ ଅଲବୀଗାଥାରେ ଲୋକେ ଏ ଧର୍ମର ଉପଦେଶ ପାଉଅଛନ୍ତି । ପିଲମାନଙ୍କୁ ମଧ୍ୟ ଏହି ଭାଷାରେ ଶିକ୍ଷା ଦିଆଯାଉଅଛି ।

ବେଶୀସ୍ଥମରେ ଟୀକା ଦେବା ନିବାରଣ ସକାଶେ ଗବର୍ଣ୍ଣମେଣ୍ଟବଙ୍ଗାଳ ଯେଉଁ ଆଇନ ପ୍ରଚଳିତ କରିଅଛନ୍ତି ସଂପ୍ରତି ତାହା ଚବିଶପରଗଣା ନଦିଆ ବର୍ଦ୍ଧମାନ ହୁଗଲୀ ଓ ହାବଡା ଜିଲ୍ଲାମାନଙ୍କରେ ଜାରି ହୋଇଅଛି ଓଡିଶାରେ ମଧ୍ୟ ପ୍ରଚାର ହେବା ପାଇଁ ଡାକ୍ତର ସାହେବ ଦେଇ ଅଛି ଲେଖିଥିଲେ ଏଣିକି ଜାରି ହେବାର ଅନୁମାନ ହେଉଅଛି ।

ହ୍ୟୁପେଣ୍ଡ୍ରି ଅଟର ଅବଗତହେଲୁଁ ଯେ ବଙ୍ଗଳା ଜେଲସମୁହର ଇନସ୍‌ପେକ୍ଟର ଜେନରଲ ଡାକ୍ତର ଫକସାହେବଙ୍କ ମୃତ୍ୟୁ ହେବାର ସମ୍ବାଦ ତାରଡାକଯୋଗେ ଅସିଅଛି । ଲାୟଲ୍ ହଲସାହେବ ଏ କର୍ମରେ ଏକଟିଂ ଅଛନ୍ତି ଅନୁମାନ ହୁଅଇ ସେ ବାହେଲ ହୋଇପାରନ୍ତି ।

ଯାଜପୁର ବୋଲନ୍ତି ଯେ ଶ୍ରୀମନ୍ତିଳକ କହିବାର ଯେ ସବୁ ସ୍ଥାନ ନଷ୍ଟ ହୋଇଅଛି ସେଠା ଲୋକଙ୍କ ସାହାଯ୍ୟ ନିମିତ୍ତ ଯୋଜନାରେ ଗୋଟିଏ ସଭା ସଂସ୍ଥାପନ ହୋଇଅଛି । ଏସଭା ଆରମ୍ଭଦିନ ୫୦୦୦ ଟଙ୍କା ଚେନ୍ଦା ଉଠିଥିଲା ।

ବୃଦ୍ଧ କେଶର ଶ୍ରୀ ଏଗାମୀ ଜାନୁଆରୀ ମାସ ତାରିଖରେ କଲିକତାରେ ପ୍ରବେଶ ହେବାର ନିଶ୍ଚୟ ହୋଇଅଛି । ଶ୍ରୀଯୁକ୍ତ ମହାରାଣୀଙ୍କ ଏହାଙ୍କ ସହିତ ଦେଖାଅଁସିବେ ଓ ଶ୍ରୀମତୀ ମହାରାଣୀଙ୍କ ଦ୍ୱିତୀୟ ପୁତ୍ରଙ୍କ ସମ୍ମାନକାରଣ ଗଭର୍ଣ୍ଣ ଜେନେରଲ ସାହେବ ଏହାଙ୍କୁ ଭେଟିବେ ବୋଲି ଶୁଣାଯାଉଅଛି ।

ସ୍ୱର୍ଣ୍ଣପତ୍ର ଅଛି ଶାସନକର୍ତ୍ତା ଅଛନ୍ତି ଯେ ଗଭର୍ଣ୍ଣମେଣ୍ଟ ଏଥି ସମ୍ପର୍କ ମାଇସ୍ରାସେନଙ୍କୁ ବଳ-ଭର ସଙ୍ଗ ସମ୍ପର୍କରେ ସାକ୍ଷ୍ୟ ଦେବାକାରଣ ତତ୍ର ସ୍ଥାନକୁ ପଠାଇବାପାଇଁ ପ୍ରସ୍ତାବ କରଅଛନ୍ତି । ଆମ୍ଭମାନଙ୍କ ହାତରେ ଦେଶୀୟଲୋକଙ୍କ ସାକ୍ଷ୍ୟ ଦେବାପାଇଁ ପଠାଇବାର ଅବଗତ ଯାହା ହେଲେ ସବୁ ଦେଶୀୟଲୋକଙ୍କ ସମ୍ମାନ ଜାଣିଯାଇବେ ।

ଡେଲିନ୍ୟୁସର ଅବଗତ ହେଲୁଁ ଯେ ଏବର୍ଷ ଯେ ପ୍ରଧାନ ଜଜଙ୍କ ବଦଳରେ ଆସିଲା ତାହାର ପାଇଁ କେଉଁଠାରେ ସ୍ଥିର ହେଲା । ଅନୁମାନ ହୁଏ ନୂତନ କାରଣ ଅସନ୍ତୋଷ ହେବଥିବାର ଏ ଆଶା ହୋଇଅଛି ବାସ୍ତବରେ ହଇକୋର୍ଟର ମାଜିଷ୍ଟ୍ରେଟଙ୍କ ଯଥାର୍ଥ ବିଚାର କରାଯିବାର କଠିନ ହେବ । ଗଭର୍ଣ୍ଣମେଣ୍ଟ ଏ ବିଷୟ ଜାଣିବାଲାଗି ପୂର୍ବେ ଠିକ ହଜାର ଟଙ୍କା ପାରିତୋଷିକ ଦେବାକୁ ସ୍ୱୀକାର କରିଥିଲେ ତାହା ଉଣା ବୋଧ ହେବାରୁ ଦଶହଜାର ଟଙ୍କା ପାରିତୋଷିକ ଦେବାର ଘୋଷଣା ଦେଇ ଅଛନ୍ତି ।

ସେଷ୍ଟଟେଷ୍ଟ ଅବଜର୍ଭର ଲେଖନ୍ତି ଯେ ଲେଫ୍ଟନାଣ୍ଟ ଗଭର୍ଣ୍ଣର କେବଳ ଚାରିସୁଆର ଷ୍ଟେପଟେଚିନେ ଛ ମାସ ରହିପାରିବେ । ଏହା ଛଡ଼ା ସେ ଅଉ କୌଣସି ଛୁଟୀ ପାଇବାର ଯୋଗ୍ୟ ନୁହନ୍ତି । ପାଞ୍ଚବର୍ଷ ଶେଷ ହେଲା ଏଥକୁ ଛୁଟୀ ଯଥେଷ୍ଟ ଅଟଇ ।

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ ।—ଏଥିପୂର୍ବେ କୃଷକବୃନ୍ଦଙ୍କର ଶୀତର ଅନ୍ତରେ ଯେଉଁଥିବା ବିଷୟ ଆପଣଙ୍କ ପତ୍ରର ପାଠକବର୍ଗଙ୍କ ଗୋଚରରେ କରିଥିଲି ଏଥିରେ ମଧ୍ୟ ଲେଖକଙ୍କୁ ଭରସା ମିଳୁଅଛି ଯେ ପ୍ରାୟ ଲୋକମାନଙ୍କ ଉପକାର ନାରବଣ୍ଟନେ ମାରଗଲିଣି ହେଲାଣି । ଏଣେ ସେଆଲଥାନ ସମୟରେ (ଜେଲ୍ଲା ଲହାଣ୍ଡି ବର୍ଷ ମୁଁ ଜୁଝୁଅଛି) କୌଣସି ସ୍ଥାନରେ ବର୍ଷା ହେବାକୁ ଆରମ୍ଭ ହେବାରୁ କେତେକ ଅ ୯ କରୁ ନପେ ଲଭ ଭରା ହେଲେଣି । ତେଣେ ଇଣ୍ଡିଗୋ କର୍ମଲେମାନେ ଅଲଣା ନକୁଟ ଓ ଇତ୍ୟାଦି କରୁଅଛନ୍ତି । ତାଙ୍କଯୋଗୁଁ ଏ ବର୍ଷର ମଙ୍ଗଳ ଆଶା ଦିଶୁ ନାହିଁ । ଅତ୍ର ସ୍ଥାନ ଜଗନ୍ନାଥଙ୍କ ମନ୍ଦିରପରେ ବଳ୍ପ ଆଇ ହେବାର ଜନରବ ହୋଇଥିବାରୁ ଲୋକଙ୍କର ଅଧିକ ପରିମାଣରେ ଦୁଃଖ ଅଗନା ଲାଭ ହେଉଅଛି । ଏଣିକି ଈଶ୍ୱର ଇଚ୍ଛା ।

ଗତକାଲି ମୁଁ କୌଣସି ଦେଶାବାରୁ ପାଟକେ ଯାଉଁ ଏକସ୍ଥାନରେ ଉଲାବାରୁସୀ ରବ ସବୁ ଶୁଣି ଅନୁସନ୍ଧାନ କରିବାରୁ ଦେଖିଲି ଯେ ଗୋଟିଏ ମନୁଷ୍ୟଙ୍କୁ କାଦୁଅରେ ପଡ଼ି ଛଟପଟ ହେଉଅଛି ଚାହିଁ ଦେଖି ମୋ ମନରେ ଏପରି ବିଶ୍ୱାସ ଜାତ ହୋଇଥିଲା ଯେ ଯଦି ସେ ମହସ୍ତ ରକ୍ଷକଙ୍କୁ ଦେଖିଥାନ୍ତେ ତେବେ (ଇଷ୍ଟମ୍ପ ବନ୍ଧ-ଅଣ୍ଡ) ଫଣ୍ଡଜଦାରୀ ମୋକଦ୍ଦମା କରିବାରେ କାଲି ବଲଶି ବିବାଦ କର ନ ଥାନ୍ତି । ଯାହା ସେ ବସ୍ତୁର ବାସ୍ତବ ସନ୍ଦେହ ଦେଖିବାନ୍ତି ଏଗନ୍ତା ତାଙ୍କୁ ଭୟଙ୍କ କର ଗଲେଇଲ । କିନ୍ତୁ ଏଥିରେ ଆମ୍ଭର ମହାବଳ ପୁଲିସଙ୍କ ସଣାଉଅଛି କ (ଯେଉଁହେତୁ ଆପଣଙ୍କ କର୍ମର ଅସାଧ୍ୟ ନାହିଁ) ଯଦ ହେପଡ଼ ବର ବନ୍ଧାପ ପଙ୍କା ଜନ ଦରଖାସ୍ତରେ ତାହା ହେଲେ ଯେ ନେକେ ସ୍ୱଚ୍ଛ ଲଭ କରନ୍ତେ ତାହା ସେ ଡଷ୍ଟ୍ରିକ୍ଟ ପାର୍ଟିର ହସାବ କରି ପାରନ୍ତେ ଇତି ॥

ମାରସାଗାଇ ୨୩ ଅକ୍ଟୋବର ସନ ୧୮୭୨

ଅମ୍ଭେମାନେ ବୁଝିଅଛୁଁ ଯେ ସମ୍ପ୍ରତି ଉପରକ ଯେଉଁକେହରକ ନିର୍ଦ୍ଦୟତା ହେଉଅଛି ତେଣୁ କେତେକରୁ ଘଟଣା ନ୍ୟାୟ ନାହିଁ । ସ୍ଥାନ ସ୍ଥାନରେ ଚଳର ପ୍ରବୋଧ ନିଶ୍ଚୟ ଛୋଡ଼ି ଯାଇ ସତ୍ୟ ନାଶ ବୁଦ୍ଧିରେ ବାଣିଜ୍ୟ ବର୍ଦ୍ଧିତ ନାହିଁ ଉପକାର କରୁଅଛି ଓ ଜାଲିଆଲପାଲ ମଧ୍ୟ ଦିଶା ସୁଲଭ ସ୍ୱସ୍ତି ହୋଇ ନାହିଁ । ଲୋକେ ଛବଲି ବ ଲୋକମାନେ ଧିକାସ୍ଥରେ କୋଳ ବୁଝିଥିଲେ ବନ୍ଧନମାନେ କ୍ଷତିଗ୍ରସ୍ତ ହେବାର ଦେଖାଯାଏ ଅର୍ଥାତ୍ ଚନ୍ଦନଙ୍କ ମାନେ ସାହସ କର ଅନ୍ତ ଲଭ ସ୍ଥାନକୁ ଧାନ ବୋଲ କରୁଅଛନ୍ତି ତାହାଙ୍କୁ ଇଇ ଇଚ୍ଛା ଥାଇ ଓ ଏହିପରି ଲୋକଙ୍କର ସୁଖ ନହେଉଁ । ଏପରି କୃଷକ ଲୋକେ ଯେଉଁ କାଳ ଯାଉଅଛି ଓ ସେମାନଙ୍କ ମଧ୍ୟରେ ଶାନ୍ତ ନ ହୋଇ କରଣ ଯୌତିଶଙ୍କ ଭାରଣ ହୋଇଅଛି । ମନ୍ଦିର ଉପରେ ଥିବା ଲକ୍ଷ୍ମୀଙ୍କ କ ଯତ୍ନରେ ପତାକା ଲଗିଥାଏ ତାହା କାଲୁଚନ୍ଦନର ବନ୍ଧ ହୋଇ ଯାଇଥିଲା ଏହି ବସ୍ତୁ ପଡ଼ିବାରେ ତାହା ଦିଶା ହୋଇଅଛି ବୋଲି ଅନେକମାନେ ମୁଖାଲରୁ ପ୍ରଶଂସା କରୁଅଛନ୍ତି । ସେମାନେ କହନ୍ତି କ ଯେମନ୍ତ ଏକସମୟରେ ସେହି ନଳ ଫିଟାଇ ଦେବାପାଇଁ ବସ୍ତୁ ପଡ଼ିଥିଲା ସେହିମନ୍ତ ଏଥର କାଳଚକ୍ରରୁ ରକ୍ଷା କରିବାପାଇଁ ବଜ୍ର ପଡ଼ିଲା ଏଣୁକରି ଦେଶରେ ମଙ୍ଗଳ ହେବ ଅତଏବ କୌଣସିରୂପେ ସର୍ବସାଧାରଣ ଏଡ଼ି ଦୁର୍ଭିକ୍ଷାଦ ଅନିଷ୍ଟ ଘଟନାର ଆଶଙ୍କା କର ନାହାନ୍ତି ।

ସ, ର, ସ ।

### ବିଜ୍ଞାପନ ।

ଏହା ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଇଅଛି ଯେ ସନ ୧୮୭୨ ସାଲ ସବାଦେ ଷ୍ଟେଟ ମେଡ଼ିକାଲ୍ ଗର୍ଭିତ ଇନ୍ଷ୍ଟିଟ୍ୟୁ ଗୋଟିଏ ଯୁଦ୍ଧମେଡ଼ିକାଲ ବାଲେଶ୍ୱରରେ ରଖାଯାଇଅଛି । ଅଭିଦନ ପତ୍ର ତ ୧୮ ରୁ ପର୍ଯ୍ୟନ୍ତ ବର୍ଷ ସ ୧୦ ଟା ଓ ଅପରାହ୍ଣ ସ ୩ ଟା ମଧ୍ୟରେ କୌଣସି ସମୟରେ ଦେଇ ଏ ଇନ୍ଷ୍ଟିଟ୍ୟୁ ସାଧନା କରିପାରିବେ । ତା ୧ ରଖ ନଭେମ୍ବର ସନ ୧୮୭୨ ମସିହା ।

T. M. KIRKWOOD.

କଟକ ଡିଭିଜନ ଷ୍ଟେଟ୍ ଓ ସବ-

ଇନ୍ସପେକ୍ଟର

### ମୂଲ୍ୟପ୍ରାପ୍ତି

| | | |
|---|---|---|
| ବାବୁ ପୁରୁଷୋତ୍ତମ ସଣ୍ଡା କଟକ ବାଙ୍ଗ୍ଲା | ୫ | ୬ |
| „ ବୃନ୍ଦାବନ ଘୋଷ „ | ୫ | ୨ |
| ବିନୋଦ ବହିମତି | ୧୪ | ୧୨ |
| ବାବୁ ନବ ରଘୁନାଥ ଅଗ୍ରଣୀ | ୨୪ | ୭ |
| „ ମଧୁସୂଦନ ପଟ୍ଟନାୟକ ସ୍ୱାମୀ | | |
| ଗଞ୍ଜାମପୁର „ | ୫୧ | ୧୪ |
| „ ଶ୍ରୀସତ୍ୟବାଦୀ ହାଇସ୍କୁଲ | ୫ | ୩ |

ଏହି ଉତ୍କଳଦୀପିକା ସବୁ ଶନିବାର କଟକ ପ୍ରିଣ୍ଟିଙ୍ଗ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ | ତା ୧୧ ଇଂ ନବେମ୍ବର ସନ ୧୮୭୨ ମସିହା ।ମୂ। କାର୍ତ୍ତିକ ୨ ୨୭ ନ ସନ ୧୨୮୦ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୪
ସଂଖ୍ୟା | | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
| | ମଫସଲ ଡାକ ମାସୁଲ ୪୯


ଜଲକର ।

ସ୍ଥାନାନ୍ତରରେ ବେଙ୍ଗାଲ ରେବନ୍ୟୁ ବୋର୍ଡ଼ ଓ ଉପରସ୍ଥ ଗବର୍ଣ୍ଣମେଣ୍ଟଙ୍କର ଚିଠିର ଅନୁବାଦ ପ୍ରକାଶ ହୋଇଅଛି ଯହିଁରୁ ପାଠକମାନେ ଅବଗତ ହେବେ ଯେ ଗତବର୍ଷ ସର୍କାରେ କେବଳ ୫ ୧ ଟା ଦରରେ ଜଲକର ଅଦାୟ ହେବ ଓ ଗାଆଁକୁ ବନ୍ଦୋବସ୍ତ କରିବେକ ଯେଉଁ ଠାରେ ୫ ୨ ଜମା ଧାର୍ଯ୍ୟ ହୋଇଥିଲେ ତାହା ରହିତ ହେଲା । ପ୍ରଜାମାନେ ଯାହାର ଯେତେ ଦେଣ ସ୍ୱୀକାର କଲେ ତଦନୁସାରେ ତାହାଙ୍କଠାରୁ କର ଅଦାୟ ହେବ ।

ଆମ୍ଭେମାନେ ବୋଧକରୁ ଯେ ଏଥିରେ ଅନେକ ଗୋଳମାଲ ଉତ୍ପନ୍ନ ହୋଇପାରେ ଓ ଭରସା କରୁଁ ପ୍ରଜାମାନେ ଯାହାର ଯେତେ ଦେଣ ଯଥାର୍ଥ ଜାଣନ୍ତି ତାହା ଅଦାୟ କରିବାରେ ବିଲମ୍ବ କରିବେ ନାହିଁ ଓ ଅନାୟାସରେ ଦେଣା ସ୍ୱୀକାର କରିବେ କାରଣ ତାହା ହେଲେ ଗବର୍ଣ୍ଣମେଣ୍ଟ ଜାଣିପାରିବେ ଯେ ଉଚିତ ଦେବାକୁ କେହି ଆପତ୍ତି କରନ୍ତି ନାହିଁ । ଯାହାଙ୍କ ଉପରେ ଯଥାର୍ଥ ଧାରଣା ସରକାରର ଅଛି ଓ ସେ ବୃଥା ଆପତ୍ତି କରି କାଳକ୍ଷେପଣ କରୁଅଛି ତାହାଠାରୁ ପରିଶେଷରେ କର ଆଦାୟ ହେବ ସରକାର ଅପଣା ଧାରଣା ଛାଡ଼ିବେ ନାହିଁ ମାତ୍ର ପଶ୍ଚାତରୁ ସେ ବ୍ୟକ୍ତି ସରକାରର ଅନୁଗ୍ରହପାତ୍ର ହୋଇ ନ ପାରିବ ଏବଂ ତାହାଙ୍କ ଅନ୍ୟ ପ୍ରଜାଙ୍କ ଉପରେ କାଂଗଲଙ୍କର ସନ୍ଦେହ ହେବ । ଯେଉଁ ମାନଙ୍କଠାରୁ ୫ ୨ ଦରରେ କର ଉଶୁଲ ହୋଇଅଛି ସେମାନେ ଅଧିକା ଦେଇଥିବା କର ଫେରି ପାଇବେ କି ନାହିଁ ଏକଥା ଚିଠିରେ ସ୍ପଷ୍ଟରୂପେ ଲେଖା ହୋଇ ନ ଥିଲେ ହେଁ ଆମ୍ଭେମାନେ ସିଦ୍ଧାନ୍ତ କରୁଅଛୁଁ ଯେ ମାଣପତି ୫ ୧ ଟା ଦରରେ କର ରଖି ବାକି ୫ ୧ ଟା ଦରରେ ଟଙ୍କା ଫେରିଦେବା ଚିଠିର ମର୍ମ ଅଟଇ ।

---

କେନ୍ଦ୍ରପଡ଼ା ।

ନାଲ ନିର୍ମାଣ କାର୍ଯ୍ୟର ପ୍ରଧାନ ଉଦ୍ଦେଶ୍ୟ ଅର୍ଥାତ୍ କ୍ଷେତ୍ରରେ ଜଳ ସେଚନ ଏବଂ ନୌକା ଗମନାଗମନର ସୁଯୋଗଦ୍ୱାରା ଦେଶର ଯେ ପରିମାଣରେ ମଙ୍ଗଳସାଧନ ହେଉଅଛି ଅଥବା ହେବାର ତଥା ଅଛି ସନ୍ଦେହ ଦେଖାଯାଏ ଯେ ନାଲ ହେତୁରୁ ଅନ୍ୟରୂପେ ଦେଶର ଅନେକ ଉନ୍ନତି ହେଉଅଛି । ଏହି କଟକ ଜିଲା ମଧ୍ୟରେ କେତେ ସ୍ଥାନ ଏମନ୍ତ ଥିଲା ଯେ ଲୋକେ ତାହାର ନାମମାତ୍ର ଜାଣୁ ନ ଥିଲେ ବର୍ତ୍ତମାନ ନାଲକାର୍ଯ୍ୟ ହେତୁ ସେସବୁ ଏକ୍ଷଣ ସହରପ୍ରାୟ ହୋଇ ଅଛି । ପୂର୍ବେ ଏହି କେନ୍ଦ୍ରପଡ଼ା କେବଳ ଜଙ୍ଗଲରେ ପରିପୂର୍ଣ୍ଣ ଓ ବ୍ୟାଘ୍ରାଦି ହିଂସ୍ରକ ଜନ୍ତୁର ଆବାସ ଭୂମିଥିଲା । ସନ୍ନିକଟରେ ଅନ୍ୟ ଗ୍ରାମ ଥିବାରୁ ଲୋକେ ସେଠାକୁ ଯାଉ ନ ଥିଲେ ଓ ଚାନ୍ଦବାଲି ଜଗତସିଂହପୁରରେ ଏ ସ୍ଥାନ ହେଲେହେଁ କୌଣସିପ୍ରକାର କାରବାର ସେଠାରେ ହେଉ ନ ଥିଲା । ଏବେ ସେହି କେନ୍ଦ୍ରପଡ଼ାକୁ ଦେଖ ଗୋଟିଏ କ୍ଷୁଦ୍ର ସହରପ୍ରାୟ ପ୍ରସିଦ୍ଧ ହେଉଅଛି । ଏରୂପ ହେବାର କାରଣ କି ? କେବଳ ନାଲକର୍ମ ଏହାର କାରଣ ଅଟଇ । କେନ୍ଦ୍ରାପଡ଼ା ନାଲର ଲକ୍ ସେଠାରେ ନିର୍ମାଣ ହେବାରୁ ଓ ସେହି ସ୍ଥାନ ଉକ୍ତ ନାଲର ମଧ୍ୟବର୍ତ୍ତୀ ସ୍ଥାନ ହେବାରୁ ଏ ନାଲର ଏକଜିକ୍ୟୁଟିବ ଇଞ୍ଜିନିୟରଙ୍କୁ ଏହି ଠାରେ ରହିବାର ଆବଶ୍ୟକ ହେଲା ଓ ତାହାଙ୍କ ଅଫିସ ହେବାରୁ କ୍ରମଶଃ ଏସ୍ଥାନର ଶ୍ରୀବୃଦ୍ଧି ହେଲା । ବର୍ତ୍ତମାନ ସେଠାରେ ବହୁତ ଅମଲା ଓ ଇଞ୍ଜିନିୟରୀ ମୂଲିଆ ପ୍ରଭୃତି ଘର କରି ରହିଅଛନ୍ତି । ଏମନ୍ତ କି ଏମାନଙ୍କ ଘର ସବୁ ଏକସ୍ଥରେ ଗୋଟିଏ ବୃହତ୍ ବସ୍ତି ହୋଇଅଛି ଏପରି ଏଠାରେ ଅସିଷ୍ଟାଣ୍ଟ ରେବନ୍ୟୁ ସୁପରିଣ୍ଟେଣ୍ଡେଣ୍ଟଙ୍କ କଚେରୀ ହୋଇଅଛି ଓ ତାହାଙ୍କ ନିକଟରେ ଜଲକର ଦାଖଲ ଓ ତହିଁ ସମ୍ପର୍କୀୟ ମୋକଦ୍ଦମାମାନ ହେଉଥିବାରୁ ଲୋକଙ୍କ ପ୍ରତିଦିନ ପ୍ରାୟ ପଞ୍ଚଶତାଧିକ ଏପର୍ଯ୍ୟନ୍ତ ଲୋକ ଅସି ଜମେ ଓ ଲିଏ ରହୁଅଛନ୍ତି ଏମାନଙ୍କୁ ଖାଦ୍ୟସାମଗ୍ରୀ ଓ ଅନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଯୋଗାଇବା ପାଇଁ କେତେଗୁଡ଼ିଏ ଦୋକାନ ସ୍ଥାପନ ହୋଇଅଛି । ପୁଲ ନିକଟରେ ଦୋକାନିମାନେ ଘର କରି ଲଟକପ୍ରାୟ ଦୋକାନ ଛନ୍ଦି ବସିଅଛନ୍ତି । ଗୁଡ଼ଅ ମୋଦକ କଣିଆ ପ୍ରଭୃତି ସବୁ ଦୋକାନ ଅଛନ୍ତି ଓ ନିକଟସ୍ଥ ଗ୍ରାମରୁ ପରିବା ଓ ଦୁଧ ଓ କାଠପ୍ରଭୃତି ଦ୍ରବ୍ୟମାନ ଆସଇ । ମାଛ ପ୍ରାୟ ସବୁଦ୍ରବ୍ୟ ଏଠାରେ ଉଚିତମୂଲ୍ୟରେ ବହୁତ

Split by PDF Splitter



ହୁଅଇ । ଇହାଁର କାରଣ ଏହି ଯେ ଜେଲାମାନେ ସରକାରୀ କର୍ମରେ ଦିନଯାକ ନିଯୁକ୍ତ ଥିବାରୁ ଆପଣା ଆହାରୀୟଦ୍ରବ୍ୟାଦି ସ୍ଥାନାନ୍ତରରୁ ଆଣିବାକୁ ଅବକାଶ ପାନ୍ତି ନାହିଁ ଓ ଦୋକାନଦାରମାନେ ବହୁତ ବିକ୍ରୟ ପକ୍ଷରେ ସନ୍ଦେହ କରି ଅଳ୍ପ ଦ୍ରବ୍ୟ ଯୋଗାଇ ରଖୁଥାନ୍ତି ସୁତରାଂ ପ୍ରୟୋଜନବେଳେ ଦ୍ରବ୍ୟ ମିଳିବାର ସମ୍ପୂର୍ଣ୍ଣ ସୁଯୋଗ ନ ଥିବାରୁ ମୂଲ୍ୟ ଅଧିକ ହୁଅଇ । ଅମ୍ଭେମାନେ ବୋଧକରୁଁ ଯେ ଏଠାରେ ଯେବେ କେହି ଧାନଚାଉଳ ଓ ଡାଲି ଲୁଣ ତେଲ ଇତ୍ୟାଦିର ଗୋଦାମ କରଇ ତେବେ ଲାଭ ହୋଇ ପାରେ ଓ ବହୁତ ଗ୍ରାମର ଲୋକ ସେଠାରୁ କ୍ରୟ କରିବାକୁ ଆସିବେ ଓ ଅନ୍ୟ ସ୍ଥାନର ଲୋକ ଏଠାକୁ ଯାତାୟାତ କରିବାପାଇଁ କେନ୍ଦ୍ରାପଡ଼ା ସଡ଼କ ପର୍ଯ୍ୟନ୍ତ ଏଠାରୁ ଏକ ସଡ଼କ ହେଉଅଛି ।

ବାଣିଜ୍ୟଦ୍ୱାରା ପଲ୍ଲୀ ନଗରମାନ କିପରି ଜନାକୀର୍ଣ୍ଣ ନଗର ହୋଇପାରେ ଯେଉଁମାନେ ଏହା ବୁଝୁଁ ନାହାନ୍ତି ସେମାନେ କେନ୍ଦ୍ରାପଡ଼ାର ଉପର ଲିଖିତ ଅବସ୍ଥାକୁ ସ୍ମରଣ କରନ୍ତୁ । ବର୍ତ୍ତମାନ ଏହାର ଉନ୍ନତିର ଆରମ୍ଭ ହୋଇଅଛି ଅତଏବ ଦୁଇଚାରିବର୍ଷରେ ଏ ଗୋଟିଏ ସବଡିଭିଜନ ନଗରଠାରୁ ଭଲ ହୋଇପଡ଼ିବ । ସବଡିଭିଜନ ନଗରମାନ ରେବନ୍ୟୁ ଫଉଜଦାରୀ କାମଗଞ୍ଜଦ୍ୱାରା ଆରମ୍ଭ ହୁଅଇ ଏ ନଗର ବାରକମାସ୍ତ୍ରୀ ହାଟମଦ୍ୱାରା ଆରମ୍ଭ ହୋଇଅଛି ବାରକମାସ୍ତ୍ରୀ ଭିନ୍ନ ଅନ୍ୟ କୌଣସି ଏପ୍ରକାର କର୍ମଚାରୀ ସେଠାରେ ନାହିଁ । ବାରକମାସ୍ତର ଯାହା କରିବେ ତାହା ହେବ ଗୋଟିଏ ପୁଲିସ କନଷ୍ଟବଲ ସୁଦ୍ଧା ଦେଖାଯାଏ ନାହିଁ । ଯେଉଁଠାରେ ବଜାରଦୋକାନ ଥାଏ ସେଠାରେ ପୁଲିସ ରହିବାର କର୍ତ୍ତବ୍ୟ ବିଶେଷ ନାଲ ବାଟେ ବହୁତ ପରିମାଣରେ ଦ୍ରବ୍ୟାଦି ନୌକାରେ ଯାତାୟାତ ହେଉଅଛି ଲବଣ ଓ ଅବକାରୀ ଦ୍ରବ୍ୟ ମଧ୍ୟ ଘୃତ ନାହିଁ । ଗୋଟିଏ ପୁଲିସଥାନା ଏଠାରେ ହେଲେ ଭଲ ହେବ ଏପରି ଗୋଟିଏ ଡାକଘର ମଧ୍ୟ ବସିବାର ଅବଶ୍ୟକ । କେନ୍ଦ୍ରାପଡ଼ାସବଡିଭିଜନରେ ଡାକଘରମାନ ସ୍ଥାପିତ ଅଛି ମାଷ ନାଇ ମହକୁମାର ଚିଠିପତ୍ର ନାଲବାଟେ ଆଣିବାପାଇଁ ବାରକମାସ୍ତରର ପୃଥକ୍ ଡାକହରକରା ରହିଅଛନ୍ତି ଓ ଏମାନେ କେବଳ ସରକାରୀ କାଗଜ ପତ୍ର ନେଇ ଯିବାଆସିବା କରନ୍ତି । ଏମନ୍ତ ପରିପ୍ରସ୍ଥ ଡାକ ଉଠାଇ ଦେଇ ଏକପ୍ରସ୍ଥ ରହିଲେ ଅଳ୍ପ ବ୍ୟୟରେ ସର୍ବସାଧାରଣଙ୍କ କର୍ମ ଚଳିପାରେ ।

---

## ବାଟକର ।

ଅମ୍ଭେମାନେ ଏଥିପୂର୍ବେ ପାଠକମାନଙ୍କୁ ଜଣାଇଥିଲୁଁ ଯେ ବାଟକର ଆଇନ ସ୍ଥିର ହୋଇ ତଦନୁସାରେ କାର୍ଯ୍ୟାରମ୍ଭ କରିବାଲାଗି ବୋର୍ଡ଼ରେବନ୍ୟୁ ଆଜ୍ଞା ପ୍ରଦାନ କରିଅଛନ୍ତି ଓ କିରୂପେ ଉକ୍ତକାର୍ଯ୍ୟ ନିର୍ବାହ ହେବ ତହିଁପକ୍ଷରେ ନିୟମାବଳୀ ପ୍ରସ୍ତୁତ କରିଅଛନ୍ତି । ଉକ୍ତ ନିୟମାବଳୀ ଶ୍ରୀଯୁକ୍ତ ଲେଫ୍ଟନେଣ୍ଟ ଗବର୍ଣ୍ଣରଙ୍କ ମଞ୍ଜୁରୀ ସହିତ ଗତମାସ ତା୨୭ରିଖର କଲିକତାଗେଜେଟରେ ପ୍ରକାଶ ହୋଇଅଛି । ଯେହେତୁ ସମସ୍ତ ଲୋକଙ୍କୁ ଏ ଆଇନର ମର୍ମ୍ମ ଅବଗତ ହେବା ଉଚିତ ଏଥିପାଇଁ ଅମ୍ଭେମାନେ ଉକ୍ତ ନିୟମାବଳୀର ସାରାଂଶ ବର୍ଣ୍ଣନ କରୁଅଛୁଁ ।

ବାଟକରପାଇଁ ପ୍ରତ୍ୟେକଜିଲା କଲେକ୍ଟରଙ୍କ ଅଧୀନରେ ଗୋଟିଏ ସ୍ୱତନ୍ତ୍ର ମହକୁମା ହେବ ଓ ଜଣେ ଡେପୁଟୀକଲେକ୍ଟର ଉକ୍ତ ମହକୁମାର ଭାର ପାଇବେ ଏହାଙ୍କ ଅଧୀନରେ ଜଣେ ହେଡକ୍ଲର୍କ ମାସିକ ଟ ୫୦ ଙ୍କା ଠାରୁ ୫୭୦ଙ୍କା ପର୍ଯ୍ୟନ୍ତ ବାର୍ଷିକ ଟ ୨ ଙ୍କା ଲେଖାଏଁ ବୃଦ୍ଧିକ୍ରମେ ବେତନରେ ନିଯୁକ୍ତ ହେବ ଓ କର ବନ୍ଦୋବସ୍ତ ଏବଂ ଅମୂଲର ସୁଯୋଗ କାରଣ ପ୍ରତ୍ୟେକ ଜିଲା ଦୁଇ ଉପଖଣ୍ଡରେ ବିଭକ୍ତ ହୋଇ ପ୍ରତିଖଣ୍ଡ ବଜାଗେ ଦୁଇଜଣ କିରାଣୀ ଜଣେ ୫୩୦ ଙ୍କା ଓ ଜଣେ ୫୨୫ଙ୍କା ଓ ଦୁଇଜଣ ମୋହରିର ୫୧୫ଙ୍କା ଲେଖାଏଁ ବେତନରେ ନିଯୁକ୍ତ ହେବେ । ଏ ମହକୁମାର ରେଜିଷ୍ଟରୀମାନ ଇଙ୍ଗ୍ରାଜୀରେ ରହିବ ଅମଲାମାନେ କେବଳ ବଞ୍ଜାପନ ଓ ଏତଲାନାମା ଲେଖିବେ । ଏତଲାନାମା ଜାରି ଶେଷ ହେଲେ ଅମଲାମାନଙ୍କ ସଂଖ୍ୟା ଊଣା ହେବ ଓ ରେଜିଷ୍ଟରୀମାନ ପ୍ରସ୍ତୁତ ହୋଇ ଗଲେ ସମୁଦାୟ ଜିଲା ବଜାଗେ ଗୋଟିଏ ମହକୁମା ହେବ । ଏତଲାନାମା ଅନୁସାରେ ଜମିଦାରମାନେ ତାଲିକା ଦାଖଲ ନ କଲେ ତାହାଙ୍କ ଉପରେ କେତେ ଜରିମାନା କରିବାକୁ ହେବ କଲେକ୍ଟରସାହେବ ତାହା ସ୍ଥିର କରିଦେଲେ ଡେପୁଟୀକଲେକ୍ଟର ଜରିମାନା କରି ପଦନୁସାରେ ୫ଙ୍କା ଉସୁଲ କରିବାର ଉପାୟ କରିବେ ଓ ଯେତେଦିନ ଜରିମାନା କରିବାର ଉଚିତ ବୁଝିବେ ସେତେଦିନ ପର୍ଯ୍ୟନ୍ତ ଜରିମାନା କରି ଅଧେ ବନ୍ଦୋବସ୍ତ କରିବେ ।

ଜରିମାନା କରିବାରେ କଲେକ୍ଟରଙ୍କ ବଡ଼ ପଣ୍ଡ ହେବେ ନାହିଁ ମାଷ ଓଜୁଲ ତଲ୍ଲକ୍ଷଣାକୁ କର ଲୋକଙ୍କୁ ସର୍ଭ କରାଇବେ ସେ ଗବର୍ଣ୍ଣମେଣ୍ଟ ଜବାବ କର ଅଦାୟକରିବା ପାରିବେ ନାହିଁ । ଯଦ୍ୟପି ତାଲିକାମାନ ପ୍ରାପ୍ତ ହେବେ କିମ୍ବା ସ୍ୱୟଂ ଡେପୁଟୀକଲେକ୍ଟର ଅଇନମତ ତାଲିକା ପ୍ରସ୍ତୁତ କରାଇବେ ତହିଁ ବନ୍ଦୋବସ୍ତ ଓ ଉସୁଲ କାର୍ଯ୍ୟ ଆରମ୍ଭ ହେବ ।

ଜମିଦାର ତାଲିକାକୁ ସତ୍ୟ ବୋଲି ସାଧାରଣରୂପେ ଗ୍ରହଣ କରିବାକୁ ଓ ଯେଉଁଠିଲେ ତାହାନ୍ତ ସନ୍ଦେହ ହେବ ଯେ କୌଣସି ପ୍ରକାର ପଦ୍ଧତି ଗଣନା ଲେଖା ହୋଇ ନାହିଁ କିମ୍ବା ମିଥ୍ୟା ଲୋକଙ୍କୁ ପଟ୍ଟାମୁଦ ଲେଖା ହୋଇଅଛି ସେ ସ୍ଥଳେ ତହିଁର ତଦନ୍ତ କରିବାକୁ ହେବ ଓ ତାଲିକା ମିଥ୍ୟା ଥିଲେ ଡେପୁଟୀ କଲେକ୍ଟର କଲେକ୍ଟରସାହେବଙ୍କ ଅଜ୍ଞାନେ ଫଉଜଦାରୀରେ ନାଲିସ କରିବେ ।

କର ବନ୍ଦୋବସ୍ତ ଓ ଉସୁଲର ନିୟମ ଏହି ଯେ ପ୍ରତ୍ୟେକ ଜମିଦାର କିମ୍ବା ସିକମୀଦାର ଆପଣା ଲାଭ ଉପରେ ଅଧା କର ଦେବେ ଏବଂ ପ୍ରତ୍ୟେକ ପ୍ରଜା ଆପଣା ଦେୟ ଗଣନା ଉପରେ ସେହିରୂପ ଅଧେ କର ଦେବେ । ତହିଁର ହିସାବ ଏହିରୂପ ହେବ । କୌଣସି ଗୋଟିଏ ମହାଲର ମୋଫସଲ ଜମା ଟ ୫୦୦୦ ଙ୍କା ଓ ସଦରଜମା ଟ ୧୦୦୦ ଙ୍କା ଜମିଦାର ଭିନ୍ନ ମହାଲର କେତେକ ଅଂଶ ସମ୍ପ୍ରତି ଛାଡ଼ିଦେଲେ ରଖିଅଛି ଯେ ତହିଁର ମୋଫସଲ ଜମା ଟ ୨୦୦୦ ଙ୍କା ପ୍ରଜାମାନେ ଦିଅନ୍ତି । ଅବଶିଷ୍ଟ ଅଂଶକୁ ଏକହଜାର ଟଙ୍କାରେ ଇଜାରା ଦେଇ ଅଛି ପରନ୍ତୁ ଇଜାରାଦାର ତହିଁ ପ୍ରଜାଙ୍କଠାରୁ ଟ ୩୦୦୦ ଙ୍କା ଉସୁଲ କରଇ । ଏସ୍ଥଳେ ଜମିଦାରଙ୍କୁ ନେଟ ଅର୍ଥାତ୍ ଟଙ୍କାପ୍ରତି ଦୁଇପଇସା ଟ ୫୦୦୦ ଙ୍କା ଉପରେ ଦେବାକୁ ହେବ କିନ୍ତୁ ଟ ୧୦୦୦ ଙ୍କା ଉପରେ ପାଉଣେଟ ଅର୍ଦ୍ଧେକ ଟଙ୍କାକୁ ଏକ ପଇସା ଲେଖାଏଁ ଦିଆ ଯାଇବ ଅର୍ଥାତ୍ ।

ଟ ୫୦୦୦ ଙ୍କା ୯ ପ ୨ ଇସା
ଲେଖାଏଁ ପ ୮୦୦୦ ହିସାବ
ଟ ୧୦୦୦ ଙ୍କାକୁ ଏକପଇସା
ଲେଖାଏଁ ପ ୧୦୦୦ ହିସା ମିଶା
ଯାଇ ଦେଣ ପ୭୦୦୦ ପଇସା
ଏତଦ୍ଭିନ୍ନ ପ୍ରଜାମାନେ ଦେବେ
ଟ ୨୦୦୦ ଙ୍କାକୁ ଏକପଇସା
ଲେଖାଏଁ ପ ୨୦୦୦

Digitized by srujanika@gmail.com

Split by PDF Splitter



ଇଜାରଦାର ଦେବ
୫ ୨୦୦୦୧ ଟା ଉପରେ
ସୁଦ୍ରେଟ ମିଳା ୫୧୦୦୦ ଟା
ଉପରେ ଅଧାରେଟ ଅର୍ଥାତ୍
୪୦୦୦ ମିଳା ୧୦୦୦ ପଇସା ପ୩୦୦୦

---

ଲଭ    ପ୩୦୦୦ ଟଙ୍କା

---

ପ୨୦୦୦ ଟଙ୍କା

ଜମିଦାରଙ୍କ ଲଭଦେଣ
ଅର୍ଥାତ୍ ତାହାର ମୁନାଫା
୫ ୩୦୦୦୧ ଟା ଉପରେ
ଏକପଇସା ଲେଖାଏଁ ମିଳା
୧୦୦୦ ସଦର ଜମା ଉପରେ
ଏକପଇସା ଲେଖାଏଁ    ପ୨୦୦୦

ଏହିରୂପେ ଇଜାରଦାର ଉପରଲେଖାମତେ ଯେଉଁ ପ ୩୦୦୦ ଟଙ୍କା ଦେବ ଇହିଁରୁ ସେ ପ୍ରଜାଙ୍କଠାରୁ ଅଦାୟକରିବ
୫ ୨୦୦୦୧ ପ ୨୦୦୦ ଟଙ୍କା
ଓ ଅପେ ଦେବ ବାକୀ    ପ ୧୦୦୦ ଟଙ୍କା
ଅର୍ଥାତ୍ ୫ ୨୦୦୦ ଓ ପ ୨୦୦୦ ଟଙ୍କା
ମିଳା ୫ ୧୦୦୦ ଓ ପ ୧୦୦୦ ଟଙ୍କା

---

ବାକୀ ପ ୧୦୦୦ ଟଙ୍କା

ଯେତେବେଳେ ଆଇନର ଧା ୨୪ ଅନୁସାରେ ଜମିଦାର ଟାକ୍ସର ଟଙ୍କା ସ୍ଥିରକରିବେ ଓ ଯେଉଁ ତାରିଖରୁ ତାହା ଉସୁଲ ହେବ ତାହା ଲେପ୍ଟେନଣ୍ଟ ଗବର୍ଣ୍ଣର ସାହେବ ଇହାଁର ବିଜ୍ଞାପନ ଦେବେ ତେତେବେଳେ ଡେପୁଟୀକଲେକ୍ଟର ରେଜିଷ୍ଟରୀ ପ୍ରସ୍ତୁତ କରି କଲେକ୍ଟର ସାହେବଙ୍କ ଏକାଉଣ୍ଟ ମହଲମାନଙ୍କୁ ପ୍ରତ୍ୟେକ ମହାଲଠାରୁ ଯେତେ ଟଙ୍କା ଅଦାୟ ହେବ ତାହା ଜଣାଇବେ ଓ ତଦନୁସାରେ ଟଙ୍କା ଉସୁଲ ହୋଇ କଲେକ୍ଟରୀ ଫଣ୍ଡରେ ଜମା ହେବ ଓ ଯେଉଁ ମହାଲରେ ଟଙ୍କା ବାକୀ ପଡ଼ିବ ଏକାଉଣ୍ଟ ପ୍ରତିମାସରୁ ପ୍ରତିମାସ ଇହାଁର ସମ୍ବାଦ ଡେପୁଟୀ କଲେକ୍ଟରଙ୍କ ନିକଟକୁ ପଠାଇଲେ ସେ ବାକୀଦାରଙ୍କଠାରୁ ଆଇନାନୁସାରେ ଟଙ୍କା ଅଦାୟ କରିବାର ବନ୍ଦୋବସ୍ତ ଉପାୟ କରିବେ ।

ଜମିଦାରମାନେ ସାବଧାନ ! ସାବଧାନ ! ଦେଖନ୍ତୁ ଆଇନ ଭୁଲି କ ଯାଉ ଭଣ୍ଡରେ ନ ପଡ଼ । ସରକାର କରିଛନ୍ତି ଛାଡ଼ିବେ ନାହିଁ ଓ ଅଦାୟର ଉପାୟ ଯେମନ୍ତ ହୋଇଅଛି ଇହିଁରେ ପଳାଇବାର ବାଟ ନାହିଁ ।

# ସାପ୍ତାହିକ ସଂବାଦ

କଟକର ନୂତନ ଜଜ ବ୍ରାଉଣ ସାହେବ ଗତ ଶନିବାର ଏ ନଗରରେ ପ୍ରବେଶ ହୋଇ କାର୍ଯ୍ୟଭାର ଗ୍ରହଣ କରି ଅଛନ୍ତି ।

ପୁରୀ ଉତ୍କଳ ବାର୍ତ୍ତାମାନ୍ତ୍ରୀ କବେଟରର ଏକାଉଣ୍ଟାଣ୍ଟ ବାବୁ ରାଧାମୋହନ ଦାସ ଗାୟନ୍ତୁ ଟଏନବି ସାହେବଙ୍କ ନିକଟରେ କଲକିର ଏକାକାର ଏକାଉଣ୍ଟାଣ୍ଟ ନିଯୁକ୍ତ ହୋଇ ଅଛନ୍ତି । ଏ ପର୍ଯ୍ୟନ୍ତ ଏ ମହଲମାନରେ କେହ ପରୀକ୍ଷା ଦେଇଥିବା ଏକାଉଣ୍ଟାଣ୍ଟ ନିଯୁକ୍ତ ନ ଥିଲେ ।

ଅଲ୍ପଦିନ ହେଲା ନୂଆଗଡ଼ର ରାଜା କଟକକୁ ଆସି ଅଛନ୍ତି ।

ଶୁଣାଯାଏ ଯେ ବୋର୍ଡରେବନ୍ୟୁର ମେମ୍ବର ସାଉଥାଡ଼େଵ ଚଳିତମାସ ତା ୧୮ ରଖ ସହର କାଟକର କାର୍ଯ୍ୟର ବନ୍ଦୋବସ୍ତ କରିବା ଏ ନଗରରେ ଆସି ପ୍ରବେଶ ହେବେ ।

୧ । ବାଲେଶ୍ୱର ସମ୍ବାଦବାହିକା ଲେଖନ୍ତି ଯେ ଏବର୍ଷ ବାଲେଶ୍ୱର ଉତ୍ତର ସୀମାବର୍ତ୍ତୀ ସୁବର୍ଣ୍ଣରେଖା କୂଳ ଗଡ଼ି ଅନ୍ୟ ସବୁଠି ସମ୍ପୂର୍ଣ୍ଣରୂପେ ଧାନ ହୋଇଅଛି ।

୨ । ଡାକ୍ତର ଲଏନ ସାହେବ ପରିବର୍ତ୍ତରେ ଡାକ୍ତର ଉଇର୍ଡ ସାହେବ ବାଲେଶ୍ୱରକୁ ଆସିଅଛନ୍ତି । ଦେଖାଯାଏ ଡାକ୍ତର ଉଇର୍ଡ ସାହେବ ଅତି ଯୋଗ୍ୟଲୋକ ଅଟନ୍ତି ଲୋକେ ସରଳ ଭାଷାରେ ବୋଲନ୍ତି "ତୁଳସୀ ଦୁଇପତ୍ରରୁ ବାସେ, କଣ୍ଟକ ଦୁଇପତ୍ରରୁ ଲୁଚାଏ" ଆଗାମୀ ପକ୍ଷରେ ଡାକ୍ତରଙ୍କ ସଦ୍‌ଗୁଣାବଳୀ ବିଷୟରେ କିଛି ଲେଖାଯିବ ।

୩ । ନବେମ୍ବରମାସ ଶେଷ ସରକାର ବାଲେଶ୍ୱର ଜିଲାର ଲୋକସଂଖ୍ୟା ଆରମ୍ଭହେବ ।

୪ । ଅମ୍ଭେମାନେ ପୂର୍ବପକ୍ଷରେ ବାଲେଶ୍ୱର ଚାଙ୍ଗାଲପୁର ଡାକ୍ତର ବାବୁ ହୀରାଲାଲ ବସୁ ବାବୁ ଶ୍ୟାମାନନ୍ଦ ଦେଙ୍କ କନିଷ୍ଠ ପୁଅଙ୍କୁ ମୃମୂର୍ଷୁ ଅବସ୍ଥାରୁ ବଞ୍ଚାଇଥିବା କଥା ଲେଖିଥିଲୁଁ ସମ୍ପ୍ରତି ଶ୍ୟାମାନନ୍ଦ ବାବୁ ଅତ୍ୟନ୍ତ ଆହ୍ଲାଦିତ ହୋଇ ଡାକ୍ତର ବାବୁଙ୍କୁ ନଗଦ ୫୧୦୦ଟା, ଏକଯୋଡ଼ା ଶାଲ ଓ ଗୋଟିଏ ଘୋଡ଼ା ପୁରସ୍କାର ଦେଇଅଛନ୍ତି । ଅମ୍ଭେମାନେ ଦାତା ଓ ଗ୍ରହୀତା ଉଭୟଙ୍କର ପ୍ରଶଂସା କରୁଁ ।

ଇମ୍ପାରିଆଲ ସରକାର ଗଲଇଣ୍ଡିଆ ଔଷଧାଗାର ଅନେକ ଲୁଷ୍ଟରେଗ ଆରୋଗ୍ୟ କରିଅଛନ୍ତି ।

ଦାରବୋଲର ଅସିତ    ଏକତ୍ରାଗ ।
ଯେଇଁ ଗେଲ    ୨ଅଙ୍ଗ୍ରସ ।

ଏଡୁକ୍ଟି ନିଶ୍ଚିତ କରି ପଢ଼ିବାକ ସକାଳ ଓ ସନ୍ଧ୍ୟାବେଳେ ସର୍ବାଙ୍ଗରେ ଉତ୍ତମରୂପେ ଲଗାଇ ଦେବ ଡାକ୍ତରସାହେବ ଡଗେଣ ପାଞ୍ଚବର୍ଷର ରୋଗୀକୁ ଏହିରୂପେ ଆରୋଗ୍ୟ କରିଅଛନ୍ତି ସେ କହନ୍ତି ଯେ ଏରୋଗ ବିଲମ୍ବରେ ଆରୋଗ୍ୟ ହୁଅଇ ଅତଏବ ଅନେକଦିନ ଔଷଧ ବ୍ୟବହାର କରିବାକୁ ହେବ । ଅଳ୍ପଦିନର ରୋଗ ନିଶ୍ଚୟ ଭଲ ହୁଅଇ ସନ୍ଦେହ ନାହିଁ ।

କଲକତ୍ତା ଷ୍ଟେସନଙ୍କର ଗୋଟିଏ ବୃତ୍ତାନ୍ତ ଡେଲିନ୍ୟୁଜରୁ ଅବଗତ ହେଲୁଁ । ହାବଡ଼ାଙ୍କରରେ ଜଣେ ବାବୁଙ୍କ ଆସ୍ତାବଲ ଅଛି ସେଠାରେ ପ୍ରାୟ ଚଉଦଜଣ ସଇସ ଶୋଇଥାନ୍ତି । ସକାଳ ଛଅ ଘଣ୍ଟା ବେଳେ ଜଣେ ସେହି ଆସ୍ତାବଲରେ ପଶିଲାରୁ ଜଣେ ସଇସ ଜାଗ୍ରତ ହୋଇ କଏ ବୋଲି ଜିଜ୍ଞାସାରେ ସେ ଆପଣାକୁ ସରମୁ ସଇସ ନାମରେ ପରିଚୟ ଦେଲା । ସେଲୋକ ଶୋଇପଡ଼ିବାରୁ ସେହି ସଇସମାନଙ୍କୁ ଡେଇଁ ଯାଇ ବଡ଼ାଲଗା କଳସାଳ ଘେଞ୍ଚଇ ଆଣିବା ଫେରିଆସିବା ବେଳେ ଅନ୍ୟଜଣେ ସଇସରୁ ଦୃଷ୍ଟିପଡ଼ନ୍ତେ ସେ ପଚାରିବାରୁ ପୂର୍ବୋକ୍ତ ଆପଣାକୁ ସରମୁ ସଇସ ବୋଲି ପରିଚୟ ଦେଲା ସେ ପଚାରିଲା ବାବୁ କାହିଁପାଇଁ ହୁକୁମ ଦେଇଅଛନ୍ତି କି ? ସେ କହିଲା ହଁ ଏହା କହି ଆସ୍ତାବଲରୁ ବାହାରିଗଲା ଓ ବାଟରେ ଚୌକିଦାରମାନେ ପଚାରିବାରେ କହିଲା ବାଡ଼ ମରାମତି କରିବାପାଇଁ ନେଇ ଯାଉ ଅଛି । ଏହିରୂପେ ସମସ୍ତଙ୍କୁ ଅତିକ୍ରମ କରି ଅନ୍ତର୍ଦ୍ଧାନ ହେଲା । ଏତେବେଳେ ପୁଲିସ ତାହାର ଅନୁସନ୍ଧାନରେ ଅଛନ୍ତି ।

ପାଣ୍ଡ୍ୟୋଲୟର ଲେଖନ୍ତି ଯେ ଫଲ୍ଗୁଭୂମିକାନଙ୍କ ଚଳମାସ ତା ୧୯ ରାତିରେ ଯେତେବେଳେ ରେଲଗାଡ଼ି ପହଞ୍ଚିଲା ତେତେବେଳେ ତହିଁ ମଧ୍ୟରେ ଦେଖାଗଲା ଯେ ଜଣେ ଦେଶୀୟ ପଥିକ ବେକ କଟାହୋଇ ପଡ଼ିଅଛି ଓ ସେ ଗାଡ଼ିରେ ଆଉ ୮ ଜଣଲୋକ ଅଛନ୍ତି । ରେଲଓଏ ପୁଲିସକର୍ମଚାରୀ ମୃତଶରୀରକୁ ଗାଡ଼ିରୁ ବାହାର କରି ନେଲା ଓ ଯେଉଁ ୮ ଜଣ ତହିଁରେ ବସିଥିଲେ ତାହାଙ୍କୁ ବାନ୍ଧି ଥାନା ନେଇ-

Digitized by srujanika@gmail.com

ସ୍ଥଳ । ପୁଷ୍କରିଣୀର ଅସାଧ୍ୟ ବୃଷ୍ଟି ନାହିଁ । ଉଇକୃଷ୍ଣ ରେଲ ଷ୍ଟେସନରେ ବଢି ମଧ୍ୟ ହଉଛି-ଲଣ୍ଡ ହେଉଅଛନ୍ତି ।

ମହାମାନ୍ୟ ସ୍ୱଜସ୍ଥନ ଗୋଲ୍ମୀମହମ୍ମଦ ୫ ୧,୬୫,୦୦୦ଟଙ୍କା ବଲିଭାରେ ଥିବା ହରତ୍ର-ଙ୍କଲହଙ୍କ ସାହାଯ୍ୟନିମିତ୍ତ ଦାନ କରିଅଛନ୍ତି ଗବର୍ଣ୍ଣମେଣ୍ଟଙ୍କ ଅନୁମତି କ୍ରମେ ସେମାନେ ବଡ଼ୋ ଉ୍ଷାହେକ ଓ ତହୁଁଶଗ୍ରନ୍ଥାର ତତ୍ତ ଏହିର ଜଣଙ୍କୁ ଉତ୍ତ୍ରଙ୍କାର ସ୍ୱର ଦୟା ନାହିଁଅଛି । ଏମାନେ ୫ଙ୍କାର ବୁଥର ୧୫୦ ଜଣ ମୃତଲୋକଙ୍କ ୩୬ଜଣ ଗ୍ରୀଷ୍ମଦ୍ୱୀପ ଏବଂ ୪୦ଜଣ ଦୁଇ ମାସ-ଖୁମାର ବୁଡି ଯାଇଲେ ଏବଂ ତହିଁରେ ଥରେ ଲୋକାଏ ଶିଖିବାଲୁବା ପାରିବେ ।

ଉକ୍ଷାହାନ ଜଷରତ୍ ଭାରତୀୟ ସମ୍ବାଦ ଅଛିଅଛି ଯେ ସେଠାରେ ଦୁର୍ଭିକ୍ଷ ବୃଦ୍ଧି ପାଉ-ଅଛି ।

ଡେଲିନ୍ୟୁସ ସମ୍ବାଦ ପାଉଅଛନ୍ତି ଯେ ଗତିଭମାସ ତା ୧୧ ରୁଖରେ ଷ୍ଟେଲାର୍ଟି ନାମକ ଥର୍ଷକଲ ଜାହାଜ ସମୁଦ୍ରରେ ଖଣ୍ଡିଏ ବତାଳ ଦେଖାଯାଇଲେ ଯେ ତହିଁରେ ୩୪ ଜଣ ଲୋକ ଓ ଗୋଟିଏ ମୃତଶରୀର ଥିଲା । ଏମା-ନେ କହିଲେ କି ସେ ଗୋଟିଏ ଜାହାଜରେ ମେଲିମିନରୁ ଆସୁଥିଲେ ଜାହାଜ ଉଠେଇ ଯାଇବାରୁ ସେମାନେ ୧୧ ଦିନ ହେଲା ନୌକାରେ ଥାଇଅଛନ୍ତି ଓ ୧୦ ଦିନ ହେଲା କିଛି ଖାଇ ନାହାନ୍ତି । ଏହାଙ୍କ ମଧ୍ୟରୁ ୨ଜଣ ଅଗତ୍ୟ ମରିଥିଲେ ଓ ୨ଜଣ ଥର୍ଷକଲ ଜାହାଜକୁ ଅଣି ମଲେ । ସମୁଦ୍ରର ଯାତ୍ରା ଯେତେ ଲୋକ-ଙ୍କାଙ୍କ ମଧ୍ୟ ଭେଟିବ ଅଟଇ ।

ଜନାରିଷ୍ଟର ଜଣେ ସମ୍ବାଦପ୍ରେରକ ଲେଖିଅଛନ୍ତି ଯେ ଦର୍ଶାଜାଲର ଗେଲ ସେଅଞ୍ଚଳରେ ଅତ୍ୟ-ନ୍ତ ହୋଇଅଛି ଏବଂ ତହାମାନେ ପ୍ରଫୁଲ୍ଲ ଚି-ତ୍ତରେ ଜୀବିକାଲାଗି ଫସଲର ଉଦ୍ୟମ କରୁ-ଅଛନ୍ତି ।

# ପ୍ରେରିତ ପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହାଶୟ
ସମୀପେଷୁ ।

ଅତିସୁଦୀର୍ଘ ବର୍ଣ୍ଣାଯୁକ୍ତାର ଅବକାଶରେ ଅମ୍ଭେ ଷ୍ଟୁଡେଣ୍ଟ ପ୍ରସ୍ତାବ କରିଥିଲୁଁ । ମୃତ ମହାତ୍ମା ବସ୍ତୁ-ମ୍ବର ବନ୍ଦ୍ୟାଭୂଷଣଙ୍କର ଜିସ୍ମତି ହେତୁ ସ୍ମୃତିଏ ଲାଗନ ଅନୁସନ୍ଧାନ କରି 'ଭାରସାଲୀ' ନାମରେ ଗଣିଏ ପୁସ୍ତକ ପାଇଲୁଁ । ଦୁଃଖର ବିଷୟ ଯେ ଏ ପୁସ୍ତକର ଅଳ୍ପମାତ୍ର ଲୋକେ ଉକ୍ତ ବଙ୍ଗୀୟ ପଣ୍ଡିତଙ୍କର ଲେଖାମାନର ହେଲା । କରିଣଙ୍କର ଉତ୍ପତ୍ତି ହେଉଁଠାରୁ ଏଥିରେ ବର୍ତ୍ତମାନ ଅନେକ ଲୋକଙ୍କର ସନ୍ଦେହ ହେଉଅଛି । ବନ୍ଦ୍ୟାଭୂଷଣ-ଙ୍କର ସ୍ମୃତିଶାସ୍ତ୍ରରେ ଅସାଧାରଣ ପଟୁତା ଥିଲା । ଏ ବିଷୟ ଉତ୍କଳୀୟ ପ୍ରାୟ ସମସ୍ତ ପ୍ରଧାନ ପଣ୍ଡିତଙ୍କୁ ବିଦିତ ଅଛି । ଅତଏବ କରଣଙ୍କର ଉତ୍ପତ୍ତି ବିଷୟରେ ସେ ଯାହା ଲେଖିଅଛନ୍ତି ତାହା ଶମୂରେ ଉଦ୍ଧୃତ ହେଲା ।

"ଦ୍ୱିପ୍ରୀୟ ପ୍ରତୋ(?) କ୍ଷତ୍ରିୟ-କରଣ । ଯଥା ମନୁଃ ।
"ଝଲ୍ଲୋମଲ୍ଲଶ୍ଚ ରାଜନ୍ୟାତ୍ ବ୍ରାତ୍ୟାନ୍ନିଚ୍ଛିବିରେ-
"ବ ଚ । ନଟଶ୍ଚ କରଣଶ୍ଚୈବ ଖସୋଦ୍ରବିଡ
"ଏବ ଚ । କ୍ଷତ୍ରିୟ ବ୍ରାତ୍ୟ ଅର୍ଥାତ୍ ସଂସ୍କାର
"ରହିତ ହେଲେ ତାହାଙ୍କଠାରୁ ଯେଉଁ ପୁତ୍ର
"ହୁଏ ତାହାର ନାମ ଝଲ୍ଲ, ମଲ୍ଲ, ନିଚ୍ଛିବି, ନଟ,
"କରଣ, ଖସ, ଦ୍ରବିଡ । ଏ ସବୁ ବିଭିନ୍ନଜାତୀୟ-
"ଙ୍କର ନାମ ଅଟଇ । ମାତ୍ର ନାନା ଦେଶରେ
"ଭିନ୍ନ ନାନା ପ୍ରକାର ନାମ ପ୍ରସିଦ୍ଧ ଅଛି ।
"ଉତ୍କଳଦେଶରେ କରଣ ନାମ ଏବଂ ପଶ୍ଚିମ
"ପ୍ରଦେଶରେ କୌଶିକ୍ୟ ବଂଶରେ ମଲ୍ଲ ନାମ
"ପ୍ରସିଦ୍ଧ ଅଛି ।

"ଏ କରଣଙ୍କର କାୟସ୍ଥ ବୋଲି ଏକ ନାମ
"ଅଛି । ଯଥା ପଦ୍ମପୁରାଣଂ । କାୟସ୍ଥଃ କରଣୋ
"ନାମ ବୃଦ୍ଧିକାୟ ବମୁଭିବଃ । ଅପସ୍ମୃ ତାଗାଯ୍ୟାଂ ।
"କାହୋଷ୍ଟ କ୍ଷତ୍ରିୟା ତାତାଃ ଜାତୃଷ୍ଟା କରଣ
"ଭଲେ । ବ୍ରହ୍ମାଙ୍କ କାୟରୁ ଜାତ ହେବାରୁ
"କରଣଙ୍କ ନାମ କାୟସ୍ଥ ହେଲା । ବସ୍ତୁପୁରାଣଙ୍କ
"କାୟରୁ ଯେଉଁ କ୍ଷତ୍ରିୟମାନେ ଜାତ ହେଲେ
"ସେମାନେ ପୃଥକରେ କାୟସ୍ଥ ବୋଲାଇଲେ ।

"କରଣମାନେ ଶୂଦ୍ରର ପ୍ରାପ୍ତ ହେଲେହେଁ
"ଅନ୍ୟ ଶୂଦ୍ରଙ୍କ ସମାନ ନୁହନ୍ତି । ଯଥା ଯମଃ ।
"ଶଙ୍କା ନ ଭୋଜ୍ୟଂ କନକଂ ନ ଥାଇ ବ୍ରୁ ଣଂ ନ
"ବର୍ଣ୍ଣଃ ପଶବୋ ନ ଗାବଃ । ପ୍ରହାସଭେଃ କାୟ
"ସମୂଭିଦଦ୍ବାନ୍ ବାସ୍ତୁବର୍ଣ୍ଣା ନ ନବନ୍ତୁ
ଶୂଦ୍ରା । ଇତି"

କଟକ } ଭବେଦୀୟନିଦଂ
୨୯।୧୦।୭୯ } ଗଗୋବିନ୍ଦଚନ୍ଦ୍ର ଶର୍ମ୍ମଣଃ ।

## ବିଜ୍ଞାପନ ।

ଏହାଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆ-ଯାଇଅଛି ଯେ ସନ ୧୮୭୮।୭୯ ସାଲ୍ ସକାଶେ କଟକ ୫ାଉନହଲ୍ର ଶର୍ତ୍ତାର ଉଚିତ ଗ୍ରହଣ ହୋଇ ଅସମେନ୍ଦ୍ରମଣ୍ଡୁ କଲେକ୍ଟରେ ଲେଖାଯାଉ-ଅଛି । ଅଜବନ ଠାରୁ ୨ ୧୪ ନ ପର୍ଯ୍ୟନ୍ତ ଦନା ଘ ୧୦ ଘଣ୍ଟା ଓ ଅପରାହ୍ନ ୩ ୫ ଘଣ୍ଟା ମଧ୍ୟରେ ଯେକୌଣସି ସମୟରେ କେହି ସେ ଉକ୍ତ ନିଷ୍ଠ ମାଇନା କରିପାରିବେ । ତା ୧ ରଖ ନବମ୍ବର ସନ ୧୮୭୯ ମସିହା ।

T. M. Kirkwood.
କଟକ ଡିଷ୍ଟ୍ରିକ୍ଟମାଜିଷ୍ଟ୍ରେଟ୍ ଓ ସଭା-
ପତି ।

ଗତବର୍ଷ ଅର୍ଥାତ୍ ସନ ୧୮୭୮।୭୯ ସାଲର ଯେଉଁ ସବୁ କମିଶନରେ ମାଣପ୍ରତି ୫ ୧୪ ହିସାବରେ ଚାଉଳର ଆର୍ଯ୍ୟ ହୋଇଥିଲା ବର୍ତ୍ତମାନ ତାହା ରହିତ ହୋଇ ସେହିସବୁ ଜମିବାବଦ ଚାଉଳର ମାଣପ୍ରତି କେବଳ ୫ ୧ ଙ୍କା ହିସା-ବରେ ନେବାକୁ ହେବ ସେହି ଜମିଦାରୀବାବଦ ପ୍ରଜାମାନଙ୍କ ଖଜଣରେ ସେମାନଙ୍କ ସ୍ୱୀକାର କରି ମଫସଲ ସରକାରଙ୍କର ଯାହା ଦାବୀ ଅଛି ସେ ହିସାବରୁ ଯଦ ଗ୍ରାମର ପ୍ରଧାନ ବ୍ୟକ୍ତିମାନେ ଅଦାୟ କରିବେ ତେବେ ସେମାନେ ସେ ସବୁ ୫ ୩୮ ଙ୍କା ହିସାବରେ ବର୍ଜିତ ପାଇବେ । ୫ ୩୦ ଟାରୁ ନ୍ୟୂନ ଦାଖଲ କଲେ ତାକୁ ଛାମି-ସନ ପାଇବେ ନାହିଁ । ବର୍ତ୍ତମାନ ସନ ୧୮୭୯-୮୦ ସାଲ୍ ଇନକ୍ଲେ ମାଣପ୍ରତି ୫୧୨ ହିସାବରେ ଚାଉଳର ଆର୍ଯ୍ୟ ହୋଇଅଛି । ଏହା ସର୍ବସାଧା-ରଣଙ୍କ ଜ୍ଞାନାର୍ଥେ ପ୍ରକାଶ କରାଗଲା ।

ତା ୮ ରଖ ନବମ୍ବର ସନ ୧୮୭୯ ସାଲ ।
ହସ୍ତଗଲ୍ଲି ବା, ୫ଏନଭ ସାହେବ
କେନାଲ ରେଭନ୍ୟୁ ସୁପରିଣ୍ଟେଣ୍ଡେଣ୍ଟ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ବମାଇଚରଣ ଘୋଷ ଭଦ୍ରକ | ଅଗ୍ରୀମ | ୫୮ । |
| „ ଉପେନ୍ଦ୍ରନାଥ ଘୋଷ ବାଲି ଏହ | | ୫୯ |
| „ ସୁଦର୍ଶନ ଦାସ କଟକ କଲ୍ୟାଣୀ | | ୫୬ |
| „ ବଳରାମ ଘୋଷ | „ „ | ୫୩ |
| „ ଗୋପାଳଚନ୍ଦ୍ର ଘୋଷ | „ „ | ୫୬ |
| „ ଭଲବାଧି ପଟ୍ଟନାୟକ ସୁକ | „ | ୫୧୦ |
| „ ଅଭିମନ୍ୟୁର ଚର | „ „ | ୫ ୪ |

☞ ଏହି ଉତ୍କଳଦୀପିକା ସଦର କଟକ ଦର୍ଶା-ବହାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ } ତା୧୮ରିଖ ନବେମ୍ବର ସନ୧୮୭୯ ମସିହା ।ମୂ। ମାର୍ଗଶିର ୫ ଦିନ ସନ ୧୨୮୭ ସାଲ ଶନିବାର } ଅଗ୍ରିମ ବାର୍ଷିକ ମୂଲ୍ୟ ୪
ସଂଖ୍ୟା } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧୦

### ବାରୁଦ ବିକ୍ରୟ ।

ଦୀପାବଳୀଅମାବାସ୍ୟା ସମୟରେ ଭାରତବର୍ଷର ସର୍ବସ୍ଥଳରେ ପ୍ରାୟ ଦୀପ ଜାଳିବା ଓ ବାଣ ପୋଡ଼ିବା ହୋଇଥାଏ ମାତ୍ର ଏ ବର୍ଷ କଲିକତାରେ ଉକ୍ତ ଉତ୍ସବରେ ବାଣ ପୋଡ଼ିବାର ଧୂମଧାମ ଅତି [illegible] ହୋଇ ନ ଥିବାର ଜଣାଯାଏ କାରଣ ଅମ୍ଭେମାନେ [illegible] ଅବଗତ ହେଲୁଁ ଯେ ପୁଲିସ ସାହେବଙ୍କ ଆଜ୍ଞା ବିନେ ସହର [illegible] ମାନେ ବାରୁଦ କର୍ମ୍ମଶାଳ [illegible] ହୋଇଁ ଉକ୍ତ ପୁଲିସ ଥାନା ସବୁରୁ ଚୋରି ଗଲେ ତାହାଁର ହେତୁ ଏହି ଯେ ଜନା ପଟ୍ଟାରେ ଲାଇସେନ୍ସ କର୍ମ୍ମ ବିକ୍ରୟ କରିବା ଭାବନାର ନିଷେଧ ଅଛି । ବିଶେଷ [illegible] ପୁଲିସ କର୍ମ୍ମଚାରୀମାନଙ୍କ ଧରେ ଧୂମଧାମ କରିବାର ରୂଲି ଉକ୍ତ ବର୍ଷ ଯେବେ ବାରୁଦ କର୍ମ୍ମ [illegible] ବିକ୍ରୟ କରି ନ ଥିଲେ । କିନ୍ତୁ [illegible] ଦେଖି ଲୋକେ ଉକ୍ତ [illegible] ରେ ସନ୍ତୁଷ୍ଟ ହେଲେ । ଭାରତବର୍ଷ ଦୀପାବଳୀ ସମୟରେ ଘୋଟାଏ ଜାଲେଣି କଣେ [illegible] ପଡ଼ି ଜାଣନ୍ତି ଯେଉଁ ପଜାଇ-କାନ୍ ଏ ବର୍ଷ ପୁଲିସ ବାରୁଦ ଉତ୍ସବରେ ବିଶେଷ ମନୋଯୋଗୀ ହୋଇ ଆଜ୍ଞା ଦେଇଥିଲେ ଯେ କୌଣସି ବ୍ୟକ୍ତି ବିନା ପଟ୍ଟାରେ ବାଣ୍ଟି କରିଥିଲେ ସେ ଦ୍ରବ୍ୟସବୁଲୁ ଧୃତ କରି ବିକ୍ରୟ କରିବା ବ୍ୟକ୍ତି ନାମରେ ଅଭିଯୋଗ ଉପସ୍ଥିତ କରିବାକୁ ହେବ । ଏହି ଆଜ୍ଞାକ୍ରମେ ପୁଲିସ ସମୁଦାୟ ବାରୁଦ କର୍ମ୍ମ ଧୃତ କରି ଥାନାକୁ ନେଇ ଯାଇ ଥିଲେ ।

ଷ୍ଟରରେ ମଧ୍ୟ ବିନାପଟ୍ଟାରେ ବାରୁଦ ବିକ୍ରୟ କରିବାର ବିସ୍ତର ଦେଖା ଯାଏ କିନ୍ତୁ ତାହା ଆଇନସିଦ୍ଧ ଅଟଇ କି ନାହିଁ ଜଣା ନାହିଁ ଏଠାରେ ବନ୍ଦୁକର ବାରୁଦ ଅସ୍ତ୍ର ଏବଂ ଗନ୍ଧକ କ୍ରୟ କରିବା ପାଇଁ ପଟ୍ଟା ନେବାର ନିୟମ ଅଛି ଓ କେହି ବିବାହ ଇତ୍ୟାଦି ନିମିତ୍ତ-ଉପଲକ୍ଷରେ ବାରୁଦ ପ୍ରସ୍ତୁତ କରିବା ପାଇଁ ପଟ୍ଟା ନେଇ ଥାନ୍ତି । ମାତ୍ର ଦୀପାବଳୀ ଅମା-ବାସ୍ୟା ସମୟରେ ବାରୁଦ କର୍ମ୍ମ ବିକ୍ରୟ କରିବା-ଲାଗି ନିଷେଧ ଥିବାର ଦେଖା ଯାଏ ନାହିଁ । ପ୍ରକୃତରେ ଦେଖାଯାଏ ଯେ ପୁଲିସ ଏ ବିଷୟରେ ହସ୍ତକ୍ଷେପ ନ କରିବାର ଶୁଭଫଳ ହେଉଅଛି ଏରୂପ ବାରୁଦ ବିକ୍ରୟ କରିବାରେ କିଛି ଅନିଷ୍ଟ ଘଟି ନାହିଁ ବରଂ ଅନେକ ଦୁଃଖିଲୋକ ଏହି ବ୍ୟବସାୟରେ କିଛି ଲାଭ କରିଥାନ୍ତି । ଏ-ମାନେ ଦଶ ଟଙ୍କା ଲେଖାଏ ପଟ୍ଟା ଫିସ ଦେବା-କୁ କଦାଚ ସକ୍ଷମ ନୁହନ୍ତି । ଏମାନଙ୍କୁ ନିଷେଧ କରିଗଲେ ପଟ୍ଟାଦାରମାନେ ଉତ୍ତମରୂପ ଲାଭ କରିବେ ମାତ୍ର ଅନେକ ଦୁଃଖୀଙ୍କର କିଛିକାଳ ଜୀବିକା ନିର୍ବାହର ଉପାୟ ରହିତ ହେବ ତଥାପି ଅମ୍ଭେମାନେ ବୋଧ କରୁଁ ଯେ କୌଣସିପ୍ରକାର ବାରୁଦକର୍ମ୍ମ ପ୍ରସ୍ତୁତ ଓ ବିକ୍ରୟ କରିବାର ଯେବେ ନିଷେଧ ଥାଏ ତେବେ ସର୍କାର ଲୋକଙ୍କୁ ତାହା ଜଣାଇବାର ଉଚିତ ନୋହିଲେ କୌଣସି ସମୟରେ ଅକସ୍ମାତ ପୁଲିସ କାର୍ଯ୍ୟ କଲେ ଦୁଃଖିମାନେ କେବଳ ଦଣ୍ଡଭୋଗ କରିବେ ଏମନ୍ତ

ନୁହେ ତାହାର କୌଣସି ଗର୍ଦ୍ଦଭର ଯେଉଁ ଦ୍ରବ୍ୟ ପ୍ରସ୍ତୁତ କରିଥିବେ ତାହାସବୁ ହରାଇବେ ।

---

### ବାଟଖର ।

ଗତ ମଙ୍ଗଳବାର ସାୟଂକାଳରେ କଟକ-ପ୍ରିଣ୍ଟିଂ କମ୍ପାନିଙ୍କ କୋଠାରେ ଉତ୍କଳ ଇଣ୍ଡିଆନ ସଭାର ଗୋଟିଏ ବିଶେଷ ଅଧିବେଶନ ହୋଇଥିଲା । ବାଟଖର ବିଷୟରେ ଜମିଦାରମାନଙ୍କର କ କର୍ତ୍ତବ୍ୟ ଏହି କଥା ବିଚାର କରିବା ସଭାର ଉଦ୍ଦେଶ୍ୟ ଥିଲା । ଉପସ୍ଥିତ କାଳରେ ଏ ଦେ-ଶୀୟ ଅନେକ ଜମିଦାର ଓ ଅନ୍ୟାନ୍ୟ ଭଦ୍ର-ଲୋକ ଉପସ୍ଥିତ ହୋଇ ସଭାର କାର୍ଯ୍ୟ ନିର୍ବାହ କଲେ । ପ୍ରଥମରେ ବାଟଖର ଆଇନ ଓ ତାହାଁ-ସମ୍ପର୍କରେ ଗବର୍ଣ୍ଣମେଣ୍ଟ ବଙ୍ଗାଳ ଯେ ବନ୍ଦୋବସ୍ତ ସ୍ଥିର କରିଅଛନ୍ତି ତାହା ପାଠ ହେଲା ଓ ସଭ୍ୟମାନେ ତାହାଁର ପ୍ରଧାନ ବିଷୟମାନ କୁହସ୍ଥ-ଙ୍ଗମ କରି ପ୍ରାୟ ସମସ୍ତେ ଐକ୍ୟ ହୋଇ ବ୍ୟକ୍ତ କଲେ ଯେ ଏ ଆଇନ ଏଠାରେ ପ୍ରଚଳିତ ହେଲେ ସର୍ବସାଧାରଣଙ୍କର ବଡ଼ କଷ୍ଟ ହେବ । ପ୍ରଜାମାନେ ବର୍ତ୍ତମାନ ଚଉକିର ହେତୁରୁ ଦୁଃଖ ଭୋଗ କରୁଅଛନ୍ତି ତହିଁର ଯନ୍ତ୍ରଣା ଶେଷ ନ ହେଉଣୁ ଆଉ ଗୋଟିଏ କର ତାହାଙ୍କ ଉପରେ ପକାଇବା ନିଷ୍ଠୁର କାର୍ଯ୍ୟ ଅଟଇ । ଆଇନଜାରି ସ୍ଥଳେ ଜମିଦାରମାନେ କର ଆଦାୟ କରିବାକୁ ବାଧ୍ୟ ହେବେ ମାତ୍ର ଆଦାୟ କରିବା ଅସମ୍ଭବ ହୋଇବାକୁ ହେବ । ଜମିଦାରମାନେ ମଧ୍ୟ

Digitized by srujanika@gmail.com

ଜିଲାବାରର କଷ୍ଟ ଭୋଗ କରୁଅଛନ୍ତି କାରଣ ପ୍ରଜାଙ୍କ ଦୁଃଖ ସଙ୍ଗେ ତାହାଙ୍କର ସୁଖ ଦୁଃଖ ଲାଗି ରହିଅଛି । ଏହିସବୁ ବିଚାର କରି ସେମାନେ ଏପ୍ରଦେଶରେ ଅଚଳ ସ୍ଥିତି ରକ୍ଷିବାପାଇଁ ଗବର୍ଣ୍ଣମେଣ୍ଟଙ୍କୁ ଅବେଦନ କରିବା ଯୁକ୍ତିଯୁକ୍ତ ଜ୍ଞାନ କରିଥିଲେ । କିନ୍ତୁ ତାହାଙ୍କ ମନରେ ଏହି ବିଶ୍ୱାସ ହେଉଅଛି ଯେ ଗବର୍ଣ୍ଣମେଣ୍ଟ ଯେ ସ୍ଥଳେ ଅଚଳ ଜାରୀ ହେବାନାହିଁ ଏପ୍ରଦେଶକୁ ତାହା ପ୍ରଚଳିତ କଲେ ସେସ୍ଥଳେ ଶୀଘ୍ର ଯେ ନିବୃତ୍ତ ହେବେ ଏମନ୍ତ ସମ୍ଭାବନା ନାହିଁ କଲିକତାରେ ଇଦୃମାବଲୀରେ ଏକସ୍ଥାନରେ ଲେଖାଅଛି ଯେ ଗବର୍ଣ୍ଣମେଣ୍ଟ ଖଣ୍ଡାନ୍ତରେ ଏ କର ଅଦାୟ କରିବାକୁ ମନସ୍ଥ କରୁଅଛନ୍ତି ଏକଥା ଯେମନ୍ତେ ପ୍ରଜାଙ୍କମନରେ ଦୃଢ଼ରୂପେ ଜାଗରିତ ଥାଏ ଏଥିକି ଚାହିଁ ଜମିଦାରମାନେ କାର୍ଯ୍ୟ କରିବେ । ଏମନ୍ତ ଅବସ୍ଥାରେ ଏପ୍ରଦେଶରେ ଅଚଳ ପ୍ରଚଳ ନ କରିବା ପ୍ରାର୍ଥନାଠାରୁ ଯେଉଁରୂପେ ସହଜରେ ଅଚଳର ନିୟମାନ ଲୋକେ ପ୍ରତିପାଳନ କରିବେ ତହିଁ ବିଷୟରେ କିଛି ପ୍ରସ୍ତାବ କରିବାର ଉଚିତ । ଏହିକଥା ବିଚାର କରି ସମସ୍ତ ସଭ୍ୟମାନେ ଏକମତ ହୋଇ ସ୍ଥିର କଲେ ଯେ ଜମିଦାରଙ୍କଠାରୁ ମୋଫସଲର କାଗଜ ନେବାର ଯେଉଁ ବିଧି ଅଛି ସେହି ବିଧି ରହିତ ହୋଇ ବନ୍ଦୋବସ୍ତ କାଗଜ ଅନୁସାରେ କର ବନ୍ଦୋବସ୍ତ ଓ ଅଦାୟ ହେବାଲାଗି ଅଜ୍ଞା ପ୍ରଦାନ କରିବା ଉଚିତ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରାଯାଉ । ଏରୂପ ପ୍ରସ୍ତାବର ହେତୁ ଏହି ଯେ ବଙ୍ଗଳା ଦେଶର ଯେ ସମସ୍ତ ଜିଲ୍ଲାରେ ଚିରସ୍ଥାୟୀ ବନ୍ଦୋବସ୍ତ ହୋଇଅଛି ସେ ସବୁ ବନ୍ଦୋବସ୍ତ ବହୁତ ଦିନ ତଳେ ହୋଇଥିଲା । କାଳ ସହକାରେ ଜମିଦାରମାନେ ଭୂମିର ଉତ୍କର୍ଷ ଅଧିକ ପରିମାଣରେ ସାଧନ କରିବାରୁ ମୋଫସଲ ଜମା ବୃଦ୍ଧି ପାଇଅଛି ଅତଏବ ସେଠା ବନ୍ଦୋବସ୍ତ କାଗଜ ପ୍ରତି ମୋଫସଲର ଅବସ୍ଥା ଅନେକ ଅନ୍ତର ପଡ଼ିବ ସୁତରାଂ ନୂତନ କାଗଜ ନେବାର ପ୍ରୟୋଜନ । ଅଧିକନ୍ତୁ ସେ ସବୁ ସ୍ଥାନରେ ଇଂରେଜଙ୍କ ପ୍ରଥମାବସ୍ଥାରେ ଜମା ଧାର୍ଯ୍ୟ ହୋଇଥିବାରୁ ମୋଟାମୋଟି ବନ୍ଦୋବସ୍ତ ହୋଇଥିଲା । ଏତେବେଳେ ଜମିଦାରମାନେ କାଗଜ ନ ଦେଲେ କିଛି ଜଣା ଯିବ ନାହିଁ ଓଡ଼ିଶାର ଅବସ୍ଥା ସେପରି ନୁହଇ । ତିରିଶବର୍ଷ ତଳେ ଏଠାରେ ଯେଉଁ ବନ୍ଦୋବସ୍ତ ହୋଇଥିଲା ତହିଁରେ ସବୁ ଭୂମି ଜରିପ ହୋଇ ଯଥାର୍ଥ ରୂପେ ଜମା ବସିଥିଲା ଓ ବର୍ତ୍ତମାନ ତହିଁର ବିଶେଷ ନ୍ୟୂନାଧିକ ହୋଇ ନାହିଁ ଓ ଯଦ୍ୟପି କ କୌଣସି ମୌଜାମାନଙ୍କରେ ପତିତ ଭୂମି ଆବାଦ ହୋଇ ଅଧିକା ଉତ୍ପନ୍ନ ହେଉଅଛି ତେମନ୍ତ ଅନ୍ୟ ମୌଜାମାନଙ୍କରେ ନଦୀ ପ୍ରବାହ ବା ଅନ୍ୟାନ୍ୟ କାରଣରୁ କ୍ଷତି ହୋଇଅଛି ଏ ସବୁ ଏକତ୍ରରେ ଧରିଲେ ଆୟ ବ୍ୟୟ ପ୍ରାୟ ସମାନ ହେବ ଏ କଥା ରେବନ୍ୟୁ ହାକିମମାନେ ବନ୍ଦୋବସ୍ତ ମୋକଦ୍ଦମାରୁ ଅବଗତ ଅଛନ୍ତି । ଏଥି ତଡ଼ାଉ ସ୍ମରଣ ରଖିବାର ଆବଶ୍ୟକ ଯେ ଏ ପ୍ରଦେଶରେ ବଡ଼ ଜମିଦାର ଅଧିକ ନାହିଁ । ସାମାନ୍ୟ ଜମିଦାର ବହୁତ ଓ ଜମିଦାରମାନେ ଆପଣା ଭରଣପୋଷଣ ପାଇଁ ତହିଁ ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭର ରଖୁଥିବାରୁ ଆପଣା ହାତରେ ଉସୁଲ ତହସିଲ କରନ୍ତି । ଲେଖିବା ପଢ଼ିବାକୁ ଜାଣିଥିବା ଜମିଦାରଙ୍କ ସଂଖ୍ୟା ଅଳ୍ପ ଅଟଇ ସୁତରାଂ ଅଧିକାଂଶ ଜମିଦାରଙ୍କର ସେଠମତ ହିସାବ କ କାଗଜ ପତ୍ର ନାହିଁ । ଏପରି ଲୋକମାନେ କେଉଁଠାରୁ କାଗଜ ପ୍ରସ୍ତୁତ କରି ଦେବେ । ସରକାର ତାହାକୁ ହଦ କଲେ ଏମାନେ କାଗଜ ଦେବା ପାଇଁ ବାଧ୍ୟ ହେବେ ମାତ୍ର ସେପରି ହିସାବପତ୍ର ନ ଥିବାରୁ ଅଗତ୍ୟା ଏମାନଙ୍କୁ ମିଛ ସତ ମିଶାଇ କାଗଜ ଦେବାକୁ ପଡ଼ିବ ତହିଁରେ ପୁଣି ଦଣ୍ଡର ଯୋଗ୍ୟ ହେବେ । ଯେଉଁମାନେ ଏହି କାଗଜ ଦେବା ପାଇଁ ହିସାବ ରଖିବା ତହାନ୍ତ ଆବଶ୍ୟକ ବୁଝିବେ ସେମାନଙ୍କୁ ମୋହରର ନିଯୁକ୍ତ କରିବାକୁ ପଡ଼ିବ ଓ ଆପଣା ଭରଣପୋଷଣ ଟଙ୍କାରୁ ତାହାର ବେତନ ଦେଇ ଅପେ କ୍ଳେଶ ଭୋଗ କରିବେ । ଏ ଟଙ୍କା ଉସୁଲପାଇଁ ଯେବେ କିଛି ଶର୍ତ୍ତ ଗବର୍ଣ୍ଣମେଣ୍ଟ ଦେଇଥାନ୍ତେ ତହିଁରୁ ଅବା କିଛି ଉପକାର ଲଭନ୍ତେ ତଥାତ ସ୍ୱରୂ ଜମିଦାରପ୍ରତି ବଂଶ୍ରୋଚିତ ଶର୍ତ୍ତ ମିଳନ୍ତା ନାହିଁ ସୁତରାଂ କୌଣସି ରୂପେ ଜମିଦାରଙ୍କୁ ବିଶେଷ କ୍ଷତି ସହିବାକୁ ହେଉଅଛି । ଅତଏବ ଗବର୍ଣ୍ଣମେଣ୍ଟ ଯେବେ ପୃଥକ୍ କାଗଜ ଅବଶ୍ୟକ ବିଚାର ନ କରି ବନ୍ଦୋବସ୍ତ କାଗଜ ଉପରେ ଜମା ନିର୍ଦ୍ଧାର୍ଯ୍ୟ କରନ୍ତି ତାହା ହେଲେ ଗବର୍ଣ୍ଣମେଣ୍ଟଙ୍କର ବିଶେଷ କ୍ଷତି ହେବ ନାହିଁ ବରଂ ସେହିଟଙ୍କା ଉଠିବ ମାତ୍ର ଜମିଦାରଙ୍କ କ୍ଳେଶ ବହୁମାତ୍ର ରହିବ ନାହିଁ । ଅତଏବ ସଭା ଉପରଲେଖା ପ୍ରାୟ ପ୍ରସ୍ତାବ କରିଅଛନ୍ତି ।

ଅମ୍ଭେମାନେ ଏବିଷୟରେ କିଛି ମତାମତ ପ୍ରକାଶ କରିବାକୁ ଉଚିତ ଜ୍ଞାନ କରୁ ନାହୁଁ । ଅନେକ ସମ୍ଭ୍ରାନ୍ତ ଜମିଦାର ଯେସ୍ଥଳେ ବସି ଗୋଟିଏ କଥା ସ୍ଥିର କରୁଅଛନ୍ତି ସେସ୍ଥଳେ ଗବର୍ଣ୍ଣମେଣ୍ଟଙ୍କୁ ଉଚିତ ଯେ ଏହାଙ୍କ ବିଷୟକୁ ଯଥାର୍ଥରୂପେ ବିବେଚନା କରି ବହୁତ ଅଜ୍ଞା ପ୍ରଦାନ କରନ୍ତୁ । ଅମ୍ଭେମାନେ ଆଶା କରୁ ଯେ ଜମିଦାରମାନେ ସାମ୍ନାକୁ ସାବ ସାହେବଙ୍କ ସମ୍ମୁଖରେ ଏ ଆପତ୍ତି ମୌଖିକ ଉଥାପନ କରନ୍ତୁ ତାହା ହେଲେ ସେ ଅବଶ୍ୟ ଏଥିର ସଦୁତ୍ତର ପ୍ରଦାନ କରିବେ ।

---

ବାଳକାବିଦ୍ୟାଳୟର ପାରିତୋଷିକ ଦାନ ।

ପାଠକମାନେ ଅବଗତ ହୋଇଥିବେ ଯେ ଏ ନଗରରେ ହିନ୍ଦୁବାଳିକା ସ୍କୁଲନାମୀ ଗୋଟିଏ ବିଦ୍ୟାଳୟ ସ୍ଥାପିତ ହୋଇଅଛି । ବିଦ୍ୟାଳୟଟୀ ଆରମ୍ଭ ହେବାର ପ୍ରାୟ ଦଶବର୍ଷ ହେଲାଣି ଏବଂ ଏହା ସମ୍ପୂର୍ଣ୍ଣରୂପେ ଏହି ନଗରନିବାସି ବେଙ୍ଗେଲ ବ୍ରହ୍ମେରଙ୍କ ଦାତବ୍ୟତା ଉପରେ ନିର୍ଭର କରଇ । ସ୍ତ୍ରୀଶିକ୍ଷା ପ୍ରଚଳିତ କରିବା ବିଦ୍ୟାଳୟର ଉଦ୍ଦେଶ୍ୟ ଅଟଇ ଓ ସମ୍ପ୍ରତି ତହିଁରେ ଜଣେ ଶିକ୍ଷକ ଓ ଜଣେ ଦାସୀ ନିଯୁକ୍ତ ଥାଇ କାର୍ଯ୍ୟ ନିର୍ବାହ କରନ୍ତି ଅର୍ଥାତ୍ ଶିକ୍ଷକ ଶିକ୍ଷା ଦିଅନ୍ତି ଓ ଦାସୀ ପିଲାମାନଙ୍କୁ ବିଦ୍ୟାଳୟରେ ଉପସ୍ଥିତ କରି ପଢ଼ାନ୍ତେ ତାହାଙ୍କ ଘରେ ଛାଡ଼ିଦେଇ ଆସିବା ଓ ବିଦ୍ୟାଳୟର ଅନ୍ୟାନ୍ୟ ଅବଶ୍ୟକୀୟ କାର୍ଯ୍ୟ କରଇ । ବିଦ୍ୟାଳୟର ତତ୍ତ୍ୱାବଧାରକ ବର୍ତ୍ତମାନ ବାବୁ ଅଘୋରନାଥ ଚକ୍ରବର୍ତ୍ତୀ ଅଛନ୍ତି ଓ ତାହାଙ୍କ ଆହ୍ୱାନରେ ଗତ ଶନିବାର ବଟକ ନର୍ମାଲବିଦ୍ୟାଳୟ ଗୃହରେ ବାଳିକାମାନଙ୍କୁ ବାର୍ଷିକ ପାରିତୋଷିକ ପ୍ରଦାନ କାରଣ ସଭା ହୋଇଥିଲା । ଯତ୍କିଞ୍ଚିତ ଦେଶୀୟ ବିଦେଶୀୟ ଅନେକ ଲୋକଙ୍କୁ ଉକ୍ତାବିଦ ମହାଶୟ ଆମନ୍ତ୍ରଣ କରିଥିଲେ ମାତ୍ର ଦୁଃଖର ବିଷୟ ଯେ ଅଳ୍ପ ଲୋକ ତାହାଙ୍କର ଅନୁରୋଧ ରକ୍ଷା କରି ସଭାକୁ ଆଗମନ କଲେ । ଇଂରେଜ ଧର୍ମ ଦାୟି ମଧ୍ୟରେ ଏକମାତ୍ର ଜମିଗ୍ଗର ସାହେବ ଆସିଥିଲେ ଓ ଦେଶୀୟମାନଙ୍କ ମଧ୍ୟରେ କେବଳ ଇ ସ୍କୁଲ ଓ ନର୍ମାଲ ସ୍କୁଲର ଶିକ୍ଷକମାନେ ଉପସ୍ଥିତ ଥିଲେ । ଜିଲ୍ଲାସ୍କୁଲ ଶିକ୍ଷକମାନଙ୍କ ମଧ୍ୟ କେବଳ ବାବୁ ଜଗନ୍ମୋହନ ସେନ ଓ ବାବୁ କୈଳାସ ଚନ୍ଦ୍ର ଘୋଷ ଓ ଚୌଧୁରୀ

Digitized by srujanika@gmail.com

ପ୍ରବାସ ମହାଶୟ ଏବଂ ଅନ୍ୟ କେତେ ଏତଦ୍ଦେଶୀୟ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ ସ୍ତ୍ରୀଶିକ୍ଷାବର୍ଦ୍ଧିନୀ ସମ୍ବନ୍ଧିତ ଉତ୍ସବ ବିଷୟରେ ଯଥାବିହିତ ଅନୁଷ୍ଠାନ ହୋଇ ଥିଲା। ଶ୍ରୀଯୁକ୍ତ କମିଶନର ସାହେବ ସଭାପତିଙ୍କ ଆସନ ଗ୍ରହଣ କରିଥିଲେ ଓ ତାହାଙ୍କ ସମ୍ମୁଖରେ ୨ଶ୍ରେଣୀ ବେଞ୍ଚରେ ୧୨ଟୀ ବାଳିକା ବସିଥିଲେ ଅମ୍ଭେମାନେ ଅବଗତ ହେଲୁଁ ସର୍ବମୁଦ୍ଧା ୧୪ ବାଳିକା ସେଠାରେ ପାଠ କରନ୍ତି ମାତ୍ର ୨ ଜଣ ଅନୁପସ୍ଥିତ ଥିଲେ।

ଶ୍ରୀମନ୍ତ ସଭାର କାର୍ଯ୍ୟାରମ୍ଭ ହେବାରୁ ସଂସ୍ଥାପକ ମହାଶୟ ବଙ୍ଗାଳିର ବର୍ଣ୍ଣପରୀ ପାଠ କଲେ ଓ ବାଳିକାମାନେ ଦଶ ଜଣ ପଢ଼ିଅଛନ୍ତି ତାହା ସେମାନେ ଶୁଣାଇଲେ, ତଦୁତ୍ତାରୁ ପାରିତୋଷିକ ପ୍ରଦାନ କରାଗଲା। ଏଥିର ଆୟୋଜନ ମଧ୍ୟ ସୁନ୍ଦର ହୋଇଥିଲା। ପୁସ୍ତକ ଓ ବିଲାତି ନିର୍ମିତ କଣ୍ଠେଇ ଇତ୍ୟାଦି ଖେଳନା ଓ ମୁଗାର ଶାଢ଼ୀ ଫୁଲ ପ୍ରଜାପତି ପ୍ରଭୃତି ଦ୍ରବ୍ୟମାନ ସେମାନେ ଯାହା ମନକୁ ଯେ ଯେଉଁଟି ବାଛି ନେଲେ ଓ ଏ ସମୟରେ ତାହାଙ୍କର ଆହ୍ଲାଦ ଦେଖି ଦର୍ଶକମାନେ ବଡ଼ ଆନନ୍ଦ ଲଭିଲେ। ଏ ସବୁ ସରିବାରୁ ଶ୍ରୀଯୁକ୍ତ କମିଶନର ସାହେବ ଇଂରାଜୀରେ ଦେଢ଼େ [illegible] ହର୍ଷରେ ବହୁଳ ବକ୍ତୃତା କଲେ ତାହା ବକ୍ତୃତା ରୂପରେ ଭିନ୍ନ କୋହିଲେ ମଧ୍ୟ ବ୍ୟବହାର ବିଷୟରେ ଉପଯୁକ୍ତ ହୋଇଥିଲା। ସେ କହିଲେ ଯେ ବାଳିକାମାନଙ୍କୁ ଶିକ୍ଷା ଦେବା ପାଇଁ ଏତଦ୍ଦେଶୀୟ ଲୋକେ ଯେ ଅନୁରୋଧ କରନ୍ତି ତହିଁର ମର୍ମ ଏହା ନୁହଇ ଯେ ବାଳିକାମାନେ ଏତଦ୍ଦେଶୀୟ ଚଳଣ ଛାଡ଼ିକରି ଅପଣା ଦେଶର ଚିହ୍ନ ପ୍ରକୃତିର ବିପରୀତ ଆଚରଣ କରିବେ ମାତ୍ର ତାହାଙ୍କୁ ଶିକ୍ଷା ଦେବାରେ ଏହି ଅଭିପ୍ରାୟ ଯେ ସେମାନେ ସ୍ୱଧର୍ମରେ ଥାଇଁ ଗୃହକାର୍ଯ୍ୟମାନ ଉତ୍ତମରୂପେ ନିର୍ବାହ କରିବେ ଓ ସନ୍ତାନ ସନ୍ତତିଙ୍କ ପ୍ରତିପାଳନ ଏବ ଶିକ୍ଷାକାର୍ଯ୍ୟ ଉତ୍ତମରୂପେ ନିର୍ବାହ କରିବେ। ପିଲାମାନଙ୍କୁ ଶିକ୍ଷା ଦେବାପାଇଁ ମାତା ଅପେକ୍ଷା ଅଧିକ ଉପଯୁକ୍ତ ଏବଂ ସେମାନଙ୍କ ସ୍ୱାସ୍ଥ୍ୟରକ୍ଷାର ଭାର ମାତା ଉପରେ ରହିଅଛି ଘରର ଅନ୍ନ ବ୍ୟୟ ବୁଝିବା ମଧ୍ୟ ଗୃହିଣୀଙ୍କ ପ୍ରଧାନ କର୍ମ ସେ ଯେବେ ସୁଶିକ୍ଷିତା ହୁଅନ୍ତି ଏ ସମସ୍ତ କାର୍ଯ୍ୟ ଯେମନ୍ତ ଉତ୍ତମରୂପେ ନିର୍ବାହିତ ହେବ ଅନ୍ୟ କୌଣସି ଉପାୟରେ ତାଦୃଶ ହୋଇ ପାରିବ ନାହିଁ ଆଉ ଦେଶ ଗୃହରେ କେହି ପୀଡ଼ିତ ହେଲେ ସ୍ତ୍ରୀଲୋକମାନେ ଯେମନ୍ତ ସେବା କରନ୍ତି ପୁରୁଷଙ୍କଦ୍ୱାରା ତେମନ୍ତ ହେବା କଦାଚ ସମ୍ଭବ ନୁହଇ ଓ ସେ ସ୍ତ୍ରୀମାନେ ଯେବେ ବିଦ୍ୟାବତୀ ଥାନ୍ତି ତେବେ ହିତାହିତ ବିବେଚନା କରି କାର୍ଯ୍ୟ କରି ପାରିବେ ଓ ତହିଁରେ ଯେ କେତେ ଉପକାର ଅଛି ବୋଲାଯାଇ ନ ପାରେ। ଅତଏବ ସ୍ତ୍ରୀମାନଙ୍କୁ ସାମାନ୍ୟରୂପ ଲେଖାପଢ଼ା ଓ ଅଙ୍କ ବିଦ୍ୟାରେ ଶିକ୍ଷା ଦେବା ବ୍ୟବହାରିକ ବିଷୟରେ ଅତ୍ୟନ୍ତ ପ୍ରୟୋଜନୀୟ ମାତ୍ର ଦୁଃଖର ବିଷୟ ଯେ ଉତ୍କଳଦେଶୀୟ ଲୋକେ ତାହା ବିଚାର କରି ନାହାନ୍ତି ତମ୍ଭା ବଙ୍ଗୀୟମାନଙ୍କର ଅନୁଗାମୀ ହେଉ ନାହାନ୍ତି। ଉପସ୍ଥିତା ବାଳିକାମାନେ ପ୍ରାୟ ସମସ୍ତେ ବଙ୍ଗାଳୁଣୀ ଥିଲେ ଓ ଯଦ୍ୟପିହ ଦଶୋଟୀ ବାଳିକା ଉତ୍କଳ ଦେଶର ଥିଲେ ସେମାନେ ଉତ୍କଳୀୟା ବୋଲି ଚିହ୍ନା ଯାଉ ନ ଥିଲେ ଉତ୍କଳଦେଶରେ ଉତ୍କଳୀୟ ବାଳିକା ବିଦ୍ୟାଳୟରେ ଅଧିକ ନ ଥିବାରୁ କମିଶନର ଉପରେ ଲକ୍ଷିତରୂପ ଆକ୍ଷେପ ପ୍ରକାଶ କରି ଉତ୍କଳଦେଶସ୍ଥ ଲୋକଙ୍କୁ ବଙ୍ଗୀୟ ଲୋକଙ୍କର ଅନୁଗାମୀ ହେବାପାଇଁ ଅନୁରୋଧ କଲେ। ପ୍ରକୃତରେ ଉତ୍କଳୀୟ ସମ୍ଭ୍ରାନ୍ତ ବ୍ୟକ୍ତି ମଧ୍ୟରେ ଏକା ପ୍ରହ୍ଲାଦ ଚଉଧୁରୀ ଉପସ୍ଥିତ ଥିଲେ ଓ ସେ ଯେଉଁ ମର୍ମରେ ଦୁଇ ଏକ କଥା କହିଲେ ତାହା ସ୍ପଷ୍ଟରୂପେ ବୁଝାଗଲା ନାହିଁ ଓ ତହିଁରେ ମତାନ୍ତର ହେଲା।

ତହିଁଉତ୍ତାରୁ କୌଣସି ସଭ୍ୟଙ୍କ ଅନୁରୋଧ କ୍ରମେ ପଣ୍ଡିତ ପ୍ରଭାକର ଚୂଡ଼ାମଣି ସାନ୍ଦୋପାନ ପୂର୍ବକ କହିଲେ ଯେ ଉତ୍କଳୀୟମାନେ ଯେ ବିଦ୍ୟା ଶିକ୍ଷାପ୍ରତି ବଙ୍ଗାଳିଙ୍କ ପ୍ରାୟ ମନୋଯୋଗୀ ହେଉ ନାହାନ୍ତି ତାହା ଆକ୍ଷେପର ବିଷୟ ସତ୍ୟ ମାତ୍ର ତହିଁରୁ ଏମନ୍ତ ପ୍ରକାଶ ହେଉ ନାହିଁ ଯେ ଉତ୍କଳୀୟମାନେ ବଙ୍ଗାଳିଙ୍କ ଅପେକ୍ଷା ବୁଦ୍ଧି ଏବଂ ବିଦ୍ୟାର ମର୍ଯ୍ୟାଦା ବୁଝିବା ବିଷୟରେ ନିକୃଷ୍ଟ ଅଟନ୍ତି। ବଙ୍ଗଦେଶ ପ୍ରତି ଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟି ବହୁକାଳରୁ ପଡ଼ିବାରୁ ବଙ୍ଗାଳିମାନେ ଧନରେ ଓ ବିଦ୍ୟାପ୍ରଚାର ବିଷୟରେ ଅଗ୍ରଗଣ୍ୟ ହୋଇଅଛନ୍ତି। ଉତ୍କଳପ୍ରତି ତାଦୃଶ ଦୃଷ୍ଟିକ୍ଷେପ ହୋଇ ନ ଥିଲା। ସମ୍ପ୍ରତି ଦୁଇ ଚାରି ବର୍ଷ ହେଲା ସେରୂପ ହେବାର ଆରମ୍ଭ ହୋଇଅଛି ଓ କାଳକ୍ରମେ ସେଥିର ମଙ୍ଗଳ ଫଳ ପ୍ରତ୍ୟକ୍ଷ ହେବ ଅର୍ଥାତ୍ ଓଡ଼ିଆମାନେ ଯଦ୍ୟପି ବର୍ତ୍ତମାନ ବିଦ୍ୟାଶିକ୍ଷା ବିଷୟରେ ଏକପ୍ରକାର ଦୈନ୍ୟଗ୍ରସ୍ତ ଅବସ୍ଥାକୁ ଅବଲମ୍ବନ କରିଅଛନ୍ତି ମାତ୍ର ଯେସମସ୍ତ ବିଦ୍ୟାଦାନର ଉପାୟ ଏଠାରେ ସମ୍ପ୍ରତି ହୋଇଅଛି ଏଥିରୁ ଆଶା କରାଯାଏ ଯେ ଉତ୍ତରୋତ୍ତର ଓଡ଼ିଶାର ଅବସ୍ଥା ଭଲ ହେବ ଓ ବର୍ତ୍ତମାନ ଯେ ସବୁ ଅଭାବ ଦେଖାଯାଏ ତାହା ରହିବ ନାହିଁ। ସ୍ତ୍ରୀଜାତିର ଅନୁକୂଳ ବିନା ବିଦ୍ୟା ଉନ୍ନତିର ସମ୍ଭବ ନୁହଇ ଯେତେବେଳେ ପ୍ରଜା ଅନୁକୂଳ ହୋଇଅଛନ୍ତି ତାହା ବ୍ୟର୍ଥ ହେବ ନାହିଁ। ପଣ୍ଡିତ ମହାଶୟଙ୍କର ଉଚିତ ଥିଲା ଯେ ଏଦେଶର ସ୍ତ୍ରୀଶିକ୍ଷା ବିଷୟ ସଭାକୁ ଜଣାଇଥାନ୍ତେ ବୋଧ ହୁଏଇ ପୂର୍ବରୁ ବକ୍ତୃତା କରିବାକୁ ପ୍ରସ୍ତୁତ ନ ଥିବାରୁ ତାହା କହିପାରିଲେ ନାହିଁ। ପ୍ରକୃତରେ ଏ ଦେଶୀୟ ଲୋକମାନେ ସ୍ତ୍ରୀଶିକ୍ଷାର ବିରୋଧୀ ନୁହନ୍ତି। ସେମାନେ ବର୍ତ୍ତମାନ ସ୍ଥାପିତ ବିଦ୍ୟାଳୟପର ସ୍ଥାନକୁ ଆପଣା ଦୁହିତାମାନଙ୍କୁ ପଠାଇବାକୁ ଘୃଣାକରନ୍ତି ସତ୍ୟ ମାତ୍ର ଯେ ଯାହା ଘରେ ବାଳିକାମାନଙ୍କୁ ବିଦ୍ୟାଶିକ୍ଷା ଦିଅନ୍ତି। କାରଣ, ଶାସ୍ତ୍ରୋକ୍ତ ଓ ଗୃହସଂସାରରେ ସ୍ତ୍ରୀଶିକ୍ଷାର ରୀତି ବହୁକାଳରୁ ପ୍ରଚଳିତ ଅଛି ଓ ଏତେବେଳେ ମଧ୍ୟ ଅନେକ ସୁଶିକ୍ଷିତା ସ୍ତ୍ରୀ ଲୋକ ଉତ୍କଳୀୟ ପରିବାରମଧ୍ୟରେ ବିଦ୍ୟମାନ ଅଛନ୍ତି। ସେମାନଙ୍କ ବ୍ୟବହାରିକ ନିୟମ ଭିନ୍ନପ୍ରକାର ଥିବାରୁ ବିଦେଶୀୟ ଲୋକେ ତାହାଙ୍କ ଖବର ପରିଚୟ ପାଉ ନାହାନ୍ତି। ଯେତେବେଳେ ପୁରୁଷଙ୍କ ଶିକ୍ଷାର ଉନ୍ନତି ହେବାରୁ କୁସଂସ୍କାରମାନ ଲୋପ ପାଇବ ସେତେବେଳେ ଏସମସ୍ତ ଗୋପନ ରହିବ ନାହିଁ। ଯାହା ହେଉ ପଣ୍ଡିତ ମହାଶୟଙ୍କ ବକ୍ତୃତା ଅତି କ୍ଷୁଦ୍ର ହୋଇ ଥିଲେହେଁ ତାହା ପ୍ରକୃତ ପ୍ରସ୍ତାବ ଉପରେ ନିର୍ଯ୍ୟୋଜିତ ହୋଇଥିଲା ଓ ଏହି ହେତୁରୁ ସଭ୍ୟମାନଙ୍କୁ ସନ୍ତୋଷ ପ୍ରଦାନ କଲା। ଆମ୍ଭେମାନେ ମଧ୍ୟ ତାହାଙ୍କ ବାକ୍ୟରେ ସନ୍ତୁଷ୍ଟ ହୋଇ ତାହାଙ୍କର ପ୍ରଶଂସା କରିବାକୁ ଅଗ୍ରସର ହୋଇଅଛୁଁ।

## ସାପ୍ତାହିକ ସଂବାଦ

ଶ୍ରୀଯୁକ୍ତ ଡେବିସ ସାହେବଙ୍କ ଅଫିସରେ ବାବୁ ରାଧାମୋହନ ଦାସଙ୍କର ନିଯୁକ୍ତ ହେବା ଅଙ୍ଗୀକୃତ ହୋଇ ତହିଁ ପରିବର୍ତ୍ତରେ ବାବୁ ସଦାନନ୍ଦ ବେହେରା ନିଯୁକ୍ତ ହେଲେ। ଏ ବ୍ୟକ୍ତି ପୂର୍ବେ ପୁରୀ ଉତ୍ତର ଡାକମାଷ୍ଟରୀ ଅଫିସର ହେଡକ୍ଲର୍କ ଥିଲେ।

Split by PDF Splitter
Digitized by srujanika@gmail.com

ଫର୍ଷ୍ଟିକ୍ସ ସାହେବ ସ୍ଥାନରେ ଜଣେ ଫିରଙ୍ଗୀ ଏ ନଗରରେ ବାଣିଜ୍ୟ ଓ ମୁଦ୍ରାର ବ୍ୟବସାୟ କରୁଥିଲା ଗତ ଶନିବାର ଏକ ଟଙ୍କାଙ୍କ ମୋକଦ୍ଦମାରେ ଏକଟିଂ ଚିଫମାଜିଷ୍ଟ୍ରେଟ ସାହେବ ତାହାକୁ କଠିନ ପରିଶ୍ରମ ସହିତ ଏକମାସ କାରାବାସ କରିବାର ଦଣ୍ଡ ଦେଇ ଅଛନ୍ତି ।

ଗଜେଟ ଅବ ଇଣ୍ଡିଆର ପ୍ରକାଶ ଯେ ବାବୁ ସ୍ୱାମଚନ୍ଦ୍ର ଷଷ୍ଠନାୟକ ତୃତୀୟ ଶ୍ରେଣୀର ଅଶିଷ୍ଟାଣ୍ଟ ଇଞ୍ଜିନିୟର ନିଯୁକ୍ତ ହୋଇ ବଙ୍ଗ ପ୍ରଦେଶର ଅଟ୍ଟାଳିକା ଓ ସଡକ ବିଭାଗରେ କର୍ମ କରିବାକୁ ଆଦେଶ ପାଇ ଅଛନ୍ତି ।

କଲିକତା ଗେଜେଟରେ ଓଡିଆ ସମ୍ପର୍କରେ ନିମ୍ନଲିଖିତ ଆଜ୍ଞାମାନ ପ୍ରକାଶିତ ହୋଇଅଛି । ଯଥା ।

ବାବୁ କେଦାରନାଥ ବାନର୍ଜୀ କଟକରେ ଛୋଟ ଅଦାଲତର ଜଜ ଏବଂ ସବଅର୍ଡିନେଟ ଜଜ ପଦରେ ଏକଟିଂ ଶୁଦ୍ଧ ଶ୍ରୀଯୁକ୍ତ ସ୍ମିଥ ସାହେବ ଛୁଟିରୁ ଫେରି ଆସିବା ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

କଟକର ଏକଟିଂ ସୁପରିଣ୍ଟେଣ୍ଡେଣ୍ଟ ପୁଲିସ ମାକନେ ସାହେବ ଡାକ୍ତରଙ୍କ ସାର୍ଟିଫିକେଟଦ୍ୱାରା ୧୮ ମାସ ଛୁଟି ପାଇଲେ ।

ବ୍ରାହ୍ମଣୀଡିଭିଜନର ଏକାଉଣ୍ଟେଣ୍ଟ ଦ, ଏମ୍, ଉଲ୍ଲେଷ୍ଟୋ ନାଇଡୁ ୩ ମାସ ଅନୁପସ୍ଥ ଛୁଟି ପାଇଲେ ।

ଉକ୍ତ ଡିଭିଜନର ଦ୍ୱିତୀୟ ଶ୍ରେଣୀର ଅସିଷ୍ଟାଣ୍ଟ ଇଞ୍ଜିନିୟର ଫାକନର ସାହେବ ଏବଂ ତୃତୀୟ ଡିଭିଜନର ତୃତୀୟ ଶ୍ରେଣୀର ଅସିଷ୍ଟାଣ୍ଟ ଇଞ୍ଜିନିୟର ଏ, ସଲିମନ ସାହେବ ଗତ ମାର୍ଚ୍ଚମାସ ତା ୬ ରଖ ପରୀକ୍ଷାରେ ଉଚ୍ଚ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଏଲିଜାବେଥ ସ୍କଟ କାମିନୀ ସୁନ୍ଦରୀ ଛନ୍ଦ ଉପାଖ୍ୟାନ ନାମରେ ଗଣିତ ପୁସ୍ତକ ରଚନା କରିଥିବାରୁ ଶ୍ରୀମତୀ ମହାରାଣୀ ସ୍ୱର୍ଣ୍ଣମୟୀ ତାହାଙ୍କୁ ପ୍ରଥମେ ୫୦ ଟଙ୍କା ପାରିତୋଷିକ ଦେଇଥିଲେ ସମ୍ପ୍ରତି ଉକ୍ତ ମହାରାଣୀ ଆଉ ୫୦ ଟଙ୍କା ଏବଂ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ୫୦ ଟଙ୍କା ଓ ହାବଡାର ମାଜିଷ୍ଟ୍ରେଟ ଜେମିସ ସାହେବ ୨୫ ଟଙ୍କା ପାରିତୋଷିକ ଦାନ କରିଅଛନ୍ତି । ଏ ଭାରତବର୍ଷୀୟମାନ ଅଧିକ କୃତଜ୍ଞ ହେବା କାରଣ ବଙ୍ଗଦେଶୀୟ ସ୍ତ୍ରୀଲୋକମାନଙ୍କରେ ଏପରି ପୁସ୍ତକ ରଚନା କରିବା ଅତ୍ୟନ୍ତ ପ୍ରଶଂସାର କାର୍ଯ୍ୟ ଅଟଇ ।

ପାରସ୍ୟଦେଶ ଦୁର୍ଭିକ୍ଷପୀଡିତ ବ୍ୟକ୍ତିଙ୍କ ସାହାଯ୍ୟ କାରଣ ବମ୍ବେଇରେ ଯେଉଁ କମିଟୀ ସ୍ଥାପିତ ହୋଇଅଛି ଗତମାସ ତା ୧ ରଖରେ ଉକ୍ତର ଅଧିବେଶନ ହୋଇଥିଲା ଯେ ଚାନ୍ଦାରେ ଟଙ୍କା ଉଠାଇବାର ପ୍ରସ୍ତାବ ହେଲାରୁ ଉପସ୍ଥିତ ସଭ୍ୟମାନେ ୫୨୮୭୦ ଟଙ୍କା ଦେବା ସ୍ୱୀକାର କଲେ ।

ଲୁସେଇ ଯୁଦ୍ଧର ସମସ୍ତ ଆୟୋଜନ ପ୍ରାୟ ହେଲାଣି ଅତି ସତ୍ୱର ଯୁଦ୍ଧ ଆରମ୍ଭ ହେବ । କାଛାରରେ ଯୁଦ୍ଧର ଅଧିକାଂଶ ଆୟୋଜନ ହେଉଅଛି ।

ଡେଲିନିଉସର ଜଣେ ପତ୍ରପ୍ରେରକ ପ୍ରସ୍ତାବ କରନ୍ତି କି ହିମାଳୟ ପର୍ବତ ଶ୍ରେଣୀର ଅନ୍ତଃପାତି ଶାଲୁ ସ୍ଥାନମାନଙ୍କରେ ଇଉରୋପୀୟମାନେ ବସତି କଲେ ବଡ ଭଲ ହୁଅନ୍ତା । ଏଠାରେ ବସତି କରିବାର ସମସ୍ତ ସୁଯୋଗ ଅଛି । ଜଳ ବାୟୁ ସମମଣ୍ଡଳସ୍ଥ ବାୟୁସଙ୍ଗେ ସମାନ ଓ ନାନାପ୍ରକାର କ୍ଷେତ କରି ଜୀବିକା ନିର୍ବାହର ଉପାୟ ଅଛି । ପ୍ରସ୍ତାବଟି ମନ୍ଦ ନୁହଇ ଏରୂପ ହେଲେ ଯେତେ ଇଂରେଜ ଓ ଫିରଙ୍ଗୀ ଭିକ୍ଷାକୁ ଝାଳବା କରି ସର୍ବଦା ଲୋକଙ୍କୁ କଷ୍ଟ ଦେଉଅଛନ୍ତି ସେମାନେ ଏକସ୍ଥାନୀୟ ହୋଇ ସୁଖେ ଓ ଘର କରି ରହିଲେ ସ୍ୱଚ୍ଛନ୍ଦରେ କାଳ ହୋଇପାରିବେ ।

ଉଲଇମାସ ତୃତୀୟ ଦିବସରେ ଶ୍ରୀଯୁକ୍ତ ସରରିଚାର୍ଡ କାଉଚ ଏବଂ ତାହାଙ୍କ ସ୍ତ୍ରୀ ଇଂଲଣ୍ଡରୁ ପ୍ରତ୍ୟାଗମନ କରି ବମ୍ବେଇରେ ପ୍ରବେଶ ହୋଇଅଛନ୍ତି । ବର୍ତ୍ତମାନରୁ କଲିକତାରେ ପ୍ରବେଶ ହୋଇ ହାଇକୋର୍ଟରେ ପ୍ରଧାନ ବିଚାରପତିଙ୍କର ଭାର ଗ୍ରହଣ କରିଥିବେ ।

ଅଲାହାବାଦରେ ବଡ ଦୁର୍ଭିକ୍ଷ ପଡିଅଛି ଓ ସେଠା ପାଦ୍ରୀ ସମ୍ପ୍ରଦାୟ ସାହାଯ୍ୟ ନିମିତ୍ତ ଉଦ୍ୟୋଗୀ ହୋଇଅଛନ୍ତି । ଶୁଣାଯାଏ ସେଠାରୁ ପାୟ ଗଏଘର ମନୁଷ୍ୟ ଭୂମି ଛାଡି ସ୍ଥାନାନ୍ତରକୁ ଆହାର ଅନ୍ନ ନିମନ୍ତେ ବାହାରି ଗଲେଣି ।

ଡେଲିନିୟୁଜରୁ ଅବଗତହେଲୁ ଯେ ଯୋନସ୍ ସାହେବ ପୁନର୍ବାର ବଙ୍ଗଳାଗବର୍ଣ୍ଣମେଣ୍ଟର ଅସିଷ୍ଟାଣ୍ଟ ସେକ୍ରେଟାରୀ ପଦରେ ନିଯୁକ୍ତ ହୋଇଅଛନ୍ତି । କଲିକତା ଗେଜେଟ ସମ୍ପର୍କରେ ବହୁ ହିସାବର ଗୋଲମାଲ ହୋଇଥିବାରୁ ଏହାଙ୍କୁ କର୍ମରୁ ରହିତ କରା ଯାଇଥିଲା ମାତ୍ର ସେସମସ୍ତ ହିସାବ ବିଷୟରେ ଏହାଙ୍କ ଜବାବ ଉତ୍ତମ ହେବାରୁ ଏହାଙ୍କୁ କର୍ମରେ ନିଯୁକ୍ତ କରାଗଲା ।

ଜଷ୍ଟିସ ନର୍ମାନସାହେବଙ୍କ ହତ୍ୟାକାରୀ ଅବଦୁଲ୍ଲାର ଫାସି ହୋଇଅଛି । ଏହାର ମୃତ ଶରୀରକୁ ମୁସଲମାନଙ୍କ ପ୍ରଥାନୁସାରେ କବର ଦିଆ ନ ଯାଇ ଜେଲଖାନାର କର୍ମଚାରୀମାନେ ପୋଡିପକାଇଲେ । ଏଥିକୁ ଡେଲିନିୟୁଜ କହନ୍ତି କି ଏକଥା ଯେଉଁ ଦଳଭରେ ଉର୍ଦ୍ଦକାରଙ୍କ ହୋଇପାରେ ।

ପୁଲିସର ଇନସ୍ପେକ୍ଟର ଜେନରଲ କର୍ଣ୍ଣେଲ ପୀଉସାହେବ ପାଟନାକୁ ଗସ୍ତକାରଣ ଯାଇ ଲେପ୍ଟେନାଣ୍ଟ ଗବର୍ଣ୍ଣରଙ୍କ ସହିତ ଯାଇଅଛନ୍ତି ସେଠାରୁ ଫେରି ସଙ୍ଗ ହୋଇ ସୋନପୁର ମେଳାକୁ ଯିବେ ।

## ବିଜ୍ଞାପନ ।

ଗତବର୍ଷ ଅର୍ଥାତ୍ ସନ ୧୮୭୦।୭୧ ସାଲର ଯେଉଁ ସବୁ ଜମିରୁପରେ ମାଣପ୍ରତି ୫ ୨୫ ହିସାବରେ ଜଳକର ଧାର୍ଯ୍ୟ ହୋଇଥିଲା ବର୍ତ୍ତମାନ ତାହା ରହିତ ହୋଇ ସେହିସବୁ ଜମିବାବଦ ଜଳକର ମାଣପ୍ରତି କେବଳ ୫ ୧ ଙ୍କା ହିସାବରେ ଦେବାକୁ ହେବ ସେହି ଜଳକରବାବଦ ପ୍ରଜାମାନଙ୍କ ନିକଟରେ ସେମାନଙ୍କ ସ୍ୱୀକାର ପତ୍ର ମତେ ସରକାରଙ୍କର ଯାହା ନ୍ୟାଯ୍ୟ ବାକୀଅଛି ସେ ସବୁ ଯଦି ଗ୍ରାମର ପ୍ରଧାନ ବ୍ୟକ୍ତିମାନେ ଆଦାୟ କରିଦେବେ ତେବେ ସେମାନେ ଶତ ୫ ୩୮ ଙ୍କା ହିସାବରେ କମିସନ ପାଇବେ । ୫ ୩୦ ତାରିଖ ନୂଆ ଦାଖଲ କଲେ ଉକ୍ତ କମିସନ ପାଇବେ ନାହିଁ । ବର୍ତ୍ତମାନ ସନ ୧୮୭୧-୭୨ ସାଲ ନିମନ୍ତେ ମାଣପ୍ରତି ୫୩ ହିସାବରେ ଜଳକର ଧାର୍ଯ୍ୟ ହୋଇଅଛି । ଏହା ସର୍ବସାଧାରଣଙ୍କ ଜାଣିବାରେ ପ୍ରଚାର କରାଗଲା ।

ତା ୮ ରଖ ନବମ୍ବର ସନ ୧୮୭୧ ସାଲ ।

ଦସ୍ତଖତ ଜୀ, ଡି ଏଜ ସାହେବ

କେନାଲ ରେବନ୍ୟୁ ସୁପରିଣ୍ଟେଣ୍ଡେଣ୍ଟ

## ମୂଲ୍ୟପ୍ରାପ୍ତି ।

ଶ୍ରୀ ବୃନ୍ଦା ବନ୍ଦ୍ରେ ମୁହଦା ବଲାଶ୍ୱ ୫ ୭
ବାବୁ ଗୁଞ୍ଜକିଶୋର ଘୋଷ କଟକ ,, ୫ ୧୫
,, ଗୋବିନ୍ଦ ଚନ୍ଦ୍ର ଘୋଷ ,, ,, ୫ ୩

ଏହା ଉତ୍କଳଦୀପିକା ସହିତ କଟକ ଦର୍ଘାବଜାର କଟକ ପ୍ରିଣ୍ଟିଂକୋମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୬ ଭାଗ } ତା ୨୫ ରଖ ନବେମ୍ବର ସନ ୧୮୭୧ ମସିହା । ମୁ । ମାର୍ଗଶିର ବ ୮ ନ ସନ ୧୨୭୯ ସାଲ ଶନିବାର } ଅଗ୍ରିମ ବାର୍ଷିକ ମୂଲ୍ୟ ୪ ; ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୪୬ ; ମଫସଲ ପାଇଁ ଡାକମାସୁଲ ୪୧୧୦

ସଂ ୪୫ ଖ୍ୟା

### ଭାରଡାକ ସଂବାଦର ମୂଲ୍ୟ ।

ବର୍ତ୍ତମାନ ଭାରଡାକ ଯୋଗେ ସଂବାଦ ପଠାଇବାର ଯେଉଁ ଦର ପ୍ରଚଳିତ ଅଛି ଗବର୍ଣ୍ଣମେଣ୍ଟ ଇଣ୍ଡିଆ ତହିଁର ପୁନର୍ବିଚାର କରି ତହିଁ ଦର ପରିବର୍ତ୍ତନ କରିବା ଆବଶ୍ୟକ ଜ୍ଞାନ କରିବାରୁ ଇଣ୍ଡିଆ ଗେଜେଟରେ ଘୋଷଣା ଦେଇ ଅଛନ୍ତି କି ସନ ୧୮୭୨ ମସିହା ଜାନୁଏରି ମାସ ତା ୧ ରଖଠାରୁ ଉଲ୍ଲିଖିତରୂପେ ଭାରଡାକ ଖର୍ଚ୍ଚ ଗୃହୀତ ହେବ । ଯଥା—

ଭାରତବର୍ଷ ମଧ୍ୟରେ ଥିବା କୌଣସି ଦୂରସ୍ଥାନ ମଧ୍ୟରେ ଅଥବା ଇଂରେଜଙ୍କ ଅଧିକାରସ୍ଥ ବ୍ରହ୍ମଦେଶରେ ଥିବା କୌଣସି ଦୂରସ୍ଥାନ ମଧ୍ୟରେ ଭାରଡାକ ଯୋଗେ ସଂବାଦ ପଠାଇବାକୁ ହେଲେ

୧ । ନାମ ଓ ଠିକଣା ଛଡ଼ା ସାଧାରଣ ଇଂରାଜୀ ଭାଷାରେ ଲେଖା ଥିବା ପ୍ରତ୍ୟେକ ଛ କିମ୍ବା ତନ୍ୟୂନ ଶବ୍ଦ ନିମିତ୍ତ ୪ ୧୦ ଙ୍କା

୨ । ବିଦେଶୀୟ ଭାଷାରେ ଲେଖାଥିବା କିମ୍ବା ସାଙ୍କେତିକ ସଂବାଦ ନିମିତ୍ତ ନାମ ଓ ଠିକଣା ଛଡ଼ା ପ୍ରତ୍ୟେକ ଛ କିମ୍ବା ତନ୍ୟୂନ ଶବ୍ଦ କାରଣ ୪ ୨୦ ଙ୍କା

#### ଭାରତବର୍ଷର ଏକସ୍ଥାନ ଓ ବ୍ରହ୍ମଦେଶର ଏକସ୍ଥାନ ମଧ୍ୟରେ ।

୩ । ସାଧାରଣ ଇଂରାଜୀ ଭାଷାରେ ଲେଖାଥିବା ସଂବାଦ ନିମିତ୍ତ ନାମ ଓ ଠିକଣା ଛଡ଼ା ପ୍ରତ୍ୟେକ ଛ କିମ୍ବା ତନ୍ୟୂନ ଶବ୍ଦ ନିମିତ୍ତ ୪ ୧୫

୪ । ବିଦେଶୀୟ ଭାଷା କିମ୍ବା ସାଙ୍କେତିକ ସଂବାଦ ପାଇଁ ପ୍ରତି ଛ କିମ୍ବା ତନ୍ୟୂନ ଶବ୍ଦ ନିମିତ୍ତ ୪ ୩୦ ଙ୍କା

୫ । ସଂବାଦର ଠିକଣା ଏବଂ ଯେଉଁ ସ୍ଥାନରୁ ଯେଉଁ ସ୍ଥାନକୁ ତାହା ପ୍ରେରିତ ହୁଅଇ ସେ ସ୍ଥାନମାନଙ୍କର ନାମ ଓ ପ୍ରେରକ ଓ ପାଇବା ବ୍ୟକ୍ତିର ନାମ ଓ ତାହାର ଠିକଣା ବିନାଖର୍ଚ୍ଚରେ ପ୍ରେରିତ ହେବ ।

୬ । ସଂବାଦପତ୍ର କାରଣ ଯେ ସମସ୍ତ ସମ୍ବାଦ ସାଧାରଣରୂପେ ଯାତାୟାତ କରଇ ତହିଁ ପକ୍ଷରେ ଉପରଲିଖିତ ଦର ଦ୍ୱିଗୁଣ ହୋଇପାରିବ ।

ଏଥିରୁ ଦେଖା ଯାଉଅଛି ଯେ ଗବର୍ଣ୍ଣମେଣ୍ଟ ବର୍ତ୍ତମାନ ପ୍ରତି ଭାରଡାକ ଖର୍ଚ୍ଚ ବଢ଼ି କରିଅଛନ୍ତି । ବର୍ତ୍ତମାନ ଯେସବୁ ସଂବାଦ ୪ ୧ ଙ୍କା ମଧ୍ୟରେ ଯାଉଅଛି ସେସବୁ ପ୍ରତି ଏ ବୃଦ୍ଧି ଲାଗେ ପଡ଼ିବ ନାହିଁ କାରଣ ନାମ ଓ ଠିକଣା ସହିତ ଦଶ ଶବ୍ଦ ନାମ ଓ ଠିକଣା ଛଡ଼ା ଛ ଶବ୍ଦ ସହିତ ବ୍ୟବହାର ତୁଲ୍ୟ ଦେଖାଯାଏ ଯେ ସଂବାଦମାନଙ୍କରେ ଛ ଶବ୍ଦରୁ ଅଧିକ ଥାଏ ସେ ସବୁ ନିମିତ୍ତ ଅଧିକ ପଡ଼ିବ ପ୍ରଚଳିତ ଦର ଅନୁସାରେ ୪ ୨ ଙ୍କାକୁ ଷୋଡ଼ଏ ଶବ୍ଦ ପ୍ରେରିତ ହୋଇ ପାରେ କିନ୍ତୁ ନୂତନ ଦରରେ ବାର ଶବ୍ଦ କିମ୍ବା ନାମ ଓ ଠିକଣା ସହିତ ଷୋଳ ଶବ୍ଦରୁ ଅଧିକ ପ୍ରେରିତ ହୋଇ ପାରିବ ନାହିଁ ।

———

### ଦକ୍ଷିଣଦେଶର ଫସଲର ଅବସ୍ଥା ।

ରେଭିନିଉ ବୋର୍ଡ଼ ସୁପରିଣ୍ଟେଣ୍ଡେଣ୍ଟ ଉଲ୍ଲିଖିତ ପତ୍ର ଖଣ୍ଡି ଆମ୍ଭମାନଙ୍କ ନିକଟକୁ ପଠାଇଥିବାରୁ ତହିଁର ଅବିକଳ ଅନୁବାଦ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶ କରୁଅଛୁଁ । ଉକ୍ତ ପତ୍ର ଇସାକପୁର ଜିଲ୍ଲାର କଲେକ୍ଟର ମୋଫସଲ ଗସ୍ତ ସମୟରେ ଇଛାନଗର ମୁକାମରୁ ଚଳିତ ମାସ ତା ୧୫ ରଖରେ ରେଭିନିଉ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ପଠାଇଥିଲେ ।

#### ପତ୍ରର ଅନୁବାଦ ।

" ଆପଣଙ୍କର ପ୍ରେରିତ ସନ ୧୮୭୧ ମସିହା ଅକ୍ଟୋବର ମାସ ତା ୧୧ ରଖ ଲେଖା ନ ୧୫୫୫ ମ୍ବର ଚିଠି ସମ୍ପର୍କରେ ଆମ୍ଭେ ପଚାରୁଅଛୁ ଯେ ଆପଣଙ୍କ ଜିଲ୍ଲାରେ ବର୍ତ୍ତମାନ ବର୍ଷରେ ଚାଉଳର ଦର କେତେ ହୋଇଅଛି ।

୨ । ଉତ୍ତର ପୂର୍ବେଇ ମଉସୁମର ବୃଷ୍ଟି ଏଜିଲ୍ଲାରେ ଘଟନା ନ ହେବାରୁ ଏ ବର୍ଷର ଫସଲର ସମ୍ଭାବନା ଭଲ ନୁହଇ ଓ ମୂଲ୍ୟସବୁ ଅଚିରେ ବଢ଼ିବାର ଆରମ୍ଭ ହେଲାଣି । ଏମନ୍ତ କି ବର୍ତ୍ତମାନ ଭଣ୍ଡାରୀପ୍ରକାର ଚାଉଳ ୪ ୮୦ ଙ୍କା ଓଜନ ସେରରେ ଏକଟଙ୍କାକୁ ସେ ୯ ର ଲେଖାଏ ମିଳୁଅଛି ଓ ଆହୁରି ମହାର୍ଘ ହେବାର ଅପେକ୍ଷ୍ୟ ଦେଖାଯାଏ ।

୩ । ଅମୁର ପ୍ରତ୍ୟୋଜନୀୟ ସମ୍ବାଦ ଶୀଘ୍ର ଲେଖି ପଠାଇଲେ ଏବଂ ଏଠାରୁ ବଜାର

Split by PDF Splitter
Digitized by srujanika@gmail.com

Split by PDF Splitter



ଅବସ୍ଥା ଅପଣଙ୍କ ଜଣା ମହାଜନମାନଙ୍କୁ ଜଣାଇଲେ ଆମ୍ଭେ ଅତିଶୟ ବାଧ୍ୟ ହେବୁଁ ।"

ଉପରଲିଖିତ ପତ୍ରର ମର୍ମରୁ ଅବଗତ ହୋଇ ଯେ ଏତଦ୍ଦେଶୀୟ ମହାଜନମାନେ କୌଣସି ଫଳ ପାଇ ପାରିବେ ଆମ୍ଭମାନଙ୍କୁ ଅନୁମାନ ହେଉ ନାହିଁ । କାରଣ ଏଠାରେ ଯାହା କଟକଲର ମହାଜନ ଅନେକ ଅଛନ୍ତି ସେମାନେ କେବଳ ଜଲ୍ ମଧ୍ୟରେ ଅଥବା ସ୍ଥଲପଥରେ ପାର୍ଶ୍ୱବର୍ତ୍ତୀ ଜିଲ୍ଲାସହିତ ବ୍ୟବହାର କରୁଥାନ୍ତି । ସମୁଦ୍ର ପଥରେ ଦେଶାନ୍ତରକୁ ଦ୍ରବ୍ୟ ପଠାଇ ଲାଭ କରିବାର ସାହସ କାହାରଠାରେ ଦେଖା ଯାଇ ନାହିଁ ଓ ଅବିଲମ୍ବରେ ହେବ ଏମନ୍ତ ମଧ୍ୟ ସମ୍ଭାବନା ଅଳ୍ପ ଅଛି । ପୂର୍ବର ଅବସ୍ଥା ଯେମନ୍ତ ଥାଉ ବର୍ତ୍ତମାନ ଚଳିତବର୍ଷରୁ ଅଧିକ ହେବ ଧୂଅଁକଲ ତାହାର ପ୍ରତିମାସ କଲିକତା ଓ ଦକ୍ଷିଣରୁ ବୋଇତରକୁ ଯିବା ଆସିବା କରୁଅଛି କିନ୍ତୁ ଅବଧି କେହି ଜଣେ ଦେଶୀୟ ମହାଜନ କଲିକତା କିମ୍ବା ଅନ୍ୟ ସ୍ଥାନକୁ କିଛି ଦ୍ରବ୍ୟ ପଠାଇ ନାହିଁ । ଦକ୍ଷିଣରେ ଚାଉଳର ବଜାର ପ୍ରାୟ ପ୍ରତିବର୍ଷ ତେଜ ଓ ପ୍ରତିବର୍ଷ ଏହି ସମୟରେ ଅନେକ ଚାଉଳ ରପ୍ତାନି ହୁଅଇ ମାତ୍ର ସେସବୁ ତେଲଙ୍ଗା ମହାଜନମାନଙ୍କଦ୍ୱାରା ହୁଅଇ ଓ କିଛି ଇଂରାଜ ମହାଜନ ମଧ୍ୟ ପଠାଉଥାନ୍ତି ଦେଶୀୟ ମହାଜନ ଗୋଟିଏ ମାତ୍ର ନାହାନ୍ତି । ଏ ବର୍ଷ ଚାଉଳର ପ୍ରୟୋଜନ ଦକ୍ଷିଣରେ ସର୍ବାପେକ୍ଷା ଅଧିକ ଓ ସେଠାକୁ ପ୍ରେରଣ କରିବା ଅଧିକ ଲାଭକର ବୋଲି ତେଲଙ୍ଗା ମହାଜନମାନେ ଚାଉଳ କ୍ରୟ କରିବା ଆରମ୍ଭ କଲେଣି । କୋର୍ଟ ମନିଅର୍ଡର ଓ ନଗଦରେ ବହୁତ ଟଙ୍କା ଆସୁଅଛି ଓ ତଦ୍ଦ୍ୱାରା ସେମାନେ ଆମ୍ଭମାନଙ୍କ ପ୍ରଦେଶରୁ ଲାଭ କରୁଅଛନ୍ତି ଅଥଚ ଆମ୍ଭେମାନେ ସେ ଲାଭ ପାଇ ପାରୁ ନାହୁଁ । ଧୂଅଁକଲରେ ଯେମନ୍ତ ଚାଉଳ ପଠାଇବାର ସୁଯୋଗ ଅଛି ଓ ଚାଉଳ ଯେମନ୍ତ ସେଠାରେ ବଢିଅଛି ଆମ୍ଭେମାନେ ବୋଧ କରୁଁ ଯେ ଏ ଦେଶୀୟ ମହାଜନମାନଙ୍କର ବାଣିଜ୍ୟ ଆରମ୍ଭ କରିବାର ଏହି ସମୟ ଅଟଇ । ଏତେବେଳେ ଆରମ୍ଭ କଲେ କୌଣସି କ୍ଷତି ହେବ ନାହିଁ ବରଂ ଲାଭ ହେବ ଓ ବ୍ୟବସାୟ ଆରମ୍ଭ କଲେ ତହିଁର ସ୍ୱାଦୁ ପାଇ ଭବିଷ୍ୟତରେ ବିନା କାହାର ଉତ୍ତେଜନାରେ ସ୍ୱୟଂ ଇଚ୍ଛାପୂର୍ବକ ବାଣିଜ୍ୟ କରି ଅପଣା ଓ ସ୍ୱଦେଶର ହିତକର ହେବେ ଅତଏବ ଆମ୍ଭେମାନେ ବିଶେଷରୂପେ ଏଦେଶୀୟ ମହାଜନମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଏହି ସମୟରେ ଦକ୍ଷିଣକୁ ଚାଉଳ ପଠାଇବାର ଆରମ୍ଭ କରନ୍ତୁ । ଜଣେ ସ୍ୱୟଂ ସେଠାକୁ ପଠାଇ ଦେଲେ କିମ୍ବା ଥରେ କେହି ଯାଇ ସେଠାରେ ଉପଯୁକ୍ତ ଲୋକ ନିଯୁକ୍ତ କରି ଆସିଲେ ଆଉ କିଛି ଭାବିବାକୁ ନାହିଁ । ଅନ୍ତେଶରେ କାର୍ଯ୍ୟ ନିର୍ବାହ ହେବ ।

---

## ଗବର୍ଣ୍ଣମେଣ୍ଟ ଆଦର୍ଶକ୍ଷେତ୍ର ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ କୃଷି ଓ ବାଣିଜ୍ୟ ବିଭାଗର ସେକ୍ରେଟରୀ ଶ୍ରୀଯୁକ୍ତ ଏ, ଓ, ହ୍ୟୁମ ସାହେବ ଆଦର୍ଶ କ୍ଷେତ୍ର ପ୍ରସ୍ତୁତ କରିବାଦ୍ୱାରା ଏ ଦେଶର କୃଷି ଉନ୍ନତି ବିଷୟରେ ଏକ ମନ୍ତବ୍ୟ ଲେଖି ଗବର୍ଣ୍ଣମେଣ୍ଟ ଇଣ୍ଡିଆରେ ଅର୍ପଣ କରିବାରୁ ତାହା ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ଏହି ଉଦ୍ଦେଶରେ ପଠା ଯାଇଅଛି ଯେ ପ୍ରସ୍ତାବିତ ବିଷୟରେ ଯେଉଁମାନେ ମନୋଯୋଗ କରିଅଛନ୍ତି ତାହାଙ୍କର ମତ ଗ୍ରହଣ ପୂର୍ବକ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବେ ସେଥିନିମନ୍ତେ ଏ ପ୍ରସ୍ତାବ ଜିଲା କଲେକ୍ଟରଙ୍କ ନିକଟକୁ ଆସିବ ଓ ବୋଧ ହୁଅଇ ଜମିଦାରଙ୍କ ମତାମତ ଜାଣିବାର ଆବଶ୍ୟକ ହେବ ଅତଏବ ଆମ୍ଭେମାନେ ପୂର୍ବରୁ ସର୍ବସାଧାରଣଙ୍କୁ ଉକ୍ତ ପ୍ରସ୍ତାବର ସାରାଂଶ ଜ୍ଞାତ କରାଉଅଛୁଁ ।

ହ୍ୟୁମ ସାହେବଙ୍କ ପ୍ରସ୍ତାବ ଏହି ଯେ ଅନ୍ତତଃ ପ୍ରତ୍ୟେକ ଜିଲାରେ ଏକଗୋଟି ଲେଖାଏ ଆଦର୍ଶକ୍ଷେତ୍ର ପ୍ରସ୍ତୁତ ହେବ ଏଥିର ପରିମାଣ ମା ୧୦୦-ଏକ୍ର ଊଣା ହେବ ନାହିଁ କାରଣ ଏ ହଜାରମାଣ ନ ହେଲେ ଭର୍ଣ୍ଣର ଉତ୍ପନ୍ନର ସମସ୍ତ ଚର୍ଚ୍ଚା ଉଠିବାର ଭାର ହେବ । ଏକ୍ଷେତ୍ରର ତତ୍ତ୍ୱାବଧାରକ ଜଣେ ନିଯୁକ୍ତ ହେବ । ସେବ୍ୟକ୍ତି ଯୁରପୀୟ ହେବାର ଆବଶ୍ୟକ ଓ ସେ ଦେଶୀୟ ଭାଷା ଓ କୃଷିବିଦ୍ୟାରୁ ଅବଗତ ହେବ । କୌଣସି ନଗରରେ ବଡସାହେବ ପରି ସେ ରହି ନ ପାରି ମୋଫସଲରେ ଯେଉଁଠାରେ କୃଷିମାନେ ବାସ କରନ୍ତି ସେଠାରେ ରହିବେ ଓ କୃଷି ତାହାଙ୍କର ଏକମାତ୍ର ବ୍ୟବସାୟ ଥିବ ଓ ତତ୍ପର ପରିଶ୍ରମ କରି ପାରିବେ । ପ୍ରତ୍ୟେକ ତତ୍ତ୍ୱାବଧାରକ ଅଧୀନରେ ଚାରିଜଣ ଲେଖାଏ ଅପ୍ରେଣ୍ଟିସ ଅର୍ଥାତ୍ ଉମେଦବାର ରହିବେ ଯେ ଏମାନେ ଶସ୍ୟକର୍ମ ଶିକ୍ଷାକରିବେ ଯେରୂପେ କି ଦୁଇ ବତ୍ସରରେ ଏମାନେ ଏମନ୍ତ ଉପଯୁକ୍ତ ହେବେ ଯେ ସ୍ୱୟଂ ଏକ ୨ କ୍ଷେତ୍ରର ଭାର ଗ୍ରହଣ କରିପାରିବେ । ଏପରି କୃଷିକର୍ମରେ ଶକ୍ତି ସମ୍ପାଦନ ପ୍ରଚୁରିତ ହେବ ଯେ ଏକ ସ୍ଥାନର ଆଦର୍ଶକ୍ଷେତ୍ରରେ କୃଷି ପ୍ରସ୍ତୁତ କରିବାର ଉପାୟରେ ଯେରୂପ ଫଳ ହୁଅଇ ତାହା ଦେଖିବାରୂପେ ବର୍ଣ୍ଣିତ ହେବ ଯେ ଏକସ୍ଥାନର ଫଳ ଦେଖି ଅନ୍ୟଲୋକମାନେ ସେହିରୂପ ଉପାୟ କରିବେ ଓ ଯାହା ମନ୍ଦ ହେବ ତାହା ତ୍ୟାଗ କରିବେ ।

ଯେଉଁ ଆଦର୍ଶ କ୍ଷେତ୍ର ପ୍ରସ୍ତୁତ ହେବ ତହିଁରେ ପ୍ରଥମେ ଜିଲାର ପ୍ରଚଳିତ ଉପାୟଦ୍ୱାରା ସବୁ ପ୍ରକାର ଫସଲ ପ୍ରସ୍ତୁତ ହେବ ଦେଶୀୟ ଉତ୍କୃଷ୍ଟ ଉପାୟଦ୍ୱାରା ଫସଲ ପ୍ରସ୍ତୁତ ହେଲା ଉତ୍ତାରୁ କ୍ରମଶଃ ବର୍ଷକୁବର୍ଷ ବିଦେଶୀ ଉତ୍କୃଷ୍ଟ ଉପାୟମାନ ଅବଲମ୍ବିତ ହେବ । ଏରୂପ ହେଲେକ ଗ୍ରାମ ପାର୍ଶ୍ୱବର୍ତ୍ତରେ ଅନେକ ଉତ୍ତମ ଉପାୟମାନ ପ୍ରଚଳିତ ହେବ ଓ ଏକସ୍ଥଳରେ ଭଲ ହେଲେ ଅନ୍ୟାନ୍ୟ ଜିଲାରେ ସେହି ଉତ୍ତମ ଉପାୟରେ କ୍ଷେତ୍ର ହୋଇ ପାରିବ । ହ୍ୟୁମସାହେବ ପ୍ରସ୍ତାବ କରିଅଛନ୍ତି ଯେ ପ୍ରଥମେ ଛଅଜିଲାରେ ଛଅଟି କ୍ଷେତ୍ର ପ୍ରସ୍ତୁତ ହେବ ଓ ଏଥିରେ ଅନ୍ୟୂନ ୨୪ ଜଣ ଉମେଦବାର ଶିକ୍ଷା ପାଇ ଉପଯୁକ୍ତ ହୋଇ ପାରିବେ । ଏହି ଉମେଦବାରମାନେ ଯେ ସ୍ୱତନ୍ତ୍ର କ୍ଷେତ୍ରରୁ ନିର୍ବାହ କରିବାକୁ ଉପଯୁକ୍ତ ହେବେ ଏମନ୍ତ ଆଶା କରାଯାଇ ନ ପାରେ କିନ୍ତୁ ତାହାଙ୍କ ମଧ୍ୟରେ ଅବଶ୍ୟ କେତେକ ଲୋକ ଯେପରି ଗୁଣବାନ୍ ହେବେ ଓ ତାହାଙ୍କଦ୍ୱାରା ଅନ୍ୟକ୍ଷେତ୍ରସବୁର କର୍ମ ନିର୍ବାହ ହୋଇପାରିବ ।

ଆଦର୍ଶ କ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଯେତେ ବ୍ୟୟର ପ୍ରୟୋଜନ ତାହା ଗବର୍ଣ୍ଣମେଣ୍ଟ ଭଣ୍ଡାର ଦାଦନ ରୂପେ ଦେଇପାରନ୍ତି ଓ ପ୍ରସ୍ତୁତ ହୋଇଥିବା ଫସଲର ମୂଲ୍ୟରୁ ଅନେକ ସେ ଟଙ୍କା ଆଦାୟ ହେବ । ଏପରି ସ୍ଥାନୀୟ ଫଣ୍ଡରୁ ଟଙ୍କା ଦିଆ ଯାଇପାରେ କିନ୍ତୁ ଯେତେ ଟଙ୍କା ଦିଆଯିବ ତାହା ଅଳ୍ପକାଳରେ ଅବଶ୍ୟ ଆଦାୟ ହୋଇ ପାରିବ । କ୍ଷେତ୍ର ପ୍ରସ୍ତୁତ ସଙ୍ଗେ ପଶୁ ପକ୍ଷୀ ପ୍ରତିପାଳନ ବୃଦ୍ଧି କରିବାର ଶିକ୍ଷା ମଧ୍ୟ ଦିଆଯିବ । ବ୍ୟକ୍ତିମାନଙ୍କ ମଧ୍ୟରେ ଯେ କେହି ଶିକ୍ଷା କରିବାକୁ ଆସିବେ ସେମାନେ ଆବଶ୍ୟରୂପେ କ୍ଷେତ୍ରକୁ ଅତି କାର୍ଯ୍ୟ ଦେଖିପାରିବେ ଓ ବର୍ଷକୁ ବର୍ଷ କୃଷି ପ୍ରଦର୍ଶନ ହେବ ଯେ ସେଠାରେ ସବୁ କ୍ଷେତ୍ରର ଉତ୍ପନ୍ନ ଦ୍ରବ୍ୟମାନ ପ୍ରଦର୍ଶିତ ହେବ ।

Digitized by srujanika@gmail.com

Split by PDF Splitter



ହୁଇନସାହେବଙ୍କ ମତ ଏହିରୂପ ଅଟଇ ଜଳା ବାନ୍ଧମାନେ ଏହାକୁ କିରୂପେ ଗ୍ରହଣ କରିବେ ଅମ୍ଭେମାନେ ବର୍ତ୍ତମାନ କହି ନ ପାରୁଁ ମାତ୍ର କ୍ରମଶଃ ତାହା ଗୋଚର ହେବ । ଅମ୍ଭମାନଙ୍କ ମତ ଏହି ଯେ ଏ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେଲେ ଚଳି ପାରେ ଏଥିର ମହତ୍ତ୍ୱ ଗୁଣ ଏହି ଯେ ଆଦର୍ଶ କ୍ଷେତକୁ ଏକାବେଳକେ ଭିନ୍ନ ଦେଶୀୟ ରୀତରେ ଆରମ୍ଭ ନ କରି ପ୍ରଥମେ ଦେଶୀୟ ପ୍ରଥାରେ କୃଷି କରିବାକୁ ହେବ ଓ ତହିଁର ଦୋଷ ଗୁଣ ଦେଖି ଦୋଷ ସଂଶୋଧନ ଓ ଉନ୍ନତର ଚେଷ୍ଟା କରିବାକୁ ହେବ । ଏଥିରେ ଏହି ଫଳ ହେବ ଯେ ଦେଶୀୟଲୋକ ଅନାୟାସରେ ସେ ସବୁ ଉପାୟମାନ ବୁଝିପାରିବେ ଓ ଶ୍ରଦ୍ଧାପୂର୍ବକ କ୍ଷେତକୁ ଦେଖିବାକୁ ଆସିବେ ଭିନ୍ନଦେଶୀୟ ଉପାୟରେ ଆରମ୍ଭ ହେଲେ ସେମାନେ ପ୍ରଥମେ ଅଶ୍ରଦ୍ଧା କରି କ୍ଷେତପାଖକୁ ଯାଆନ୍ତେ ନାହିଁ ପଶ୍ଚାତ୍ ସେମାନଙ୍କୁ ଉତ୍କୃଷ୍ଟ ଫଳ ଦେଖାଇ କ୍ଷେତପାଖକୁ ଆହ୍ୱାନ କରିବାବେଳକୁ ଅନେକ ଉତ୍ତମ ଉପାୟ ହୋଇ ଯାଇଥାନ୍ତା । ଅମ୍ଭେମାନେ ପୂର୍ବରୁ ଏଠାରେ ଆଦର୍ଶ କ୍ଷେତ ପ୍ରସ୍ତୁତ କରିବା ପାଇଁ ପୁନଃ୨ ଅନୁରୋଧ କରିଅଛୁଁ ଓ କାଳଦ୍ୱାର ଜଳ ସେଚନର ଫଳ ଦେଖାଇବା ପାଇଁ ତାହା ନିତାନ୍ତ ପ୍ରୟୋଜନୀୟ ଅତଏବ ଏଠାରେ ପ୍ରସ୍ତାବାନୁସାରେ କାର୍ଯ୍ୟ କରି ପଶ୍ଚାତ୍‌କୁ ଅନ୍ୟାନ୍ୟ ସ୍ଥାନରେ ପ୍ରଚଳ ହୋଇପାରେ ।

---

## ବାଟକର ।

ଏଥିପୂର୍ବେ ସଦର ବୋର୍ଡର ମେମ୍ବର ଶ୍ରୀଯୁକ୍ତ ସାକସାହେବଙ୍କର କଟକ ମକାମକୁ ଆଗମନର ସମାଚାର ପ୍ରକାଶ କରିଥିଲୁଁ । ସମ୍ପ୍ରତି ସାହେବ [illegible] ଗତ ରବିବାର ଦିନ ଏନଗରରେ ପ୍ରବେଶ ହୋଇ ମଙ୍ଗଳବାର ଦିବସ କମିଶନରୀ କଚେରୀରେ ଇଜଲାସ କରିଥିଲେ ସେ ସମୟରେ ଅମ୍ଭମାନଙ୍କର କମିଶନର ଶ୍ରୀଯୁତ ରେବନସା ସାହେବ ଓ ଡେପୁଟୀ କଲେକ୍ଟର ବାବୁ ଜଗନ୍ମୋହନ ରାୟ ଉପସ୍ଥିତ ଥିଲେ ଓ କଟକଜିଲ୍ଲାର [illegible] ପ୍ରଧାନ ଜମିଦାରମାନେ ଯେ କି ଏ ନଗରରେ ଉପସ୍ଥିତ ଥିଲେ ପ୍ରବେଶ ହୋଇ [illegible] ଆବେଦନପତ୍ର ବର୍ତ୍ତମାନ ରୋଡସେସ ଅର୍ଥାତ୍ ବାଟକର ଅଇନ ଏ ଦେଶରେ ଇରିଗେସନ ଇଲାକା ନାଲ ଓ କନାଲ ଖୋଲା କାର୍ଯ୍ୟ ନିଷ୍ପତ୍ତି ହେବାପର୍ଯ୍ୟନ୍ତ ଜାରୀ କରା ନ ଯାଇ ସ୍ଥଗିତ ରଖାଯିବା ଓ ତହିଁ ଉତ୍ତାରୁ ଆବଶ୍ୟକ ହେଲେ ଜାରୀ କରାଯିବା ଓ ତାହା ସ୍ଥଗିତ କରା ନ ଗଲେ ଜମିଦାର ମାନଙ୍କଠାରୁ ଯେଉଁ କାଗଜ ସେମାନଙ୍କ ଖୋଦକାସ୍ତ ଓ ହସ୍ତବୁଦ ଓ ନିକମୀ ଓ ଲାଖରାଜ ହକିୟତର ମୋଫସଲ ଜମାର ତଲବ ହେବାର ଆଇନରେ ଆଦେଶ ଅଛି ତାହା ତଲବ କରା ନ ଯାଇ ବନ୍ଦୋବସ୍ତ ସମୟରେ ଏବଂ ଇନ୍‌କମଟାକ୍ସ ବାବତରେ ଯେଉଁ କାଗଜ ନିଆଯାଇ ସରକାରୀ ସେରସ୍ତାରେ ରଖାଯାଇଅଛି ସେହି କାଗଜ ଅନୁସାରେ ବାଟକର ନିର୍ଦ୍ଧାର୍ଯ୍ୟ କରାଯିବା ପ୍ରାର୍ଥନାରେ ଦାଖଲ କରିବାରୁ ତାହା ସମସ୍ତ ସାହେବ ପ୍ରତିଷ୍ଠିତ ଶ୍ରବଣ କରି ଉକ୍ତ ଆଇନ ଜାରୀ ହେବାର ଅଥବା କାଗଜ ଜମିଦାରଙ୍କଠାରୁ ତଲବ ହେବାର ସ୍ଥଗିତ ହୋଇ ନ ପାରିବା ବିଷୟରେ ଏକଘଣ୍ଟା ପର୍ଯ୍ୟନ୍ତ ଜମିଦାରମାନଙ୍କ ସଙ୍ଗେ ଅନେକ ତର୍କ ବିତର୍କ କରି ଶେଷରେ ଏହି ଆଜ୍ଞା ଦେଲେ ଯେ ଆମ୍ଭର ଉକ୍ତ ଆଇନ ଯେରୂପ ସଂସାରରେ ଜାରୀ ହେବ ତହିଁର ଉପାୟ କରାଇବାକୁ ଆସିଅଛୁଁ ଆମ୍ଭକୁ ଆଇନଅନୁସାରେ କାର୍ଯ୍ୟ କରିବାକୁ ହେବ ତହିଁର ଅନ୍ୟଥା କରିବାର ଆମ୍ଭର କିଛି କ୍ଷମତା ନାହିଁ ତେବେ ଏହିମାତ୍ର ଆମ୍ଭେ କରିପାରୁଁ ଯେ ତୁମ୍ଭମାନଙ୍କର ଏହି ଦରଖାସ୍ତକୁ ଗବର୍ଣ୍ଣମେଣ୍ଟକୁ ପଠାଇଦେବୁଁ ସେ ଯାହା କରିବାର ଉଚିତ ବୁଝିବେ ତାହା କରିପାରନ୍ତି । ତହିଁ ଜମିଦାରମାନେ ନିରାଶ ହୋଇ ଫେରିଆସିଲେ । ସେ ଯେତେ ଆପତ୍ତି କରନ୍ତୁ ଟେକ୍ସ ନେବାରୁ କଦାପି ସରକାର କ୍ଷାନ୍ତ ରହିବେ ନାହିଁ ଏବଂ ତହିଁନିମିତ୍ତ ଯାହାକୁ ଯେତେ କ୍ଳେଶ ହେଉ ଅଥବା ଖର୍ଚ୍ଚାନ୍ତ ପଡୁ ତାହା କିଛି ଶୁଣା ଯିବ ନାହିଁ, ଏବେ ଯେ ଯାହାକୁ ସାବଧାନ ହୋଇ କାର୍ଯ୍ୟ କରନ୍ତୁ ଯେପରି ଫେର ପଥକର ଅତିରିକ୍ତ କାଗଜ ଦେବାରେ ବିଳମ୍ବ କରିବା ଦୋଷରେ ପ୍ରତିଦିନ ୫ ୫୦ ଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ନ ହୁଏ । ଜମିଦାରମାନଙ୍କୁ କାଗଜପ୍ରସ୍ତୁତ କରିବା ପାଇଁ ଯଥେଷ୍ଟ ସମୟ ଦିଆ ଯାଇଅଛି କାରଣ ସନ ୧୮୭୨ ମସିହା ସେପ୍ଟେମ୍ବରମାସ ପୂର୍ବରେ ଟାକ୍ସ ଆଦାୟ ହେବ ନାହିଁ । ବର୍ତ୍ତମାନରୁ କାଗଜ ପ୍ରସ୍ତୁତ କରିବାର ଆରମ୍ଭକଲେ ଅବଶ୍ୟ ସମୟରେ ତାହା ଦାଖଲ ହୋଇପାରିବ ବିଶେଷରେ ଥରେ କାଗଜ ପ୍ରସ୍ତୁତ କଲେ ଆଉ କ୍ଳେଶ ନାହିଁ କାରଣ ତହିଁ ଉତ୍ତାରୁ କେବଳ ବର୍ଷକୁବର୍ଷ ଯାହାକିଛି ଫେର ବଦଳ ହେବ ତାହାହିଁ ଲେଖିଦେବାକୁ ହେବ । ଇଥାତ କାଗଜପ୍ରସ୍ତୁତ କରିଦେବା ଅନେକ ଖର୍ଚ୍ଚ ଶ୍ରମ ଓ ଉପରିବିଷୟ ଅଟଇ ଏଣୁକରି ଜମିଦାରମାନେ ଯେ ବିରକ୍ତ ହେଉଅଛନ୍ତି ତାହା ଅନର୍ଥକ ନୁହେ । ତେବେ ଗୃହାଳି ଅନ୍ୟଥା ହୋଇ ନ ପାରେ ଯେସ୍ଥଳେ ବିଧି ହୋଇଅଛି ମାନିବାକୁ ପଡିବ ଏବଂ ସାକସାହେବ ଯେ ଗବର୍ଣ୍ଣମେଣ୍ଟକୁ ଦରଖାସ୍ତ ପଠାଇବେ ବୋଲି ସାନ୍ତ୍ୱନାବାକ୍ୟ କହି ଗଲେ ତହିଁରେ କୌଣସି କାର୍ଯ୍ୟ ହେବ ନାହିଁ ପରନ୍ତୁ ସାକସାହେବ କେଉଁ କାର୍ଯ୍ୟ କରିବା ପାଇଁ ଏଠି ବାଟ ଦଉଡିଆସି ସରକାରକୁ ତହଖର୍ଚ୍ଚ କରାଇଲେ ବୁଝା ଯାଉ ନାହିଁ ଜିଲାହାକିମମାନେ କି ଏତେ ନିର୍ବୋଧ କିମ୍ବା ବାଟକର ଆଇନ ଓ ତହିଁର ବିଧିମାନ ଏତେ ଦୁରୂହ ଯେ ହାକିମମାନେ ତାହା ପାଠକରିବା ପୂର୍ବକ ମର୍ମ ବୁଝି କର୍ମ କରିପାରନ୍ତେ ନାହିଁ ସନ ୧୮୭୦ ମସିହାର ଇନ୍‌କମଟାକ୍ସ ଆଇନ ସକାଶେ ଏପରି କେହି ଆସି ନ ଥିଲା । ଏ କର କି ତାହାଠାରୁ ଅଧିକ ମାତବର ଯେ ତହିଁର ବନ୍ଦୋବସ୍ତ ପାଇଁ ବୋର୍ଡର ଜଣେ ମେମ୍ବର ଆସିଲେ ? ପ୍ରତ୍ୟେକ ଜିଲ୍ଲାର ଅବସ୍ଥା ଦୃଷ୍ଟିରେ ବାଟକର ବସାଇବାର ଉଚିତ କି ନା ଏ କଥାର ତଦନ୍ତ ନିମନ୍ତେ ପ୍ରଗଂସିଇ ସାହେବ ଆସିଥିଲେ ଆମ୍ଭେମାନେ ତାହାଙ୍କ ପରିଶ୍ରମକୁ ସାର୍ଥକ ଜ୍ଞାନ କରନ୍ତୁ ଓ ସେରୂପ ଅଭିପ୍ରାୟ ଥିଲେ ସେ ବୋଲନ୍ତେ ନାହିଁ ଯେ କେବଳ ସକଳ ସକାଶେ ଆସି ଅଛନ୍ତି । ଆଇନ ଓ ବିଧି ଅନୁସାରେ ବନ୍ଦୋବସ୍ତ କରିବାକୁ ଆସି ଥିବାରୁ ମୋଫସଲି ଲୋକେ ଏମନ୍ତ ବିବେଚନା କରି ପାରନ୍ତି ଯେ ଶ୍ରୀଯୁକ୍ତ ସାକସାହେବ ଯେଉଁ ଆଇନ କି ଦସ୍ତୁରଅମଲ କରନ୍ତି ତହିଁର ମର୍ମ ସେ ନିଜେ ବୁଝାଇ ଦେଇ ନ ଆସିଲେ କିଛି ବୁଝା ଯାଏ ନାହିଁ କାରଣ ଅନ୍ୟାନ୍ୟ ଆଇନ ଜାରିବେଳେତ କାହାରିକୁ ଆସିବାକୁ ପଡଇ ନାହିଁ । ଶ୍ରୀଯୁକ୍ତ ସାକସାହେବ ଯେବେ ପ୍ରକୃତରୂପେ କାର୍ଯ୍ୟ କରନ୍ତେ ତାହା ହେଲେ ତାହାଙ୍କୁ ଅବଶ୍ୟ ଝଟତି ପ୍ରତୀତ ହୁଅନ୍ତା ଯେ ନାଲ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଏଠାରେ ବାଟ ନିର୍ମାଣ କରିବାର କୌଣସି ଆବଶ୍ୟକ କି ସୁବିଧା ନାହିଁ ବରଂ ନାଲ ଯୋଗୁଁ ଯେତେ ସୁଯୋଗ ଏ ଜିଲ୍ଲାରେ ହୋଇଅଛି ତଦ୍ୱାରା ବର୍ତ୍ତମାନ

Digitized by srujanika@gmail.com

ଥାଉଥିବା ବାଟସବୁର ମହତ୍ୱ ଉଣା ହେଲାଣି ଏ ଅବସ୍ଥାରେ ଏଠାରେ ଅଧିକ ଡାକ ବସା-ବାର ସମସ୍ତ ବନ୍ଦୋବସ୍ତ ବିଳମ୍ବ ଅଛି ।

## ସାପ୍ତାହିକ ସଂବାଦ

ଗତ ସପ୍ତାହର କଲିକତା ଗେଜେଟରୁ ପ୍ରକାଶ ଯେ ଓଡ଼ିଶା ପ୍ରଦେଶରେ ବାଟକର ଅଧିକ ସମ୍ପର୍କୀୟ କାର୍ଯ୍ୟ କରିବା ପାଇଁ ନିମ୍ନଲିଖିତ ଡେପୁଟୀ କଲେକ୍ଟରମାନେ ଭାର ପ୍ରାପ୍ତ ହୋଇ ଅଛନ୍ତି ଯଥା ।—

ବାବୁ ବରଦାକାନ୍ତ ମଜୁମଦାର କଟକ ।
ମଉଲବୀ ଏକରାମ ହୋସେନ ପୁରୀ ।
ବାବୁ ଦ୍ୱାରକାନାଥ ସେନ ବାଲେଶ୍ୱର ।

ଗତ ବୁଧବାର ବୋର୍ଡରେଭେନ୍ୟୁର ମେମ୍ବର ଗ୍ରୀଫିଥ ସାହେବ କମିଶନର ସାହେବଙ୍କୁ ସଙ୍ଗେ ଘେନି ଖୋରଧାକୁ ପ୍ରସ୍ଥାନ କଲେ ସେଠାରୁ ପୁରୀକୁ ଯିବାର ଜଣାଯାଏ ।

ସରକାରୀ ଅମଲାଙ୍କ ପକ୍ଷରେ ଗୋଟିଏ ଶୁଭ ଆଜ୍ଞା ଗବର୍ଣ୍ଣମେଣ୍ଟରୁ ଆସିଅଛି । ପୂର୍ବେ ୫୫ ବର୍ଷୀୟ ଚାକରଙ୍କ ପକ୍ଷରେ ଯେଉଁ ଆଜ୍ଞା ହୋଇଥିଲା ତହିଁ ସମ୍ପର୍କରେ ଗବର୍ଣ୍ଣର ଜେନରଲ ସାହେବ ଲେଖିଅଛନ୍ତି ଯେ ଉକ୍ତ ଆଜ୍ଞାର ଏରୂପ ଅର୍ଥ ହେବ ନାହିଁ ଯେ ଯାହାର ବୟସ ୫୫ ଓ ୬୦ ବର୍ଷ ମଧ୍ୟରେ ଅଟଇ ଅଥଚ ସେ କର୍ମ କରିବାକୁ ସମ୍ପୂର୍ଣ୍ଣରୂପେ ସକ୍ଷମ ତାହାକୁ କର୍ମରୁ ବାହାର କରି ଦିଆଯିବ ଅର୍ଥାତ୍ ଯାହାର କର୍ମ କରିବାର କ୍ଷମତା ଅଛି ଯେବେ ହାକିମ ଜ୍ଞାନ କରିବେ ତାହାଙ୍କୁ ବ ୬୦ ର୍ଷ ବୟସ ପର୍ଯ୍ୟନ୍ତ ରଖି ପାରିବେ । ବସ୍ତୁତ ଅମଲାମାନଙ୍କୁ ଗୋଟିଏ ପାଞ୍ଚସାଲ ପଟୁଟା ମିଳି ଗଲା ।

ବାବୁ ଦୋମନଚନ୍ଦ୍ର ପଟ୍ଟନାୟକ ତୃତୀୟ ଶ୍ରେଣୀର ଅସିଷ୍ଟାଣ୍ଟ ଇଞ୍ଜିନିୟର ବଡ଼ାକର ଡିଭିଜନରେ ନିଯୁକ୍ତ ହୋଇ ଅକ୍ଟୋବର ମାସ ତା୧୪ ରିଖରେ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ।

ପ୍ରଥମ ଶ୍ରେଣୀର ସବଇଞ୍ଜିନିୟର ଯେ, ଡି- କଲନ୍ସ, ଫାକ୍ସ ସାହେବ ଅକ୍ଟୋବର ମାସ ତା ୧୧ ରିଖରେ ବୈତରଣୀ ଡିଭିଜନରେ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ।

ବମ୍ବେଇର ଜେଲ ରିପୋର୍ଟରେ ପାରସିମାନେ ବଡ଼ ଅହଙ୍କାରୀ ହୋଇ ଅଛନ୍ତି । ସବୁଜାତିର ଲୋକ ଅପରାଧ କରି ଜେଲଖାନାରେ ଅଛନ୍ତି ମାତ୍ର ପାରସୀଟା ଗୋଟିଏ ନାହିଁ ।

କୌଣସି ସଂବାଦପତ୍ରରେ ଲେଖାଅଛି ଯେ ବମ୍ବେଇରେ ଜଣେ ମାମଲତଦାରଙ୍କୁ କେତେଜଣ ଧୂର୍ତ୍ତ ମିଶି କହିଲେ ଯେ ପ୍ରଧାନ ଜଜଙ୍କ ସ୍ତ୍ରୀ ଉତ୍କୋଚ ଗ୍ରହଣ କରନ୍ତି ତାହାଙ୍କୁ କିଛି ଦେଲେ ମୋକଦ୍ଦମା ଜିଣି ପାରିବ । ମାମଲତଦାର ତହିଁରେ ବିଶ୍ୱାସ କରି ଉକ୍ତ ଧୂର୍ତ୍ତଙ୍କ ସଙ୍ଗରେ ଓ ତାହାଙ୍କ ଚାତୁରୀ ଅନୁସାରେ ଏକ ସ୍ତ୍ରୀକୁ ଟ ୬୦୦ ଙ୍କା ଦେଇ ଆସିଲା ତଦପର ସେ ସ୍ତ୍ରୀ କିମ୍ବା ଧୂର୍ତ୍ତଙ୍କ ସହିତ ଆଉ ସାକ୍ଷାତ ନାହିଁ । ଉତ୍କୋଚ ଦେବାକୁ ଏ ଦେଶୀୟ ଲୋକେ କେତେ ତତ୍ପର ପାଠକମାନେ ଏଥିର ବିଚାର କରନ୍ତୁ ।

ଡେଲିନ୍ୟୁସରୁ ଅବଗତ ହେଲୁଁ ଯେ ସରକାରୀ ମହକୁମାରେ ପଙ୍ଖାଟାଣିବା ବ୍ୟକ୍ତିର ବେତନ ପକ୍ଷରେ ଗବର୍ଣ୍ଣମେଣ୍ଟ ନୂତନ ନିୟମ କରି ଅଛନ୍ତି ତାହା ଏହି ଯେ ଚତୁର୍ଥ ବର୍ଗୀୟ କମ୍ପା ତଳ ମର୍ଯ୍ୟାଦାର ଅଚିହ୍ନିତ ବର୍ଗୀୟଙ୍କ ପଙ୍ଖାଟାଣିବାବାଲା ତା ୧ ରଖ ମାର୍ଚ୍ଚରୁ ତା ୧୫ ରଖ ନବେମ୍ବର ପର୍ଯ୍ୟନ୍ତ ବେତନ ପାଇବ ଏବଂ ଅମଲା କଷ୍ଟ ପ୍ରଭୃତି ବର୍ଗୀୟମାନେ ତା୧୫ ରଖ ମାର୍ଚ୍ଚରୁ ତା ୧୫ ରଖ ଅକ୍ଟୋବର ଯାଏ ସରକାରୀ ଖର୍ଚ୍ଚରେ ପଙ୍ଖା ଟଣାଇ ପାରିବେ । ଏଥିରୁ ଏହି ସିଦ୍ଧାନ୍ତ ହେଉଅଛି ଯେ ବଡ଼ ମନୁଷ୍ୟଙ୍କ ଗରମି ମାଏ ସ ମାସ ଅଧିକ ରହଇ ଛତୁଆର ଶୀତଳ ହୋଇଯାଏ ।

ମାନ୍ଦ୍ରାଜମେଲରୁ ପ୍ରକାଶ ଯେ ଗତମାସ ତା ୬ । ୭ ରିଖରେ ବଙ୍ଗ ଅଖାତରେ ପ୍ରବଳ ବାତ୍ୟା ହୋଇଥିଲା ପଣ୍ଡିଚେରୀରେ ଗୋଟିଏ ଧୂଅଁକଳ ଜାହାଜ ଭାଙ୍ଗି ଯାଇଅଛି ଓ ଆଉ କେତେ ଖଣ୍ଡ ଜାହାଜ ସମୁଦ୍ର ଉପରକୁ ବାହାର ଯାଉଅଛି ।

ବଙ୍ଗପ୍ରଦେଶରେ ଅଫିମର ମୂଲ୍ୟ ବୃଦ୍ଧି କରିବା କାରଣ ବିଲାତର ସେକ୍ରେଟରୀଙ୍କ ନିକଟରୁ ଆଜ୍ଞା ଆସିଅଛି ।

କଲିକତା ହାଇକୋର୍ଟ ଅଟ୍ଟାଳିକା ନିର୍ମାଣ କାରଣ ଗବର୍ଣ୍ଣମେଣ୍ଟ ଆଉ ଏକଲକ୍ଷ ଟଙ୍କା ଦେବାକୁ ମଞ୍ଜୁର କରିଅଛନ୍ତି । ଅନୁମାନ ହୁଅଇ ଯେ ଆଗାମି ମାର୍ଚ୍ଚମାସ ପର୍ଯ୍ୟନ୍ତ ନୂଆଘରକୁ କଚେରି ଉଠିଆସିଥିବ ।

କର୍ଣ୍ଣୁଲ ଜିଲାରେ ପଶୁମଡ଼କ ଅତି ଭୟଙ୍କର ହୋଇଅଛି ଏକ ମାସରେ ସେଠାରେ ଗୋ୧୦୬୫ ପଶୁ ମରିଥିଲେ ।

ବମ୍ବେଇଗବର୍ଣ୍ଣମେଣ୍ଟଙ୍କ ଅନୁରୋଧକ୍ରମେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଖାଣ୍ଡେଶ ଓ ପାଞ୍ଚ ମହାଲର ଭିଲମାନଙ୍କୁ ଜଙ୍ଗଲଅବସ୍ଥାରୁ ଉଦ୍ଧାର କରି ଘର ଓ ବ୍ୟବସାୟ କରି ରହିବାର ମୂଳଧାନାର୍ଥେ ଟ ୮୦୦୦୦ ଙ୍କା ଋଣସ୍ୱରୂପ ଦେଇଅଛନ୍ତି ।

ଡେଲିନ୍ୟୁସରୁ ଅବଗତ ହେଲୁଁ ଯେ ପୁଲିସର ଇନସ୍ପେକ୍ଟର ଜେନରଲ ସାହେବ ପୁରୀକୁ ଗସ୍ତ କରିବାକୁ ଆସିଅଛନ୍ତି । ଓଡ଼ିଶାର ଅଉ ସମସ୍ତ ଥାନା ପରିଦର୍ଶନ କରିବେ ଏମନ୍ତ ଭରସା ହେଉଅଛି ।

ମହାମାନ୍ୟ ଗବର୍ଣ୍ଣରଜେନରଲ ସାହେବଙ୍କର ଲାହୋରନଗରକୁ ଯିବାର ସ୍ଥିର ହେବାରୁ ସେଠା ନିବାସିମାନେ ଚେଦା କରି ତାହାଙ୍କ ସମ୍ମାନକାରଣ ନଗରରେ ଆଲୁଅ ଜାଳିବାର ଉପାୟ କରିଥିଲେ । ଏଥିକୁ ଦେଓ୍ୱାନ ରତନଚନ୍ଦ ଉକ୍ତ ରୋଷନାଇର ସମସ୍ତ ବ୍ୟୟ ସ୍ୱହସ୍ତରୁ ଦେବାକୁ ପ୍ରସ୍ତୁତ ହୋଇ ଚେଦାସଂଗ୍ରହ ରହିତ କରିବାପାଇଁ ପତ୍ର ଲେଖିଅଛନ୍ତି । କଳିଯୁଗରେ ଚନ୍ଦ୍ରଲୋକ ଉପାସକ ଯେତେ ବାହାରୁଅଛନ୍ତି ତହିଁର ସଂଖ୍ୟା କରିବା ଭାର ।

---


### ବିଜ୍ଞାପନ ।

ଗତବର୍ଷ ଅର୍ଥାତ୍ ସନ ୧୮୭୦।୭୧ ସାଲର ଯେଉଁ ସବୁ ଜମିଦାରରେ ମାଣପ୍ରତି ଟ ୮ ହିସାବରେ ଜଳକର ଧାର୍ଯ୍ୟ ହୋଇଥିଲା ବର୍ତ୍ତମାନ ତାହା ରହିତ ହୋଇ ସେହିସବୁ ଜମିବାବଦ ଜଳକର ମାଣପ୍ରତି କେବଳ ଟ ୧ ଙ୍କା ହିସାବରେ ଦେବାକୁ ହେବ ସେହି ଜଳକରବାବଦ ଟଙ୍କାମାନଙ୍କ ରସିଦରେ ସେମାନଙ୍କ ସ୍ୱୀକାର ବସି ମତେ ସରକାରଙ୍କର ଯାହା ନ୍ୟାଯ୍ୟ ବାକିଅଛି ସେ ସବୁକୁ ଯଦି ଗ୍ରାମର ପ୍ରଧାନ ବ୍ୟକ୍ତିମାନେ ଅଦାୟ କରିଦେବେ ତେବେ ସେମାନେ ଫି ଶତ ଟ ୩ ଙ୍କା ହିସାବରେ କମିସନ ପାଇବେ । ଟ ୫୦ ଙ୍କାରୁ ନ୍ୟୂନ ଦାଖଲ କଲେ ଉକ୍ତ କମିସନ ପାଇବେ ନାହିଁ । ବର୍ତ୍ତମାନ ସନ ୧୮୭୧-୭୨ ସାଲ ନିମନ୍ତେ ମାଣପ୍ରତି ଟ୧୮ ହିସାବରେ ଜଳକର ଧାର୍ଯ୍ୟ ହେଉଅଛି । ଏହା ସର୍ବସାଧାରଣଙ୍କ ଜ୍ଞାତକାରଣ ପ୍ରକାଶ କରାଗଲା ।

ତା ୮ ରଖ ନବେମ୍ବର ସନ ୧୮୭୧ ସାଲ ।

ଦସ୍ତଖତ ଜୀ, ଟେନବ ସାହେବ
କେନାଲ ରେଭିନ୍ୟୁ ସୁପରିଣ୍ଟେଣ୍ଡେଣ୍ଟ


---

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

୧୪ଭାଗ } ତା୬ରିଖ ଡିସେମ୍ବର ସନ ୧୮୭୯ ମସିହା ।ମୁ। ମାର୍ଗଶିର ବ ୧୯ ନ ସନ ୧୨୮୭ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪
ସଂ୪୭ଖ୍ୟା } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୬
ମଫସଲ ଡାକମାସୁଲ ୫୧୧୬

## ପଣ୍ଡିତମାନଙ୍କ ପଦ ।

ମଧ୍ୟେ ମଧ୍ୟେ ମକରକୁଣ୍ଡଳଧାରୀ ପଣ୍ଡିତ ଦେଖାଯାନ୍ତି ମାତ୍ର ସେମାନେ କୁଣ୍ଡଳ କିପ୍ରକାରେ ପ୍ରାପ୍ତ ହୁଅନ୍ତି ଏକଥା ଅନେକଙ୍କୁ ଜଣା ନ ଥିବାରୁ ଅମ୍ଭେମାନେ ସେ ବିଷୟରେ ଯାହା ଯାଣୁଁ ଲେଖିବାକୁ ପ୍ରବୃତ୍ତ ହେଲୁଁ । କୌଣସି ରାଜାଙ୍କଠାରୁ ପଦ ପାଇଲେ ସେଥିସଙ୍ଗେ ପଣ୍ଡିତମାନେ କୁଣ୍ଡଳ ପାଆନ୍ତି । ଅମ୍ଭେମାନେ କୌଣସି ଏକ ରାଜସଭାରେ ଏକ ପଣ୍ଡିତଙ୍କ ପଦପ୍ରାପ୍ତି ସମୟରେ ଉପସ୍ଥିତ ଥିଲୁଁ । ପ୍ରଥମେ ରାଜା ପଣ୍ଡିତଙ୍କୁ କୁଣ୍ଡଳ ଦେଇ ପରିଧାନ କରିବାକୁ ଆଦେଶ ଦିଅନ୍ତେ ସେ ବାହାରକୁ ଯାଇ କୁଣ୍ଡଳ ପିନ୍ଧିଆସିଲେ ତତ୍ପରେ ରାଜା କୌଣସି ପ୍ରିୟପାତ୍ରଙ୍କଦ୍ୱାରା ଉକ୍ତ ପଣ୍ଡିତଙ୍କ ଗଳାରେ ଖଣ୍ଡିଏ ପାଟ କି ଶାଲ ଅବସ୍ଥ ଦିଅଇଁ ସେ କି ପଦ ନେବାକୁ ଅଭିଳାଷ କରନ୍ତି ତାହା ପଚାରିଲେ ତହିଁରେ ପଣ୍ଡିତଙ୍କ ବନ୍ଧୁବର୍ଗଙ୍କ ମଧ୍ୟରୁ କେହି ତାଙ୍କ ଅଭିଲଷିତ ପଦ ରାଜାଙ୍କୁ ଜଣାଇବାରେ ରାଜା ଆସ୍ତେ କହି ପଣ୍ଡିତଙ୍କୁ ପ୍ରଣାମ କଲେ ; ତହୁଁ ପଣ୍ଡିତମହାଶୟ ଉକ୍ତ ଦିନରୁ ବିଦ୍ୟାରତ୍ନ, ବିଦ୍ୟାଭୂଷଣ ବା ତର୍କାଲଙ୍କାର ବୋଲାଇବାକୁ ଲାଗିଲେ । ପାଠକମାନେ ଏଥିରୁ ଜାଣିବେ ଯେ ପଣ୍ଡିତମାନେ ପଦ ପାଇଲେ ଧନ ଓ ମାନ ଉଭୟବିଧ ଲାଭ କରନ୍ତି ।

ଏରୂପ ପଣ୍ଡିତମାନଙ୍କୁ ପଦ ଦେବାର ପ୍ରଥା ଅମ୍ଭେମାନେ ବୋଧ କରୁଁ ପ୍ରାୟ ସବୁ ଗଡ଼ଜାତରେ ଚଳିତ ଅଛି । କିନ୍ତୁ ରାଜାମାନେ କି ପଣ୍ଡିତଙ୍କୁ ପରୀକ୍ଷା କରି ବିଦ୍ୟା ଦେଖି ପଦ ଦିଅନ୍ତି ନା ପଦ ଅନୁସରଣ କରିବାର ରୀତି ଅନୁସାରେ ଦିଆଯାଏ ଏହା ଅମ୍ଭେ ବୋଧ କରୁଁ ଅନେକଙ୍କର ଜାଣିବାର ଇଚ୍ଛା ହେବ । ଅମ୍ଭେମାନେ ଅନୁମାନ କରୁଁ ଏ ବିଷୟର କିଛି ବିଶେଷ ନିୟମ ନାହିଁ । ଅମ୍ଭେମାନେ ଯାହାଙ୍କୁ ପଦ ପାଇବାର ଦେଖିଲୁଁ ତାହାଙ୍କର ଯଦି ବା ସଂସ୍କୃତଭାଷାରେ କିଛି ବ୍ୟୁତ୍ପତ୍ତି ଥିବାର ଶୁଣିଅଛୁଁ କେବେ ଯେ ରାଜା ତାଙ୍କୁ ପରୀକ୍ଷା କରିଥିଲେ ଏହା ଅମ୍ଭେମାନେ କିଛି ଜାଣୁ ନା ବି ଶୁଣି ନାହୁଁ ଯେଉଁ ରାଜାମାନେ ସଂସ୍କୃତ ଭାଷାର ଅଳ୍ପ ପଦାକାଂକ୍ଷୀ ସଂସ୍କୃତଭାଷାରେ କିପରି ବ୍ୟୁତ୍ପନ୍ନ ସେମାନଙ୍କର ଜାଣିବାର କ୍ଷମତା ନାହିଁ । ଅତଏବ ଅମ୍ଭେ ବୋଧ କରୁଁ ଅନେକସ୍ଥଳରେ ଅନେକ ବଳକା ଓ ଅନୁସରଣ କରିବା ରୀତି ଅନୁସାରେ ପଦ ଦିଆ ଯାଉଥିବ ଓ କୁଣ୍ଡଳଧାରୀ ପଦପ୍ରାପ୍ତ ପଣ୍ଡିତମାନେ ଅଧିକାଂଶ ଗିଲ୍ଟିକରା ପଦାର୍ଥ ତୁଲ୍ୟ କେବଳ ବାହ୍ୟାଡ଼ମ୍ବର ମାତ୍ର । ଏହା ଅତ୍ୟନ୍ତ ଶୋଚନୀୟ, କାରଣ ପଣ୍ଡିତମାନଙ୍କୁ କୁଣ୍ଡଳ ଓ ପଦଦ୍ୱାରା ଉତ୍ସାହ ଦେବାର ଯେ ବିଦ୍ୟା ଉନ୍ନତିର ଏକ ଅତି ଉତ୍ତମ ଉପାୟ ଏହା ଲେଖା ବାହୁଲ୍ୟ ମାତ୍ର ଦେବାର ବ୍ୟତିକ୍ରମ ହେତୁ ଯଦି ପ୍ରତ୍ୟାଶିତ ଫଳଲାଭ ନ ହୁଏ ତେବେ ଏହା ଅତ୍ୟନ୍ତ ଦୁଃଖର ବିଷୟ କହିବାକୁ ହେବ । କାରଣ କଥାରେ କହନ୍ତି ଯେ "ସେହିକଉଡ଼ିକ୍ୟାୟ କରିଥିବା ସୁନ୍ଦର ନୁହେ" ଅର୍ଥ ବ୍ୟୟ କରି ବାଞ୍ଛିତ ଦ୍ରବ୍ୟ ଖଣ୍ଡଦେବାର ବୁଦ୍ଧିମାନ୍ ବ୍ୟକ୍ତିର କର୍ମ ନୁହେ । ଅତଏବ ଅମ୍ଭେମାନେ ରାଜାମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଯହିଁରେ କୁଣ୍ଡଳ ଓ ପଦ ଯଥାର୍ଥ ବିଦ୍ୟାର ଚିହ୍ନ ହୁଅଇ ସେଥିରେ ସଚେଷ୍ଟ ହେଉନ୍ତୁ । ଆମ୍ଭ ଜାଣିବାରେ ଏ ବିଷୟରେ ନିମ୍ନଲିଖିତ ନିୟମ ଅବଲମ୍ବନ କଲେ ଭଲ ହେବ ।

କେଉଁ କେଉଁ ବିଷୟରେ ବ୍ୟୁତ୍ପତ୍ତି ଦେଖାଇଲେ କି କି ପଦ ପାଇବେ ଓ କେଉଁ କେଉଁ ବିଷୟରେ କେଉଁ ପୁସ୍ତକରେ ପରୀକ୍ଷା ଦେବାକୁ ହେବ ଏହା ପ୍ରଥମେ ଅବଧାରଣ କରା ଉଚିତ । କେହି ପୁରାଣ ଓ କାବ୍ୟରେ, କେହି ନ୍ୟାୟ ଓ ବେଦାନ୍ତରେ, କେହି ଜ୍ୟୋତିଷଶାସ୍ତ୍ରରେ ଏପରି ନାନାଲୋକ ନାନା ବିଷୟରେ ପାରଦର୍ଶୀ ହୁଅନ୍ତି ଏମାନଙ୍କୁ ଯଥୋପଯୁକ୍ତ ପୁସ୍ତକରେ ପରୀକ୍ଷା କରି ଭିନ୍ନ ବିଷୟର ପାରଦର୍ଶୀତା ହେତୁ ଭିନ୍ନ ପ୍ରକାର ପଦ ଦେବା ଉଚିତ; ଯଥା ଯେଉଁମାନେ କାବ୍ୟରେ ବ୍ୟୁତ୍ପନ୍ନ ସେମାନଙ୍କୁ କବିଭୂଷଣ, କବିରତ୍ନ, ଯେଉଁମାନେ ନ୍ୟାୟରେ ବ୍ୟୁତ୍ପନ୍ନ ସେମାନଙ୍କୁ ତର୍କବାଗୀଶ, ତର୍କାଲଙ୍କାର ଏହିପରି ଯହିଁରେ କି ପଦଧାରୀର ବିଦ୍ୟାପଦର ପରିଚୟ ପାଆଯାଏ ସେହିପ୍ରକାର ପଦ ଦେବାର ଉଚିତ । ପୁନଶ୍ଚ ଏପ୍ରକାର ନିର୍ଦ୍ଦିଷ୍ଟ ହେବ ଯେ ତହିଁରେ ପରୀକ୍ଷିତ ବ୍ୟକ୍ତିର ବ୍ୟୁତ୍ପତ୍ତିର ଉତ୍ତମ ପରିଚୟ ପାଆଯାଏ । ପୁରସ୍କାର ମଧ୍ୟ କୁଣ୍ଡଳ ହେଉ

Digitized by srujanika@gmail.com

ଅଥବା ମୁଦ୍ରା ହେଉ ବିଷୟାନୁରୂପ ହେବାର ଉଚିତ ଯେଉଁ ବିଷୟ ଅଳ୍ପ ଆୟାସରେ ସାଧ୍ୟ ସେଥିନିମନ୍ତେ ଅଳ୍ପ ମୂଲ୍ୟର ଓ ଯେଉଁ ବିଷୟ ବହୁ ଆୟାସରେ ସାଧ୍ୟ ସେଥି ନିମନ୍ତେ ବହୁ ମୂଲ୍ୟର ପୁରସ୍କାର ହେବାର ଉଚିତ । ପରୀକ୍ଷା ଗୃହାଙ୍କ ସାକ୍ଷାତରେ ଉତ୍ତମ ବିଦ୍ୟାବନ୍ତ ଓ ଅପକ୍ଷପାତ ଓ ହିଂସା ଶୂନ୍ୟ ପଣ୍ଡିତମାନଙ୍କ ଦ୍ୱାରା ହେବାର ଆବଶ୍ୟକ । ଆମ୍ଭେମାନେ ଦେଖୁଅଛୁଁ ଯେ ଏପରି ସୁଯୋଗ ସବୁ ରାଜଧାନୀରେ ଘଟିବାର କଠିନ, କାରଣ ରାଜା ଯେଉଁଠାରେ ନଟେ ଅଙ୍କ ତାଙ୍କର ପରୀକ୍ଷକ ଓ ପରୀକ୍ଷାର୍ଥିର ଗୁଣ ଚିହ୍ନିବା କଠିନ । ମାତ୍ର ଯତ୍ନକଲେ ସବୁ ହୋଇପାରେ ଏ ସୁଯୋଗ ଅନ୍ୟରାଜଧାନୀରେ ଥାଉ ନଥାଉ ଢେଙ୍କାନାଳରେ ଉତ୍ତମରୂପେ ଅଛି । ସେଠାରେ ରାଜା ନିଜେ ପଣ୍ଡିତ ଓ ତାଙ୍କ ନିକଟରେ ମଧ୍ୟ ଉତ୍ତମ ପଣ୍ଡିତମାନେ ନିଯୁକ୍ତ ଅଛନ୍ତି । ଢେଙ୍କାନାଳ-ମହାରାଜ ବଡ଼ ଦେଶହିତୈଷୀ, ବିଦ୍ୟାର ଉନ୍ନତି ପକ୍ଷରେ ସେ ମଧ୍ୟ ଅନେକ ବ୍ୟୟ କରୁଅଛନ୍ତି । ସେମାନେ କଲେ ଏନିୟମ ଅନାୟାସରେ ଚଳାଇ ପାରନ୍ତି ଏହି ଅନୁସାରେ ପରୀକ୍ଷା କରି ପଣ୍ଡିତମାନଙ୍କୁ ଉତ୍ସାହ ଦେବା ନିମନ୍ତେ ନିକଟସ୍ଥ ଉଦ୍ୟ ରାଜା ଏବଂ ଜମୀଦାର ମଧ୍ୟେ ଏବଂ ଅଥବା ଚାନ୍ଦାବର୍ଗରେ ଏକତ୍ରିତ ହେଲେ ଅତି ଉତ୍ତମ ହେବ ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିମାନଙ୍କୁ ଯେ ବିଷୟରେ ଓ ଯେପ୍ରକାର ପରୀକ୍ଷା ଦେଲେ ସେଥିର ଏକ ସାର୍ଟିଫିକେଟ ଦିଆଯିବ ।

ଆଜକାଲି ଅନେକ ବିଦ୍ୟାଳୟ ସ୍ଥାପିତ ହେଉଅଛି, ସେଥିରେ କର୍ମ ପାଇବାନିମିତ୍ତ ଦେଶୀୟଭାଷାରେ ଉତ୍ତମ ପାରଗତା ଥିବାର ଆବଶ୍ୟକ ଅତଏବ ଆମ୍ଭମାନଙ୍କ ବିବେଚନାରେ ପ୍ରତ୍ୟେକ ବିଷୟର ନିର୍ଦ୍ଦିଷ୍ଟ ପରୀକ୍ଷାର ପୁସ୍ତକ ସଙ୍ଗେ ଭାଷା-ବ୍ୟାକରଣ ଓ ଉତ୍ତମ ଏକଖଣ୍ଡି ଭାଷା ସାହିତ୍ୟ ପୁସ୍ତକ ଦେଲେ ଭଲ ହେବ କାରଣ ଏହା ହେଲେ ସମସ୍ତ ପଦପ୍ରାପ୍ତ ପଣ୍ଡିତମାନଙ୍କୁ ଦେଶୀୟ ଭାଷାରେ ଉତ୍ତମ ପାରଗ ହେବାକୁ ହେବ । ଏହା ଯଦି ହୁଏ ସେମାନେ ବର୍ତ୍ତମାନପରି କେବଳ ଜୀବିକାବୃତ୍ତିକୁ ଅଙ୍ଗୀକାର ଦେଶବିଦେଶ ନ ଫେରି ଅନ୍ତତଃ କୌଣସି ସ୍କୁଲରେ ପଣ୍ଡିତ ହୋଇ ସମ୍ମାନସହକାରେ ଜୀବନଯାତ୍ରା ନିର୍ବାହ କରିପାରିବେ । ବର୍ତ୍ତମାନ ଅନେକ କୁଣ୍ଡଳଧାରୀ ପଣ୍ଡିତ ଅଛନ୍ତି ଯେ ସ୍ୱ ମାତୃଭାଷାରେ ଗ୍ରନ୍ଥାଦି ଲେଖିବାକୁ ହେଲେ ଏପାଗା-ରେ ବର୍ଣ୍ଣାଶୁଦ୍ଧ ଓ ରଚନାଶୁଦ୍ଧ କରିବେ ଏପରି ବ୍ୟକ୍ତିର ପଦ ପାଇବା ପଦଦାତା ଓ ପଦଗ୍ରହୀତା ଉଭୟବ୍ୟକ୍ତିଙ୍କ ଲଜ୍ଜାର କାରଣ ହୁଏ ।

---

## ପୁଲିସ ସମ୍ପର୍କରେ ମେଜିଷ୍ଟ୍ରେଟଙ୍କ କ୍ଷମତା ବୃଦ୍ଧି ।

ବଙ୍ଗାଳ ଗବର୍ଣ୍ଣମେଣ୍ଟ ପୁଲିସ କର୍ମଚାରୀଙ୍କ ନିଯୋଗ, ପଦବୃଦ୍ଧି ଇତ୍ୟାଦି ବିଷୟରେ କେତେଗୁଡ଼ିଏ ନିୟମ ପ୍ରଚାର କରିଅଛନ୍ତି ତହିଁର ଅନୁବାଦ ବା ସାରାଂଶ ପାଠକମାନଙ୍କ ଗୋଚରାର୍ଥେ ନିମ୍ନେ ଲେଖାଗଲା ।

୧ । କନଷ୍ଟେବଲ ଓ ହେଡ଼କନଷ୍ଟେବଲର କର୍ମରେ କୌଣସି ନୂତନ ଲୋକ ନିଯୁକ୍ତ କରିବାକୁ ଅଥବା ତାହାର ପଦ ବଢାଇବାକୁ ହେଲେ ପୁଲିସର ସୁପରିଣ୍ଟେଣ୍ଡେଣ୍ଟ ସାହେବ ତାହା କରିବେ କିନ୍ତୁ ଜିଲାର ମେଜିଷ୍ଟ୍ରେଟ ସାହେବ ଇଚ୍ଛାକଲେ ତାହା ଅନ୍ୟଥା କରି ପାରିବେ ।

୨ । ସବ୍‌ଇନ୍‌ସ୍ପେକ୍ଟରର କର୍ମପାଇଁ ଲୋକ ମନୋନୀତ କରିବାର ଭାର ସୁପରିଣ୍ଟେଣ୍ଡେଣ୍ଟଙ୍କ ଉପରେ ରହିଲା କିନ୍ତୁ ସେ ମେଜିଷ୍ଟ୍ରେଟସାହେବଙ୍କ ସମ୍ମତି ବ୍ୟତିରେକେ ସେ ପଦରେ ଲୋକ ନିଯୁକ୍ତ କରି ନ ପାରିବେ ।

୩ । ଇନସ୍ପେକ୍ଟରର ପଦ ଶୂନ୍ୟ ହେଲେ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଲୋକ ମନୋନୀତ କରି ମେଜିଷ୍ଟ୍ରେଟ ସାହେବଙ୍କ ସମ୍ମତି ସକାଶେ ତାଙ୍କ ଛାମୁକୁ ଅର୍ପଣ କରିବେ । ଯଦ୍ୟପି ମେଜିଷ୍ଟ୍ରେଟଙ୍କର ସେ ବ୍ୟକ୍ତି ମନୋନୀତ ନ ହୁଏ ତେବେ ସେ ଆଉ ଯେଉଁ ପୁଲିସ କର୍ମଚାରୀକୁ ଉପଯୁକ୍ତ ଜାଣନ୍ତି ତାହାର ନାମ ଲେଖି କମିଶନର ସାହେବଙ୍କ ନିକଟକୁ କାଗଜାତ ପଠାଇବେ ଓ ସେଠାରୁ ସାହେବ ଆପଣା ଅଭିପ୍ରାୟ ଲେଖି ତାହା ପୁଲିସ ଇନସ୍ପେକ୍ଟର ଜେନେରାଲ ସାହେବଙ୍କ ନିକଟକୁ ପଠାଇବେ । ଇନସ୍ପେକ୍ଟର ଜେନେରାଲ ସାହେବ ଉପର୍ଯ୍ୟୁକ୍ତ ପ୍ରକାରରେ ମନୋନୀତ ବ୍ୟକ୍ତିକୁ ସାଧାରଣ ବିଧି ଅନୁସାରେ ନିଯୋଗ କରିବେ ଅଥବା ଗବର୍ଣ୍ଣମେଣ୍ଟଙ୍କ ସମ୍ମତି ନିମିତ୍ତ ପଠାଇବେ । ଯଦ୍ୟପି କମିଶନରଙ୍କ ସଙ୍ଗେ ତାଙ୍କର ମତାନ୍ତର ହୁଏ ତେବେ ସେ ଆପଣାର ଅଭିପ୍ରାୟ ଲେଖି ସମସ୍ତ କାଗଜ ପତ୍ର ଗବର୍ଣ୍ଣମେଣ୍ଟଙ୍କୁ ପଠାଇବେ ।

୪ । ହେଡକନଷ୍ଟେବଲ ଓ ତନ୍ନିମ୍ନସ୍ଥ କର୍ମଚାରୀଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ସାହେବ ସସପେଣ୍ଡ ଓ ପଦଚ୍ୟୁତ କରିବେ କିନ୍ତୁ ମେଜିଷ୍ଟ୍ରେଟ ତାହା ଅନ୍ୟଥା କରିପାରିବେ ଓ ତହିଁର ଅପିଲ ବର୍ତ୍ତମାନ ପ୍ରଚଳିତ ନିୟମାନୁସାରେ ହେବ ।

୫ । ଉପରଲିଖିତ ନିୟମାନୁସାରେ ଉକ୍ତଶ୍ରେଣୀର କର୍ମଚାରୀମାନେ ମଧ୍ୟ ସସପେଣ୍ଡ ହେବେ ମାତ୍ର ପଦଲାଘବ ଅଥବା ପଦଚ୍ୟୁତ କରିବାର ହେଲେ ହେଡ଼କନଷ୍ଟେବଲ ସ୍ଥଳେ ମେଜିଷ୍ଟ୍ରେଟଙ୍କର ଓ ତଦୁପର ଶ୍ରେଣୀସ୍ଥଳେ ମେଜିଷ୍ଟ୍ରେଟ ଓ ଇନସ୍ପେକ୍ଟରଜେନେରଲ ଉଭୟଙ୍କର ସମ୍ମତି ବ୍ୟତୀତ ହୋଇ ନ ପାରିବ । ଏଥିର ଅପିଲ ନାହିଁ କିନ୍ତୁ କୌଣସିସ୍ଥଳେ ଅତି ଅନ୍ୟାୟ ହୋଇଥିବାର ଜଣାଗଲେ କମିଶନର ବା ଇନସ୍ପେକ୍ଟର ଜେନରଲ ଗବର୍ଣ୍ଣମେଣ୍ଟରେ ବିହିତ ଆଜ୍ଞା ସକାଶେ ଜଣାଇବେ ।

୬ । ସମସ୍ତ ଶ୍ରେଣୀର ମେଜିଷ୍ଟ୍ରେଟମାନେ ତାଙ୍କଠାରେ ବିଚାର ହେବା ମୋକଦ୍ଦମା ସମ୍ପର୍କରେ କୌଣସି ପୁଲିସ କର୍ମଚାରୀର ଆଚରଣ ଦଣ୍ଡ ବା ପୁରସ୍କାରର ଉପଯୁକ୍ତ ଜାଣିଲେ ତାହା ଜିଲାର ମେଜିଷ୍ଟ୍ରେଟଙ୍କ ନିକଟକୁ ଲେଖି ପଠାଇବେ । ଜିଲାର ମେଜିଷ୍ଟ୍ରେଟ ଅନ୍ୟ କୌଣସି କର୍ମଚାରୀ ପୁଲିସକର୍ମଚାରୀର ଆଚରଣ ବିଷୟରେ ଲିପିବଦ୍ଧ କରିପାରିବେ ଏବଂ ପୁଲିସ କର୍ମଚାରୀଙ୍କ ଆଚରଣ ଲେଖାଥିବା ବହିରେ ଉପର୍ଯ୍ୟୁକ୍ତ ବିଷୟମାନ ଲେଖିବା କାରଣ ସୁପରିଣ୍ଟେଣ୍ଡେଣ୍ଟସାହେବଙ୍କୁ ଆଦେଶ କରିପାରିବେ । କମିଶନର ସାହେବ ମଧ୍ୟ ଏହିପ୍ରକାର ଆଦେଶ କରି ପାରିବେ ।

୭ । ପୂର୍ବୋକ୍ତ ନିୟମାନୁସାରେ ଦଣ୍ଡଦିଆଯିବାର ଅନୁରୋଧ ହୋଇଥିଲେ ସୁପରିଣ୍ଟେଣ୍ଡେଣ୍ଟସାହେବ ତାହା ପ୍ରତିପାଳନ କରିବେ ଅଥବା ଦଣ୍ଡ ନ ଦେବାର ହେତୁମାନ ମେଜିଷ୍ଟ୍ରେଟ ଅଥବା କମିଶନରଙ୍କ ନିକଟକୁ ଲେଖି ପଠାଇବେ । ସେ ହେତୁମାନ ଅଗ୍ରାହ୍ୟ ହେଲେ ସୁପରିଣ୍ଟେଣ୍ଡେଣ୍ଟ ଦଣ୍ଡାଜ୍ଞା ପ୍ରତିପାଳନ କରିବେ । ମେଜିଷ୍ଟ୍ରେଟଙ୍କ ଆଜ୍ଞା ବିରୁଦ୍ଧରେ କେବଳ କମିଶନରଙ୍କଠାରେ ଅପିଲ ହେବ ।

୮ । କୌଣସି ପୁଲିସ କର୍ମଚାରୀଙ୍କର ପଦବୃଦ୍ଧି କରିବା ସମୟରେ ଅଥବା ପଦବୃଦ୍ଧିର ଅନୁରୋଧ କରିବା ସମୟରେ ସୁପରିଣ୍ଟେଣ୍ଡେଣ୍ଟ ତହିଁର ବର୍ତ୍ତନାର କହିପ୍ରତି ସମ୍ପୂର୍ଣ୍ଣ ଦୃଷ୍ଟି ରଖି କର୍ମକାରକ ହେବେ ଓ ଏଥିରେ କିଛି ବ୍ୟତିକ୍ରମ ହେଲେ ମେଜିଷ୍ଟ୍ରେଟ ସେ ବ୍ୟତିକ୍ରମକୁ ରଦ୍ଦ କରି ଉପଯୁକ୍ତ ବ୍ୟକ୍ତିର ପଦବୃଦ୍ଧି କରାଇବେ । ଏଥିରେ ସୁପରିଣ୍ଟେଣ୍ଡେଣ୍ଟ ଅସମ୍ମତ ହେଲେ କମିଶନର ତାହା ନିଷ୍ପତ୍ତି କରିବେ ।

Digitized by srujanika@gmail.com

୯ । ବର୍ତ୍ତମାନ ଯେଉଁ ଜିଲ୍ଲାରେ ଯେ ପୁଲିସ କର୍ମଚାରୀମାନେ ନିଯୁକ୍ତ ଅଛନ୍ତି ସେମାନେ ସେହି ଜିଲାର କର୍ମଚାରୀ ସ୍ୱରୂପ ଗଣ୍ୟ ହେବେ ଓ କେବଳ ସେହି ଜିଲା ମଧ୍ୟରେ ତାଙ୍କର ପଦ ବୃଦ୍ଧି ହେବ ।

୧୦ । ଅତ୍ୟନ୍ତ ଆବଶ୍ୟକ କିମ୍ବା ଅପରାଧର ଅନୁସନ୍ଧାନ ବା ଅନ୍ୟ ତଦନ୍ତ କରିବା ସ୍ଥଳ ବ୍ୟତିରେକେ ଜିଲା ମେଜିଷ୍ଟ୍ରେଟଙ୍କ ଅନଭିମତରେ ଏକ ଜିଲାରୁ ଅନ୍ୟ ଜିଲାକୁ ଓ କମିଶନରଙ୍କ ଅଭିମତ ବ୍ୟତୀତ ଏକ ଡିବିଜନରୁ ଅନ୍ୟ ଡିବିଜନକୁ ପୁଲିସ କର୍ମଚାରୀଙ୍କର ବଦଳି ହୋଇ ନ ପାରିବ ।

୧୧ । ଜିଲା ମଧ୍ୟରେ ଯେ ପୁଲିସ କର୍ମଚାରୀଙ୍କର ବଦଳି ହୋଏ ତାହା ମଧ୍ୟ ମେଜିଷ୍ଟ୍ରେଟ ଅନ୍ୟଥା କରିପାରିବେ ।

୧୨ । କେଉଁ ଜିଲାରେ କେତେ ସବଇନସ୍ପେକ୍ଟର ଓ ଇନସ୍ପେକ୍ଟର ଆବଶ୍ୟକ ତହିଁର ଓ ଅନ୍ୟାନ୍ୟ କେତେକ ବିଷୟର ନିୟମ ପ୍ରସ୍ତୁତ କରିବା କାରଣ ଇନସ୍ପେକ୍ଟର ଜେନରଲ ସାହେବଙ୍କୁ ପ୍ରାର୍ଥନା କରାଯାଇଅଛି ।

ଆମ୍ଭମାନଙ୍କ ବିବେଚନାରେ ଏ ନିୟମ ନିତାନ୍ତ ମନ୍ଦ ନୁହେ ବିଶେଷତଃ ଯେଉଁସ୍ଥଳେ ଗବର୍ଣ୍ଣମେଣ୍ଟ ବୋଲନ୍ତି ଯେ ଉପର୍ଯ୍ୟୁକ୍ତ ନିୟମାବଳୀ ଅଯୋଧ୍ୟା ପ୍ରଦେଶରେ ପୂର୍ବରୁ ପ୍ରଚଳିତ ହୋଇ ଫଳଦାୟକ ହୋଇଅଛି ସେସ୍ଥଳେ ତାହାକୁ ଉତ୍ତମ ବୋଲି ଅବଶ୍ୟ ସ୍ୱୀକାର କରିବାକୁ ହେବ ବସ୍ତୁତଃ ଏ ନିୟମରେ କିଛି ଦୋଷ ନାହିଁ ଓ ଯଥାର୍ଥରୂପେ ପ୍ରତିପାଳିତ ହେଲେ ସବୁଠାରେ ସୁଫଳ ପ୍ରଦାନ କରିବ । କିନ୍ତୁ ମେଜିଷ୍ଟ୍ରେଟମାନେ ଏଥିରେ ସମ୍ପୂର୍ଣ୍ଣରୂପେ ମନୋନିବେଶ କରିବେ କି ନାହିଁ ସନ୍ଦେହ ସ୍ଥଳ ଅଟେ କାରଣ ସେମାନଙ୍କ ହସ୍ତରେ ବିବିଧପ୍ରକାର କର୍ମ ସବୁ ଅର୍ପିତ ହେବାରୁ ସେମାନଙ୍କର ଅବସର ଅତ୍ୟନ୍ତ କମ୍ବା ନାହିଁ ନାହିଁ ବୋଲିଲେ ବୋଲଯାଇ ପାରେ । ଯଦ୍ୟପି ସେମାନେ ସମଯ୍ୟାଭାବ ବା ଆଳସ୍ୟ ହେତୁରୁ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ କାର୍ଯ୍ୟର କିଛି କିମ୍ବା ଯଥୋପଯୁକ୍ତ ତଦନ୍ତ ନ କରି ତହିଁରେ କେବଳ ସମ୍ମତି ଦିଅନ୍ତି ତେବେ ନିୟମ ପ୍ରସ୍ତୁତ ହେବାର ବୃଥା । କିନ୍ତୁ ସମସ୍ତ ଲୋକର ଯେ ଏପରି କାର୍ଯ୍ୟ କରିବେ କଦାପି ତ ନୁହେ ଅନେକ ସ୍ଥଳରେ ଏ ନିୟମ ପାଳିତ ହେବ ।

ମେଜିଷ୍ଟ୍ରେଟଙ୍କର ଏତାଦୃଶ କ୍ଷମତା ବୃଦ୍ଧି ବିଷୟରେ କେହି ବା ଆପତ୍ତି କରିବେ ମାତ୍ର ତାହା ଅକର୍ମଣ୍ୟ ଅଟେ । କାରଣ ମେଜିଷ୍ଟ୍ରେଟ ବିଚାର କାର୍ଯ୍ୟରେ ବିଶେଷ ଅନୁଭବୀ । ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଅପେକ୍ଷା ତାଙ୍କଦ୍ୱାରା ଅଳ୍ପତର ଅବିଚାର ହେବାର ସମ୍ଭାବନା ଓ କିଛି ଅବିଚାର ହେଲେ ତହିଁର ଅପିଲ କମିଶନରଙ୍କଠାରେ ହୋଇ ସଂଶୋଧିତ ହୋଇ ପାରେ । ସୁପରିଣ୍ଟେଣ୍ଡେଣ୍ଟଦ୍ୱାରା କର୍ମଚାରୀ ନିଯୋଗ ଇତ୍ୟାଦି କାର୍ଯ୍ୟ ଉତ୍ତମରୂପେ ନିର୍ବାହ ନ ହେଲା ବୋଲି ଏ ନିୟମ ସର୍ଜନା ହୋଇଅଛି ଓ ସେ ଅନେକ ସ୍ଥଳରେ ଏ କାର୍ଯ୍ୟରେ ତ୍ରୁଟିଥିବାର ଅମ୍ଭେମାନେ ପ୍ରତ୍ୟକ୍ଷ କରିଅଛୁଁ । ଅତଏବ ଏ ନିୟମାବଳୀ ସର୍ବାଂଶେ ମନୋନୀତ ହେଉଅଛି ।

ଯଦ୍ୟପି ଏ ନିୟମାନୁସାରେ ପୁଲିସ ପ୍ରାୟ ପୂର୍ବବତ୍ ମେଜିଷ୍ଟ୍ରେଟଙ୍କ ଅଧୀନ ହେଲା ଓ ଇନସ୍ପେକ୍ଟର ଜେନରଲ ପଦ ଉଠାଇଦେବାର ଯେ କଳ୍ପନା ହୋଇଅଛି ତାହା ଯଦି ସିଦ୍ଧ ହୁଏ ତେବେ ଏତେ ବହୁବ୍ୟୟରେ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ମହକୁମା ରଖିବାର କି ଆବଶ୍ୟକ ଜଣେ ଅନୁଭବୀ ଡେପୁଟୀ ବା ଆସିଷ୍ଟାଣ୍ଟ ମେଜିଷ୍ଟ୍ରେଟଙ୍କୁ ସୁପରିଣ୍ଟେଣ୍ଡେଣ୍ଟି କାର୍ଯ୍ୟ ଅର୍ପିତ ହେଲେ ଉତ୍ତମରୂପେ ଚଳିପାରେ ଓ ବ୍ୟୟ ବହୁତ ଲାଘବ ହେବ ଅତଏବ ଅମ୍ଭେମାନେ ଭରସା କରୁଁ ଯେ କର୍ତ୍ତୃପକ୍ଷମାନେ ଏ ବିଷୟର ଆନ୍ଦୋଳନ କରନ୍ତୁ ।

## ସାପ୍ତାହିକ ସଂବାଦ

ଅମ୍ଭେମାନେ ଶୁଣି ଅତ୍ୟନ୍ତ ଆହ୍ଲାଦିତ ହେଲୁଁ ଯେ ଶ୍ରୀଯୁକ୍ତ ବାବୁ ନନ୍ଦକିଶୋର ଦାସ ପୁରୀର ନୂତନ ଡେପୁଟୀକଲେକ୍ଟର କମିଶନର ସାହେବଙ୍କ ଅନୁଗ୍ରହ ଅନୁସାରେ ଡେପୁଟୀକଲେକ୍ଟରୀ କର୍ମର ପ୍ରବେଶିକା ପରୀକ୍ଷାରୁ ମୁକ୍ତ ପାଇଅଛନ୍ତି । ବର୍ତ୍ତମାନ ଓଡ଼ିଶାରେ ଇଂରେଜି ବିଦ୍ୟା ଶିଖିବାର ସୁବିଧା ନ ଥିବା ଏଥିର ମୂଳକାରଣ ଅଟେ ।

ଏବର୍ଷ କଟକରେ ଏକ ନୂଆ ବାଲିଯାତ୍ରା ହେଲା । ମହାନଦୀତଟସ୍ଥ ଗଡଗଡିଆ ମହାଦେବଙ୍କଠାରେ ଏ ଯାତ୍ରା ପରମ୍ପରାରୁ ହୋଇ ଆସୁଅଛି ଏବର୍ଷ କେତେକଲୋକ ମିଶି କାଠଯୋଡି ବାଲିରେ ବାଲିଯାତ୍ରା କଲେ ଏଠାକୁ ଅନେକ ସଂକୀର୍ତ୍ତନ ସମ୍ପ୍ରଦାୟ ଆସିଥିଲେ କିନ୍ତୁ ସେଠାପରି ବିବିଧ ପ୍ରକାର ଦୋକାନ, ସୁସଜ୍ଜିତ ବାଗ୍‌ଙ୍ଗନା, ବଗୀ, ଘୋଡାପାଲିକି ଇତ୍ୟାଦିରେ ସୁଶୋଭିତ ହୋଇ ନ ଥିଲା । ଆରବର୍ଷକୁ କିଛି ହୋଇପାରେ ।

ଶ୍ରୀଯୁକ୍ତ ଢେଙ୍କାନାଳ ମହାରାଜା କଲିକତାସ୍ଥ ଏଗ୍ରିକଲଚର ଓ ହର୍ଟିକଲଚର ଅର୍ଥାତ୍ କୃଷି ଓ ଉଦ୍ୟାନ ବିଷୟକ ସଭାର ମେମ୍ବର ହୋଇଅଛନ୍ତି ।

ଆମ୍ଭମାନଙ୍କ ସମ୍ପାଦକ ଶ୍ରୀବାବୁ ଗୌରୀଶଙ୍କର ରାୟଙ୍କର ଏଗାରବର୍ଷ ବୟସ୍କ ଏକମାତ୍ର ସନ୍ତାନର ଗତ ଶନିବାର କାଳ ହେବାରୁ ସେ ଶୋକାକୁଳ ହୋଇଅଛନ୍ତି । ଏହେତୁ ସେ ଏ ସପ୍ତାହର କାର୍ଯ୍ୟ ସମ୍ପୂର୍ଣ୍ଣ ନିର୍ବାହ କରି ନ ପାରିଲେ । ଅମ୍ଭେମାନେ ତାଙ୍କ ଦୁଃଖରେ ଅତି ଦୁଃଖିତ ହୋଇଅଛୁଁ ଓ ସେବାଳକର ଶୀଳତା, ବୁଦ୍ଧି ଓ ବିଦ୍ୟାନୁରାଗ ଦୃଷ୍ଟିରେ ଅଧିକନ୍ତୁ ଶୋକଯୁକ୍ତ ହୋଇଅଛୁଁ । ତାହାର ଗୁଣ ଦେଖି ବହୁତ ଆଶା ହୋଇଥିଲା କିନ୍ତୁ ସବୁ ବିଫଳ ହେଲା । ଦୈବ ଭିଆଣରେ କାହାର ଆୟତ୍ତ ।

ଇଲିୟମ ହେନେରି ମଣ୍ଟେଗନ କଟକର ଆସିଷ୍ଟାଣ୍ଟ କଲେକ୍ଟର ଓ ମାଜିଷ୍ଟ୍ରେଟ ନିଯୁକ୍ତ ହୋଇଅଛନ୍ତି ।

ବାବୁ ବାମନଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଦ୍ୱିତୀୟଶ୍ରେଣୀର ସୁପରଭାଇଜର ବଙ୍ଗଳାରୁ ବାଲେଶ୍ୱରକୁ ବଦଳି ହୋଇଅଛନ୍ତି ।

ତୃତୀୟଶ୍ରେଣୀର ଏକଜେକଉଟିଭ ଇଞ୍ଜିନିୟର ସି ଯଥିନର ସାହେବ ବଙ୍ଗଳା ଗବର୍ଣ୍ଣମେଣ୍ଟର ସହକାରୀ ସେକ୍ରେଟରୀ ଓ ସହକାରୀ ପ୍ରଧାନ ଇଞ୍ଜିନିୟର ନିଯୁକ୍ତ ହୋଇଅଛନ୍ତି ।

ବ୍ରାହ୍ମଣୀ ଡିବିଜନର ବାରକମାଷ୍ଟରୀମହକୁମାର ଜଣେ କିରାନି କି ତାହାରନାମ ମହୀନ୍ଦ୍ରନାଥ ସିଂହ ଅଟେ ଖଜଣାଖାନାରୁ ଟଙ୍କା ନେବାର ଚେକଫାରମ ଜାଲ କରିବାରୁ ଶେଷ କରି ରଖିଥିବା ଅପରାଧରେ ଗତ ସୋମବାରଦିନ ଦୁଇବର୍ଷ କାରାବାସର ଦଣ୍ଡ ପାଇଲା । ସେ କଲିକତାରୁ ବାରଶତଟଙ୍କା ସଠାକିମେ ନେବା ଅଭିପ୍ରାୟରେ ଉକ୍ତ କାର୍ଯ୍ୟ କରିଥିଲା କିନ୍ତୁ ଯଥାସମୟରେ ଧରାପଡିବାରୁ ତାହାର କଳ୍ପନା ବିଫଳ ହେଲା । ସେ ଖ୍ରୀଷ୍ଟିୟାନ ଓ ଦେଶୀୟ ପରିଧାନ ସ୍ୱଭା ପରିତ୍ୟାଗ କରି ମନେ ସାହେବ ହୋଇଥିଲା କିନ୍ତୁ ବର୍ତ୍ତମାନ ତାହାର ସାହେବାନ ବାହାରିଗଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

194



ବାବୁ କାଳୀଦାସ ଭଟ୍ଟାଚାର୍ଯ୍ୟ ପ୍ରଥମଶ୍ରେଣୀର ଓଭରସିୟର ଓଡ଼ିଶା ସର୍କଲରେ ନିଯୁକ୍ତ ହୋଇଅଛନ୍ତି ।

ଏଡୁକେସନଗେଜେଟରୁ ଅବଗତ ହେଲୁଁ ଯେ ବଗୁଡ଼ା ନଗରରେ ବ୍ରାହ୍ମମତେ ଗୋଟିଏ ବିଧବାବିବାହ ହୋଇଅଛି । ବରର ନାମ ହରଲାଲ ନାଥ ବୟସ ୪୫ ବର୍ଷ ଜାତିରେ ଶୁଦ୍ର ପାଣି ବ୍ରାହ୍ମଣୀ ବୟସ ୩୦ ବର୍ଷ । ଉତ୍ତମ ସମ୍ବାଦ ।—

କଲିକତା ଦକ୍ଷିଣ ବିଭାଗର ମେଜିଷ୍ଟ୍ରେଟସାହେବ ହାଇକୋର୍ଟର ପ୍ରଧାନ ବିଚାରପତିଙ୍କ ହତ୍ୟାକାଣ୍ଡ ସମ୍ପର୍କେ ପୁଲିସସମ୍ବନ୍ଧ ବାର୍ତ୍ତା ଜଣାଉଥିବାରୁ ଲେଫ୍‌ଟନେଣ୍ଟ ଗବର୍ଣ୍ଣରସାହେବ ତାଙ୍କୁ ସନ୍ତୋଷ ଜଣାଇଅଛନ୍ତି । ସେ ଅତି ସୁଯୋଗ୍ୟ ଓ ଉତ୍ତମରୂପେ କାର୍ଯ୍ୟ କରନ୍ତି ଏତାଦୃଶ ଘଟନା ହେବାର ଶୋଚନୀୟ ଅଟେ ।

ହୋମ୍ ଗେଜେଟରେ ଲେଖାଅଛି ଯେ ଫ୍ରାନ୍ସ ଦେଶର ଭୂତପୂର୍ବ ସମ୍ରାଟ ନେପୋଲିୟନଙ୍କ ଭଟ୍ଟ ସମ୍ପତ୍ତିର ବର୍ତ୍ତମାନ ବାର୍ଷିକ ଆୟ ଟ ୫୦,୦୦୦ ଙ୍କା ମାତ୍ର । ତାଙ୍କ ସ୍ତ୍ରୀ ମହାରାଣୀ ଇଉଜିନୀ ଅପଣା ଦୁସମ୍ପତ୍ତିର ଅବସ୍ଥା ଉନ୍ନତ କରି ଆୟ ବୃଦ୍ଧି କରିବା ନିମନ୍ତେ ଯତ୍ନବାନ୍ ଅଛନ୍ତି ।

ଡଗୋଭା ନାମକ ଜଣେ ଅପୁତ୍ରିକ ଫିରଙ୍ଗି ମରଣ ପୂର୍ବେ ଉଇଲଦ୍ୱାରା ଏହିରୂପେ ତାଙ୍କର ଆଠଲକ୍ଷ ଟଙ୍କା ଆବାଦର ସମ୍ପତ୍ତି ବଣ୍ଟନ କରି ଦେଇ ଯାଇଅଛନ୍ତି ଗିର୍ଜାମାନଙ୍କ ପ୍ରତ୍ୟେକରେ ଏକହଜାରରୁ ଦଶହଜାର ଟଙ୍କା ପର୍ଯ୍ୟନ୍ତ, କଲିକତାସ୍ଥ ଦେଶୀୟ ଲୋକଙ୍କ ଚିକିତ୍ସାଳୟ ନିମନ୍ତେ ଦଶହଜାର ଟଙ୍କା, କେନଉଲେଷ୍ଟାଇନ୍ଷ୍ଟିଚ୍ୟୁସନ ନାମକ ସ୍କୁଲ ଓ ଡଭଟନ କଲେଜ ଛାତ୍ରନିମନ୍ତେ ଅନେକ ଛାତ୍ରବୃତ୍ତି ଏବଂ ସେଣ୍ଟପୋଲ୍ସ ବିଦ୍ୟାଳୟର ଜଣେ ଫିରଙ୍ଗିବାଳକର ପଞ୍ଚବର୍ଷ ସିଭିଲସର୍ଭିସ ପରୀକ୍ଷା ଦେବାକୁ ପ୍ରସ୍ତୁତ ହେବା ଓ ଯିବା ଆସିବାର ଖର୍ଚ୍ଚ ନିମନ୍ତେ କିଛି ଟଙ୍କା, ସେ ଅତି ଆଦେଶ କରିଅଛନ୍ତି ଯେ ଏକଲକ୍ଷ ଟଙ୍କାର ଗବର୍ଣ୍ଣମେଣ୍ଟ କାଗଜ କ୍ରୟ ହୋଇ ସେଥିର ସୁଧ ତାଙ୍କ ଇଉରୋପୀୟ ହିସାବ ଲେଖକ ଓ ତାଙ୍କ ଉତ୍ତାରୁ ତାଙ୍କ ଦୁଇଭଉଣୀ ଓ ସେମାନଙ୍କ ଉତ୍ତାରୁ ଉକ୍ତ ଟଙ୍କା ତାଙ୍କ ସମ୍ପତ୍ତି ସଙ୍ଗେ ମିଶିବ । ସେ ମଧ୍ୟ ଅନେକ ଟଙ୍କା ଉତ୍ତମ ଆଚରଣର ଫିରଙ୍ଗି ବିଧବା ସ୍ତ୍ରୀ ଓ ପିତା ମାତାହୀନ ବାଳକଙ୍କ ନିମନ୍ତେ ଦେଇ ଯାଇଅଛନ୍ତି ।

## ବିଜ୍ଞାପନ ।

ଓଡ଼ିଶାପ୍ରଦେଶର ଦେଶୀୟସ୍କୁଲ ଓ ମାଇନର ଛାତ୍ରବୃତ୍ତି ପରୀକ୍ଷା ଚଳିତ ଡିସେମ୍ବରମାସ ତା ୧୬ ରଖରୁ ଆରମ୍ଭ ହେବ । ପରୀକ୍ଷାର୍ଥୀମାନଙ୍କୁ ଫିସ ଟ ୨ ଙ୍କା କରି ଦେବାକୁ ହେବ ।

ତା ୨୯ ରଖ ଡିସେମ୍ବର ସନ ୧୮୬୯ — ପ୍ୟାରୀମୋହନ ସେନ
ସ୍କୁଲ ଡେପୁଟୀ ଇନ୍‌ସ୍ପେକ୍ଟର

ସର୍ବସାଧାରଣଙ୍କ ଜ୍ଞାତ କାରଣ ପ୍ରକାଶ କରା ଯାଉଅଛି ଏହି ଛାପା ପାଞ୍ଜିରେ ଏତଦ୍ଦେଶର ପୂର୍ବତନ ପ୍ରଚଳିତ ଗ୍ରନ୍ଥାନୁଯାୟୀ ସାଧନକ୍ରମେ ଆଗାମୀ ଅମାବାସ୍ୟା ଅର୍ଥାତ୍ ଏହି ଚଳିତ ମାର୍ଗଶିର ମାସ ଅମାବାସ୍ୟା ମଙ୍ଗଳବାର ଦିନ ଯେଉଁ ସୂର୍ଯ୍ୟୋପରାଗର ନିୟମ ଲେଖା ଯାଇଅଛି ଅର୍ଥାତ୍ ବେଳ ଦ ୬।୯ କୁ ପ ୫।୨୮ ଗତେ ଗ୍ରହଣ ସ୍ପର୍ଶ ଦ ୧୧।୩୯ କୁ ପ ୧୯।୨।୩ ଗତେ ସର୍ବାମୋକ୍ଷ । ଏଥିରୁ ନୂତନ ସର୍ବାନ୍ତଗ୍ରନ୍ଥକାର ଶ୍ରୀଯୁକ୍ତ ଚନ୍ଦ୍ରଶେଖର ସାମନ୍ତଙ୍କ ସାଧନକ୍ରମେ ଦ ୧।୩୦ କୁ ପ ୭।୧୨ ଗତେ ସ୍ପର୍ଶ ଦ ୭।୩୪ କୁ ପ ୫।୩୮ ଗତେ ସର୍ବାମୋକ୍ଷ ହେବ । ଅତଏବ ଯେଉଁମାନେ ନୂତନ ଗ୍ରନ୍ଥକାରଙ୍କର ସାଧନ ରୀତି ବୁଝିବାରେ ଉତ୍ସାହି ଥିବେ ସେମାନେ ଉକ୍ତ ଦିନ ଦିବସ ନିୟମର ପ୍ରଣାଳୀ ଅବଲମ୍ବନ ପୂର୍ବକ ସାବଧାନ ଥିଲେ ଅନାୟାସେ ବୁଝିପାରିବେ ଏଥିରେ ସନ୍ଦେହ ନାହିଁ ।

ଉ, ଦୀ, ସଂ, ।

ଗତବର୍ଷ ଅର୍ଥାତ୍ ସନ ୧୮୬୮।୬୯ ସାଲର ଯେଉଁ ସବୁ ଜମିଉପରେ ମାଣପ୍ରତି ଟ ୨୫ ହିସାବରେ ଜଳକର ଧାର୍ଯ୍ୟ ହୋଇଥିଲା ବର୍ତ୍ତମାନ ତାହା ରହିତ ହୋଇ ସେହିସବୁ ଜମିବାବଦରୁ ଜଳକର ମାଣପ୍ରତି କେବଳ ଟ ୧ ଙ୍କା ହିସାବରେ ଦେବାକୁ ହେବ ସେହି ଜଳକରବାବଦରୁ ପ୍ରଜାମାନଙ୍କ ନିକଟରେ ସେମାନଙ୍କ ସ୍ୱୀକାର କରିବା ମତେ ସରକାରଙ୍କର ଯାହା ନ୍ୟାଯ୍ୟ ବାକିଅଛି ସେ ସବୁକୁ ଯଦି ଗ୍ରାମର ପ୍ରଧାନ ବ୍ୟକ୍ତିମାନେ ଆଦାୟ କରିଦେବେ ତେବେ ସେମାନେ ପ୍ରତି ଶତ ଟ ୩୯ ଙ୍କା ହିସାବରେ କମିସନ ପାଇବେ । ଟ ୩୦ ଙ୍କାରୁ ନ୍ୟୂନ ଦାଖଲ କଲେ ଉକ୍ତ କମିସନ ପାଇବେ ନାହିଁ । ବର୍ତ୍ତମାନ ସନ ୧୮୬୯-୭୦ ସାଲ ନିମନ୍ତେ ମାଣପ୍ରତି ଟ ୧ ହିସାବରେ ଜଳକର ଧାର୍ଯ୍ୟ ହେଉଅଛି । ଏହା ସର୍ବସାଧାରଣଙ୍କ ଜ୍ଞାତକାରଣ ପ୍ରଚାର କରାଗଲା ।

ତା ୮ ରଖ ନବେମ୍ବର ସନ ୧୮୬୯ ସାଲ ।
ଦସ୍ତଖତ ଜୀ, ଟେଲର ସାହେବ
କେନାଲ୍ ରେଭନ୍ୟୁ ସୁପରଣ୍ଟେଣ୍ଡେଣ୍ଟ

ଥୋବାଏତ୍ଲୋକେ ମୁସ୍ତାଜର ବୋଲି ନାମ ଦେଇ କରି ୧୮୬୦ ସମ୍ବତ୍ସର ସେପ୍ଟେମ୍ବରମାସ ତା ୧୫ ରଖରେ ଏ ଅଫିସରୁ ଜାରି କରାଯିବା ଇସ୍ତିହାରକୁ ବରଖିଲାପ ରମ୍ଭାରେଉରେ ବେପାର କରିବାର ବେପାରୀମାନଙ୍କ ଠାରେ ରୁସୁନୁମାନଙ୍କ ଜମାକରିଥିଲା ପରେ ଜଣା ହେବାରୁ ଏକଷ୍ଟ୍ରାକ୍ସନ ବୋଲନ୍ତେ ବଳତ୍କାର କରି ନେବାର କୋଲବା ଅପରାଧ ତଳେ ଦୋଷୀ ହୋଇ କଠିନ ଦେହା ଶିକ୍ଷା ଲଭିଗଲେ ।

ଏମନ୍ତ ଅନ୍ୟାୟ ହେବା ଜମାମାନଙ୍କ ନ ଚଳିବା ପର ବନ୍ଦକରିବାକୁ ଏଥୁଁ ଜଣାଇବାର ଯେ ବୋଲନ୍ତେ—ନାବାମାନଙ୍କ ଉପରେ ଦଗ୍ମନ ହେବା ଥାନ ମାଫିକ ପାରେ ମାସୁଲିମାନେ ନେବା ମାମୂଲ ଥାନ ରୁସୁନୁମାନଙ୍କ ବିନା ଉମ୍ଭ ଠାରେ ଥାନ ରୁସୁନୁମାନଙ୍କ ଅନ୍ୟ କୋହେଲେ ଅତି ବେଆଇନ ହେବା ରୁସୁନୁମାନଙ୍କ ଅବା କଏସେ ମଧ୍ୟ କେତେ ମାସକ ନେଇ ଦେଉ ନ ଅଛେ—ତେମନ୍ତ ରୁସୁନୁମାନଙ୍କ ନେବା ମନୁଷ୍ୟମାନେ ଏକଷ୍ଟ୍ରାକସନ ବୋଲନ୍ତେ ବଳତ୍କାର କରି ନେବାର କୋଲବା ଅପରାଧ ତଳେ ଶିକ୍ଷାକୁ ପାତ୍ର ହୋଇଥିବେ ।

କେପ ତୁମାନେ ଉକ୍ତ ମାସୁଲିମାନଙ୍କ ହାତେ ଏହା ମସାଇ ଯେଉଁବାର ଅଛି କୋଲିବା ଜଣ ନାହିଁ ସେହି ବିଷୟରେ ତାହାଙ୍କ ଇଚ୍ଛା ହେବା ଜର୍ଣ୍ଣିମାନଙ୍କ ତାହାଙ୍କ କର ଦେଉଥାଏ ।

ଗଞ୍ଜାମଜିଲା ମେଜିଷ୍ଟ୍ରେଟଙ୍କ ଅଫିସ
୧୮୬୯ ସମ୍ବତ୍ସର ନବମ୍ବର ତା ରଖ
ମୁକାମଛତ୍ରପୁର

C. G. Master,
Ag. Magistrate of
Ganjam.

## ମୂଲ୍ୟପ୍ରାପ୍ତି ।

ଶ୍ରୀ ଘନଶ୍ୟାମ ବନ୍ଦ୍ୟୋପାଧ୍ୟାୟ ଭଦ୍ରକର
ବକାୟା ଟ ୧୦୯

ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

କଟକ
ସଂ ୪୭ ଖଣ୍ଡ

ତା ୯ ରିଖ ଡିସେମ୍ବର ସନ ୧୮୭୧ ମସିହା । ମୂ । ମାର୍ଗଶିର ଦ ୨୦ ଜ ସନ ୧୨୭୯ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪୮
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୪୬
ମଫସଲ ଗାଁଇ ଡାକମାସୂଲ ୪୧୫


## ଜଳକର

ଶ୍ରୀଯୁକ୍ତ ଫେନବ ସାହେବ ଜଳକର ମାଣପ୍ରତି ୧ ।୮ ଟଙ୍କା ଲେଖାଏଁ ଅମଲ କରିବା ବିଷୟରେ ଯେଉଁ ବିଜ୍ଞାପନ ଦେଇ ଅଛନ୍ତି ତହିଁ ଉପଲକ୍ଷରେ ଅମ୍ଭେମାନେ ଗତମାସ ତା ୧୧ ରିଖରେ ପତ୍ରିକାରେ ଲେଖିଥିଲୁଁ ଯେ ଯେଉଁ ମାନେ ୧।୫ ଦରରେ କର ଦେଇ ଅଛନ୍ତି ସେମାନେ ଅବଶିଷ୍ଟ ୧ ୧୫ ଲେଖାଏଁ ଫେରି ପାଇବେ । ବର୍ତ୍ତମାନ ଶ୍ରୀଯୁକ୍ତ ଫେନବ ସାହେବ ସୁପରଇଣ୍ଟେଣ୍ଡେଣ୍ଟଙ୍କଠାରୁ ଏକ ପତ୍ର ପାଇ ତହିଁରୁ ଅବଗତ ହେଲୁଁ ଯେ ସାହେବ ପ୍ରଶଂସିତ ଉକ୍ତ ବିଷୟରେ ଗବର୍ଣ୍ଣମେଣ୍ଟଙ୍କୁ ପତ୍ର ଲେଖିବାରୁ ତହିଁ ଉତ୍ତରରେ ଏହି ଚିଠି ଆସିଅଛି ଯେ ଯେଉଁମାନେ ସନ ୧୮୭୦।୭୧ ମସିହାରେ ୧ ।୪ ଟଙ୍କା ଦରରେ କର ଦେଇ ଅଛନ୍ତି ସେମାନେ ମାଣପ୍ରତି ଟ ୧୪ ଫେରି ପାଇବେ ଯେବେ ଇଚ୍ଛାପୂର୍ବକ ବା ବଳପୂର୍ବକ ଉକ୍ତ ୧ ।୪ ଟଙ୍କା ଦରରେ କର ଦେଇ ଥାନ୍ତି ସେ ବିଷୟର କିଛି ବିବେଚନା ହେବାର ଆବଶ୍ୟକ ନାହିଁ । ଯେଉଁମାନେ ସନ ୧୮୭୧।୭୨ ମସିହାକୁ କର ଦେବାର ଦାୟୀ ଅଟନ୍ତି ସେମାନେ ଜଗଦ ଫେରିତ ନ ପାଇ କେବଳ ମିଛା ପାଇବେ ମାତ୍ର ଯେଉଁମାନେ ଏ ବର୍ଷକୁ କବୁଲିୟତ ଦେଇ କାହାରି କଥା ଜଳ ନେଇ ନାହାନ୍ତି ସେମାନଙ୍କ ଜଗଦ ଟଙ୍କା ଫେରି ଦିଆଯିବ । ଗବର୍ଣ୍ଣମେଣ୍ଟ ଅଧିକ ଲେଖିଅଛନ୍ତି ଯେ ସନ ୧୮୭୦ ମସିହା ଜୁଲାଇମାସ ତା ୧୧ ରିଖ ପର୍ଯ୍ୟନ୍ତ ଯେଉଁ ଦିନ ଶ୍ରୀଯୁକ୍ତ କର୍ଣ୍ଣେଲ ସାହେବ ଏକଟଙ୍କା ଦରରେ କର ନେବାର ଘୋଷଣା ଦେଲେ ତହିଁପୂର୍ବରୁ ଯେଉଁମାନେ ଜଳ ନେଇଥିଲେ ସେମାନଙ୍କପ୍ରତି ମଧ୍ୟ ଏହି ଆଜ୍ଞା ପ୍ରବଳ ହେବ ।

ଏଥିରୁ ସ୍ପଷ୍ଟରୂପେ ଜଣାଯାଏ ଯେ ସନ ୧୮୭୦ ମସିହା ପ୍ରତି ପ୍ରଚାରିତ ମାଣ ପ୍ରତି ଏକଟଙ୍କାରୁ ଅଧିକ ଦରରେ କର ଗୃହୀତ ହେବ ନାହିଁ ଏ ସଂବାଦ ଆନନ୍ଦକର ଓ ନ୍ୟାୟଯୁକ୍ତ ଅଟଇ ମାତ୍ର ପାଠକମାନେ ଶୁଣି ଅଧିକ ଆନନ୍ଦିତ ହେବେ ଯେ ଶ୍ରୀଯୁକ୍ତ ଫେନବ ସାହେବଙ୍କ ପ୍ରସ୍ତାବ କ୍ରମେ ଏମନ୍ତ ଆଜ୍ଞା ଆସିଅଛି ଅତଏବ ଏହାଙ୍କୁ ଏ କାର୍ଯ୍ୟରେ ଗବର୍ଣ୍ଣମେଣ୍ଟ ନିଯୁକ୍ତ କରିବାରେ ଯେ ସବୁ ଶୁଭଫଳର ପ୍ରତ୍ୟାଶା ଅମ୍ଭେମାନେ କରିଥିଲୁଁ ସେ ସବୁ କ୍ରମେ ଦେଖିବାରେ ଆସୁଅଛି

---

## ଜରିବ କାର୍ଯ୍ୟ ଶିଖିବାର ନୂତନ ବନ୍ଦୋବସ୍ତ ।

ଓଡ଼ିଶାସ୍ଥ ଇଙ୍ଗ୍ରାଜିସ୍କୁଲ ସବୁ ଓ ଅନ୍ୟାନ୍ୟ ଶିକ୍ଷାର୍ଥୀମାନଙ୍କ ନିମିତ୍ତ ଗବର୍ଣ୍ଣମେଣ୍ଟ ମାସିକ ୧୦୦ ଟଙ୍କା ବେତନରେ ଜରିବ ଓ ଇଞ୍ଜିନିୟରି ବିଷୟ ଶିକ୍ଷା ଦେବା ନିମିତ୍ତେ ଏକଜଣ ଶିକ୍ଷକ ନିଯୁକ୍ତ ହେବାର ମଞ୍ଜୁର କରିଅଛନ୍ତି । ସେପ୍ଟେମ୍ବର ଅକ୍ଟୋବର ଓ ନବେମ୍ବର ମାସ ବାଲେଶ୍ୱରରେ, ଡିସେମ୍ବର, ଜାନୁଆରୀ ଓ ଫେବ୍ରୁଆରୀ ଏବଂ ପୁନର୍ବାର ଜୁନ, ଜୁଲାଇ ଓ ଅଗଷ୍ଟ କଟକରେ ଓ ମାର୍ଚ୍ଚ, ଏପ୍ରେଲ ଓ ମଇମାସ ପୁରୁଷୋତ୍ତମରେ ଉକ୍ତ ଶିକ୍ଷକ ଶିକ୍ଷା ଦେବେ । କଟକ ନର୍ମାଲସ୍କୁଲ ଓ ଓଡ଼ିଶାର ତିନି ଇଙ୍ଗ୍ରାଜି ସ୍କୁଲର ଉଚ୍ଚ ଟଙ୍କାରୁ ତାହାଙ୍କର ବେତନ ଓ ଗମ୍ୟଖର୍ଚ୍ଚ ଓ କାଗଜ ଖର୍ଚ୍ଚ ଦିଆଯିବ । ସେ ଜରିବ ଓ କିଛି ଇଞ୍ଜିନିୟରି ଶିଖାଇବେ । ଏ କାର୍ଯ୍ୟ ନିମନ୍ତେ କୌଣସି ବ୍ୟକ୍ତିଙ୍କୁ ମନୋନୀତ କରିବାର ଆଦେଶ ଇନସ୍ପେକ୍ଟର ସାହେବଙ୍କୁ ଅର୍ପିତ ହୋଇଅଛି ।

ଇଙ୍ଗ୍ରାଜି ଧାରାରେ ଜରିବ କାର୍ଯ୍ୟ ଶିଖିବାର ଆବଶ୍ୟକତା ଲୋକମାନେ ଅନେକଦିନୁ ବୁଝି ପାରିଥିଲେ, ମାତ୍ର ଗବର୍ଣ୍ଣମେଣ୍ଟ ବର୍ତ୍ତମାନକୁ ବ୍ୟୟକୁଣ୍ଠିତ ହେବାରୁ ସେଥିର କୌଣସି ଉପାୟ ହୋଇ ପାରି ନ ଥିଲା । ଡଲାଇ ଭାଗ୍ୟରେ ଶିକ୍ଷା ଛାଡ଼ିଲା ପରେ ବର୍ତ୍ତମାନ ଏ ନୂତନ ବନ୍ଦୋବସ୍ତ ହଠାତ୍ ହୋଇଅଛି । ଏଥିର ମୂଳକାରଣ ଏକପ୍ରକାର ଆମ୍ଭ କମିଶନର ରେଭେନସା ସାହେବ ଅଟନ୍ତି । ଶ୍ରୀଯୁକ୍ତ ବାବୁ ନନ୍ଦକିଶୋର ଦାସ ଡେପୁଟୀକଲେକ୍ଟରୀ କର୍ମରେ ନିଯୁକ୍ତ ହେବାରୁ ନୂତନ ନିୟମାନୁସାରେ ତାଙ୍କୁ ଅନ୍ୟାନ୍ୟ ବିଷୟ ସଙ୍ଗେ ଜରିବରେ ପରୀକ୍ଷା ଦେବାକୁ ହୁଅନ୍ତା; ମାତ୍ର ଶେଷୋକ୍ତ ବିଷୟ ଶିଖିବାର କୌଣସି ସୁବିଧା ଏଠାରେ ନ ଥିବାରୁ, ଶ୍ରୀଯୁକ୍ତ କମିଶନର ସାହେବ ତାଙ୍କୁ ପରୀକ୍ଷାରୁ ମୁକ୍ତ କରିବା ନିମିତ୍ତ ଅନୁରୋଧ କଲେ ଗବର୍ଣ୍ଣମେଣ୍ଟ ତାଙ୍କୁ ପରୀକ୍ଷାରୁ ମୁକ୍ତ ନ କରି ଦୁଇବର୍ଷ ଅବକାଶ ଦେଲେ ଓ ଶିକ୍ଷାବିଭାଗର ଡାଇରେକ୍ଟରଙ୍କୁ ଲେଖିଲେ ଯେ

Digitized by srujanika@gmail.com

Split by PDF Splitter



ନୂ ଉପାୟରେ ଜରିବ ଓ ଇଞ୍ଜିନୀୟରୀ ଶିଖିବାର ସୁବିଧା ଓଡ଼ିଶାରେ ହୋଇପାରେ ତାହା ବନ୍ଦୋବସ୍ତ କରିବେ । ଏଥିରେ ଓଡ଼ିଶାର ସ୍କୁଲଇନ୍‌ସ୍ପେକ୍ଟରଙ୍କ ପରାମର୍ଶ ଅନୁସାରେ ଉପରଲିଖିତ ବନ୍ଦୋବସ୍ତ ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି ।

ଅମ୍ଭେମାନେ ଏବେ ଭରସା କରୁଁ ଯେ ଏ ଦେଶ ନିବାସିମାନେ ତାହାଙ୍କ କଳ୍ପିତ ହୋଇଥିବା ଏ ନୂତନ ଉପାୟର ଯଥାର୍ଥ ଫଳଗ୍ରାହୀ ହେବେ । ଅମ୍ଭମାନଙ୍କର ଯେ କୌଣସି ଏକ ବ୍ୟବସାୟ ଶିକ୍ଷା କରିବା ନିତାନ୍ତ ଆବଶ୍ୟକ ଏହା ସମସ୍ତେ ସ୍ୱୀକାର କରିବେ । ଯାହା ପ୍ରଧାନ ବ୍ୟବସାୟ ମଧ୍ୟରୁ ଆଇନଶିକ୍ଷାର ଉପାୟ ପୂର୍ବରୁ ହୋଇଥିଲା, ବର୍ତ୍ତମାନ ଅନ୍ୟ ଏକ ବ୍ୟବସାୟର ଦ୍ୱାର ଅମ୍ଭମାନଙ୍କ ନିମନ୍ତେ ଉଦ୍‌ଘାଟିତ ହେଲା । ଏ ଦେଶୀୟ ଲୋକ ଜରିବ ବିଷୟ ଶିକ୍ଷା କରିବା ପରା ଶୁଣାର ପ୍ରଧାନ ଉଦ୍ଦେଶ୍ୟ ବୋଲି ଜାଣନ୍ତି, ଯେପରି ଇଙ୍ଗରେଜୀ ଜରିବ ଶିଖିବାରେ ସେମାନଙ୍କର ଏ ବିଷୟ ସମ୍ପର୍କୀୟ ସ୍ୱାଭାବିକ ଅନୁରାଗ ଦେଖାଯାଏ ।

ବର୍ତ୍ତମାନ ଅଦାଲତ ଓ ବଣ୍ଟୁଆରା ଅମିନମାନେ ଜରିବକାର୍ଯ୍ୟ ଉଚିତମତେ ଜାଣି ନ ଥିବାରୁ ଅନେକ ଗୋଲମାଲ ଉପସ୍ଥିତ ହୁଏ । ଅମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଅଛୁଁ ଏପରି ଏକ ନିୟମ ହେଉ ଯେ ଯେକେହି ଇଙ୍ଗରାଜୀ ଜରିବ ଓ ସେଥି ସମ୍ପର୍କୀୟ ଅନ୍ୟ ଆବଶ୍ୟକୀୟ ବିଷୟ ଶିଖି ନ ଥିବେ ତାଙ୍କୁ ଅମିନୀ କର୍ମରେ ମୋକରର କରାଯିବ ନାହିଁ । ଯେତେବେଳେ ଏ ସବୁ ଶିଖିବାର ଉପାୟ ନ ଥିଲା ସେତେବେଳେ ଏପ୍ରକାର ନିୟମ ହୋଇ ନ ଥିଲା, ବର୍ତ୍ତମାନ ହେଲେ ଅତି ଉତ୍ତମ ହେବ । ଜରିବ କରିବା ପରେ କୌଣସି ଭୂମିର ନକ୍ସା କଲେ ଉତ୍ତର କାଳରୁ କୌଣସି ବିବାଦର କାରଣ ରହିବ ନାହିଁ । ଏରୂପ ନକ୍ସା ଇତ୍ୟାଦି କରିବା ଇଂରାଜୀ ଜରିବକାର୍ଯ୍ୟ ନ ଶିଖିଥିଲେ ହୋଇ ପାରିବ ନାହିଁ ।

---

## ନୂତନ ଓଜନର ଆଇନ ।

ଭାରତବର୍ଷର ସବୁ ଆଡ଼େ ଏକପ୍ରକାର ମାପ ଚଳାଇବା ନିମନ୍ତେ ଗବର୍ଣ୍ଣମେଣ୍ଟ ଏକ ଆଇନ କରିଅଛନ୍ତି । ଏ ଆଇନରେ କଠିନ ଓ ତରଳ ଦୁଇପ୍ରକାର ଦ୍ରବ୍ୟ ଓଜନର ନିୟମ ହୋଇଅଛି । କଠିନଦ୍ରବ୍ୟ ପରିମାଣର ସେର ଫରାସିଦେଶସ୍ଥ କିଲଗ୍ରାମ ଓଜନ ସଙ୍ଗେ ଏକ ହେବ । ଏକ କିଲୋଗ୍ରାମ ପ୍ରାୟ ୨ ୮୦ ର ସମାନ । ଅତଏବ ଆମ୍ଭ ଦେଶର ପକ୍କା ଅର୍ଥାତ୍ ବାଲେଶ୍ୱରୀ ସେରରୁ ସରକାରୀ ସେର ୨ ୧୦ ଅଧିକ ହେବ । ତରଳପଦାର୍ଥ ପରିମାଣର ଏହି ନିୟମ କରାଯାଇଅଛି ଯେ ପ୍ରାୟ ବରଫତୁଲ୍ୟ ଶୀତଳ ଏକସେର ଓଜନ ଜଳ ଯେତେ ଆୟତନ ମାତ୍ର ରହିବ ତାହା ଏକସେର ତରଳ ପଦାର୍ଥର ପରିମାଣ ହେବ । ସେରର ଉପର ଓଜନର ପରିମାଣ କେତେ ହେବ ଓ କି ନାମରେ ଡକାଯିବ ଏହା ଏଥିରେ ସ୍ଥିର ହୋଇ ନାହିଁ । ଏହା ଦେଶର ବ୍ୟବହାର ଓ ଆବଶ୍ୟକତା ଦେଖି ସ୍ଥିର ହେବ । ଏ ବିଷୟରେ ଯେଉଁ ଦେଶ ନିମନ୍ତେ ଯାହା ହେବ ଗବର୍ଣ୍ଣମେଣ୍ଟ ବିଜ୍ଞାପନଦ୍ୱାରା ସମସ୍ତଙ୍କୁ ଜଣାଇବେ । ଏହିସବୁ ଓଜନ ବ୍ୟବହାର ସବୁଲୋକମାନଙ୍କୁ କରିବାକୁ ହେବ ନାହିଁ ବର୍ତ୍ତମାନ କେବଳ ସରକାରୀ ଅଫିସ ଓ ରେଲଓଏ ଓ ମିଉନିସିପାଲ ସଭାଦ୍ୱାରା ଅବଲମ୍ବିତ ହେବ ।

ଶେଷୋକ୍ତ ନିୟମ ଉତ୍ତମ ହୋଇଅଛି । କାରଣ ପ୍ରଥମେ ଯେପରି ଶୁଣାଥିଲା ଯେ ଦେଶୀୟ ଓଜନ ରହିତ ହୋଇ ସର୍ବସ୍ଥାନରେ ସମସ୍ତଙ୍କଦ୍ୱାରା ନୂତନ ଓଜନ ଚଳିବ ସେପରି ହୋଇଥିଲେ ଅତ୍ୟନ୍ତ ଅତ୍ୟାଚାର ହୋଇଥାନ୍ତା । କାରଣ ନୂତନ ଓଜନ ସହଜରେ ଏ ଦେଶୀୟଲୋକଙ୍କ ହୃଦୟଙ୍ଗମ ହେବ ନାହିଁ ଓ ଏପରି ଜୋରକରି ଚଳାଇବାକୁ ଗଲେ ସମସ୍ତେ ଅସନ୍ତୁଷ୍ଟ ହୁଅନ୍ତେ । ଓ ଅନେକ ସ୍ଥଳରେ ସରକାରୀ ଚାକରମାନେ ଅର୍ଥଲୋଭରେ ଲୋକଙ୍କୁ ବୃଥା ପୀଡ଼ା ଦିଅନ୍ତେ । ମାତ୍ର ବର୍ତ୍ତମାନ ନିୟମ ଅନୁସାରେ ପ୍ରଥମେ ସରକାରୀ ଓ ରେଲଓଏ ଅଫିସରେ ଚଳିଲେ କ୍ରମେ ଅନ୍ୟ ମାନେ ସ୍ୱଇଚ୍ଛାରେ ଚଳାଇବେ ।

---

## ରୟତର ଭୂମିରେ ସ୍ୱତ୍ୱ ।

କି ଉପାୟରେ ପ୍ରଜାଠାରୁ ଭୂମିକର ସହଜରେ ଆଦାୟ ହେବ ଏ ବିଷୟର ପ୍ରସ୍ତାବ କରିବା କାରଣ ଗତ ରବିବାର [illegible] ସଭା ହୋଇଥିଲା । ଏ ବିଷୟର ତର୍କ ବିତର୍କ ହେବା ପୂର୍ବେ ରୟତର ଭୂମିରେ କି ସତ୍ତ୍ୱାଧିକାର ଅଛି ଏହା ସେଠା ଅନେକ ତର୍କ ହେଲା । ଏ ବିଷୟ ଉତ୍ଥାପିତ ହେବାର କାରଣ ଏହି ବୋର୍ଡରେଭେନ୍ୟୁ ସ୍ଥିର କରିଅଛନ୍ତି ଯେ ଯଦ୍ୟପି ଥାନୀ ରୟତର ଆଦିପୁରୁଷଠାରୁ ଜମି ତାହାର ସନ୍ତାନମାନଙ୍କ ମଧ୍ୟରେ ଦଖଲ ହେଉଅଛି ଓ ତାହାର ବଂଶରେ ଅବ୍ୟାହତରେ ଦଖଲ ହେଉଅଛି ତେବେ ତାହା ବାକି ଖଜଣା ଅଦାୟ ନ କଲେ ଉଚ୍ଛେଦ ହୋଇ ପାରେ । ସୁତରାଂ ଜମିଦାର ରୟତଙ୍କୁ ବାକି ଖଜଣା ପାଇଁ ବେଦଖଲ କରିବାର ଯେ ବିଧି ଅଛି ତାହା ରହିତ ହେବ ଓ ରୟତର ଭୂମିରେ ସତ୍ତ୍ୱାଧିକାର ସ୍ଥାପନ ହେବ ଓ ମଧ୍ୟ ସେ ଥାନୀ ଜମି ସମୁଦାୟ କିମ୍ବା ତହିଁର ଅଂଶ ବିକ୍ରୟ ବା ଅନ୍ୟପ୍ରକାର ହସ୍ତାନ୍ତର କରିପାରିବ ।

ତାହାଙ୍କର ଏପରି ମତ ହେବାରୁ ଶୁଣି ଜମିଦାରମାନେ ଶଙ୍କାଯୁକ୍ତ ହୋଇଅଛନ୍ତି କାରଣ ତାଙ୍କର ଆୟର ଅନେକ ହ୍ରାସ ହେଉଅଛି ଓ ଥାନିରୟତ ଜମିଦାର ତୁଲ୍ୟ ହେଉଅଛି । ଏ ବିଷୟରେ କେତେକ ସଭ୍ୟ କେତେକପ୍ରକାର କଥା କହିଲେ । କେହି ହଠାତ ବୋଲି ବୋଇଲେ ଯେ ଯଦ୍ୟପି ସରକାର ଏତାଦୃଶ ଅଧିକାର ରୟତଙ୍କୁ ଦେଉଅଛନ୍ତି ତେବେ ଏତେକ ନିୟମ କରନ୍ତୁ ଯେ ଜମିଦାରର ବିନା ଅନୁମତିରେ ରୟତ ଥାନୀପଟ୍ଟାଭୂମି ବିକ୍ରୟ କରି ନ ପାରିବ କିମ୍ବା ତହିଁର କୌଣସି ଅଂଶ ନ ବଣ୍ଟିବ । ବିଭାଗ ହେଲେ ସମୁଦାୟ କାରଣ ତହିଁର ଏକ ଏକ ଅଂଶ ଭିନ୍ନ ଭିନ୍ନ ଲୋକଙ୍କୁ ବିକ୍ରୟ ହେଲେ ଭୂମି ଖଣ୍ଡ ଖଣ୍ଡ ହୋଇଯିବ ଓ ରୟତ କଣ୍ଡୁକଖଣ୍ଡ ଅପେ ରଖି ଅନ୍ୟକୁ ଭୂମି ବିକ୍ରୟ କରିଦେଲେ ତହିଁର ପରିମାଣାନୁସାରେ କେତେ ଟଙ୍କା କର ଅଦାୟ ହୋଇ ନ ପାରେ ସୁତରାଂ ଜମିଦାରର ହାନି ହେବ । କେହି କେହି ଦେଶହିତୈଷୀ ସଭ୍ୟ ନାନା ଭଙ୍ଗୀ ଓ ଉଚ୍ଚସ୍ୱରରେ କହିଲେ ଯେ ପ୍ରଜାଙ୍କୁ ଏରୂପ ସତ୍ତ୍ୱାଧିକାର ଦେଲେ ଦେଶର ମଙ୍ଗଳ ହେବ । ଭୂମିର ମୂଲ୍ୟ ଧାର୍ଯ୍ୟ କରିବା ଆବଶ୍ୟକ ଉଚିତ ଏପରି ସତ୍ତ୍ୱ ନ ହେଲେ ଭୂମିର ମୂଲ୍ୟ ହୋଇ ନ ପାରେ ଯେତେ ପ୍ରକାରରେ ଭୂମିର ମୂଲ୍ୟ ହୋଇପାରେ ତେତେକ ଭଲ । ଏ ବିଷୟ ଏହିପରି ରହିଲା ତହୁଁ କି ଉପାୟରେ ଭୂମିକର ଅନାୟାସରେ ଆଦାୟ ହେବ ଏ ବିଷୟରେ କିଛି ତର୍କ ହେଲା କିନ୍ତୁ କିଛି ଠିକ ନ ହେଲା ପରଶେଷରେ ଏହି ସ୍ଥିର ହେଲା ଯେ ସାତଅଠଜଣ ଜମିଦାର ସଭ୍ୟ ଏ ବିଷୟ ସମ୍ବନ୍ଧରେ ପ୍ରସ୍ତାବନାମ ଲେଖି ଆଗାମୀ ସଭାରେ ଅର୍ପଣ କରିବେ ।

ଅମ୍ଭମାନଙ୍କ ବିବେଚନାରେ ଥାନୀ ରୟତ ଭୂମିର କର ଯେ ପର୍ଯ୍ୟନ୍ତ ଦେଉଥିବ ସେ ପର୍ଯ୍ୟନ୍ତ ତାହା ଦଖଲ କରିବା ଭିନ୍ନ ତହିଁରେ ତାହାର ଅନ୍ୟ କୌଣସି ସତ୍ତ୍ୱାଧିକାର ନାହିଁ । କାରଣ ବନ୍ଦୋବସ୍ତ ବିବାଦରେ ସ୍ପଷ୍ଟ ଲେଖା-

Digitized by srujanika@gmail.com

...ଯେ ଥାନା ଉଠାଇ ଆପଣା ଜମିକୁ ନେବାକୁ ... କୌଣସି ପ୍ରକାର ବନ୍ଦୋବସ୍ତ ... ନ ପାରେ; ଯହିଁରେ ତାହାର ମୌରସୀ ... ନାହିଁ ଓ ଯହିଁରେ ଥିବା ଆମ୍ର ପ୍ରଭୃତି ... ଜାତୀୟ ବୃକ୍ଷ ଜମିଦାର ବନ୍ଦୋବସ୍ତରେ ... ଦେଇ ନ ପାରେ । ଅମ୍ଭେମାନେ ... ବୋର୍ଡରେବନ୍ୟୁ ଏପରି ନିୟମ ... ବିନା ଉପସ୍ଥିତ ହୋଇ ରସ୍ତର ସତ୍ୱାଧିକାର ... କରିଅଛନ୍ତି, ତାଙ୍କ ଥରେ ଦେଖାଇ ଦେଲେ ... ଭୁଲ ହୋଇ ରହିବେ । ତେବେ ଜମିଦାର ... ଙ୍କେ ତ ସର୍ବାଂଶେ ଗ୍ରାହ୍ୟ ଓ ଅପ୍ରୋଚିତ ହେଉ... ? ଯଦ୍ୟପି କୌଣସି ଥାନା ଜମି ରସ୍ତର ... ସର୍ବାଂଶେ ଅଦାଲତରେ ଦଖଲ ହୋଇଅଛି ... ତାହା ଜମିଦାରର ଅଜ୍ଞତା ହେତୁରୁ ... ଯାଇଅଛି ସେ ଆପତ୍ତି କରିଥିଲେ ତଥାପି ... ହୋଇ ନ ଥାନ୍ତା ଓ ଶୁଣିବାରେ କେତେ... ଜମିଦାର ନୁକ୍ସାନ ହେବାର ଏପରି ନି... ସ୍ଥିର ହୋଇଅଛି । ନୂତନ ଥାନା ରସ୍ତ... ଭୂମିରେ ସତ୍ୱାଧିକାର ନାହିଁ ଓ ହୋଇ ପାରେ । ଭୂମିର ସମ୍ବନ୍ଧରେ ଅଦାପି ... ପତ୍ରରେ ଜମିଦାର ସଭ୍ୟମାନଙ୍କର ପ୍ର... ଆଗାମୀ ଥରରେ ଶୁଣିଲା ଉତ୍ତାରୁ ଉକ୍ତ ବି... ଉପର ଅମ୍ଭମାନଙ୍କର ମତ ପ୍ରକାଶ କରିବୁ ।

# ସାପ୍ତାହିକ ସଂବାଦ

...ତାଙ୍କରେ ବାବୁଲାଲ ନାମକ ଜଣେ ବ୍ୟକ୍ତି ...ମାଏ ୯ ବା ୧୦ ବର୍ଷର ବାଳିକାପ୍ରତି ...ହାଙ୍କ କରିଥିବା ଅପରାଧରେ ଦୋଷମୁକ୍ତ ... ହୋଇଅଛି । ସେ ବାଳିକାଟି ଏପରି ...ଗ୍ରସ୍ତ ହୋଇଥିଲା ଯେ ତାହାର ବଞ୍ଚିବାର ... ନ ଥିଲା ଡାକ୍ତରଙ୍କ ଚେଷ୍ଟାରେ ସେ ...ମୁକ୍ତ ପାଇଲା । ଏତାଦୃଶ ଅଳ୍ପବୟସ୍କା ଓ ... ବାଳିକାକୁ ଉକ୍ତ ରୂପେ ବଳାତ୍କାର ...ବାର ଅମ୍ଭେମାନେ ତାହାପ୍ରତି ଅତ୍ୟନ୍ତ ... ହୋଇଥିଲୁଁ କିନ୍ତୁ ଏବେ ବିଦେଶ ଗଜେ... ଅବଗତ ହେଲୁଁ ଯେ କୌଣସି ସ୍ଥାନରେ ... ଗୋଟିଏ ପାଞ୍ଚବର୍ଷର ବାଳିକାକୁ ବଳାତ୍କାର ...ର ଦୋଷମୁକ୍ତ ହୋଇଅଛି । କି ଚମତ୍କାର ! ... ବୟସରୁ ସେ ବଞ୍ଚିଗଲା ।

...ଗ୍ରରେ ଶୁଣିଅଛୁଁ ଯେ କୃଷ୍ଣଙ୍କ ଗୋଟିଏ ...ଣୀ ଗର୍ଭରୁ ଜନ୍ମ ହୋଇଥିଲେ ବର୍ତ୍ତମାନ ...ର୍ଣ୍ଣ କୁ ପଢିବା ବୋଲନ୍ତି ଯେ ମଧ୍ୟପ୍ରଦେଶର ସ୍ଥାନବିଶେଷରେ ଗୋଟିଏ ଗାଈ ମନୁଷ୍ୟ ବାଳିକାଟିଏ ପ୍ରସବ କରିଅଛି । ଏଥିର ଯଥାର୍ଥ ବୃତ୍ତାନ୍ତ ଉଦନ୍ତ କରି ସେ ପଶ୍ଚାତ୍ ଲେଖିବେ ।

ପୁଲିସ ବିରୁଦ୍ଧ ମକଦ୍ଦମା ଉଠା... ପକ୍ଷରେ ପୁଲିସ ଓ ମେଜିଷ୍ଟ୍ରେଟଙ୍କର କିଛି କର୍ମ କରିବା କଥେୟ ତଦ୍ବିଷୟରେ ଲେପ୍‌ଟେନାଣ୍ଟ ଗବର୍ଣ୍ଣର ସାହେବ ନୂତନ ନିୟମାବଳୀ ପ୍ରଚାର କରିଅଛନ୍ତି ଏଥିରେ ଅନେକଗୁଡିଏ ନୂତନ ନିୟମ ଅଛି ଓ ସେ ସମସ୍ତ ଅମ୍ଭମାନଙ୍କର ମନୋନୀତ ଅଟେ । ସ୍ଥାନାଭାବ ହେତୁରୁ କେବଳ ଗୋଟିଏ ନିୟମ ପାଠକଙ୍କ ଗୋଚରାର୍ଥେ ଉଲ୍ଲେଖ କରୁଅଛୁଁ । ବର୍ତ୍ତମାନ ଯେ ପୁଲିସ ଆସାମୀକୁ ଧରିକରି ସ୍ୱାଦବାସ୍ତ କ୍ଷଣଦ୍ୱାରା ମେଜିଷ୍ଟ୍ରେଟଙ୍କୁ ପଠାଇଦେଇ ମକଦ୍ଦମା ଉଦନ୍ତରେ ରହିଅଛନ୍ତି ଏଣେ ଆସାମୀ ଅନେକଦିନ ପର୍ଯ୍ୟନ୍ତ ହାଜତରେ ସଡୁଅଛି ଏପରି ଆଉ ହୋଇ ନ ପାରିବ । ମକଦ୍ଦମା ତଦାରକ ଶେଷ ପୂର୍ବେ ଆସାମୀକୁ ସ୍ୱାଦବାସ୍ତ ଦଲିଲଦ୍ୱାରା ପଠାଇବାକୁ ହେଲେ କପ୍ରମାଣରେ ସେ ଧରା ହେଲା ସେ ପ୍ରମାଣ ସହିତ ମେଜିଷ୍ଟ୍ରେଟଙ୍କ ପଠାଇବାକୁ ହେବ ଓ ମେଜିଷ୍ଟ୍ରେଟସାହେବ ସେ ପ୍ରମାଣ ଓ ଆସାମୀର ଜବାବ ନେଇ ଯେପରି ଅବସ୍ଥାରେ ତାକୁ ରଖିବାର ଉଚିତ ଜାଣିବେ ସେପରି କରିବେ ।

ଏ ବାଲେଶ୍ୱର ସମ୍ବାଦବାହିକା ଲେଖିଅଛନ୍ତି ଯେ ଏ ନଗରରେ ଗୋଟିଏ ନିକୃଷ୍ଟ ଜାତୀୟା ଦୁଷ୍ଟାସ୍ତ୍ରୀ ଆପଣା ସ୍ୱାମୀକୁ ମୂଷଳି ଦ୍ୱାରାରେ ମାରି ପକାଇଅଛି । ଅପରାଧ ଏହି, ସ୍ତ୍ରୀ ପୁରୁଷ ଉଭୟଙ୍କ ମଧ୍ୟରେ ଗାର୍ହସ୍ଥ୍ୟ ବିଷୟରେ କିଛି କଳହ ହୋଇଥିଲା ।

ଏ ବାଲେଶ୍ୱର ଜିଲାର ଡେପୁଟି ଇନ୍ସପେକ୍ଟର ଅଫ୍ ସ୍କୁଲ୍‌ସ ବାବୁ ଜଗଦୀଶ ନାଥ ଗୁପ୍ତ ଛଅମାସ ନିମନ୍ତେ ବିଦାୟ ଗ୍ରହଣ କରିଅଛନ୍ତି ଏବଂ ତାହାଙ୍କ ପଦରେ ଢାକାର ଅସିଷ୍ଟାଣ୍ଟ ଇନ୍ସପେକ୍ଟର ବାବୁ ... ସାହେବ ... ନିଯୁକ୍ତ ହୋଇ ବାଲେଶ୍ୱରରେ ପହଞ୍ଚି କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ।

ଏ ବର୍ଷ ଏ ଅଞ୍ଚଳରେ ଅଧିକ ଧାନ ହୋଇଥିବାରୁ ଧାନର ଦର ବେଶୀ ହେବାର ଯେଉଁ ଆଶା ଥିଲା ତାହା ପ୍ରାୟ ବିଫଳ ହେବାର ଜଣାଯାଏ; କାରଣ ପ୍ରାୟ ଦୁଇମାସଠାରୁ ନେ... ଲଙ୍କାମାନେ ଅନେକ ଜାହାଜ ଘେନି ପହଞ୍ଚି ଅଛନ୍ତି, ଧାନ ଚାଉଳକୁ କଟାକପର ମୂଲ୍ୟ ବସି ଅଛନ୍ତି । ଏବଂ ଯାହାଙ୍କଠାରୁ ଆସୁଅଛି ତାହା କ୍ରୟ କରୁଅଛନ୍ତି ।

ଡାକ୍ତିଲଙ୍କର ଏକ ସଂବାଦ ପତ୍ର ଲେଖୁଅଛନ୍ତି ଯେ ସେ କୌଣସି ଅତି ବିଶ୍ୱାସୀ ବ୍ୟକ୍ତିଠାରୁ ଶୁଣିଅଛନ୍ତି କି ଇନ୍‌କମଟାକ୍ସ ଆସନ୍ତା ମାର୍ଚ୍ଚ ମାସ ଉତ୍ତାରୁ ଆଉ ନିଆଯିବ ନାହିଁ । ଏଥିରେ ଇଣ୍ଡିଆନ ଡେଲିନ୍ୟୁସ ସନ୍ଦେହ କରନ୍ତି । ଅମ୍ଭମାନଙ୍କର ମଧ୍ୟ ଉପରଲିଖିତ ସଂବାଦରେ ବିଶ୍ୱାସ ହେଉ ନାହିଁ । ମିଷ୍ଟଦ୍ରବ୍ୟ କେହି ଥରେ ଖାଇଲେ କି ଶୀଘ୍ର ଛାଡେ ?

ଯଦି ଗବର୍ଣ୍ଣମେଣ୍ଟର କୌଣସି ଚାକରକୁ କୌଣସି ବିଦେଶୀୟ ଅଥବା ଦେଶୀୟ ରାଜାଙ୍କ ଧାନୀ ଭାବେ କର୍ମ କରିବାକୁ ପଠାଯାଏ, ସେ ତାହାଠାରୁ ପେନ୍‌ସନ ପାଇବ ଏ ବିଷୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଲେଖିଲେ ଯେ ସେ ଗବର୍ଣ୍ଣମେଣ୍ଟରୁ ପେନ୍‌ସନ ପାଇବ ।

ହିନ୍ଦୁପେଟ୍ରିୟଟ ବୋଷ୍ଟନ ନଗରସ୍ଥ କୌଣସି ସମ୍ବାଦପତ୍ରରୁ ଅବଗତ ହୋଇଅଛନ୍ତି ଯେ ଆମେରିକାରେ ଇଉନାଇଟେଡ୍‌ଷ୍ଟେଟସର ବର୍ତ୍ତମାନ ସଭାପତି ଜେନେରଲ ଗ୍ରାଣ୍ଟ କର୍ମ ତ୍ୟାଗ କଲେ ତାଙ୍କ କର୍ମପ୍ରାର୍ଥୀଙ୍କ ମଧ୍ୟରେ ଭିକ୍ଟୋରିଆ ନାମକ ଏକସ୍ତ୍ରୀ ଅଛନ୍ତି । ଏ ସ୍ତ୍ରୀ ନଉସ୍ୟଙ୍କ ନଗର ନିବାସିନୀ ଓ ବଣିଆ, ଦଲାଲ, ସମ୍ବାଦପତ୍ର ସମ୍ପାଦକ ଓ ଗ୍ରନ୍ଥକର୍ତ୍ତ୍ରୀ ଅଟନ୍ତି ।

ଗବର୍ଣ୍ଣର ଜେନରଲ ଲାହୋର ନଗରରେ ପହଞ୍ଚିବା ଦିନ ଉକ୍ତ ନଗରକୁ ଉଜ୍ଜ୍ୱଳ କରିବା ନିମନ୍ତେ ନଗରୀୟକାର୍ଯ୍ୟ ସମ୍ପାଦକ ସମାଜ ଓ ଇଉରୋପୀୟ ଓ ଦେଶୀୟ ଲୋକମାନେ ଚାନ୍ଦା କରିଥିଲେ ଏଥିରେ ସେଠା ନିବାସୀ ଦେଓ୍ୱାନ ରତନଚାନ୍ଦ ସେମାନଙ୍କୁ ଲେଖିଅଛନ୍ତି ଯେ ରୋଷନାଇ କରିବାର ସବୁ ବ୍ୟୟ ସେ ନିଜେ ଦେବେ । ଚାନ୍ଦା କରିବାର ଆବଶ୍ୟକ ନାହିଁ ।

ଶ୍ରୀମନ୍ଦେଶର ଗୁଡ଼ା ତଲିଙ୍ଗାନା ... ଦିନ କଲିକତା ନଗରକୁ ଯାତ୍ରା କରିବେ ।

ଯେ, ଡ, ମେକନିଲ ସାହେବ ଛୁଟିନେଇ ଅନୁପସ୍ଥିତ ଥିବା ସମୟରେ ଏଫ, ବି, ପିକକ ସାହେବ ରେବନ୍ୟୁ ବୋର୍ଡର ସେକ୍ରେଟେରୀ ସ୍ୱରୂପ କାର୍ଯ୍ୟ କରିବେ । ଏଚ, ଏଲ, ଡେମ୍ପିଅର ସାହେବ ଉକ୍ତ କାଳ ନିମନ୍ତେ ବୋର୍ଡର ଜୁନିୟର ସେକ୍ରେଟେରୀ ହେବେ ।

ବମ୍ବେ ଗେଜେଟର ଲେଖିଅଛନ୍ତି ଯେ ଇଂଲଣ୍ଡ ଯହିଁର କି ଶୁଳ୍କ ଦେବାକୁ ହେବ

Digitized by srujanika@gmail.com

ବର୍ତ୍ତମାନ ୧୬୮୫୮୮ ମହଣ ହୁଗଲି ନଦୀରେ ଜୋକାଦରେ ଅଛି ।

ଗବର୍ଣ୍ଣମେଣ୍ଟ ବିଜ୍ଞାପନ ଦେଇଅଛନ୍ତି ଯେ ସନ ୧୮୭୨ ସାଲରେ ବିକ୍ରୀ ନିମନ୍ତେ ୪୨୯୦୦ ସିନ୍ଦୁକ ଅଫିମ ପ୍ରସ୍ତୁତ ଅଛି ।

ବଙ୍ଗଳା ଗବର୍ଣ୍ଣମେଣ୍ଟର ବ୍ୟବସ୍ଥାପକ ସଭାର ପ୍ରଥମ ଅଧିବେଶନ ଚଳିତମାସ ତା ୯ ଇଙ୍ଗରେ ହେବ ।

ରୁଷଦେଶ ବାଦସାହା ସରକେଶୀୟା ପ୍ରଦେଶ ଦେଖିଥିବାର ଚିହ୍ନ ସ୍ୱରୂପ ସେଠାରେ ଗୋଟିଏ ବସ୍ତ୍ରବିଦ୍ୟାଳୟ ସ୍ଥାପନ ନିମନ୍ତେ ଆଦେଶ କରିଅଛନ୍ତି ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ଚୀନଦେଶରେ ପେକିନ ନଗରରେ ଗୋଟିଏ ଅତି ବୃହତ୍ ଆକାର ସମ୍ବାଦପତ୍ର ଅଛି । ଉକ୍ତ ସମ୍ବାଦପତ୍ର ହଜାର ବର୍ଷରୁ ଊର୍ଦ୍ଧ୍ୱ ହେବ ଚଳୁଅଛି ଓ ତାହା ପ୍ରତିସପ୍ତାହ ରେଶମୀ କାଗଜରେ ଛପା ହୁଏ । ସନ ୧୮୨୬ ମସିହାରେ କୌଣସି ସରକାରୀ ଅମଲା ବହୁତ ମିଥ୍ୟାକଥା ସେଥିରେ ଛପାଇ ଥିବାରୁ ତାହାର ପ୍ରାଣଦଣ୍ଡ ହୋଇଥିଲା ।

ହାଇକୋର୍ଟ ଏକ ସରକ୍ୟୁଲର ଜାହିର କରିଅଛନ୍ତି ଯେ ସିରସ୍ତାଦାରମାନେ ମକଦ୍ଦମା ଇଜ୍‌ଲାସ ସମୟରେ ଜଜସାହେବଙ୍କ ନିକଟରେ ବସି ରହିବେ ନାହିଁ । ଏଥିର ପ୍ରଥମକାରଣ ଲେଖା ଅଛି ଯେ ଏପ୍ରକାର ନ କଲେ ଲୋକଙ୍କ ମନେ ସିରସ୍ତାଦାରଙ୍କ କ୍ଷମତା ଓ ମର୍ଯ୍ୟାଦା ବିଷୟରେ ଭ୍ରମ ଜନ୍ମେ ଏବଂ ଦ୍ୱିତୀୟ କାରଣ ଯେ ସେ ପ୍ରକାର ଜଜସାହେବଙ୍କ ନିକଟରେ ଥିବାରୁ ତାଙ୍କର କାର୍ଯ୍ୟଦକ୍ଷତା ଓ ପାରଗତା ବିଷୟରେ ଉଚିତ କର୍ମରେ ଲାଗେ ନାହିଁ ।

ପ୍ରୋଫେସର ମୋକ୍ଷମୂଲରସାହେବ ତାଙ୍କ ସଂସ୍କୃତ ବ୍ୟାକରଣ ସଂଶୋଧନ ଓ ବର୍ଦ୍ଧିତ କରି ପୁନର୍ବାର ମୁଦ୍ରିତ କରିଅଛନ୍ତି ।

ଆଜମୀରର ପ୍ରସ୍ତାବିତ ରାଜକୁମାର କାଲେଜ ଯାହା ରାଜକୁମାରମାନଙ୍କ ଶିକ୍ଷା ନିମନ୍ତେ ହେବ ସେଥିର ପତ୍ତନ ଜୟପୁର ରାଜାମାନଙ୍କ ପଦଅନୁଷ୍ଠାନ କରିବା ନିମନ୍ତେ ଶ୍ରୀଯୁକ୍ତ ଗବର୍ଣ୍ଣର ଜେନେରଲ ବାହାଦୂର ମହାରାଜଙ୍କ ପାଇଁ ଅର୍ପଣ କରିଅଛନ୍ତି ।

ହିନ୍ଦୁପେଟ୍ରିଅଟ ଲେଖିଅଛନ୍ତି ଯେ ଯେଉଁ ରାଜା, ସର୍ଦ୍ଦାର ଓ ତାଲୁକଦାରମାନେ ଗବର୍ଣ୍ଣର ଜେନେରଲଙ୍କ ସଙ୍ଗେ ଗତ ଏପ୍ରେଲମାସରେ ଭ୍ରମଣ କରିଥିଲେ ସେମାନଙ୍କୁ ସନ୍ତୋଷାର୍ଥେ ସେ ବହୁତ ଉତ୍ତମ ପୁରସ୍କାର ଦେଇଅଛନ୍ତି ।

## ପ୍ରେରିତ ପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ–ଖୋରଧା ସଂଲଗ୍ନ ଭଇଆବାଡ଼ ନାମଧେୟ ଗ୍ରାମବାସୀ ରଘୁନାଥ ଗୃହନାମକ ଜଣେ ସ୍ୱଜାତୀୟଙ୍କି, ଲବଣପ୍ରଗନ୍ନାନ୍ତର୍ଗତ, କେନ୍ଦ୍ରଶି ଏକ ଗ୍ରାମରେ ଜଣେ ସାହେବଙ୍କ ନିକଟ କାର୍ଯ୍ୟାଳୟର କେରାଣୀ ମାଧବଚନ୍ଦ୍ର ନେଉଗୀ ନାମକ ଜଣେ ବଙ୍ଗାଳୀ ବାବୁ ନିକଟରେ, ଇତିପୂର୍ବ କର୍ମ କରୁଥିଲା । ଗତ ଦୁର୍ଗୋତ୍ସବ ପଞ୍ଚମୀ ପୂର୍ବଦିବସ ଦିନରେ, ଗୁପ୍ତରୂପେ ବାବୁଙ୍କର ସ୍ୱକୀୟ ପୁଅ କଇଶାଦଙ୍କର ପ୍ରାୟ ୨୫୦୦ଙ୍କା ମୂଲ୍ୟର ସୁବର୍ଣ୍ଣ ଓ ରୌପ୍ୟାଲଙ୍କାର ବାକ୍ସସହିତ ଚୋରି କରି ଆଣି, ଗଢ଼ଜାତରେ ହୋଇ, ପଳାଇ ଆସିଥିଲା; ଆଜକୁ ଦ ୪ ନ ହେବ, ଉକ୍ତ ବାବୁ ତାହାର ଅନ୍ୱେଷଣାଭିଲାଷରେ ଇଷ୍ଟଡ୍ୟ ମାକେଞ୍ଜି ସାହେବଙ୍କ ଠାରୁ ଓୟାରେଣ୍ଟ ସମ୍ବଳିତ, କଲିକତା ଡିଟେକ୍ଟିଭ ପୁଲିସର ଜଣେ ହେଡକନଷ୍ଟବଲ ସଙ୍ଗେ ମଧ୍ୟବର୍ତ୍ତୀ, ସମସ୍ତ ନଗର ଓ ଗ୍ରାମମଧ୍ୟରେ ତାହାର ସନ୍ଧାନ କରି ଅବଶେଷରେ ଏଠାରେ ଉପସ୍ଥିତ ହୋଇଥିଲେ । ଅଧଭି ଜେ. ମାକେଞ୍ଜି ସାହେବଙ୍କ ଆଜ୍ଞାନୁସାରେ, ସ୍ଥାନୀୟ ପୁଲିସଷ୍ଟେସନର ସବ୍ଇନ୍‌ସ୍ପେକ୍ଟର ଓ ଦୁଇଜଣ ହେଡକନଷ୍ଟବଲଙ୍କ ସାହାଯ୍ୟରେ, ଆସାମିକୁ ଗିରଫତାର କରି, ପ୍ରାୟ ଦୁଇଦିନ ପର୍ଯ୍ୟନ୍ତ ମାଲ ତଲାସିରେ ଛନ୍ତି, କଷ୍ଟ ପ୍ରାପ୍ତ ହେବାରୁ, ଅବଶେଷରେ ସାହେବ ମହାଶୟଙ୍କ, ଉପଦେଶ ମତେ, ଅନୁସନ୍ଧାନ ନିମନ୍ତେ ଏକ ଦରଖାସ୍ତ ଦେଇ ମାଲ ବାହାରକରିବାରୁ ୨୫୦ ଙ୍କାର ପୁରସ୍କାର ଦେବାର ସ୍ୱୀକାର କରି ସ୍ୱଦେଶାଭିମୁଖେ ପ୍ରତ୍ୟାବର୍ତ୍ତନ କରିଅଛନ୍ତି । ଆସାମି ପାଖରେ ଥିବାରୁ ତଲାସ ନ ହୋଇ ଅଦ୍ୟାବଧି ହାଜତରେ ଅବରୁଦ୍ଧ ଅଛି; ଇତିମଧ୍ୟେ ଲକପ୍ ହେଡକନଷ୍ଟବଲ ବାବୁ ରତନସିଂହ ପ୍ରସ୍ତାବିତ ପୁରସ୍କାର ଓ ଇନସାଫଦାର ପ୍ରଶଂସାରେ ସ୍ୱଚ୍ଛନ୍ଦ ପ୍ରକାଶପୂର୍ବକ, ଆସାମିଠାରୁ ମାଲ ଥିବା ସ୍ଥାନର ସଙ୍କେତ ପାଇ, ଜେ. ମାକେଞ୍ଜି ସାହେବଙ୍କୁ ଜଣାଇବାରେ, ତାହାଙ୍କ ଅଦେଶାନୁସାରେ, ଷ୍ଟେସନ ଭାରପ୍ରାପ୍ତ ସବଇନସ୍ପେକ୍ଟରଙ୍କ ସାକ୍ଷାତରେ ଖୋଳି ଗ୍ରାମ ମଧ୍ୟରୁ ପ୍ରାୟ ୨୫୦୦ଙ୍କା ମୂଲ୍ୟର ମାଲ ବାହାର କରିଅଛନ୍ତି । ବାବୁ ରତନ ସିଂହ ଏହା କରିବାରେ, ବହୁ ପ୍ରଶଂସାର କାର୍ଯ୍ୟ କରିଅଛନ୍ତି; ଏ ବାବୁ ପୂର୍ବେ ପଲଟନରେ ଏକ ଘୋଡ଼ାରେଗ୍ଲୀ ସିପାହୀ ଥିଲେ ଇଚ୍ଛାପୂର୍ବକ ପୁରୀର ଶ୍ରୀ ଜଗନ୍ନାଥ ଦେବଙ୍କ ଦର୍ଶନାର୍ଥେ ଆସି ନୂତନ ପୁଲିସରେ ପ୍ରଥମେ କନଷ୍ଟବଲ କର୍ମ ସ୍ୱୀକାର କରି, ସୁଖ୍ୟାତିପୂର୍ବକ, ସରକାରୀ କର୍ମ କରିବାରୁ ସଂପ୍ରତି ପ୍ରଥମଶ୍ରେଣୀର ହେଡକନଷ୍ଟବଲ ପଦରେ ଅଧିଷ୍ଠିତ ହୋଇଅଛନ୍ତି । ସନ ୧୮୭୦ ମସିହା ଫେବୃଏରୀ ମାସରେ ଅର୍ଦ୍ଧଲକ୍ଷ୍ୟ ହାଜତଖାନାରୁ ଚୋରଜଣ ପ୍ରାଣ ଦଣ୍ଡୀ ଛୁପରଭେଦ କରି ପଳାୟିତ ହୋଇଥିଲେ, ଯେ ଏ ହେଡ଼କନଷ୍ଟବଲ, ବହୁ ପ୍ରୟାସପୂର୍ବକ, ଅନ୍ୱେଷଣ କରି, ଏକମାସ ପରେ ଏମାନଙ୍କୁ କଟମ୍ବା ପ୍ରଦେଶ ଜଙ୍ଗଲ ମଧ୍ୟରୁ ଗିରଫ କରି ଆଣିଥିଲେ । ଏହାଙ୍କର ଗାମ୍ଭୀର୍ଯ୍ୟ ବଳ ଓ ସଦାଚାର ବିଷୟରେ ଅନେକ ଲୋକ ବଦନ୍ତି ଅଛନ୍ତି । ଅତଏବ ଆମ୍ଭେମାନେ ଇଚ୍ଛା କରୁଁ ଯେ ଏପରି ପ୍ରଶଂସ୍ୟ ହେଡକନଷ୍ଟବଲଙ୍କୁ କୌଣସି ଉଚ୍ଚପଦ ଦେଇ, ତାହାଙ୍କ ଉତ୍ସାହ ବୃଦ୍ଧି କଲେ ଅନ୍ୟାନ୍ୟ ପୁଲିସ କର୍ମଚାରୀମାନେ ଏହାଙ୍କୁ ଆଦର୍ଶ ସ୍ୱରୂପ ଗ୍ରହଣ କରି ପୁଲିସକାର୍ଯ୍ୟ ଯତ୍ନ ସହିତ ଚଳାଇବେ ।

ଖୋରଧା
୨୨ଶ ନବେମ୍ବର
ସନ ୧୮୭୧ } ନିବେଦକ ମିତଂ
କସ୍ୟଚିତ୍ସମ୍ବାଦଦାତା

## ବିଜ୍ଞାପନ ।

ଓଡ଼ିଶାପ୍ରଦେଶର ଦେଶୀୟଭାଷା ଓ ମାଇନର ଛାତ୍ରବୃତ୍ତି ପରୀକ୍ଷା ଚଳିତ ଡିସେମ୍ବରମାସ ତା ୧୮ ଇଙ୍ଗରୁ ଆରମ୍ଭ ହେବ । ପରୀକ୍ଷାର୍ଥୀମାନଙ୍କୁ ଫିସ ୧ ଙ୍କା ଦିଅ ଦେବାକୁ ହେବ ।

ତା ୨୮ ଇଙ୍ଗ
ଡିସେମ୍ବର ସନ
୧୮୭୧ } ଶ୍ରୀପାର୍ବତୀମୋହନ ସେନ
ସ୍କୁଲ ଡେପୁଟୀ ଇନ୍‌ସ୍ପେକ୍ଟର

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ହରେକୃଷ୍ଣ ଦାସ | କଟକ ବନ୍ଦସ୍ତା | ୫ |
| „ ରାଧାକୃଷ୍ଣ ଦାସ | „ „ | ୫ |
| „ ହରମୋହନ ଗୁପ୍ତ | „ „ | ୫ |
| „ ଦୁର୍ଗେଶ୍ୱାନୈଙ୍କୁ କେନୁ | ପଟନା ଡାକ | ୫ |

ଏହି ଉତ୍କଳଦୀପିକା ସହର କଟକ ଦର୍ଘାବଜାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୬ଷ ଭାଗ } ତା ୧୬ ରିଖ ଡିସେମ୍ବର ସନ ୧୮୭୧ ମସିହା । ମୁ । ପୌଷ ୨ ୩ ଦିନ ସନ ୧୨୭୯ ସାଲ ଶନିବାର } ଅଗ୍ରିମ ବାର୍ଷିକ ମୂଲ୍ୟ ୪
୫୦ ସଂଖ୍ୟା } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୪୧୦

### ପ୍ରିନ୍ସ ଅବ୍ ୱେଲ୍ସ ।

ଅମ୍ଭମାନଙ୍କ ମହାରାଣୀ ଶ୍ରୀମତୀ ଭିକ୍ଟୋରିଆଙ୍କ ଜ୍ୟେଷ୍ଠପୁତ୍ର ପ୍ରିନ୍ସ ଅବ୍ ୱେଲ୍ସ ପ୍ରାୟ ଦୁଇସପ୍ତାହ ହେବ ଇଂଲଣ୍ଡରେ ପୀଡିତ ଅଛନ୍ତି । ପୂର୍ବରେ ରୋଗର ଗତି ଏକପ୍ରକାର ଥିଲା କିନ୍ତୁ ତାହି ପରଦିନ ହେଲା ତାରଡାକ-ଯୋଗେ ଯେ ସମ୍ବାଦମାନ ଆସୁଅଛି ତହିଁରୁ ସ୍ପଷ୍ଟ ଜଣାଯାଏ ଯେ ରୋଗ ଶାନ୍ତି ନ ହୋଇ ଦିନକୁ ଦିନ ବଢ଼ି ଯାଉଅଛି । ଲଣ୍ଡନ ନଗରରୁ ଗତମାସ ତା ୯ ରିଖର ପ୍ରଥମ ସମ୍ବାଦରେ ଏହି ଲେଖା ଅଛି ଯେ ରାଜପୁତ୍ରଙ୍କ ଅବସ୍ଥା ଦେଖି ଦେଶର ଲୋକମାନେ ଅତ୍ୟନ୍ତ ବ୍ୟସ୍ତ ଓ ଚିନ୍ତିତ ଅଛନ୍ତି । ଭିନ୍ନପ୍ରକାରର ସମସ୍ତ ଲୋକ ସାନ୍ଦ୍ରିଙ୍ଗହାମ ନାମକ ସ୍ଥାନ ଯେଉଁଠାରେ ରାଜକୁମାର ଅଛନ୍ତି ସେହିଠାରେ ସମସ୍ତେ ଏକତ୍ରିତ ହୋଇଅଛନ୍ତି । ଏହି ଦିନ ବେଳ ଘ ୧୨୧୫ ମି ସମୟରେ ଭାରତବର୍ଷର ଗବର୍ଣ୍ଣର-ଜେନରଲଙ୍କ ନିକଟକୁ ତାରଯୋଗେ ପତ୍ର ଆସି-ଅଛି । ଯଥା, "ଶ୍ରୀ ଶ୍ରୀମତୀ ମହାରାଣୀ ଭାରତ-ବର୍ଷର ଗବର୍ଣ୍ଣରଜେନରଲଙ୍କୁ ଜ୍ଞାତ କରିବା କାରଣ ଆମ୍ଭଙ୍କୁ ଆଦେଶ କରିଅଛନ୍ତି ଯେ ପ୍ରିନ୍ସ ଅବ୍ ୱେଲ୍ସ ଅତ୍ୟନ୍ତ ସଙ୍କଟ ଅବସ୍ଥାରେ ଅଛନ୍ତି । ମାତ୍ର କିଞ୍ଚିତରେ ଉପଶମ ଦେଖାଯାଏ ଓ ଡାକ୍ତରମାନେ ଆଜ ଅଧିକ ଭରସାଯୁକ୍ତ ହୋଇଅଛନ୍ତି" । ଅମ୍ଭେମାନେ ଏପ୍ରକାର ସମ୍ବାଦମାନ ପାଠ କରି ଅତ୍ୟନ୍ତ କାତର ହୋଇ-ଅଛୁଁ ଓ ଇଚ୍ଛା କରୁଁ ଯେ ଡାକ୍ତରମାନଙ୍କ ଆଶା ସଫଳ ହେଉ ଓ ରାଜପୁତ୍ର ସତ୍ୱର ଆରୋଗ୍ୟ ଲାଭ କରନ୍ତୁ । ପ୍ରିନ୍ସ ଅବ୍ ୱେଲ୍ସ ଅମ୍ଭମାନଙ୍କ ଭାବି ସମ୍ରାଟ୍ ଅଟନ୍ତି ତାହାଙ୍କର ଶାରୀରିକ କ୍ଲେଶର କଥା ଶୁଣିବା ଅସହ୍ୟ ବ୍ୟା-ପାର ଅଟଇ ।

---

### ଦକ୍ଷିଣର ଦୁର୍ଭିକ୍ଷ ।

ଅମ୍ଭେମାନେ ଅବଗତ ହୋଇଅଛୁଁ ଯେ ଦକ୍ଷିଣପ୍ରଦେଶସ୍ଥ ଗଞ୍ଜାମ ଓ ଭିଜାଗପଟ୍ଟନରେ ଅଳ୍ପବୃଷ୍ଟି ହେତୁ ଦୁର୍ଭିକ୍ଷର ଲକ୍ଷଣମାନ ପ୍ରତ୍ୟକ୍ଷ ହୋଇଅଛି । ଦୁଇସପ୍ତାହ ମଧ୍ୟରେ ଅମ୍ଭମାନ-ଙ୍କର ଜଣେ ବନ୍ଧୁ ଲେଖିଥିଲେ ଯେ ଭିଜାଗପ-ଟ୍ଟନରେ ଏକଟଙ୍କାକୁ ବାଲେଶ୍ୱରୀ ଓଜନରେ ସେ ୧୦ ର ଚାଉଳ ମିଳୁଅଛି ତାହା ମଧ୍ୟ କଠିନରେ ପ୍ରାପ୍ୟ ଏବଂ ଆହୁରି ଦର ବଢ଼ିବାର ସମ୍ଭାବନା । ମାନ୍ଦ୍ରାଜ ଟାଇମସ୍ ପତ୍ରିକାରେ ଲେଖାଅଛି ଯେ ଗବର୍ଣ୍ଣମେଣ୍ଟ ଏ ସମସ୍ତ ସ୍ଥାନରେ ଦୁର୍ଭିକ୍ଷର ଆଶଙ୍କା ଦେଖି କଲେକ୍ଟରମାନଙ୍କୁ ସତର୍କ ହେବାପାଇଁ ଆଜ୍ଞା ପଠାଇଅଛନ୍ତି ଓ ସେମାନଙ୍କୁ ଜଣାଇ ଦିଆଯାଇଅଛି କି ଯେମନ୍ତ ସନ ୧୮୬୬ ମସିହାରେ ଓଡିଶାରେ ଯେଉଁ ଦୁର୍ଘଟନା ହୋଇଥିଲା ସେରୂପ ଯେମନ୍ତ ଆଉ ନ ଘଟଇ । ଦକ୍ଷିଣ ଜିଲାମାନ ଏବଂ ଓଡିଶାରୁ ଚାଉଳ ନେବା ପାଇଁ କଲେକ୍ଟର ସାହେବ ବନ୍ଦୋବସ୍ତ କରିଅଛନ୍ତି ଏବଂ ଦୁଃଖିଲୋକଙ୍କ ନିର୍ବାହ କାରଣ ଗବର୍ଣ୍ଣମେଣ୍ଟ ବ୍ୟୟରେ ଅନେକ କୂପ ଓ ପୁଷ୍କରିଣୀ ଖୋଳା ହେବାର ଆରମ୍ଭ ହୋଇଅଛି । ଯେଉଁଠାରେ ଜଳକଷ୍ଟ ହେତୁରୁ ଦୁଃଖ ପଡିଅଛି ସେଠାରେ ଜଳାଶୟ ଖନନ କରିବା ଯେ ଉତ୍ତମ ଉପାୟ ଏଥିରେ ସନ୍ଦେହ ନାହିଁ । ମାତ୍ର ଆଶ୍ଚର୍ଯ୍ୟର ବିଷୟ ଯେ କଲା ମଧ୍ୟରେ ଆଦୌ ବୃଷ୍ଟି ନାହିଁ ଅଥଚ ଗୋଦାବରୀ ନଦୀରେ ଏମନ୍ତ ବଢ଼ି ହୋଇଅଛି ଯେ ଦୁଇ-କୂଳ ଉଛୁଳି ଜଳ ଯାଉଅଛି । ଏ ବଢ଼ିରୁ କୃଷିର କୌଣସି ଉପକାର କାହିଁକି ନ ହେଲା ଅମ୍ଭେମାନେ କହି ନ ପାରୁ ପୁନଶ୍ଚ ଗୋଦାବରୀ ପ୍ରଦେଶରେ ଯେ ଜଳସେଚନ କାର୍ଯ୍ୟ ଅନେକ ଦିନରୁ ହୋଇଅଛି ଓ ତଦ୍ୱାରା ଅନେକ ଉପକାର ହୋଇଥିବାର ଖବର ଶୁଣାଯାଏ । ତଥାଚ ସେଠା ନିକଟସ୍ଥ ଜିଲାରେ କାହିଁକି ଅଳ୍ପ ବୃଷ୍ଟି ହେତୁରୁ ଶସ୍ୟ ହାନି ହେଲା ଭଲରୂପେ ବୁଝାଯାଉ ନାହିଁ । ଯେବେ ସେସବୁକି ଗୋଦା-ବରୀନାଳ ଆସି ନାହିଁ ତେବେ ଅନୁମାନ ହୁଅଇ ଯେ ଓଡିଶାରେ ସନ ୧୮୬୬ ଦୁର୍ଭିକ୍ଷ କାରଣରୁ ଯେରୂପ ନାଳକାର୍ଯ୍ୟର ବିସ୍ତାର ହେଲା ଭିଜାଗପଟ୍ଟନ ଓ ଗଞ୍ଜାମରେ ତଦ୍ରୂପ ହେବାର ପୂର୍ବଲକ୍ଷଣ ସ୍ୱରୂପ ଏ ଦୁର୍ଭିକ୍ଷ ଅଟି ପ୍ରବେଶ ହୋଇଅଛି ।

---

Digitized by srujanika@gmail.com

Split by PDF Splitter



## ପର୍ବଦିନର କଚେରୀ ବନ୍ଦ

ଟେଲିଗ୍ରାଫରୁ ଅବଗତ ହେଲୁଁ ଯେ କଚେରୀ ବନ୍ଦ ଦିନ ବିଷୟରେ ଗବର୍ଣ୍ଣମେଣ୍ଟର ଅନ୍ୟପ୍ରକାର ବିଧାନ ହେବାର ବନ୍ଦୋବସ୍ତ ହେଉଅଛି ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଗତ ସେପ୍ଟେମ୍ବରମାସ ତା ୨୦ ରିଖରେ ବଙ୍ଗଳା ଗବର୍ଣ୍ଣମେଣ୍ଟକୁ ଲେଖିଅଛନ୍ତି ମୁସଲମାନଙ୍କ ପର୍ବ ନିମନ୍ତେ କେତେକ ଦିନ ଛୁଟୀ ଦେବାର ଉଚିତ ଏବଂ ଏକସପ୍ତାହ ସମ୍ପୂର୍ଣ୍ଣରୂପେ କଚେରୀବନ୍ଦ କରିବାର ମଧ୍ୟ ଯୁକ୍ତିଯୁକ୍ତ ଅଟଇ । କେଉଁ ପର୍ବଦିନରେ କେତେ ଛୁଟୀ ଦେବାର ପ୍ରୟୋଜନ ଗବର୍ଣ୍ଣମେଣ୍ଟ ବଙ୍ଗାଳ ତାହା ବିବେଚନା ପୂର୍ବକ ସ୍ଥିର କରିବେ । ମାତ୍ର ମୁସଲମାନଙ୍କ ପାଇଁ ଯେଉଁ ଛୁଟୀମାନ ହେବାର ପ୍ରସ୍ତାବ ହୋଇଅଛି ତାହା ହିନ୍ଦୁ ଓ ଖ୍ରୀଷ୍ଟିୟାନଙ୍କ ପର୍ବ ନିମିତ୍ତ ବନ୍ଦ ହେଉଥିବା ଦିନର ଅତିରିକ୍ତ ହେବ କିମ୍ବା ଏହିଦିନ ସବୁରୁ କାଟିକୁଟି କରି ଦେବାକୁ ହେବ ସେ ବିଷୟରେ ଗବର୍ଣ୍ଣମେଣ୍ଟ କିଛି କହି ନାହାନ୍ତି । କଲିକତା ବଣିକମାନେ ଅଧିକା କଚେରୀବନ୍ଦ ପ୍ରାର୍ଥନା କରି ନାହାନ୍ତି ବରଂ ବର୍ତ୍ତମାନ ଯେତେ ଛୁଟୀ ଦିଆଯାଉଅଛି ତଦ୍ଦ୍ୱାରା ସେମାନଙ୍କର କଷ୍ଟ ହେବାର ପ୍ରକାଶ କରି ଅଛନ୍ତି । କଲିକତାରେ ବାଣିଜ୍ୟ ବ୍ୟାପାର ଦିନେ ଦିନେ ବୃଦ୍ଧି ହେଉଅଛି ଓ ତହିଁ ସଙ୍ଗେ ସଙ୍ଗେ [illegible] କାର୍ଯ୍ୟ ବଢ଼ୁଅଛି । ଟଙ୍କଶାଳା, ପରମିଟ ହାଉସ, ଅବକାରୀ କଚେରୀ ଏବଂ କରେନ୍ସି ନୋଟ କଚେରୀରେ ମହାଜନଙ୍କର ସର୍ବଦା ପ୍ରୟୋଜନ ଦିନେ କଚେରୀ ବନ୍ଦ ହେଲେ କେତେ ଲୋକଙ୍କର ଅସୁବିଧା ଘଟଣା ହୁଅଇ ଅତଏବ ସେଥିପାଇଁ ମହାଜନମାନେ ପ୍ରାର୍ଥନା କରନ୍ତି କି ଯେବେ ଭାରତରେ ମୁସଲମାନ ପର୍ବ କାରଣ କଚେରୀବନ୍ଦର ପ୍ରୟୋଜନ ହୁଅଇ ତେବେ ହିନ୍ଦୁ ପର୍ବରୁ କାଟିକୁଟି କରି ଦେଲେ ଭଲ ହେବ । ଅମ୍ଭେମାନେ ମନେକରୁ ଅଛୁଁ ଯେ କଲିକତାରେ ଯେ ସବୁ ଅସୁବିଧା ଘଟିବାର କଥା ଅଛି ମଫସଲରେ ତହିଁର ଶତାଂଶ ଘଟିବାର ସମ୍ଭାବନା ନାହିଁ । ଓ ବିଶେଷରେ ପୂର୍ବାପେକ୍ଷା ଏଣିକି ସମ୍ପାଦନ ବହୁତ ଗୁଣ ହୋଇଅଛି ଅତଏବ ମୋଫସଲ ପାଇଁ ହିନ୍ଦୁପର୍ବ ସବୁ ଯେମନ୍ତ ଅଛି ସେହିପରି ରଖି ମୁସଲମାନ ପର୍ବ ନିମିତ୍ତ ଛଅ ସାତଦିନ ବର୍ଷରେ ଅଧିକା ଛୁଟୀଦେଲେ କିଛି କ୍ଷତି ହେବ ନାହିଁ । ଯେଉଁ ମହକୁମାରେ ବନ୍ଦ ହେଲେ ଅତି କଷ୍ଟ ହେବ ସେ ମହକୁମାମାନଙ୍କ ପାଇଁ ଭିନ୍ନ ନିୟମ କରି ଅପର ମହକୁମା ସବୁରେ ଛୁଟୀ ଦେଲେ କିଛି ଅନିଷ୍ଟ ହେବ ନାହିଁ ।

---

## ସୂର୍ଯ୍ୟଗ୍ରହଣ ।

ଗତ ମଙ୍ଗଳବାର ସକାଳବେଳେ ଗୋଟିଏ ସୂର୍ଯ୍ୟଗ୍ରହଣ ହୋଇଥିଲା । ଅମ୍ଭମାନଙ୍କର ଉତ୍କଳପଞ୍ଜିକା ମତେ ଏ ଗ୍ରହଣ ଘ ୬।୨୪ ମିନିଟରେ ଆରମ୍ଭ ଏବଂ ଘ ୧୧।୧୩ ମିନିଟରେ ମୋକ୍ଷ ହେବାର ଲେଖା ଥିଲା ମାତ୍ର ଶ୍ରୀ ଚନ୍ଦ୍ରଶେଖର ସାମନ୍ତ ଦୁଇ ସପ୍ତାହ ପୂର୍ବେ ଯେଉଁ ଗଣନା କରି ପଠାଇବାର ତାହା ଏହି ପତ୍ରିକାରେ ବିଜ୍ଞାପନ ସ୍ୱରୂପ ପ୍ରକାଶିତ ହୋଇଥିଲା ତହିଁରେ ଘ ୭।୧୨ ମିନିଟରେ ଆରମ୍ଭ ଓ ଘ ୯।୩୮ ମିନିଟରେ ମୋକ୍ଷ ହେବାର ଲେଖା ଥିଲା । ବଙ୍ଗଳା ପାଞ୍ଜିରେ ଏ ଉଭୟ ପ୍ରକାର ମତ ଥାଇ ଗୋଟିଏ ସମୟ ନିର୍ଦ୍ଦିଷ୍ଟ ହୋଇ ନ ଥିଲା । ଇଂରାଜୀ ପଞ୍ଜିକାରେ କିରୂପ ଗଣନା ଥିଲା ତାହା ଅମ୍ଭେମାନେ ଦେଖି ନ ଥିବାରୁ ତହିଁର ବିବରଣ ଲେଖିବାକୁ ଅକ୍ଷମ ହେଲୁଁ ମାତ୍ର ଏ ବିଷୟରେ ମାନ୍ଦ୍ରାଜରେ ଖଣ୍ଡିଏ ପୁସ୍ତକ ପ୍ରକାଶିତ ହୋଇଅଛି ଓ ତାହା ଅମ୍ଭମାନଙ୍କୁ ପ୍ରାପ୍ତ ହେବାର ଉଦ୍ୟମ ହୋଇଅଛି । ପୁସ୍ତକ ଆସିଲାରୁ ଏପରେ ତହିଁର ବିବରଣ ଲେଖାଯିବ । ବର୍ତ୍ତମାନ ଯେ ସମସ୍ତ ଗଣନା କରା ଯାଇଥିଲା ସେ ସବୁ ପ୍ରତ୍ୟକ୍ଷ ଫଳ ସହିତ କେତେଦୂର ଐକ୍ୟ ହେଲା ତାହା ପାଠକମାନଙ୍କୁ ଜଣାଇବାର ଆବଶ୍ୟକ ବିଶେଷରେ ତଦ୍ଦ୍ୱାରା ବିଦ୍ୟାନୁରାଗୀ ଚନ୍ଦ୍ରଶେଖର ସାମନ୍ତଙ୍କର ଅଧିକ ଲାଭ ହେବାର ସମ୍ଭାବନା । ଦୁଃଖର ବିଷୟ ଯେ ଅମ୍ଭେମାନେ ଅନନ୍ୟମନସ୍କ ହୋଇ ଗ୍ରହଣର ଆରମ୍ଭକାଳ ନିର୍ଣ୍ଣୟ କରି ଜାଣି ପାରିଲୁଁ ନାହିଁ ଅନୁମାନରେ ତାହା ଘ ୭।୨୫ କିମ୍ବା ତହିଁର ପାଞ୍ଚ ସାତ ମିନିଟ ପୂର୍ବରେ ହୋଇଥିଲା । ମାତ୍ର ମୋକ୍ଷ କାଳକୁ ଅମ୍ଭେମାନେ ଅତି ସାବଧାନ ପୂର୍ବକ ନିର୍ଣ୍ଣୟ କରି ଦେଖିଅଛୁଁ ଯେ ଘ ୯।୧୩ ମିନିଟ ଠାରେ ତାହା ଘଟିଥିଲା । ଘଣ୍ଟାକୁ ଅମ୍ଭେମାନେ ସୂର୍ଯ୍ୟଘଟିକା (ସନଡାଏଲ) ସହିତ ଠିକ ମିଳାଇ ରଖିଥିଲୁଁ ଅତଏବ ଘଟିକାଯନ୍ତ୍ର ଅଶୁଦ୍ଧ ଥିବାର କୁହାଯାଇ ନ ପାରେ । ଏରୂପ ପ୍ରତ୍ୟକ୍ଷ ଫଳ ସଙ୍ଗରେ ମିଶାଇଲେ ଓଡ଼ିଆ ପାଞ୍ଜିର ତ କଥା ନାହିଁ କାରଣ ତାହା ନିତାନ୍ତ ଭୁଲ ପଡ଼ିଲା ମାତ୍ର ସାମନ୍ତଙ୍କ ଗଣନା ପ୍ରତି ୨୫ ମିନିଟ ପୂର୍ବରେ ଗ୍ରହଣ ଛାଡ଼ିଲା । ପାଞ୍ଜି ପ୍ରତି ଦୃଷ୍ଟି କଲେ ସାମନ୍ତଙ୍କ ଗଣନାକୁ ବହୁତ ପ୍ରଶଂସା କରିବାକୁ ହେବ ସନ୍ଦେହ ନାହିଁ ଓ ପୂର୍ବେ ଥରେ ଏହିରୂପ ଗ୍ରହଣ ଗଣନା କରି ସେ ପ୍ରଶଂସାର ଭାଜନ ହୋଇଥିଲେ ମାତ୍ର ଜ୍ୟୋତିଷ ଗଣନାରେ ୨୫ ମିନିଟ ଭୁଲ ଛୋଟ କଥା ନୁହଇ ଏତେ ଭ୍ରମ ଗୁରୁତର ଅଟଇ କାରଣ ଜ୍ୟୋତିଷ ଶାସ୍ତ୍ର ଯେତେଦୂର ପର୍ଯ୍ୟନ୍ତ ଜଣାଯାଉଅଛି ତାହା ଗଣିତ ଶାସ୍ତ୍ର ଅଟଇ ଅଙ୍କବନ୍ଧରେ ଯେରୂପ କଡ଼ା ଜାନୁର ଭୁଲକୁ ମଧ୍ୟ ଗୁରୁତର କୁହାଯାଏ ସେହିରୂପ ଜ୍ୟୋତିଷ ଗଣନାରେ ପାଏ ବା ଅଧଘଣ୍ଟାର ଭୁଲ ଗୁରୁତର ଅଟଇ । ତେବେ ଚନ୍ଦ୍ରଶେଖର ସାମନ୍ତ ଯେ ପୁରାତନ ଶାସ୍ତ୍ରର ବଶବର୍ତ୍ତୀ ନ ହୋଇ ଅଥବା ଆଧୁନିକ ଉତ୍କୃଷ୍ଟ ବିଦେଶୀୟ ଶାସ୍ତ୍ରମାନ ଅଧ୍ୟୟନ ନ କରି ଆପଣା ବୁଦ୍ଧିବଳରେ ଏପର୍ଯ୍ୟନ୍ତ ଫଳ ଦେଖାଇବାକୁ ସକ୍ଷମ ହୋଇଅଛନ୍ତି ସାମାନ୍ୟ ଧନ୍ୟବାଦର ବିଷୟ ନୁହଇ । ଅମ୍ଭେମାନେ ଭରସା କରୁଁ ଯେ ବର୍ତ୍ତମାନ ଗଣନାରେ କାହିଁକି ଏତେ ଅନ୍ତର ପଡ଼ିଲା ତହିଁର କାରଣ ନିର୍ଣ୍ଣୟ କରି ଭବିଷ୍ୟତକୁ ଯଥାର୍ଥ ଫଳ ଦେଖାଇବେ । ଓଡ଼ିଶା ଦେଶରେ ବହୁକାଳରୁ ସାମନ୍ତଙ୍କ ପରି କେହି ଲୋକ ଜନ୍ମଗ୍ରହଣ କରି ନାହିଁ ବୋଲି ଏ ପ୍ରଦେଶରେ ବିଦ୍ୟା ଲୋପ ହୋଇ ଯାଇଅଛି । ବର୍ତ୍ତମାନ ଏ ମହାଶୟ କେବଳ ପୂର୍ବଶାସ୍ତ୍ରକାରଙ୍କ ମତକୁ ସମ୍ପୂର୍ଣ୍ଣରୂପେ ନ ମାନି ଆପଣା ଜ୍ଞାନ ଓ ପର୍ଯ୍ୟାଲୋଚନାରେ ନୂତନ ପ୍ରକାର ଗଣନା କରୁଅଛନ୍ତି ଓ ସେହି ବିଷୟ ଅନ୍ୟଙ୍କୁ ଜଣାଇବା ପାଇଁ ଯେମନ୍ତ ଖଣ୍ଡିଏ ପୁସ୍ତକ ରଚନା କରୁଅଛନ୍ତି ଯେବେ ଓଡ଼ିଶାର ଅନ୍ୟାନ୍ୟ ଶାସ୍ତ୍ରବ୍ୟବସାୟିମାନେ ତାହାଙ୍କ ଅନୁଗାମୀ ହୋଇ କାର୍ଯ୍ୟ କରନ୍ତି ତାହା ହେଲେ ପୁରାତନ ଶାସ୍ତ୍ରମାନ ଲୋପ ନ ହୋଇ ଅଧିକତର ଉନ୍ନତିମାନ ହେବ । ବର୍ତ୍ତମାନ ଯେଉଁ ପଣ୍ଡିତମାନେ ଯେଉଁ ଶାସ୍ତ୍ରର ବ୍ୟବସାୟ କରୁଅଛନ୍ତି ସେମାନେ ବଳଦ ପ୍ରାୟ ଜଗତ ସ୍ଥଳୀକୁ ଗ୍ରହିଁ ଭରି ବହନ କରୁଅଛନ୍ତି । ଲେଶମାତ୍ର ପୂର୍ବାପର ବିଚାର କରି ନାହାନ୍ତି । ଜ୍ୟୋତିଷ ବୈଦ୍ୟ ଓ ଶିଳ୍ପକାର ଏମାନଙ୍କ ଶାସ୍ତ୍ରର ଦିନେ ଦିନେ ଉନ୍ନତି ହେଉଅଛି ଓ ଅପରଦେଶୀୟ ବ୍ୟବସାୟିମାନେ କେତେ ତଥ୍ୟ ଆବିଷ୍କାର ଓ କେତେ ହରକନକ କାର୍ଯ୍ୟ କରୁଅଛନ୍ତି କିନ୍ତୁ ଏଠାରେ କ'ଣ ହେଉଅଛି ? ଦିନେ ଦିନେ ସବୁ କଥା ଲୋପ ପାଉଅଛି ଏତେମାତ୍ର ଏ ବିଷୟରେ ଅସଭ୍ୟ ଲୋକଙ୍କର ମଧ୍ୟ ସମ୍ପୂର୍ଣ୍ଣ ଦୋଷ ଦେଖାଯାଏ । ଯେଉଁଠାରେ

Digitized by srujanika@gmail.com